# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଜୁଲାଇ ୧୪/୨୦୨୨ (୧୬ ପୃଷ୍ଠା) | Bhubaneswar, Thursday, July 14/2022 | Page 16 | ₹ 7.00 | ★★★★★★

୪୮ଶ ଭାଗ ୨୨୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




**ବୁମ୍‌ରା ନମ୍ବରୱାନ**
ଭାରତୀୟ ଦ୍ରୁତ ବୋଲର ଯଶପ୍ରୀତ୍ ବୁମ୍‌ରା ଆଇସିସି ଦିନିକିଆ ବୋଲର ର୍‍ୟାଙ୍କିଙ୍ଗ୍‌ର ନମ୍ବରୱାନ ସ୍ଥାନକୁ ଫେରିଛନ୍ତି।

୧୬

୧୨

**ହ୍ରିତିକ୍‌ଙ୍କ ପ୍ରେମରେ ଅନନ୍ୟା**
ବଲିଉଡ୍‌ର ନାୟିକା ଅନନ୍ୟା ପାଣ୍ଡେ ହ୍ୟାଣ୍ଡସମ୍ ହଙ୍କ୍ କୁହାଯାଉଥିବା ହ୍ରିତିକ ରୋଶନଙ୍କର ଜଣେ ବଡ଼ ଫ୍ୟାନ୍ ବୋଲି କହିଛନ୍ତି।



# ୧୯ରେ ଓଡ଼ିଶା ବନ୍ଦ
## ରୁଚିକା ଆତ୍ମହତ୍ୟା ଘଟଣା

- ୧୪ରୁ ୧୬ ବିଭିନ୍ନ କଲେଜରେ ଜନଜାଗରଣ ଯାତ୍ରା
- ଗୃହରେ ପ୍ରସଙ୍ଗ ଉଠାଇବୁ କହି ବିରୋଧୀ ଚୁପ୍

ଭୁବନେଶ୍ୱର,୧୩ା୭(ବ୍ୟୁରୋ)

ରାଜ୍ୟ ସରକାରଙ୍କ ଉପରେ ଆଉ ଭରସା ନାହିଁ। ଏ ସରକାର ନ୍ୟାୟ ଦେଇପାରିବ ନାହିଁ। ତେଣୁ ଆସନ୍ତା ୧୯ ତାରିଖ ଓଡ଼ିଶା ବନ୍ଦରେ ସାମିଲ ହୁଅନ୍ତୁ। ଆତ୍ମହତ୍ୟା କରିଥିବା ବିଜେବି କଲେଜ ଛାତ୍ରୀ ରୁଚିକା ମହାନ୍ତିଙ୍କ ମା' ବୁଧବାର ରାଜ୍ୟବାସୀଙ୍କୁ ଏହି ଆହ୍ୱାନ ଦେଇଛନ୍ତି। ନବନିର୍ମାଣ ଛାତ୍ର ସଙ୍ଗଠନ ଓ ନବନିର୍ମାଣ କୃଷକ ସଙ୍ଗଠନ ଏହି ବନ୍ଦ ଡାକରା ଦେଇଛନ୍ତି। ଅନ୍ୟପଟେ ରୁଚିକାଙ୍କ ମା'ଙ୍କୁ ପୋଲିସ ବିଜେବି କଲେଜ ସମ୍ମୁଖରୁ ଯେପରି ଉଠାଇନେଲା ସେକଥା ବିଧାନସଭାରେ ଉଠାଯିବ ବୋଲି କଂଗ୍ରେସ ଓ ଭାଜପାର ବରିଷ୍ଠ ନେତା କହିଥିଲେ ମଧ୍ୟ ବୁଧବାର ଅଧିବେଶନ ସମୟରେ ସେହି ପ୍ରସଙ୍ଗ ଉପରେ ବିରୋଧୀ ଗୁରୁତ୍ୱ ଦେଇନାହାନ୍ତି। ତେବେ ପ୍ରସଙ୍ଗ ଉଠାଇବେ କହି କାହିଁକି ଦୁଇ ଜାତୀୟ ଦଳ ନୀରବ ରହିଲେ ତାକୁ ନେଇ ନାନା ପ୍ରଶ୍ନ ଉଠିଛି।

ନବନିର୍ମାଣ କୃଷକ ସଙ୍ଗଠନର ନେତା ଅକ୍ଷୟ କୁମାର କହିଛନ୍ତି, ଏହି ଚାଞ୍ଚଲ୍ୟକର ଘଟଣାର ୧୧ ଦିନ ପରେ ମଧ୍ୟ ପୋଲିସ ଅଭିଯୁକ୍ତଙ୍କୁ ଖୋଜି ପାଇଲାନାହିଁ। ଜଣେ ଚାଷୀଙ୍କ ଉପରେ ବିପଦ ପଡ଼ିଥିବାରୁ ସଙ୍ଗଠନ ଆନ୍ଦୋଳନକୁ ଓହ୍ଲାଇଛି। ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**
ଉଇହୁଙ୍କାରେ ସାପ



**ରଙ୍ଗିନ ବ୍ରହ୍ମାଣ୍ଡ** | ନ୍ୟାଶନାଲ ଏରୋନଟିକ୍ସ ଆଣ୍ଡ୍ ସ୍ପେସ୍ ଆଡମିନିଷ୍ଟ୍ରେଶନ (ନାସା)ର ଶକ୍ତିଶାଳୀ ଜେମ୍ସ ୱେବ ଟେଲିସ୍କୋପ୍ କ୍ୟାମେରାରେ କଏଦ ହୋଇଛି ବ୍ରହ୍ମାଣ୍ଡର ପ୍ରଥମ ରଙ୍ଗିନ ଫଟୋ। ଏହି ଫଟୋର କେନ୍ଦ୍ରରେ ଥିବା ଗ୍ୟାସ୍ ଏବଂ ଧୂଳିର ଏକ ବିଶାଳ ବିସ୍ତାର କ୍ଷେତ୍ର ସଦର୍ନ ରିଙ୍ଗ୍ ବା ଏଇଟ୍-ବ୍ରଷ୍ଟ ନେବୁଲା (ନିହାରିକା) ମରିବାକୁ ଯାଉଥିବା ଏକ ନକ୍ଷତ୍ରରୁ ବାହାରୁଥିବା ଆଲୋକରେ ଆଲୋକିତ ହୋଇଛି। ସଦର୍ନ ରିଙ୍ଗ୍‌ର ବ୍ୟାସ ପ୍ରାୟ ଏକ ଆଲୋକବର୍ଷର ଅଧା ହେବ। ଏହା ପୃଥିବୀଠାରୁ ପ୍ରାୟ ୨ ହଜାର ଆଲୋକବର୍ଷ ଦୂରରେ ରହିଛି।

# ଦିନକରେ ୭୪୩ ପଜିଟିଭ୍
## ମାସ୍କ ପିନ୍ଧିବାକୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ

ଭୁବନେଶ୍ୱର, ୧୩ା୭(ବ୍ୟୁରୋ)

ରାଜ୍ୟରେ ଦ୍ରୁତଗତିରେ ମାଡ଼ିଚାଲିଛି କରୋନା ସଂକ୍ରମଣ। ଗତ କିଛିଦିନ ହେବ ଦୈନିକ ୫୦୦ ଉପରେ ଆକ୍ରାନ୍ତ ଚିହ୍ନଟ ହେଉଥିବାବେଳେ ଏବେ ୭ଶହ ଟପିଛି। ମଙ୍ଗଳବାର ୫୦୯ଜଣ ସଂକ୍ରମିତ ବାହାରିଥିଲେ। ହେଲେ ଗତ ୨୪ ଘଣ୍ଟା ମଧ୍ୟରେ ୭୪୩ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ରାଜ୍ୟରେ ସଂକ୍ରମଣ ବଢୁଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜନସାଧାରଣଙ୍କୁ ସଚେତନ ଓ ସତର୍କ ରହିବା ପାଇଁ ପରାମର୍ଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, କୋଭିଡ୍ ମହାମାରୀର ବିପଦ ଏବେ ବି ଟଳିନାହିଁ। ଏହାର ସଂକ୍ରମଣରୁ ନିଜକୁ ଓ ଅନ୍ୟମାନଙ୍କୁ ସୁରକ୍ଷିତ ରଖିବା ପାଇଁ ମାସ୍କ ନିଶ୍ଚିତ ପିନ୍ଧନ୍ତୁ। ସଚେତନ ହୁଅନ୍ତୁ ଓ ସୁରକ୍ଷିତ ରୁହନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ରାଜ୍ୟରେ ବଢୁଥିବା ସଂକ୍ରମଣ ନେଇ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ☞ପୃଷ୍ଠା-୪

# ୧୫ରୁ ମାଗଣା ବୁଷ୍ଟର ଡୋଜ୍

ନୂଆଦିଲ୍ଲୀ, ୧୩ା୭

ଆସନ୍ତା ୧୫ ତାରିଖରୁ ଦେଶର ସମସ୍ତ ସରକାରୀ ଟିକାକରଣ କେନ୍ଦ୍ରରେ ୧୮ରୁ ୫୯ ବର୍ଷ ବୟସ ବର୍ଗର ଲୋକଙ୍କୁ ମାଗଣାରେ କରୋନା ବୁଷ୍ଟର ଟିକା ଦିଆଯିବ। କେନ୍ଦ୍ର ସରକାରଙ୍କ ପକ୍ଷରୁ ୭୫ ଦିନ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଚାଲିବ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ବୁଧବାର ସୂଚନା ଦେଇଛନ୍ତି। ୭୫ ତମ ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ଆୟୋଜନ ହେଉଥିବା 'ଆଜାଦୀ କା ଅମୃତ ମହୋତ୍ସବ' କାର୍ଯ୍ୟକ୍ରମର ଏହା ଏକ ଅଂଶ। ଦେଶରେ ପୁଣି କରୋନା ସଂକ୍ରମଣ ବଢ଼ି ଚାଲିଥିବାବେଳେ ବୁଷ୍ଟର ଡୋଜ୍ ପାଇଁ ଯୋଗ୍ୟ ସମସ୍ତ ବ୍ୟକ୍ତି ଟିକା ନେବାକୁ ମାଣ୍ଡବ୍ୟ ପରାମର୍ଶ ଦେଇଛନ୍ତି।

# ସାର ମିଳୁନି, ଗଜା ହେଉନି ବିହନ

ଭୁବନେଶ୍ୱର, ୧୩ା୭(ବ୍ୟୁରୋ)

ଚାଷୀମାନଙ୍କୁ ସାର ମିଳୁନି। ସାର ଯୋଗାଣ କଳାବଜାରକାରୀଙ୍କ କବ୍‌ଜାରେ ରହିଛି। ଚାଷୀଙ୍କୁ ସରକାରୀ ମୂଲ୍ୟଠାରୁ ବହୁ ଅଧିକ ଦାମ୍ ଦେବାକୁ ପଡୁଛି। ସାର ସହିତ ଅନ୍ୟାନ୍ୟ ସାମଗ୍ରୀ କିଣିବାକୁ ବାଧ୍ୟ କରାଯାଉଛି। ବର୍ଷା ହେଉଥିବାରୁ ଚାଷୀ ତଳି ପକାଇବାକୁ ବିହନ ପାଉନାହାନ୍ତି। ଯେଉଁ ବିହନ ଯୋଗାଇ ଦିଆଯାଉଛି ସେଥିରୁ ୫୦ ପ୍ରତିଶତ ଗଜା ହେଉନି। ରାଜ୍ୟର ବିଭିନ୍ନ ଜିଲାରେ ସାର ଓ ବିହନ ଯୋଗାଣକୁ ନେଇ ବିଧାନସଭାରେ ଅସନ୍ତୋଷ ଦେଖାଦେଇଛି। ଉଭୟ ବିରୋଧୀ ଓ ଶାସକ ଦଳର ସଦସ୍ୟମାନେ ସାର ଯୋଗାଣରେ ହେଉଥିବା ବିଳମ୍ବକୁ ନେଇ ଉଦ୍‌ବେଗ ପ୍ରକାଶ କରିବା ସହ କୃଷିମନ୍ତ୍ରୀଙ୍କଠାରୁ ଜବାବ ତଲବ କରିଛନ୍ତି।

ବିଧାନସଭା ମୌସୁମୀ ଅଧିବେଶନ ଦ୍ୱିତୀୟ ପର୍ଯ୍ୟାୟ ବୁଧବାରଠାରୁ ଆରମ୍ଭ ହୋଇଛି। ପୂର୍ବାହ୍ନ ୧୦ଟା ୩୦ ମିନିଟରେ ବାଚସ୍ପତି ଗୃହକୁ ପ୍ରବେଶ କଲେ। ସଦସ୍ୟମାନେ ଛିଡ଼ା ହୋଇ ବାଚସ୍ପତିଙ୍କୁ ନମସ୍କାର ଜଣାଇଲେ । କଂଗ୍ରେସ ସଭ୍ୟ ସନ୍ତୋଷ ସିଂ ସାଲୁଜାଙ୍କ ମୂଳ ପ୍ରଶ୍ନ ନମ୍ବର ୧୨୧ରୁ ଆରମ୍ଭ ହୋଇଥିଲା ପ୍ରଶ୍ନକାଳ। ସେ ପଚାରିଥିଲେ, ରାଜ୍ୟ ସରକାର ଚଳିତ ଖରିଫ ଋତୁରେ କେଉଁ ଜିଲାକୁ କେତେ ପରିମାଣର ୟୁରିଆ, ପଟାସ, ଡିଏପି, ଗ୍ରୋମୋର ଆଦି ସାର ଯୋଗାଇ ଦେଇଛନ୍ତି। ସାର ଚାଷୀଙ୍କୁ ନ ମିଳି କଳାବଜାର ହେଉଥିବା ସରକାର ଜାଣନ୍ତି କି।

କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଲେ, ଚଳିତ ଖରିଫ ଋତୁରେ ରାଜ୍ୟର ବିଭିନ୍ନ ଜିଲାକୁ ୨ ଲକ୍ଷ ୫ ହଜାର ୯୯୨ ମେଟ୍ରିକ ଟନ୍ ୟୁରିଆ, ୭୭ ହଜାର ୬୭୧ ମେଟ୍ରିକ ଟନ୍ ଡିଏପି, ୨୬ ହଜାର ୬୯୮ ମେଟ୍ରିକ ଟନ୍ ପଟାସ(ଏମ୍‌ଓପି) ଏବଂ ୯୫ ହଜାର ୬୩୮ ମେଟ୍ରିକ ଟନ ଏନ୍‌ପିକେ (ଗ୍ରୋମୋର) ଯୋଗାଇ ଦିଆଯାଇଛି। ରାଜ୍ୟରେ ଚାଷୀମାନେ ଲାଇସେନ୍ସପ୍ରାପ୍ତ ଖୁଚୁରା ବିକ୍ରେତାଙ୍କଠାରୁ ସର୍ବାଧିକ ଖୁଚୁରା ମୂଲ୍ୟରେ ସାର କିଣିଥାଆନ୍ତି। ସାରଗୁଡ଼ିକର କଳାବଜାର ହେଉଥିବା ତଥ୍ୟ ବିଭାଗର ହସ୍ତଗତ ହୋଇ ନାହିଁ।

ବିଜେଡି ସଭ୍ୟ ଭୂପିନ୍ଦର ସିଂ ଅତିରିକ୍ତ ପ୍ରଶ୍ନରେ କହିଲେ, ଚାଷୀଙ୍କୁ ସାର ସୋସାଇଟି ଜରିଆରେ ଦିଆଯାଉ। ଭାଜପା ସଭ୍ୟ ଭାସ୍କର ମଢ଼େଇ କହିଲେ, କର୍ମଚାରୀ ଅଭାବରୁ ସାର ଚାଷୀଙ୍କୁ ଠିକ୍ ସମୟରେ ବଣ୍ଟାଯାଇ ପାରୁନାହିଁ। କଂଗ୍ରେସ ସଭ୍ୟ ସୁରେଶ କୁମାର ରାଉତରାୟ କହିଲେ, ଚାଷୀଙ୍କୁ ୟୁରିଆ ଓ ଗ୍ରୋମୋର ପ୍ରଚୁର ମିଳୁଛି। ମାତ୍ର ଅନ୍ୟାନ୍ୟ ସାର, ବିହନ, କୀଟନାଶକ, ଜୈବିକ ସାର ମିଳୁ ନାହିଁ। ସରକାର ତୁରନ୍ତ ଯୋଗାଇ ଦେବାର ବ୍ୟବସ୍ଥା କରନ୍ତୁ। ☞ପୃଷ୍ଠା-୪

**ବିଧାନସଭାରେ ଉଦ୍‌ବେଗ**

- କେନ୍ଦ୍ର ସରକାର ଆବଶ୍ୟକ ସାର ଯୋଗାଉ ନାହାନ୍ତି: କୃଷିମନ୍ତ୍ରୀ

# ଋଣୀ ମହିଳାଙ୍କୁ ଏସିଡ୍ ମାଡ଼

- କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି
- ସିସିଟିଭି ଫୁଟେଜକୁ ଆଧାରକରି ତଦନ୍ତ ଆରମ୍ଭ

ଟିଗିରିଆ, ୧୩ା୭(ଡି.ଏନ୍.ଏ.)

କରଜ ଶୁଝି ନ ପାରିବାରୁ କଟକ ଜିଲା ଟିଗିରିଆ ଥାନା ମଙ୍ଗଳା ବଜାରରେ ବୁଧବାର ଭୋର ସମୟରେ ଜଣେ ମହିଳାଙ୍କୁ ଏସିଡ୍ ମାଡ଼ ହୋଇଛି। ତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ତାଙ୍କ ଶରୀରର ୫୦% ପୋଡ଼ିଯାଇଥିବା ଜଣାପଡ଼ିଛି। ଧାର ଟଙ୍କା ଫେରାଇବାରେ ବିଳମ୍ବ ହେବାରୁ ବୁଧବାର ଭୋର ୪ଟା ସମୟରେ ଜଣେ ଦୁର୍ବୃତ୍ତ ମୁହଁରେ ମାସ୍କ ପିନ୍ଧି ରୀନା ସାହୁ(୩୬)ଙ୍କ ଉପରକୁ ଏସିଡ୍ ମାଡ଼ କରି ଫେରାର ହୋଇଯାଇଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ରୀନାଙ୍କୁ ହସ୍ପିଟାଲକୁ ନେଇଥିଲା। ରୀନାଙ୍କ ଘର ନିକଟରେ ଲାଗିଥିବା ସିସିଟିଭି ଫୁଟେଜ୍‌କୁ ଆଧାର କରି ପୋଲିସ ତଦନ୍ତ ଆରମ୍ଭ କରିଥିବାବେଳେ ତାଙ୍କ ସ୍ୱାମୀ ଏନେଇ ଥାନାରେ ୨ଜଣ ମହିଳା ଏବଂ ୨ଜଣ ପୁରୁଷଙ୍କ ବିରୋଧରେ ଲିଖିତ ଏତଲା କରିଛନ୍ତି। ଅଭିଯୋଗକୁ ଆଧାର କରି ତଦନ୍ତ ଜାରି ରହିଛି ବୋଲି ଥାନା ଅଧିକାରିଣୀ ସୁଚିତା ଜେନା କହିଛନ୍ତି।

ମିଳିଥିବା ସୂଚନାନୁସାରେ ରୀନା ଗତ ୫ବର୍ଷ ହେଲା ସ୍ଥାନୀୟ ଅଞ୍ଚଳର ବିଭିନ୍ନ ଘରୋଇ ଅର୍ଥ ଲଗାଣ ସଂସ୍ଥାରୁ ବହୁ ଗରିବ ମହିଳାଙ୍କ ଜରିଆରେ ଲକ୍ଷାଧିକ ଟଙ୍କା ଋଣ ନେଇଥିଲେ। ଏପରି କି ସ୍ଥାନୀୟ ଲୋକଙ୍କଠାରୁ ହାତ ଉଧାରି କରି ବ୍ୟବସାୟ କରୁଥିଲେ। ଉକ୍ତ ଋଣ ଟଙ୍କାରେ ମଙ୍ଗଳାବଜାରରେ ଏକ ୩ମହଲା କୋଠା କରି ତାକୁ ଭଡ଼ାରେ ମଧ୍ୟ ଲଗାଇଛନ୍ତି। କରୋନା ସମୟରେ ବ୍ୟବସାୟରେ କ୍ଷତି ହେବାରୁ ସେ ଲୋକଙ୍କ ଟଙ୍କା ଫେରାଇପାରି ନ ଥିଲେ। ଫଳରେ ଟଙ୍କା ଦେଇଥିବା ଲୋକମାନେ ତାଙ୍କୁ ବିଭିନ୍ନ ସମୟରେ ଗାଳିଗୁଲଜ କରିବା ସହ ଧମକ୍ ଦେଇ ଆସୁଥିଲେ। ରୀନାଙ୍କ ସ୍ୱାମୀ ଭାରତ ଏବଂ ଝିଅ ପୁରୀରେ ରହୁଥିବାବେଳେ ସେ ଘରେ ଏକାକୀ ରହୁଥିଲେ। ଋଣ ଟଙ୍କା ଶୁଝି ନ ପାରିବା କାରଣରୁ ତାଙ୍କ ଉପରେ ଆକ୍ରୋଶମୂଳକ ଭାବେ ଏଭଳି ଆକ୍ରମଣ କରାଯାଇଥାଇ ପାରେ ବୋଲି କୁହାଯାଉଛି। ଅପରପକ୍ଷରେ ଗଣମାଧ୍ୟମ ନିକଟରେ ରୀନା ☞ପୃଷ୍ଠା-୪



ପୀଡ଼ିତା ମହିଳା ରୀନା ସାହୁ

# ଗୃହରେ ହଇଗୋଳ ପରେ କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ

**ଆଦିବାସୀ ମହିଳାଙ୍କୁ ଏସ୍‌ଡିପିଓଙ୍କ ମାଡ଼ ଘଟଣା**

ଭୁବନେଶ୍ୱର, ୧୩ା୭(ବ୍ୟୁରୋ)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ଅଞ୍ଚଳର ଏକ ଗାଁକୁ ଯାଇ ନିରୀହ ଆଦିବାସୀଙ୍କୁ ପୋଲିସ ଏସ୍‌ଡିପିଓ ଅଂଶୁମାନ ଦ୍ୱିବେଦୀ ମାଡ଼ ମାରିବା ଘଟଣାର ରାଜ୍ୟ ସରକାର କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ବୁଧବାର ବିଧାନସଭାରେ ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା ଏହି ସୂଚନା ଦେଇଛନ୍ତି।

ମାଲକାନଗିରି ଜିଲାର ଚିତ୍ରକୋଣ୍ଡା ବ୍ଲକର ଏକ ଗ୍ରାମରେ ୪ ଜଣ ଆଦିବାସୀ ମହିଳାଙ୍କୁ ଏସ୍‌ଡିପିଓ ବିନା ମହିଳା ପୋଲିସରେ ମାଡ଼ ମାରିଛନ୍ତି। ସେମାନଙ୍କର ସମ୍ବେଦନଶୀଳ ଅଂଶକୁ ବାଡ଼ିରେ ବାଡ଼େଇଛନ୍ତି। ସେହି ମହିଳାଙ୍କ ମଧ୍ୟରେ ଜଣେ ୮୦ ବର୍ଷର ବୃଦ୍ଧା ଥିବା ବେଳେ ଜଣେ ଗର୍ଭବତୀ ଓ ଜଣେ ନାବାଳିକାଙ୍କୁ ପୋଲିସ ଅତି ଅମାନୁଷିକ ଭାବେ ମାଡ଼ ମାରିଛି। ଏହା କ'ଣ ମୁଖ୍ୟମନ୍ତ୍ରୀଙ୍କର ମା' ଓ ଆଦିବାସୀଙ୍କୁ ସମ୍ମାନ। ସେହି ପୋଲିସ ଅଧିକାରୀଙ୍କୁ ତୁରନ୍ତ ଚାକିରିରୁ ନିଲମ୍ବନ କରିବା ସହ ଘଟଣାର ମାଜିଷ୍ଟ୍ରେଟ ସ୍ତରୀୟ ତଦନ୍ତ କରିବା ଦାବିରେ ବିରୋଧୀ କଂଗ୍ରେସ ଓ ଭାଜପା ସଦସ୍ୟମାନେ ବିଧାନସଭାକୁ ହୁଲସ୍ଥୂଲ କରିଛନ୍ତି। ଶୂନ୍ୟକାଳ ଆରମ୍ଭ ହେବା ମାତ୍ରେ କଂଗ୍ରେସ ସଭ୍ୟ ତାରା ପ୍ରସାଦ ବାହିନୀପତି ଏହି ପ୍ରସଙ୍ଗ ଉଠାଇ କହିଲେ, ଚିତ୍ରକୋଣ୍ଡା ବ୍ଲକର ଏକ ଗ୍ରାମରେ ଜଣେ ୮୦ ☞ପୃଷ୍ଠା-୪

# ଶ୍ରୀଲଙ୍କାରେ ପୁଣି ଏମର୍ଜେନ୍ସି

- ମାଳଦ୍ୱୀପ ପଳାଇଲେ ଗୋଟାବାୟା
- ଉଗ୍ର ହେଲା ବିକ୍ଷୋଭକାରୀଙ୍କ ଆନ୍ଦୋଳନ
- ରାନିଲ ୱିକ୍ରମସିଂଘେ କାମଚଳା ରାଷ୍ଟ୍ରପତି
- ୨୦ରେ ନୂଆ ରାଷ୍ଟ୍ରପତି ନିର୍ବାଚନ

କଲମ୍ବୋ/ନୂଆଦିଲ୍ଲୀ, ୧୩ା୭

ଶ୍ରୀଲଙ୍କାର ଭାଗ୍ୟ ଓ ଭବିଷ୍ୟତକୁ ଘୋର ଅନିଶ୍ଚିତତା ଭିତରକୁ ଠେଲିଦେଇ ବୁଧବାର ମାଳଦ୍ୱୀପକୁ ପଳାୟନ କରିଛନ୍ତି ରାଷ୍ଟ୍ରପତି ଗୋଟାବାୟା ରାଜପାକ୍ସେ। ଗୋଟାବାୟାଙ୍କ ସହ ତାଙ୍କ ସ୍ତ୍ରୀ ଓ ପରିବାରର କେତେଜଣ ସଦସ୍ୟ ଏବଂ ସୁରକ୍ଷା କର୍ମୀଙ୍କୁ ଭୋର ୩ଟାରେ ବାୟୁସେନାର ଏକ ବିମାନ ମାଲିରେ ଅବତରଣ କରିଛି। ନିଜ ପ୍ରତିଶ୍ରୁତି ଅନୁସାରେ ରାଷ୍ଟ୍ରପତି ପଦରୁ ଇସ୍ତଫା ଦେବା ପରିବର୍ତ୍ତେ ଗୋଟାବାୟାଙ୍କ ଏହି ପଳାୟନ ଶ୍ରୀଲଙ୍କାବାସୀଙ୍କୁ ଆହୁରି ଉଗ୍ର କରିଛି। ବିକ୍ଷୋଭକାରୀମାନେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ, ପାର୍ଲାମେଣ୍ଟ ଭବନ ସମେତ ସରକାରୀ ଅଫିସଗୁଡ଼ିକୁ ଟାର୍ଗେଟ କରିଛନ୍ତି। ସ୍ଥିତି ଅଣାୟତ୍ତ ହେବାରୁ ପ୍ରଧାନମନ୍ତ୍ରୀ ରାନିଲ ୱିକ୍ରମସିଂହେ ଦେଶରେ ଜରୁରିକାଳୀନ ପରିସ୍ଥିତି (ଏମର୍ଜେନ୍ସି) ଘୋଷଣା କରିଛନ୍ତି। ଇତିମଧ୍ୟରେ ସମ୍ବିଧାନର ଅନୁଚ୍ଛେଦ ୩୭(୧) ଅନୁସାରେ ପାର୍ଲାମେଣ୍ଟ ପ୍ରଧାନମନ୍ତ୍ରୀଙ୍କୁ କାମଚଳା ରାଷ୍ଟ୍ରପତି ନିଯୁକ୍ତ କରିଛି। ବାଚସ୍ପତି ମହିନ୍ଦା ୟାପା ଆବେୟୱର୍ଦ୍ଧେନା ଏହି ବିଷୟ ଘୋଷଣା କରିବା ପରେ ବିକ୍ଷୋଭକାରୀମାନେ ଆହୁରି ଉତ୍ତ୍ୟକ୍ତ ହୋଇ ଜଳାପୋଡ଼ା ଓ ଭଙ୍ଗାରୁଜା କରିଛନ୍ତି। ସବୁଠି ସେନା ଓ ପୋଲିସ ମୁତୟନ କରି ସୁରକ୍ଷା ବଳକୁ ଅଧିକ କ୍ଷମତା ଦିଆଯାଇଛି। ଏଥିସହ ୱେଷ୍ଟର୍ନ ପ୍ରୋଭିନ୍ସ ଏବଂ ପ୍ରଧାନମନ୍ତ୍ରୀଙ୍କ ଅଫିସ ଥିବା କଲମ୍ବୋର ଫ୍ଲାୱାର ରୋଡ୍‌ରେ କର୍ଫ୍ୟୁ ଜାରି କରାଯାଇଛି। ଫାସିବାଦୀମାନଙ୍କୁ ଛଡ଼ାଯିବ ନାହିଁ ବୋଲି ରାଷ୍ଟ୍ରପତି ଦାୟିତ୍ୱ ସମ୍ଭାଳିବା ପରେ ୱିକ୍ରମସିଂଘେ ଏକ ସ୍ୱତନ୍ତ୍ର ଟେଲିଭିଜନ ବାର୍ତ୍ତାରେ କହିଛନ୍ତି। ନୂଆ ସର୍ବଦଳୀୟ ସରକାର ଗଠନ ହେବା ପରେ ସେ ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେବେ ବୋଲି ୱିକ୍ରମସିଂଘେ ଦୋହରାଇଛନ୍ତି। ଇତିମଧ୍ୟରେ ଶ୍ରୀଲଙ୍କାର ସରକାରୀ ଟିଭି ଚ୍ୟାନେଲ ବିଲ୍ଡିଂକୁ ବିକ୍ଷୋଭକାରୀମାନେ ଧସେଇ ପଶି ବିଭ୍ରାଟ ସୃଷ୍ଟି କରିବାରୁ ☞ପୃଷ୍ଠା-୪



ପ୍ରଧାନମନ୍ତ୍ରୀ ରାନିଲ ୱିକ୍ରମସିଂଘେଙ୍କ ଅଫିସ୍‌କୁ ବୁଧବାର ଦଖଲ ପରେ ଉତ୍ସବ ମନାଉଛନ୍ତି ବିକ୍ଷୋଭକାରୀ।

**ତୈଳ ଯୋଗାଇଲା ଲଙ୍କା ଆଇଓସି**

ଭାରତର ସର୍ବବୃହତ୍ ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀ ଇଣ୍ଡିଆନ୍ ଅଏଲ୍ କର୍ପୋରେଶନ୍ ଅଧୀନ ଲଙ୍କା ଆଇଓସି ପକ୍ଷରୁ ଶ୍ରୀଲଙ୍କା ୨୧୬ ପେଟ୍ରୋଲ ପମ୍ପକୁ ଆମ୍ବୁଲାନ୍ସ ପାଇଁ ସ୍ୱତନ୍ତ୍ର ଯୋଗାଣ କରାଯାଇଛି। ଜରୁରୀ ଆବଶ୍ୟକତା ପାଇଁ ସବୁ ପ୍ରକାର ବନ୍ଦୋବସ୍ତ କରାଯାଇଥିବା ଲଙ୍କା ଆଇଓସି ପରିଚାଳନା ନିର୍ଦ୍ଦେଶକ ମନୋଜ ଗୁପ୍ତା ସୂଚନା ଦେଇଛନ୍ତି। ଲଙ୍କା ଆଇଓସି ପମ୍ପଗୁଡ଼ିକରେ ଲୋକଙ୍କ ଲମ୍ବାଧାଡ଼ିକୁ ଦୃଷ୍ଟିରେ ରଖି ଦୈନିକ ୧,୫୦୦ କିଲୋଲିଟର (୧.୫ ନିୟୁତ ଲିଟର) ପେଟ୍ରୋଲ ଓ ଡିଜେଲ ଯୋଗାଣ କରାଯାଉଛି।

## ସଂକ୍ଷେପରେ

### ଆଫଗାନିସ୍ତାନରେ ବନ୍ୟା: ୩୯ ମୃତ

**କାବୁଲ, ୧୩।୭:** ଆଫଗାନିସ୍ତାନରେ ବର୍ଷା ଓ ବନ୍ୟାର ତାଣ୍ଡବ ଲାଗି ରହିଛି। ଏଥିଯୋଗୁ ଅଦ୍ୟାବଧି ୩୯ ଜଣଙ୍କ ମୃତ୍ୟୁ ଘଟିଛି। ସେମାନଙ୍କ ମଧ୍ୟରେ ୯ ଜଣ ଶିଶୁ ରହିଥିବା ଜାତିସଂଘ ପକ୍ଷରୁ କୁହାଯାଇଛି। ବର୍ଷା ଯୋଗୁ ଭୂସ୍ଖଳନ ହେବା ଫଳରେ ୪ ଦଶନ୍ଧି ଧରି ଯୁଦ୍ଧ ପ୍ରଭାବିତ ଆଫଗାନିସ୍ତାନ ମାଟିତଳୁ ମାଇନ୍ସଗୁଡ଼ିକ ବାହାରିଆସୁଛି। ଧନଜୀବନ ବଞ୍ଚାଇବା ପାଇଁ ସେଗୁଡ଼ିକୁ ଅନ୍ୟତ୍ର ନିଆଯାଇ ବିସ୍ଫୋରଣ କରାଯାଉଛି। ଗତ ଜୁନ୍‌ରେ ଭୀଷଣ ବର୍ଷା ଯୋଗୁ ଏଠାରେ ୧୯ ଜୀବନ ଯାଇଥିଲା।

### ବିଶପ୍ ଚୟନ କମିଟିରେ ୩ ମହିଳାଙ୍କ ନାଁ ଘୋଷଣା କଲେ ପୋପ୍



**ଭାଟିକାନ୍ ସିଟି, ୧୩।୭:** କ୍ୟାଥୋଲିକ୍ ଧର୍ମଗୁରୁ ପୋପ୍ ଫ୍ରାନ୍ସିସ୍ ପ୍ରଥମ ଥର ପାଇଁ ବିଶପ୍ ଚୟନ କମିଟିର ସଦସ୍ୟ ଭାବେ ୩ ମହିଳାଙ୍କ ନାମ ଘୋଷଣା କରିଛନ୍ତି। ସେମାନେ ହେଲେ ଭାଟିକାନ୍ ସିଟିର ଡେପୁଟି ଗଭର୍ନର ସିଷ୍ଟର ରାଫେଲା ପେଟ୍ରିନି, ଫ୍ରେଞ୍ଚ ନନ୍ ୟୋଭନି ରେଉନ୍‌ଗୋଟ୍ ଏବଂ ଆସୋସିଏଶନ ଅଫ୍ ଓମେନ୍‌ସ କ୍ୟାଥୋଲିକ୍ ଅର୍ଗାନାଇଜେଶନସ୍ ୟୁଏମ୍‌ଓଏଫ୍‌ସିର ମୁଖ୍ୟ ମାରିଆ ଲିଆ ଜେରଭିନୋ। ଏହି କମିଟି ବିଶ୍ୱର ବିଶପ୍‌ମାନଙ୍କୁ ବାଛିବାରେ ପୋପ୍‌ଙ୍କୁ ପରାମର୍ଶ ଦେଇଥାଏ। ପୂର୍ବରୁ ଏହି କମିଟିରେ କେବଳ ପୁରୁଷ ସଦସ୍ୟ ରହିଥିଲେ। ଏକ ସାକ୍ଷାତକାରରେ ପୋପ୍ ତାଙ୍କର ଏହି ନିଷ୍ପତ୍ତି ବାବଦରେ ମତ ରଖିଛନ୍ତି। ମହିଳାମାନଙ୍କୁ ଏହି ପବିତ୍ର କାର୍ଯ୍ୟପାଇଁ ଉଚ୍ଚସ୍ତରୀୟ ପଦବୀରେ ରଖାଯିବାକୁ ସେ ଚାହୁଁଥିଲେ ବୋଲି ପୋପ୍ କହିଛନ୍ତି।

### ଆଜି ଆଇ୨ୟୁ୨ ସମ୍ମିଳନୀ

**ନୂଆଦିଲ୍ଲୀ, ୧୩।୭:** ମିଳିତ ନିବେଶ ଏବଂ କାରବାରକୁ ଦୃଷ୍ଟିରେ ରଖି ଭାରତ, ଇସ୍ରାଏଲ, ଆମେରିକା ଏବଂ ସଂଯୁକ୍ତ ଆରବ ଏମିରେଟ୍ସ ମଧ୍ୟରେ ଗୁରୁବାର ପ୍ରଥମ ଆଇ୨ୟୁ୨ ସମ୍ମିଳନୀ ଭର୍ଚୁଆଲ ମାଧ୍ୟମରେ ଆୟୋଜନ ହେବ। ଏଥିରେ ଭାରତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଇସ୍ରାଏଲ ପ୍ରତିପକ୍ଷ ୟେର ଲ୍ୟାପିଡ୍, ୟୁଏଇ ରାଷ୍ଟ୍ରପତି ଶେଖ ମହମ୍ମଦ ବିନ୍ ଜାୟେଦ୍ ଅଲ୍ ନହୟାନ୍ ଏବଂ ଆମେରିକା ପ୍ରତିପକ୍ଷ ଜୋ ବାଇଡେନ୍ ଯୋଗ ଦେବେ। ୨୦୨୧ ଅକ୍ଟୋବର ୧୮ରେ ଏହି ୪ ଦେଶର ବହିର୍ବ୍ୟାପାର ମନ୍ତ୍ରୀଙ୍କ ମଧ୍ୟରେ ଅନୁଷ୍ଠିତ ଏକ ବୈଠକରେ ଆଇ୨ୟୁ୨ ସମିଟ୍ ଆୟୋଜନ ନିମନ୍ତେ ନିଷ୍ପତ୍ତି ହୋଇଥିଲା। ଜଳ, ଶକ୍ତି, ପରିବହନ, ମହାକାଶ ସମ୍ବନ୍ଧୀୟ ଯୋଜନା, ସ୍ୱାସ୍ଥ୍ୟ, ଖାଦ୍ୟ ନିରାପତ୍ତା ଆଦି କ୍ଷେତ୍ରରେ ମିଳିତ ନିବେଶକୁ ପ୍ରୋତ୍ସାହିତ କରିବା ଏହି ସମ୍ମିଳନୀର ଉଦ୍ଦେଶ୍ୟ।



ପ୍ରଧାନମନ୍ତ୍ରୀ ରାନିଲ ୱିକ୍ରମସିଂଘେଙ୍କ ସରକାରୀ ବାସଭବନରେ ଉତ୍ତ୍ୟକ୍ତ ଜନତାଙ୍କୁ ଘଉଡ଼ାଇବା ପାଇଁ ପୋଲିସ ଲୁହବୁହା ବାଷ୍ପ ପ୍ରୟୋଗ କରୁଛି।

# ଭିଡ଼ ଅଣାୟତ୍ତ, ସେନା ନରମ

**ଗୃହଯୁଦ୍ଧ ମୁହାଁ କଲମ୍ବୋ ଆକାଶରେ ଉଡ଼ୁଥିଲା ସେନା ହେଲିକପ୍ଟର। ଅଣାୟତ୍ତ ଭିଡ଼କୁ ନିୟନ୍ତ୍ରଣ ପାଇଁ ସୈନ୍ୟ ଛାଡ଼ୁଥିଲେ ତୁହାକୁ ତୁହା ଲୁହବୁହା ବାଷ୍ପ। ଉତ୍ତ୍ୟକ୍ତ ଜନତା ରଡ଼ି ଛାଡ଼ୁଥିଲେ 'ରାନିଲ ଗୋ ହୋମ୍'। ଟିଅର୍ ଗ୍ୟାସ୍‌ରେ ବିକ୍ଷୋଭକାରୀଙ୍କ ଆଖି ପୋଡ଼ିଲେ ମୁହଁ ଧୋଇବା ପାଇଁ ସାମରିକ ବଳ ପାଣି ଦେଉଥିଲା। ଲୋକେ ସେନା ଗାଡ଼ି ଆଗରେ ଛିଡ଼ା ହୋଇଗଲେ ସୈନ୍ୟମାନେ ଅସ୍ତ୍ର ତଳକୁ କରିଦେଉଥିଲେ। ଏଥିରୁ ଜନ ଆନ୍ଦୋଳନ ପ୍ରତି ନୀରବ ସାମରିକ ସମର୍ଥନ ଠଉରାଇ ହେଉଥିଲା।**

**କଲମ୍ବୋ/ନୂଆଦିଲ୍ଲୀ, ୧୩।୭**

ଗୋଟାବାୟା ରାଜପାକ୍ସେ ରାଷ୍ଟ୍ରପତି ପଦରୁ ଇସ୍ତଫା ନ ଦେଇ ମାଳଦ୍ୱୀପ ପଳାୟନ କରିବା ପରେ ବୁଧବାର ଧୈର୍ଯ୍ୟଚ୍ୟୁତ ଶ୍ରୀଲଙ୍କାବାସୀଙ୍କ ପ୍ରକୃତ କ୍ରୋଧ ଦେଖିବାକୁ ମିଳିଛି। ସେମାନେ ପ୍ରଧାନମନ୍ତ୍ରୀ ରାନିଲ ୱିକ୍ରମସିଂଘେଙ୍କ ଅଫିସ (ପିଏମ୍‌ଓ)କୁ ଟାର୍ଗେଟ କରିଛନ୍ତି। ସ୍ଥିତି ସେନା ଓ ପୋଲିସର ନିୟନ୍ତ୍ରଣ ବାହାରକୁ ଚାଲିଯାଇଛି। ଗୋଟାବାୟା ଓ ୱିକ୍ରମସିଂଘେଙ୍କ ଇସ୍ତଫା ଦାବିରେ ଲକ୍ଷାଧିକ ଲୋକ ସରକାରୀ ପ୍ରତିଷ୍ଠାନଗୁଡ଼ିକ ଆଡ଼କୁ ଧାଉଁଥିବାବେଳେ ଭିଡ଼କୁ ଘଉଡ଼ାଇବା ପାଇଁ ସେନା ପକ୍ଷରୁ ଲୁହବୁହା ବାଷ୍ପ ପ୍ରୟୋଗ କରାଯାଇଛି। ଏପରି କି ଅନେକ ବିକ୍ଷୋଭକାରୀ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଧସେଇ ପଶିବାବେଳେ ପୋଲିସ ବ୍ଲାଙ୍କ ଫାୟାର କରିଛି। କିନ୍ତୁ ସେନା ପକ୍ଷରୁ କୌଣସି ସ୍ଥାନରେ ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ। ଏପରି କି କାମଚଳା ରାଷ୍ଟ୍ରପତି ରୂପେ ନିର୍ବାଚିତ ୱିକ୍ରମସିଂଘେ ଏମର୍ଜେନ୍ସି ଜାରି କରି ସେନାକୁ କଡ଼ା କାର୍ଯ୍ୟାନୁଷ୍ଠାନର ନିର୍ଦ୍ଦେଶ ଦେବା ପରେ ମଧ୍ୟ କୌଣସି ସ୍ଥାନରେ ଲୋକଙ୍କୁ ପ୍ରତ୍ୟକ୍ଷ ଭାବେ ଟାର୍ଗେଟ କରାଯାଇ ନାହିଁ। ଏଥିରୁ ଆନ୍ଦୋଳନରତ ଜନତାଙ୍କ ପ୍ରତି ସାମରିକ ବଳର ନୀରବ ସମର୍ଥନ ବୁଝିହେଉଛି।

> ଜନସାଧାରଣ ସରକାରୀ ସମ୍ପତ୍ତି ନଷ୍ଟ ନ କରି ଆଇନଶୃଙ୍ଖଳା ବଜାୟ ରଖିବାରେ ସେନାକୁ ସହଯୋଗ କରନ୍ତୁ।
>
> **-ଜେନେରାଲ ଶଭେନ୍ଦ୍ର ସିଲ୍‌ଭା, ଶ୍ରୀଲଙ୍କା ସିଡିଏସ୍**



> ଶ୍ରୀଲଙ୍କାର ଗଣତନ୍ତ୍ର ପ୍ରତି ଏକ 'ଫାସିବାଦୀ ବିପଦ' ରହିଛି। ରାଷ୍ଟ୍ରର ସମ୍ପତ୍ତିକୁ ନଷ୍ଟ ହେବାରୁ ରକ୍ଷା କରାଯିବ। ସ୍ୱାଭାବିକ ସ୍ଥିତି ଫେରାଇ ଅଣାଯିବ। ରାଷ୍ଟ୍ରପତିଙ୍କ ଅଫିସ ଓ ସେକ୍ରେଟାରିଏଟ୍, ପ୍ରଧାନମନ୍ତ୍ରୀଙ୍କ ସରକାରୀ ବାସଭବନରେ କଡ଼ା ସୁରକ୍ଷା ବନ୍ଦୋବସ୍ତ କରାଯିବ। ଯେଉଁମାନେ ମୋତେ କାର୍ଯ୍ୟକାରୀ ରାଷ୍ଟ୍ରପତି ଦାୟିତ୍ୱ ତୁଲାଇ ନ ଦେବା ପାଇଁ ମୋ ଅଫିସରେ ଅଛନ୍ତି, ସେମାନଙ୍କୁ ଆମ ସମ୍ବିଧାନକୁ ନଷ୍ଟ କରିବାକୁ ଦିଆଯିବ ନାହିଁ। ଏହି କଠୋରପନ୍ଥୀମାନଙ୍କୁ କେତେଜଣ ମୁଖ୍ୟସ୍ରୋତର ରାଜନୈତିକ ଦଳ ନେତା ସମର୍ଥନ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଏହି କାରଣରୁ ମୁଁ ଦେଶବ୍ୟାପୀ ଏମର୍ଜେନ୍ସି ଓ କର୍ଫ୍ୟୁ ଜାରି କରିବାକୁ ନିର୍ଦ୍ଦେଶ ଦେଇଛି।
>
> **-ରାନିଲ ୱିକ୍ରମସିଂଘେ, ଶ୍ରୀଲଙ୍କା ପ୍ରଧାନମନ୍ତ୍ରୀ ତଥା କାମଚଳା ରାଷ୍ଟ୍ରପତି**







# ମାଳଦ୍ୱୀପ କାହିଁକି

ଶ୍ରୀଲଙ୍କାର ବିଦାୟୀ ନେତା ଗୋଟାବାୟା ରାଜପାକ୍ସେ ରାତିଅଧିଆ ପଡ଼ୋଶୀ ମାଳଦ୍ୱୀପକୁ ସ୍ତ୍ରୀ ଲୋମା ଓ ଦୁଇ ସୁରକ୍ଷା ଅଧିକାରୀଙ୍କ ସହ ବାୟୁସେନାର ଏଏନ୍-୩୨ ଏୟାରକ୍ରାଫ୍ଟରେ ପଳାୟନ କରିଛନ୍ତି। କଲମ୍ବୋରୁ ଭାରତ ମହାସାଗରରେ ଅବସ୍ଥିତ ମାଳଦ୍ୱୀପର ରାଜଧାନୀ ମାଲିର ଦୂରତା ୭୬୦ କି.ମି., ଯାହାକୁ ଅତିକ୍ରମ କରିବା ପାଇଁ ବିମାନରେ ମାତ୍ର ଦେଢ଼ ଘଣ୍ଟା ଲାଗିଥାଏ। ବ୍ରିଟିଶ ଶାସକଙ୍କଠାରୁ ସ୍ୱାଧୀନତା ପାଇବା ପରଠୁ ଉଭୟ ରାଷ୍ଟ୍ର ମଧ୍ୟରେ ଏକ ସକାରାତ୍ମକ କୂଟନୈତିକ ଓ ଆର୍ଥିକ ସମ୍ପର୍କ ରହିଛି। ଏପରି କି ମାଳଦ୍ୱୀପର ସୈନ୍ୟମାନେ ଶ୍ରୀଲଙ୍କା ସେନାରେ ତାଲିମ ନେଇଥାନ୍ତି। ଗୋଟାବାୟାଙ୍କ ପରିବାରର ମଧ୍ୟ ମାଳଦ୍ୱୀପ ସହିତ ସୁସମ୍ପର୍କ ରହିଆସିଛି। ମାଳଦ୍ୱୀପର ପୂର୍ବତନ ରାଷ୍ଟ୍ରପତି ତଥା ବର୍ତ୍ତମାନର ବାଚସ୍ପତି ମହମ୍ମଦ ନାଶିଦ୍ ଗୋଟାବାୟାଙ୍କ ପଳାୟନକୁ ସୁଗମ କରିଛନ୍ତି। ଗୋଟାବାୟ ଦମ୍ପତି ମାଲି ଏୟାରପୋର୍ଟରେ ପହଞ୍ଚିବା ପୂର୍ବରୁ ଉଭୟଙ୍କୁ ସ୍ୱାଗତ କରିବା ପାଇଁ ନାଶିଦ୍ ବ୍ୟକ୍ତିଗତ ଭାବେ ସେଠାରେ ଉପସ୍ଥିତ ଥିଲେ। ଏହି ଦ୍ୱୀପରାଷ୍ଟ୍ରରେ ଗୋଟାବାୟାଙ୍କ ଘରଦ୍ୱାର ଓ ଅନ୍ୟ ସମ୍ପତ୍ତି ରହିଥିବା କୁହାଯାଏ। ତେବେ ଶ୍ରୀଲଙ୍କାବାସୀଙ୍କୁ ସଙ୍କଟ ଭିତରକୁ ଠେଲି ଦେଇ ମାଲିକୁ ଯିବା ମାଳଦ୍ୱୀପର ରାଜନୈତିକ ଦଳଗୁଡ଼ିକ ନାପସନ୍ଦ କରିଛନ୍ତି। ମାଳଦ୍ୱୀପରେ ରହୁଥିବା ଶ୍ରୀଲଙ୍କା ନାଗରିକମାନେ ଗୋଟାବାୟାଙ୍କୁ ସୁରକ୍ଷା ନ ଦେବା ପାଇଁ ସ୍ଥାନୀୟ ସରକାରଙ୍କୁ ଅନୁରୋଧ କରି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଆହୁରି ମଧ୍ୟ କୁହାଯାଉଛି, ମାଲି ଗୋଟାବାୟାଙ୍କ ଶେଷ ଗନ୍ତବ୍ୟସ୍ଥଳ ନୁହେଁ ବରଂ ଏକ ଟ୍ରାଞ୍ଜିଟ୍ ପଏଣ୍ଟ। ମାଲିରୁ ସେ ସିଙ୍ଗାପୁର କିମ୍ବା ଅନ୍ୟ କୌଣସି ତୃତୀୟ ରାଷ୍ଟ୍ରକୁ ଯିବେ, ଯେଉଁଠି ତାଙ୍କୁ ଓ ତାଙ୍କ ପରିବାରକୁ ନାଗରିକତ୍ୱ ଅଥବା ଶରଣ ସହଜରେ ମିଳିପାରିବ। ଜୁଲାଇ ୯ରେ ଶ୍ରୀଲଙ୍କାର ବିକ୍ଷୋଭକାରୀମାନେ ରାଷ୍ଟ୍ରପତି ଭବନ ଦଖଲ କରିବା ପୂର୍ବରୁ ଉଭାନ ହୋଇଯାଇଥିବା ଗୋଟାବାୟା ପ୍ରଥମେ ୫ଟି ଦେଶକୁ ତାଲିକାରେ ରଖିଥିଲେ। ୨୦୧୯ ପୂର୍ବରୁ ଗୋଟାବାୟାଙ୍କର ଦ୍ୱୈତ ନାଗରିକତ୍ୱ ରହିଥିଲା। ଗୋଟିଏ ଶ୍ରୀଲଙ୍କା ଓ ଅନ୍ୟଟି ଆମେରିକା। କିନ୍ତୁ ଶ୍ରୀଲଙ୍କା ସମ୍ବିଧାନ ଅନୁଯାୟୀ ଦେଶର ପ୍ରଥମ ନାଗରିକ ହେବା ପାଇଁ ଅନ୍ୟ ଦେଶର ନାଗରିକତ୍ୱ ଛାଡ଼ିବାକୁ ପଡ଼ିଥାଏ। ତେଣୁ ରାଷ୍ଟ୍ରପତି ନିର୍ବାଚନ ପୂର୍ବରୁ ଗୋଟାବାୟା ଆମେରିକା ନାଗରିକତ୍ୱ ତ୍ୟାଗ କରିଥିଲେ। ଦୁଇ ଦିନ ତଳେ ଆମେରିକା ଯିବା ପାଇଁ ଗୋଟାବାୟା ଯୋଜନା କରିଥିଲେ ହେଁ ୱାଶିଂଟନ୍‌ର ଅନୁମତି ମିଳି ନ ଥିଲା। ଭାରତ କୂଟନୈତିକ ସମ୍ପର୍କ ଖରାପ ହେବା ଆଶଙ୍କାରେ ଗୋଟାବାୟାଙ୍କୁ ଶରଣ ଦେଇ ନ ଥାଇପାରେ ବୋଲି ଅନୁମାନ କରାଯାଉଛି। ମରିସସ୍ କଥା ଜଣା ପଡ଼ିନାହିଁ। ମଙ୍ଗଳବାର ଗୋଟାବାୟା ଓ ତାଙ୍କ ସାନଭାଇ ତଥା ପୂର୍ବତନ ଅର୍ଥମନ୍ତ୍ରୀ ବାସିଲ ରାଜପାକ୍ସେ କଲମ୍ବୋ ଅନ୍ତର୍ଜାତୀୟ ବିମାନବନ୍ଦରର ଭିଆଇପି ପୋର୍ଟ ଟର୍ମିନାଲ ଦେଇ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ପଳାୟନ ଉଦ୍ୟମ କରୁଥିବାବେଳେ ଅପ୍ରବାସନ କର୍ତ୍ତୃପକ୍ଷ ଉଭୟଙ୍କୁ ଅଟକାଇଥିଲେ। ସମ୍ଭବତଃ ଏଇଥିପାଇଁ ସେ ମାଳଦ୍ୱୀପକୁ ବାଛିଥିବା କୁହାଯାଉଛି।



ସ୍ତ୍ରୀ ଲୋମାଙ୍କ ସହ ଗୋଟାବାୟା ରାଜପାକ୍ସେ।

# ସୁଶାନ୍ତଙ୍କ ପାଇଁ ଡ୍ରଗ୍ସ କିଣୁଥିଲେ ରିଆ

**ଏନ୍‌ସିବି ଚାର୍ଜଶିଟ୍**

**ମୁମ୍ବାଇ, ୧୩।୭**



ବଲିଉଡ୍ ଅଭିନେତା ସୁଶାନ୍ତ ସିଂ ରାଜପୁତଙ୍କ ମୃତ୍ୟୁ ମାମଲାରେ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ(ଏନ୍‌ସିବି) ମଙ୍ଗଳବାର ଅଭିନେତ୍ରୀ ରିଆ ଚକ୍ରବର୍ତ୍ତୀଙ୍କ ନାଁରେ ଡ୍ରାଫ୍ଟ ଚାର୍ଜଶିଟ୍ ଦାଖଲ କରିଛି। ରିଆ ବଡ଼ଧରଣର ଡ୍ରଗ୍ସ ର୍ୟାକେଟ ଚଳାଉଥିଲେ। ସେ ବଲିଉଡ୍ କଳାକାରଙ୍କ ସମେତ ସେଲିବ୍ରିଟି ଓ ହାଇ ସୋସାଇଟି ଲୋକଙ୍କୁ ଡ୍ରଗ୍ସ ଯୋଗାଉଥିଲେ। ସୁଶାନ୍ତଙ୍କ ପାଇଁ ମଧ୍ୟ ସେ ଏହି ନିଶାଦ୍ରବ୍ୟ କିଣୁଥିଲେ ବୋଲି ମୁମ୍ବାଇର ଏକ ସ୍ୱତନ୍ତ୍ର ଏନ୍‌ଡିପିଏସ୍ କୋର୍ଟରେ ଦାଖଲ ଚାର୍ଜଶିଟ୍‌ରେ ଏନ୍‌ସିବି ଦର୍ଶାଇଛି। ୨୦୨୦ ମାର୍ଚ୍ଚ-ଡିସେମ୍ବର ମଧ୍ୟରେ କିପରି ରିଆ, ତାଙ୍କ ଭାଇ ଶୌବିକ୍ ଏବଂ ସୁଶାନ୍ତଙ୍କ ମୃତ୍ୟୁ ମାମଲାରେ ଜଡ଼ିତ ଅନ୍ୟ ୩୪ ଜଣ ହାଇପ୍ରୋଫାଇଲ ବ୍ୟକ୍ତିଙ୍କୁ ଗଞ୍ଜେଇ, ଚରସ, କୋକେନ୍, ଏଲ୍‌ଏସ୍‌ଡି ଆଦି ବିକ୍ରି ସହ ଏହାର ପରିବହନ ଓ ବିତରଣ ଭଳି ଆପରାଧିକ କାର୍ଯ୍ୟକଳାପରେ ସମ୍ପୃକ୍ତ ଥିଲେ ତାହା ଚାର୍ଜଶିଟ୍‌ରେ ରହିଛି। ୨୦୨୦ ଜୁନ୍ ୧୪ରେ ସୁଶାନ୍ତଙ୍କ ସାଙ୍ଗ ସିଦ୍ଧାର୍ଥ ପିଠାନିଙ୍କ ମୃତଦେହ ବାନ୍ଦ୍ରାସ୍ଥିତ ତାଙ୍କ ଘରୁ ମିଳିଥିଲା। ସେ ମଧ୍ୟ ରିଆ, ଶୌବିକ୍‌ଙ୍କ ସମେତ ଅନ୍ୟ ଅଭିଯୁକ୍ତ ସାମୁଏଲ ମିରାଣ୍ଡା, ଦିପେଶ ସାୱନ୍ତଙ୍କ ସହ ସମ୍ପର୍କରେ ଥିଲେ। ପିଠାନି ସୁଶାନ୍ତ ସିଂଙ୍କ ବ୍ୟାଙ୍କ ଆକାଉଣ୍ଟ ଥିବା ଆପ୍ ବ୍ୟବହାର କରି 'ପୂଜା ସାମଗ୍ରୀ' ନାଁରେ ଡ୍ରଗ୍ସ ମଗାଉଥିଲେ। ଶୌବିକ୍ ମଧ୍ୟ ସୁଶାନ୍ତଙ୍କ ନାଁରେ ମାଫିଆଙ୍କଠାରୁ ଡ୍ରଗ୍ସ କିଣୁଥିଲେ ବୋଲି ଏନ୍‌ସିବି କହିଛି।

# ଦମ୍ପତିଙ୍କଠାରୁ ମିଳିଲା ୪୫ ପିସ୍ତଲ

**ନୂଆଦିଲ୍ଲୀ, ୧୩।୭**

ଦିଲ୍ଲୀସ୍ଥିତ ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରରେ ବୁଧବାର ଏକ ଭାରତୀୟ ଦମ୍ପତିଙ୍କ ନିକଟରୁ ୪୫ ପିସ୍ତଲ ଜବତ ହୋଇଛି। ଘଟଣାରେ ଉଭୟଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଜଗଜିତ୍ ସିଂ ଏବଂ ଯଶବିନ୍ଦର ସିଂ। ନ୍ୟାଶନାଲ ସିକ୍ୟୁରିଟି ଗାର୍ଡ(ଏନ୍‌ଏସ୍‌ଜି)ର ଆତଙ୍କବାଦ ନିରୋଧୀ ୟୁନିଟ୍ ଏହାର ତଦନ୍ତ କରୁଛି। ପିସ୍ତଲଗୁଡ଼ିକ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକ୍ଷମ ଥିଲେ ବୋଲି ଏନ୍‌ଏସ୍‌ଜି ଜାଣିବାକୁ ପାଇଛି। ଏହାର ମୂଲ୍ୟପ୍ରାୟ ୨୨ ଲକ୍ଷ ୫୦ ହଜାର ଟଙ୍କା ହେବ।

ଜଗଜିତ୍ ଏବଂ ଯଶବିନ୍ଦର ଗତ ୧୦ ତାରିଖରେ ଭିଏତନାମର ହୋ ଚି ମିନ୍ ସହରରୁ ଭାରତକୁ ଫେରିଥିଲେ। ସର୍ଭେଲାନ୍ସ ପାଇଁ ତାଙ୍କୁ ଅଟକ ରଖାଯାଇଥିଲା। ଜଗଜିତଙ୍କ ୨ଟି ଟ୍ରଲି ବ୍ୟାଗ୍‌ରୁ ପିସ୍ତଲ ବାହାରିଥିଲା। ଜଗଜିତ୍‌ଙ୍କ ଭାଇ ମନ୍‌ଜିତ ସିଂ ପ୍ୟାରିସ୍‌ରୁ ଭିଏତନାମରେ ପହଞ୍ଚିବା ପରେ ତାଙ୍କୁ ଏହି ବ୍ୟାଗ୍ ଦେଇଥିଲେ। ଯଶବିନ୍ଦର ଟ୍ରଲିରେ ଲାଗିଥିବା ଟ୍ୟାଗ୍ ନଷ୍ଟ କରିବାରେ ସ୍ୱାମୀଙ୍କୁ ସହଯୋଗ କରିଥିଲେ। ଏହା ପୂର୍ବରୁ ସେମାନେ ତୁର୍କୀରୁ ୨୫ ପିସ୍ତଲ ଭାରତକୁ ଆଣିଥିବା କଥା ମଧ୍ୟ ସ୍ୱୀକାର କରିଛନ୍ତି।



# ଜେମ୍ସ ୱେବ୍ ଟେଲିସ୍କୋପ୍‌ରେ 'ବ୍ରହ୍ମାଣ୍ଡ'

**ୱାଶିଂଟନ, ୧୩।୭**

ଶକ୍ତିଶାଳୀ ଜେମ୍ସ ୱେବ୍ ଟେଲିସ୍କୋପ ଜରିଆରେ ଉତ୍ତୋଳନ ହୋଇଥିବା ବ୍ରହ୍ମାଣ୍ଡର ଫଟୋ ନାସା ପକ୍ଷରୁ ଜାରି କରାଯାଇଛି। ୧୦ ବିଲିୟନ ଡଲାର ମୂଲ୍ୟର ସାଟେଲାଇଟରେ ତାରକାମାନଙ୍କ ଜନ୍ମସ୍ଥାନ, ବ୍ଲାକ୍‌ହୋଲ୍, ମୃତ ତାରକାମାନଙ୍କ ଅନ୍ତିମ କାର୍ଯ୍ୟପ୍ରଣାଳୀ କ'ଣ ଥିଲା ଏବଂ ଅନ୍ୟ ଗ୍ରହମାନଙ୍କ ଜଳବାୟୁ କିଭଳି ରହିଛି ସେସବୁର ଫଟୋ ଏହା ଜରିଆରେ ଉତ୍ତୋଳନ କରାଯାଇଛି। ନାସା, ୟୁରୋପିଆନ ଏବଂ କାନାଡିଆନ୍ ସ୍ପେସ୍ ଏଜେନ୍ସି ମିଳିତ ଭାବେ ଏଥିରେ କାମ କରିଛନ୍ତି। ଟେଲିସ୍କୋପର ନିୟର-ଇନ୍‌ଫ୍ରେରଡ୍ କ୍ୟାମେରା (ଏନ୍‌ଆଇଆର୍ କ୍ୟାମ୍) ଏବଂ ମିଡ୍-ଇନ୍‌ଫ୍ରେରଡ୍ ଇନ୍‌ଷ୍ଟ୍ରୁମେଣ୍ଟ (ଏମ୍‌ଆଇଆର୍‌ଆଇ) ସାହାଯ୍ୟରେ ଫଟୋଗୁଡ଼ିକୁ ସଂଗ୍ରହ କରାଯାଇଛି। ଏହି ସ୍ପେସ୍ ଅପରେଶନ୍ ଗତବର୍ଷ ଡିସେମ୍ବର ୨୫ରୁ ଆରମ୍ଭ କରାଯାଇଥିଲା। ୪.୬ ବିଲିୟନ ବର୍ଷ ଦୂରରେ ଅବସ୍ଥିତ ଆକାଶଗଙ୍ଗା (ଗାଲାକ୍ସି କ୍ଲଷ୍ଟର) ସମୂହ ଏସ୍‌ଏମ୍‌ଏସିଏସ୍ ୦୭୨୩ର ଫଟୋ ଜାରି ହୋଇଛି। ସାଟେଲାଇଟ୍ ଜରିଆରେ କସ୍‌ମିକ୍ କ୍ଲିଫ୍ସର ଫଟୋ ମଧ୍ୟ ଉତ୍ତୋଳନ କରାଯାଇଛି। ଜାରି ୩-ଡି (ଥ୍ରି ଡାଇମେନ୍‌ସନାଲ) ଫଟୋରେ ଏହା ଚନ୍ଦ୍ର ଆଲୋକରେ ଏକ ପଥୁରିଆ ପାହାଡ଼ ଭଳି ଦୃଶ୍ୟମାନ ହେଉଛି। ସାଟେଲାଇଟ୍ ଜରିଆରେ ୧ ହଜାର ଇମେଜ୍ ଫାଇଲ୍ ସଂଗ୍ରହ କରାଯାଇଛି।

# ବିପର୍ଯ୍ୟୟ ଆଣିଲା ମୌସୁମୀ ବର୍ଷା

**ମୁମ୍ବାଇ/ଅହମ୍ମଦାବାଦ ୧୩।୭**

**■ମହାରାଷ୍ଟ୍ରରେ ଗଲାଣି ୮୪ ଜୀବନ**

**■ଗୁଜରାଟରେ ମୃତ୍ୟୁସଂଖ୍ୟା ୬୯କୁ ବୃଦ୍ଧି**



ମହାରାଷ୍ଟ୍ରର ପାଲଘର ରାସ୍ତା ଜଳମଗ୍ନ।

ଦେଶର ବିଭିନ୍ନ ସ୍ଥାନର ମୌସୁମୀଜନିତ ବର୍ଷା ଜଳପ୍ରଳୟ ସୃଷ୍ଟି କରିଛି। ଏକାଧିକ ରାଜ୍ୟରେ ବନ୍ୟା ଯୋଗୁ ଶତାଧିକ ଜୀବନ ହାନି ହେବା ସହ ହଜାର ହଜାର ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଉଛି। ଗତ ୧୦ ଦିନରେ ମହାରାଷ୍ଟ୍ରରେ ବହୁଳ ମାତ୍ରାରେ ବର୍ଷା ନାହିଁ ନ ଥିବା ସ୍ଥିତି ଉପୁଯାଇଛି। ଏପର୍ଯ୍ୟନ୍ତ ବର୍ଷା ବିତ୍ପାତରେ ଏହି ରାଜ୍ୟରେ ୮୪ ଲୋକଙ୍କ ଜୀବନ ଯାଇଥିବାବେଳେ ୬୬ ଜଣ ଆହତ ହୋଇଛନ୍ତି। ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପକ୍ଷରୁ ମୁମ୍ବାଇ, ଠାଣେ, କୋଙ୍କଣ ଅଞ୍ଚଳ ଏବଂ ଗଡଚିରୋଲି ଜିଲାରେ ଭୀଷଣ ବର୍ଷା ହେବା ନେଇ ପୂର୍ବାନୁମାନ କରାଯିବା ସହ ସେଠାରେ ରେଡ୍ ଆଲର୍ଟ ଜାରି କରାଯାଇଛି। କେବଳ ଗଡଚିରୋଲିରେ ୨୪୯ ଗ୍ରାମ ବନ୍ୟା ଯୋଗୁ ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି। ଏନ୍‌ଡିଆର୍‌ଏଫ୍ ଏବଂ ଏସ୍‌ଡିଆର୍‌ଏଫ୍ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଜାରିରହିଛି।

ଗୁଜରାଟରେ ମଧ୍ୟ ଲୋକେ ଭୀଷଣ ବର୍ଷାଜନିତ ବିପର୍ଯ୍ୟୟର ସାମ୍ନା କରୁଛନ୍ତି। ଗତ ୨୪ ଘଣ୍ଟାରେ ଆଉ ୬ ଜଣଙ୍କୁ ମିଶାଇ ମୃତ୍ୟୁସଂଖ୍ୟା ୬୯କୁ ବୃଦ୍ଧିପାଇଛି। ୨୭,୮୯୬ ଲୋକଙ୍କୁ ବନ୍ୟା ପ୍ରଭାବିତ ଅଞ୍ଚଳରୁ ଉଦ୍ଧାର କରାଯାଇଛି। ସେମାନଙ୍କ ମଧ୍ୟରୁ ୧୮,୨୨୫ ଜଣ ଆଶ୍ରୟସ୍ଥଳୀରେ ରହିଛନ୍ତି। ଦକ୍ଷିଣ ଗୁଜରାଟର କୁଚ୍ ଏବଂ ରାଜକୋଟରେ ମୂଷଳ ଧାରାରେ ବର୍ଷା ହୋଇଛି। ବଲସାଡ୍, ନଭସାରୀ, ସୁରଟ, ତପି, ଡଙ୍ଗ, ନର୍ମଦା, ଛୋଟା ଉଦୟପୁର ଜିଲା ସମେତ କୁଚ, ରାଜକୋଟ, ଜାମନଗର, ଦେବଭୂମି ଦ୍ୱାରକା, ମୋରବି ଅଞ୍ଚଳରେ ଆଇଏମ୍‌ଡି ପକ୍ଷରୁ ରେଡ୍ ଆଲର୍ଟ ଜାରି ହୋଇଛି। କର୍ଣ୍ଣାଟକରେ ବର୍ଷାବିତ୍ପାତ ଅଦ୍ୟାବଧି ୩୨ ଜଣଙ୍କ ଜୀବନ ନେଲାଣି। ୫ ଜଣ ନିଖୋଜ ଥିବାବେଳେ ୩୪ ଆହତ ହୋଇଛନ୍ତି। ପ୍ରଭାବିତଙ୍କ ପୁନଃ ଥଇଥାନ ନିମନ୍ତେ ରାଜ୍ୟ ସରକାର ତତ୍କାଳ ୫ଶହ କୋଟି ଟଙ୍କା ଘୋଷଣା କରିଛନ୍ତି। ଏଥିସହ ଦିଲ୍ଲୀ, ତେଲଙ୍ଗାନାରେ ମଧ୍ୟ ମୌସୁମୀ ବର୍ଷା ଲାଗିରହିଛି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୬,୩୩,୦୯,୮୬୮ | ୬୩,୭୭,୨୭୩ | ୫୩,୫୭,୪୭,୧୦୫ |
| ଭାରତ | ୪,୩୬,୭୨,୧୫୫ | ୫,୨୫,୫୧୯ | ୪,୩୦,୧୧,୮୭୪ |
| ଓଡ଼ିଶା | ୧୨,୯୫,୩୨୮ | ୯୧୨୭(+୫୩) | ୧୨,୮୨,୬୯୦ |

ବୁଧବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର




# କିଡ୍‌ନୀ ପ୍ରତିରୋପଣ କରିବାରେ ବିଫଳ

**ଭୁବନେଶ୍ୱର, ୧୩।୭(ବ୍ୟୁରୋ)**

ଓଡ଼ିଶାରେ ବହୁ ରୋଗୀ କିଡ୍‌ନୀ, ଲିଭର ଭଳି ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ପ୍ରତିରୋପଣ ଅପେକ୍ଷାରେ ରହିଛନ୍ତି। ଏପରି କି ଏଥିପାଇଁ ଦୀର୍ଘଦିନ ଅପେକ୍ଷା କରିବାକୁ ମଧ୍ୟ ପଡୁଛି। ଆର୍ଥିକ ସ୍ୱଚ୍ଛଳ ଲୋକଙ୍କୁ ମଧ୍ୟ ବହୁ ସମୟରେ ଅଙ୍ଗ ମିଳିବା କଷ୍ଟକର ହୋଇପଡୁଥିବା ଖବର ଶୁଣିବାକୁ ମିଳୁଛି। ଅଙ୍ଗ ପ୍ରତିରୋପଣକୁ ନେଇ ଅନିଶ୍ଚିତତା ଲାଗି ରହିଥିବାବେଳେ ବୁଧବାର ଜଣେ ଡାକ୍ତରଙ୍କ ଅବହେଳା କାରଣରୁ କିଡ୍‌ନୀ ଭଳି ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଠିକ୍ ସମୟରେ ବ୍ୟବହାର କରାଯାଇ ନ ପାରିବାରୁ ତାହା ନଷ୍ଟ ହୋଇଯାଇଥିବା ଅଭିଯୋଗ ହୋଇଛି। ହେଲେ ଏଭଳି ଅଭିଯୋଗକୁ ସରକାରୀ ଅଧିକାରୀ ଏବଂ ଡିଏମ୍ଇଟି ଉମାକାନ୍ତ ଶତପଥୀ ଖଣ୍ଡନ କରିଛନ୍ତି। ଏପରି କି ଅନ୍ୟ ଅଧିକାରୀମାନେ ମଧ୍ୟ ଏହାକୁ ଖଣ୍ଡନ କରିଛନ୍ତି। କିଡ୍‌ନୀ ପ୍ରତିରୋପଣ ସଫଳ ଭାବେ ହୋଇଥିବା ବେଳେ କିଛି ଲୋକ ଏହାର ଭୁଲ୍ ପ୍ରଚାର କରୁଥିବା ସେମାନେ ମତ ରଖିଛନ୍ତି।

ଅଭିଯୋଗ ମୁତାବକ, ଏସ୍‌ସିବି ମେଡିକାଲ କଲେଜ ଡାକ୍ତରଙ୍କ ଅବହେଳା ଯୋଗୁ ଏକ ଦାନସୂତ୍ରରେ ମିଳିଥିବା କିଡ୍‌ନୀ ଉପଯୁକ୍ତ ଭାବେ ବିନିଯୋଗ ହୋଇପାରି ନାହିଁ। ଅନ୍ୟପକ୍ଷରେ ଏହି ଅବହେଳା କାରଣରୁ କିଡ୍‌ନୀ ପ୍ରତିରୋପଣ ଅପେକ୍ଷାରେ ଥିବା ଜଣେ ରୋଗୀଙ୍କୁ ମଧ୍ୟ ନିରାଶ ହେବାକୁ ପଡ଼ିଛି। ଭୁବନେଶ୍ୱର ସ୍ଥିତ କିମ୍‌ସ ହସ୍ପିଟାଲରେ ସୌମ୍ୟ ରଞ୍ଜନ ଲେଙ୍କାଙ୍କ ୫ ବର୍ଷର ପୁଅ ସୁଧାଂଶୁ ଶେଖର ଲେଙ୍କା ଗୁରୁତର ଭାବେ ଅସୁସ୍ଥ ହୋଇ ଗତ ୪ ତାରିଖରେ ଚିକିତ୍ସା ଲାଗି ତାଙ୍କୁ ପିଆଇସିୟୁରେ ଭର୍ତ୍ତି କରାଯାଇଥିଲା। ଡାକ୍ତରଙ୍କ ସମସ୍ତ ଚେଷ୍ଟା ସତ୍ତ୍ୱେ ସୁଧାଂଶୁଙ୍କ ବଞ୍ଚିବା ଆଶା ନ ଥିବା ଜଣାପଡ଼ିଥିଲା। ଏହାପରେ ଡାକ୍ତର ସୁଧାଂଶୁଙ୍କ ବ୍ରେନ୍ ଡେଡ୍ ଘୋଷଣା କରି ପରିବାରର ଅନୁମତି କ୍ରମେ ତାଙ୍କ କିଡ୍‌ନୀ ଓ ଲିଭର ଭଳି ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଦାନ କରିବା ପାଇଁ ପ୍ରସ୍ତୁତ ହୋଇଥିଲେ। କିଡ୍‌ନୀ ଦାନ ଓ ପ୍ରତିରୋପଣ ନିୟମ ଅନୁଯାୟୀ ହସ୍ପିଟାଲ ପକ୍ଷରୁ ସୋଟୋ(ଷ୍ଟେଟ୍ ଅର୍ଗାନ ଆଣ୍ଡ ଟିସୁ ଟ୍ରାନ୍ସପ୍ଲାଣ୍ଟ ଅର୍ଗାନାଇଜେଶନ)କୁ ଜଣାଇ ଦିଆଯାଇଥିଲା। ନିୟମ ଅନୁସାରେ ଏହି ସଂସ୍ଥା ନିକଟରେ ରାଜ୍ୟରେ ଯେଉଁସବୁ ସରକାରୀ ଓ ବେସରକାରୀ ଡାକ୍ତରଖାନାରେ କିଡ୍‌ନୀ ପ୍ରତିରୋପଣ ହେଉଛି ସେଠାରେ ଚିକିତ୍ସିତ ହେଉଥିବା ରୋଗୀଙ୍କ ତାଲିକା ରହିଥାଏ। ଆବେଦନ ଅନୁସାରେ ସିରିଏଲ ଆଗରେ ଥିବା ରୋଗୀ ଥିବା ସମ୍ପୃକ୍ତ ହସ୍ପିଟାଲକୁ ସୂଚନା ଦିଆଯାଇଥାଏ। ଏପରି କି କିଡ୍‌ନୀ ଆସିବା କ୍ଷଣି ତାଙ୍କ ଦେହରେ ସଙ୍ଗେ ସଙ୍ଗେ ପ୍ରତିରୋପଣ କରାଯାଇଥାଏ। କିଡ୍‌ନୀ ବାହାରକରି ଆଣିବା ଏବଂ ତାହା ପ୍ରତିରୋପଣ କରିବା ମଧ୍ୟରେ ସମୟ କମ୍ ରହିବା ଆବଶ୍ୟକ। କାରଣ ଗୋଟିଏ କିଡ୍‌ନୀ କାଢ଼ିବା ପରେ ତାହାର ଆୟୁଷ ୬ରୁ ୮ ଘଣ୍ଟା ହୋଇଥାଏ। ଏହି ସମୟ ଭିତରେ ଯଦି କିଡ୍‌ନୀ ପ୍ରତିରୋପଣ କରା ନ ଯିବ ତେବେ କିଛି ଫଳ ମିଳେ ନାହିଁ।

ସୋଟୋର ତାଲିକା ଅନୁଯାୟୀ କିମ୍ସରୁ ଯେଉଁ ପିଲାର କିଡ୍‌ନୀ ଆସିବାର ଥିଲା ତାହା ଆପୋଲୋ ହସ୍ପିଟାଲ ରୋଗୀଙ୍କ ପାଖକୁ ଯିବ ବୋଲି ସୁଧାଂଶୁଙ୍କ ପରିବାରକୁ କୁହାଯାଇଥିଲା। ହେଲେ କଟକ ଏସ୍‌ସିବି ୟୁରୋଲୋଜି ବିଭାଗ ଆସୋସିଏଟ ପ୍ରଫେସର ସମୀର ସ୍ୱାଇଁ ବୁଧବାର ଭୋର୍ ୩ଟା ୩୦ରେ ସୁଧାଂଶୁଙ୍କ ଶରୀରରୁ କିଡ୍‌ନୀ କାଢ଼ିବା ପରେ ଭୋର ୫ଟା ୩୦ରେ ତାକୁ ଆପୋଲୋ ପରିବର୍ତ୍ତେ ଏସ୍‌ସିବିକୁ ନେଇଯାଇଥିଲେ। କିନ୍ତୁ ଏସ୍‌ସିବି ମେଡିକାଲ କଲେଜରେ ପୂର୍ବରୁ କିଡ୍‌ନୀ ପ୍ରତିରୋପଣ ଲାଗି କୌଣସି ରୋଗୀଙ୍କୁ ପ୍ରସ୍ତୁତ କରି ରଖାଯାଇ ନ ଥିଲା। ଏଥିଲାଗି ରୋଗୀଙ୍କୁ ପ୍ରସ୍ତୁତ କରିବା ପାଇଁ ସମୟ ଲାଗି ଥାଏ। ପୂର୍ବରୁ ଏଥିପାଇଁ ପ୍ରସ୍ତୁତି ହୋଇ ନ ଥିଲେ ଏହା ହେବା ସମ୍ଭବ ହୁଏ ନାହିଁ। ଏସ୍‌ସିବି ମେଡିକାଲ ରୋଗୀ ନ ଆସିବା ଯୋଗୁ ଉକ୍ତ କିଡ୍‌ନୀ ପୁଣି ୯ଟାରେ ଆପୋଲୋକୁ ଅଣାଯାଇଥିଲା। ହେଲେ ଆପୋଲୋ ହସ୍ପିଟାଲ ମଧ୍ୟ କିଡ୍‌ନୀ ପ୍ରତିରୋପଣ ଲାଗି ନିର୍ଦ୍ଧାରିତ ସମୟ ମଧ୍ୟରେ କୌଣସି ରୋଗୀଙ୍କୁ ଯୋଗାଡ଼ କରିବାରେ ବିଫଳ ହୋଇଥିଲା। ଏହା ମଧ୍ୟରେ ଦିନ ୨ଟା ହୋଇଯାଇଥିଲା। ଏହାପରେ ସମ୍‌ରୁ ରୋଗୀଙ୍କୁ ଆଣି ପ୍ରତିରୋପଣ କରିବା ପାଇଁ ଉଦ୍ୟମ କରାଯାଇଥିଲା। ସେତେବେଳକୁ କିଡ୍‌ନୀ ଆୟୁଷ ୮ ଘଣ୍ଟା ପୂରିସାରିଥିଲା। ଫଳରେ ଗୋଟିଏ ପରିବାର ନିଜ ପିଲାର କିଡ୍‌ନୀ ଦାନ କରିବା ଲାଗି ଦେଖାଇଥିବା ବଡ଼ପଣ ବେକାର ହୋଇଯାଇଥିଲା। ଅନ୍ୟପଟେ ଗୋଟିଏ ଜୀବନ ମଧ୍ୟ ବଞ୍ଚିବା ଆଶାରୁ ଦୂରେଇଗଲା। ଶତାଧିକ ରୋଗୀ କିଡ୍‌ନୀ ପ୍ରତିରୋପଣ ଅପେକ୍ଷାରେ ଥିବାବେଳେ ଡାକ୍ତରଙ୍କ ଦୂରଦୃଷ୍ଟି ଅଭାବ ଓ ଅବହେଳା ପାଇଁ ଜଣେ କିଡ୍‌ନୀ ପ୍ରତିରୋପଣରୁ ବଞ୍ଚିତ ହେଲେ। ଏହାକୁ ଫୌଜଦାରି ଅପରାଧ ଭାବେ କାହିଁକି ଗଣା ନ ଯିବ ସେନେଇ ଅଙ୍ଗଦାନ କରିଥିବା ପରିବାରର ଜଣେ ସମ୍ପର୍କୀୟ କହିଛନ୍ତି। ଅପରପକ୍ଷରେ ଏହି ଘଟଣାକୁ ନେଇ ସୋଟୋ ଜଏଣ୍ଟ ଡାଇରେକ୍ଟର ବିଭୂତି ନାୟକ କହିଛନ୍ତି, ସ୍କୋରିଂ ଅନୁଯାୟୀ ଏସ୍‌ସିବି ପଠାଗଲା। ସେଠାରେ ଯିଏ ଅଙ୍ଗ ଗ୍ରହଣ କରିବେ ତାଙ୍କ ପରୀକ୍ଷା କରାଯିବାରୁ ପଜିଟିଭ ଆସିଲା। ପଜିଟିଭ ଆସିଲେ ରୋଗୀ ତାହା ଗ୍ରହଣ କରିପାରିବ ନାହିଁ। ତେଣୁ ଏହାପରେ ସ୍କୋରିଂ ଅନୁଯାୟୀ ଆପୋଲୋ ପଠାଗଲା। ସେଠାରେ ଜଣେ ରୋଗୀଙ୍କଠାରେ ଉକ୍ତ ଅଙ୍ଗ ପ୍ରତିରୋପଣ କରାଯାଇଥିବା ନାୟକ କହିଛନ୍ତି। ପ୍ରଫେସର ସମୀର ସ୍ୱାଇଁ କହିଛନ୍ତି, ଏହା ଭୁଲ୍ କଥା। କେହି ଏନେଇ ଭୁଲ୍ ତଥ୍ୟ ଦେଉଛନ୍ତି। ବହୁ ରୋଗୀଙ୍କ ଅଙ୍ଗ ଗୋଟିଏ ସହରରୁ ବିମାନ ଯୋଗେ ଭିନ୍ନ ଭିନ୍ନ ସହରକୁ ଯାଉଛି। ସେତେବେଳେ କ'ଣ ୮ ଘଣ୍ଟା ଭିତରେ ସବୁ ହୋଇଯାଉଛି। ଗୋଟିଏ ଅଙ୍ଗ ୨୪ ଘଣ୍ଟା ପର୍ଯ୍ୟନ୍ତ ଭଲ ରହିଥାଏ। ଏହି କେସ୍‌ରେ ଯାହା କରାଯାଇଛି ସବୁ ସରକାରୀ ନିୟମରେ ହୋଇଛି। ଏସବୁ ବିଷୟରେ ସୋଟୋ ନିଷ୍ପତ୍ତି ନେଇଥାଏ। ଉକ୍ତ କିଡ୍‌ନୀ ଆପୋଲୋରେ ପ୍ରତିରୋପଣ ହୋଇଥିବା ବେଳ ରୋଗୀ ସୁସ୍ଥ ଥିବା ସମୀର କହିଛନ୍ତି। ଆଡିସନାଲ ଡିଏମ୍ଇଟି ଉମା ଶତପଥୀଙ୍କୁ ପଚାରିବାରୁ ସେ କହିଛନ୍ତି, କିମ୍ସ ହସ୍ପିଟାଲରେ ୫ ବର୍ଷର ପିଲା ବ୍ରେନ୍ ଡେଡ୍ ହେଲା। ଏହାପରେ ସୋଟୋ ନିୟମ ମଧ୍ୟରେ ସବୁକିଛି କରିଛି। ଉକ୍ତ ପିଲାର ୨ଟି କିଡ୍‌ନୀ ଆପୋଲୋର ୨ ଜଣ ରୋଗୀଙ୍କ ଦେହରେ ସଫଳ ଭାବେ ପ୍ରତିରୋପଣ କରାଯାଇଛି। ଏଥିରେ କୌଣସି ଭୁଲ୍ ବୁଝାମଣା ରହିବା ଦରକାର ନାହିଁ ବୋଲି ସେ କହିଛନ୍ତି।

# ବିଚାରାଧୀନ କଏଦୀଙ୍କ ବେକ କଟିଲା

**ବୌଦ୍ଧ, ୧୩।୭(ସ୍ୱ.ପ୍ର.)**

- ଗୁରୁତର ଅବସ୍ଥାରେ ପାଇଖାନାରୁ ଉଦ୍ଧାର
- ଆତ୍ମହତ୍ୟା ସନ୍ଦେହ, ବୌଦ୍ଧ ମେଡିକାଲରେ ଭର୍ତ୍ତି

ବୁଧବାର ବୌଦ୍ଧ ଉପକାରାଗାରରେ ସୁଜନ ବେହେରା ନାମକ ଜଣେ ବିଚାରାଧୀନ କଏଦୀଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପାଇଖାନା ଘରୁ ଉଦ୍ଧାର କରାଯାଇଛି। ତାଙ୍କୁ ଚିକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସେ ଆତ୍ମହତ୍ୟା ଉଦ୍ୟମ କରୁଥିଲେ ନା ତାଙ୍କୁ କେହି ହତ୍ୟା କରିବାକୁ ଚେଷ୍ଟା କରୁଥିଲେ ତାହା ସ୍ପଷ୍ଟ ହୋଇନାହିଁ।

ଜେଲ ସୂତ୍ରରୁ ପ୍ରକାଶ ଯେ, ମଧ୍ୟାହ୍ନ ୧୨ଟାରେ କଏଦୀଙ୍କୁ ଖାଦ୍ୟ ଦେଇ ସାରି ଗଣତି କରିବା ସମୟରେ ସୁଜନ ସେଠାରେ ନ ଥିଲେ। ଖୋଜା ଖୋଜି କରିବାରୁ ପାଇଖାନା ଭିତରେ ସେ ପଡ଼ିଥିବା ଦେଖିବାକୁ ମିଳିଥିଲା। ଜେଲ କର୍ମଚାରୀ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ତାଙ୍କ ବେକରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ସୁଜନଙ୍କ ଘର ବୌଦ୍ଧ ଜିଲା ହରଭଙ୍ଗା ଥାନାର ମହୁମୁଣ୍ଡିଆ (ଛତରଙ୍ଗ) ଗ୍ରାମରେ। ସେ ଜଣେ ନାବାଳିକାଙ୍କୁ ଅସଦାଚରଣ ମାମଲାରେ ଅଭିଯୁକ୍ତ ହୋଇ ଗତ ୨୦୨୦ ଜୁନ୍ ୬ ତାରିଖରୁ ବୌଦ୍ଧ ଉପକାରାଗାରରେ କଏଦୀ ଭାବେ ରହିଛନ୍ତି। ଜେଲର ଆଲୋକ ପ୍ରିୟଦର୍ଶୀ କରଙ୍କୁ ପଚାରିବାରେ ଗଣତି ସମୟରେ ସେ ନ ଥିଲେ। ପରେ କର୍ମଚାରୀମାନେ ତାଙ୍କୁ ପାଇଖାନା ଭିତରୁ ଉଦ୍ଧାର କରିଥିଲେ। ସୁଜନ ପଡ଼ିଥିବା ପାଇଖାନା ଘରେ ଏକ ରକ୍ତଲଗା ଡଟ୍‌ପେନ୍ ପଡିଥିଲା। ସେ ସେଥିରେ ନିଜର ତଣ୍ଟିକୁ ବାରମ୍ବାର ଭୁସି ଏପରି କରିଥିବା ଅନୁମାନ କରାଯାଉଛି। ତାଙ୍କ ବେକରେ କେବଳ ଗୋଟିଏ ସ୍ଥାନରେ କ୍ଷତ ହୋଇଥିବା ମଧ୍ୟ ଜେଲର ପ୍ରକାଶ କରିଥିଲେ। ଏନେଇ ବୌଦ୍ଧ ଥାନାରେ ଲିଖିତ ଅଭିଯୋଗ ପରେ ପୋଲିସ ତଦନ୍ତ ଆରମ୍ଭ କରିଛି।



ବୌଦ୍ଧ ମେଡିକାଲରେ ବିଚାରାଧୀନ କଏଦୀ ସୁଜନ ବେହେରା।

# ଖରସ୍ରୋତାକୁ ଡେଇଁ ଛାତ୍ରୀ ନିଖୋଜ

**ରସୁଲପୁର, ୧୩।୭(ଡି.ଏନ୍.ଏ.):** ଯାଜପୁର ଜିଲା କୁଆଖିଆ ଥାନା ଅନ୍ତର୍ଗତ ଶ୍ରୀବନ୍ତପୁର ପଞ୍ଚାୟତ ବାଉଁଶଅଣ୍ଡା ଗ୍ରାମର ଜଣେ ଛାତ୍ରୀ ବୁଧବାର ଯୋକଡ଼ିଆ ବ୍ୟାରେଜ୍ ନିକଟରେ ଖରସ୍ରୋତା ନଦୀକୁ ଡେଇଁ ନିଖୋଜ ହୋଇଯାଇଛନ୍ତି। ସେ ହେଲେ ଉକ୍ତ ଗ୍ରାମର ବିଜୟ ପାଇକରାଏଙ୍କ ଝିଅ ତିଳୋତ୍ତମା(୧୫)। ସ୍ଥାନୀୟ ମତ୍ସ୍ୟଜୀବୀ ଓ ରସୁଲପୁର ଦମକଳବାହିନୀ ପକ୍ଷରୁ ଛାତ୍ରୀଙ୍କୁ ଉଦ୍ଧାର ପାଇଁ ଖୋଜାଖୋଜି କରାଯାଇଛି। ହେଲେ ତାଙ୍କୁ ଉଦ୍ଧାର କରାଯାଇ ପାରିନାହିଁ। ଗୁରୁବାର ପୁଣି ଉଦ୍ଧାର କାର୍ଯ୍ୟ ଜାରି ରହିବ ବୋଲି ସୂଚନା ମିଳିଛି। ପୂର୍ବାହ୍ନରେ ତିଳୋତ୍ତମା ସାଇକେଲ ଯୋଗେ ଘରୁ ଆସିଥିଲେ। ଆସିବାବେଳେ ମନ୍ଦିରକୁ ଯାଉଛନ୍ତି ବୋଲି ଘରେ କହିଥିଲେ। ପରେ ଯୋକଡ଼ିଆ ଛକ ନିକଟରେ ଥିବା ଏକ ଜଳଖିଆ ଦୋକାନରୁ ପାଣି ପିଇଥିଲେ। ସେଠାରୁ ଖରସ୍ରୋତା ନଦୀର ଯୋକଡ଼ିଆ ବ୍ୟାରେଜ ନିକଟକୁ ଯାଇଥିଲେ। ବ୍ୟାରେଜ୍ ଉପରେ ସାଇକେଲ୍ ଓ ପୋଲ ଖୁଣ୍ଟ ଉପରେ ଚପଲ ରଖି ନଦୀକୁ ଡେଇଁ ପଡ଼ିଥିଲେ। ସମ୍ପୃକ୍ତ ଛାତ୍ରୀ ଲକ୍ଷ୍ମୀନଗର ପଞ୍ଚାୟତ ଛୋଟରାୟପୁର ଗାଁରେ ମାମୁ ଘରେ ରହି ପାଠ ପଢୁଥିଲେ। ତେବେ ସେ କାହିଁକି ଏଭଳି ନିଷ୍ପତ୍ତି ନେଲେ ତାହା ସ୍ପଷ୍ଟ ହୋଇନାହିଁ। ଚଳିତ ମାଟ୍ରିକ ପରୀକ୍ଷାରେ କମ୍ ନମ୍ବର ରଖିଥିବାରୁ ସେ ଆତ୍ମହତ୍ୟା କରିଥାଇପାରନ୍ତି ବୋଲି ପରିବାର ପକ୍ଷରୁ କୁହାଯାଉଛି।

# ଓସିଏସ୍ ପରୀକ୍ଷାରୁ ୭୦୩୯ ବଞ୍ଚିତ

**ଦରଖାସ୍ତ ନାକଚ କଲା ଓପିଏସ୍‌ସି**

**କଟକ ଅଫିସ, ୧୩।୭**

ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ଦ୍ୱାରା ପରିଚାଳିତ ଓଡ଼ିଶା ସିଭିଲ୍ ସର୍ଭିସେସ୍(ଓସିଏସ୍) ପରୀକ୍ଷାରୁ ବହୁ ଆଶାୟୀ ବଞ୍ଚିତ ହେବେ। ଏକକାଳୀନ ୭୦୩୯ ଜଣ ଆଶାୟୀଙ୍କ ଦରଖାସ୍ତକୁ ଓପିଏସ୍‌ସି ନାକଚ କରିଦେଇଛି। ଏନେଇ ସୋମବାର ଓପିଏସ୍‌ସି ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଦରଖାସ୍ତଗତ ତ୍ରୁଟି ଲାଗି ଏକକାଳୀନ ଏତେ ସଂଖ୍ୟକ ଆବେଦନକୁ ଓପିଏସ୍‌ସି ନାକଚ କରିଥିବା ଜଣାପଡିଛି। ଏହାକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନ ଉଠିଛି। କାରଣ ପୂର୍ବରୁ କେବଳ ଫି' ଡିପୋଜିଟ୍ ହୋଇ ନ ଥିବା ଆବେଦନକାରୀଙ୍କ ଫର୍ମ ବାତିଲ ହେଉଥିବା ଘଟଣା ନଜରକୁ ଆସିଥିବାବେଳେ ଏଥର ଏକାଧିକ କାରଣ ଲାଗି ଦରଖାସ୍ତ ନାକଚ କରିଥିବା ଜଣାପଡ଼ିଛି। ବିଶେଷକରି ବ୍ୟକ୍ତିଗତ ବିବରଣୀ ଓ ଠିକଣା ନ ଦେବା, ଫିଜିକାଲ୍ ମେଜରମେଣ୍ଟ, ଶିକ୍ଷାଗତ ଯୋଗ୍ୟତା ବିବରଣୀ ନ ଥିବା ଓ ଅନ୍ୟ ପ୍ରମାଣପତ୍ର ଅନ୍ ଲାଇନ୍‌ରେ ଅପ୍‌ଲୋଡ୍ ହୋଇ ନ ଥିବା କାରଣରୁ ଅନେକ ଆଶାୟୀଙ୍କ ଦରଖାସ୍ତ ନାକଚ ହୋଇଛି।

## ରାଷ୍ଟ୍ରୀୟ ଖଣିଜ ବିକାଶ କ୍ଷେତ୍ରରେ ଓଡ଼ିଶାକୁ ପ୍ରଥମ ପୁରସ୍କାର

**ଭୁବନେଶ୍ୱର, ୧୩।୭(ବ୍ୟୁରୋ):** ଖଣିଜ ପଦାର୍ଥ ଉତ୍ତୋଳନ, ନିଲାମ ଓ ପରିଚାଳନାରେ ଓଡ଼ିଶା ଦେଶରେ ସର୍ବୋତ୍ତମ ପ୍ରଦର୍ଶନ କରିଛି। ଏନେଇ ଓଡ଼ିଶାକୁ ରାଷ୍ଟ୍ରୀୟ ଖଣିଜ ବିକାଶ ପ୍ରଥମ ପୁରସ୍କାର ମିଳିଛି। ଏ ବାବଦକୁ ରାଜ୍ୟ ୩ କୋଟି ଟଙ୍କାର ପାଇଛି।

ଓଡ଼ିଶା ରାଜ୍ୟ ମାଇନ୍ସ ଏବଂ ମିନେରାଲ ଡେଭଲପମେଣ୍ଟ ଆଣ୍ଡ୍ ରେଗୁଲେଶନ ଅଧିନିୟମ-୨୦୧୫ ଲାଗୁ ପରେ ଖଣିଜ ଆବଣ୍ଟନ କ୍ଷେତ୍ରରେ ଏକ ବିରାଟ ପରିବର୍ତ୍ତନ ଆସିଛି। ଓଡ଼ିଶା ୨୦୧୫-୧୬ ବର୍ଷଠାରୁ ଖଣିଜ ବ୍ଲକଗୁଡ଼ିକର ନିଲାମ ପ୍ରକ୍ରିୟା ସ୍ୱଚ୍ଛତା ଓ ସଫଳତାର ସହ ପରିଚାଳନା କରିଆସୁଛି। ରାଜ୍ୟ ସରକାରଙ୍କ ଉପରୋକ୍ତ ସଫଳତା ସହ ଅନ୍ୟ ଖଣିଜ ବ୍ଲକଗୁଡ଼ିକର ନିଲାମ ନିମନ୍ତେ ଦ୍ୱିତୀୟ ପୁରସ୍କାର ବାବଦକୁ ରାଜ୍ୟ ୨କୋଟି ଟଙ୍କାର ପୁରସ୍କାର ଲାଭ କରିଛି। ମଙ୍ଗଳବାର ନୂଆଦିଲ୍ଲୀଠାରେ ଆୟୋଜିତ ୬ଷ୍ଠ ଜାତୀୟ ମାଇନ୍ସ ଆଣ୍ଡ ମିନେରାଲ୍ସ କନକ୍ଲେଭ୍‌ରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଏବଂ କେନ୍ଦ୍ର କୋଇଲା ଓ ଖଣି ମନ୍ତ୍ରୀ ପ୍ରହ୍ଲାଦ ଯୋଶୀଙ୍କ ଉପସ୍ଥିତିରେ ଆୟୋଜିତ ଉତ୍ସବରେ ଓଡ଼ିଶାର ଇସ୍ପାତ ଓ ଖଣି ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ବିଧାନସଭାର ମନ୍ତ୍ରୀଙ୍କ ପ୍ରକୋଷ୍ଠରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଓଡ଼ିଶା ସରକାରଙ୍କ ଦ୍ୱାରା ଖଣିଜ କ୍ଷେତ୍ରରେ ୫-ଟି ପ୍ରୟୋଗ ସହ ଗ୍ରହଣ କରାଯାଇଥିବା ବିଭିନ୍ନ ସଂସ୍କାରମୂଳକ ପଦକ୍ଷେପ ଓ ଖଣିଜ କ୍ଷେତ୍ରରେ ଓଡ଼ିଶାର ସଫଳତା ସମ୍ପର୍କରେ ମନ୍ତ୍ରୀ ବିସ୍ତୃତ ସୂଚନା ଦେଇଛନ୍ତି। ଦେଶରେ ଲୁହାପଥର ଆବଶ୍ୟକତାର ୫୦ ପ୍ରତିଶତ ଓଡ଼ିଶା ପୂରଣ କରୁଥିବା ସେ କହିଛନ୍ତି।






ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୧୪ ଜୁଲାଇ, ୨୦୨୨

**ଆଜିର ମନ୍ତବ୍ୟ**

କଶ୍ମୀର ସମସ୍ୟା ସମାଧାନ ନ ହେବା ପର୍ଯ୍ୟନ୍ତ ଲୋକଙ୍କ ଜୀବନ ଯାଉଥିବା ସରକାର କଶ୍ମୀରବାସୀଙ୍କ ହୃଦୟ ନ ଜିତିଲେ ଏଠାରେ ଆତଙ୍କବାଦ ଶେଷ ହେବ ନାହିଁ **-ଫାରୁକ୍ ଅବଦୁଲ୍ଲା, ନ୍ୟାଶନାଲ କନ୍‌ଫରେନ୍ସ ଅଧ୍ୟକ୍ଷ**



## ଜନ୍ମଦିନର ଶୁଭେଚ୍ଛା

ନାମ: ........................................

ବୟସ:........................................

ଜନ୍ମ ତାରିଖ: ..................................



ଫିନା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଖଇଞ୍ଚି ପେଟରେ ମୀନ,**
**କାନ୍ତ ମନେ ଯେବେ କପଟ ନ ଥିଲା;**
**କିମ୍ପା କଲେ ଭିନ୍ନାଭିନ୍ନା**

ପ୍ରେମ ଦୁଇ ମନର ପବିତ୍ର ବନ୍ଧନ। ଏହା ମାନେନା ଆକଟ, ବାଧା କିମ୍ବା ବନ୍ଧନ। ସାଧାରଣତଃ ବିଶ୍ୱାସକୁ ଆଧାର କରି ସମ୍ପର୍କର ମୂଳଦୁଆ ପଡ଼ିଥାଏ। ମାତ୍ର ଯେତେବେଳେ ଜଣେ ଅନ୍ୟ ଜଣକୁ ଅବିଶ୍ୱାସ କରିବା ଆରମ୍ଭ କରେ ସେତେବେଳେ ଭରସା ତୁଟିଯାଏ। ବେଶି ଦିନ ତିଷ୍ଠି ପାରି ନ ଥାଏ ସେହି ସମ୍ପର୍କ। ସ୍ୱାମୀର ହତାଦର ଭାବକୁ ସହ୍ୟ କରି ନ ପାରି ସ୍ତ୍ରୀ ବ୍ୟଥିତ ହୋଇପଡ଼ିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଖାଲିକି ତୁଚ୍ଛା;**
**ମାଗଣା କଥାରେ ମନ ମୁରୁଚ୍ଛା।**

ଅଯଥା କଥା ଶୁଣି ମନ ଖରାପ କରିବାରେ କିଛି ଲାଭ ମିଳି ନ ଥାଏ। କଥା ଯେଉଁଠି ମୂଲ୍ୟହୀନ ବା ଅତି ମାମୁଲି ସେଭଳି କଥାକୁ ମନରେ ଧରି ଗୁଣି ହୋଇ ମନ ଉଦାସ କରିବା ଅନୁଚିତ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ୪,୩୮୯ କୋଟିର ଆମଦାନୀ ଶୁଳ୍କ ଠକେଇ: ଓପୋକୁ ନୋଟିସ

ନୂଆଦିଲ୍ଲୀ, ୧୩।୭: ଚାଇନା ମୋବାଇଲ ଫୋନ ନିର୍ମାଣକାରୀ କମ୍ପାନୀ ଓପୋକୁ ୪,୩୮୯ କୋଟି ଟଙ୍କା ଆମଦାନୀ ଶୁଳ୍କ ଠକେଇ ଅଭିଯୋଗରେ ଭାରତ ସରକାରଙ୍କ ପକ୍ଷରୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। ଏ ନେଇ ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ବୁଧବାର ସୂଚନା ଦିଆଯାଇଛି। ଓପୋ ମୋବାଇଲସ୍ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ୍‌ର କେତେକ ଅଫିସ୍‌ରେ ଚଢ଼ାଉ ପରେ ଜାଣିଶୁଣି ଟିକସ ଫାଙ୍କିବା ନେଇ କେତେକ ଦସ୍ତାବିଜ ଜବତ ହେବା ପରେ ଗତ ୮ ତାରିଖରେ ରାଜସ୍ୱ ଗୋଇନ୍ଦା ନିର୍ଦ୍ଦେଶାଳୟ ପକ୍ଷରୁ ଏହି ନୋଟିସ ଦିଆଯାଇଥିବା ଜଣାପଡ଼ିଛି।

## ପ୍ରଥମ ପୃଷ୍ଠାରୁ...

### ସାର ମିଳୁନି, ଗଜା ...

ବିଜେଡି ସଭ୍ୟ ପ୍ରଦୀପ ଦିଶାରୀ କହିଲେ, ଚାଷୀଙ୍କୁ ସାର ସହିତ ଅନ୍ୟାନ୍ୟ ଜିନିଷ କିଣିବାକୁ ବାଧ୍ୟ କରାଯାଉଛି। ସେହି ଡିଲରମାନଙ୍କ ବିରୋଧରେ କି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ବିଜେଡି ସଭ୍ୟ ରୁଦ୍ର ମହାରଥୀ କହିଲେ, ଡେଲାଙ୍ଗ ନିର୍ବାଚନମଣ୍ଡଳୀରେ ଏ ପର୍ଯ୍ୟନ୍ତ ୨୫% ସାର ଚାଷୀଙ୍କୁ ମିଳି ନାହିଁ। ଯେଉଁ ବିହନ ଯୋଗାଇ ଦିଆଯାଇଛି ସେଥିରୁ ୫୦ ପ୍ରତିଶତ ଗଜା ହେଉନି। କଂଗ୍ରେସ ସଭ୍ୟ ଅଧିରାଜ ପାଣିଗ୍ରାହୀ କହିଲେ, ନାନୋ ୟୁରିଆ ନେବାକୁ ଚାଷୀଙ୍କୁ ବାଧ୍ୟ କରାଯାଉଛି। କଂଗ୍ରେସ ସଭ୍ୟ ତାରା ପ୍ରସାଦ ବାହିନୀପତି କହିଲେ, ପଞ୍ଚାୟତ ଗୋଦାମରେ ସାର ରଖି ପ୍ୟାକ୍ସ ଓ ଲାମ୍ପ ଜାରିଆରେ ଚାଷୀଙ୍କୁ ସାର ଯୋଗାଇ ଦେବା ବ୍ୟବସ୍ଥା କରିବେ କି? ଉତ୍ତରରେ ମନ୍ତ୍ରୀ କହିଲେ, ୨୦୨୨ ଏପ୍ରିଲରୁ ଜୁଲାଇ ୧୧ ମଧ୍ୟରେ ରାଜ୍ୟକୁ ୧୦୩% ୟୁରିଆ ମିଳିଥିବା ବେଳେ ଡିଏପି ୬୭, ଏମ୍‌ଓପି ୬୬, ଏନ୍‌ପିକେ ୮୦ ପ୍ରତିଶତ ମିଳିଛି । ସେଥିରୁ ୮୫% ସାର ଯୋଗାଇ ଦିଆଯାଇଛି। ସାର ଯୋଗାଣ ପାଇଁ କେନ୍ଦ୍ର ସରକାରଙ୍କ ସଚିବଙ୍କ ସହ ପ୍ରତି ସପ୍ତାହର ମଙ୍ଗଳବାର, ଜିଲା ଅଧିକାରୀଙ୍କ ସହ ବୁଧବାର ଏବଂ ସାର ଯୋଗାଉଥିବା କମ୍ପାନୀଗୁଡ଼ିକ ସହ ଶୁକ୍ରବାର କଥାବାର୍ତ୍ତା କରାଯାଉଛି। ଚାଷୀମାନେ ସାର ଯେପରି ଠିକ୍ ସମୟରେ ପାଇବେ ସେ ନେଇ ଉଦ୍ୟମ କରାଯାଉଛି। ଏପ୍ରିଲ ପହିଲାରୁ ଜୁନ୍ ୩୦ ମଧ୍ୟରେ କେନ୍ଦ୍ର ସରକାରଙ୍କ ନିକଟରୁ ୩ ଲକ୍ଷ ୬୪ ହଜାର ୨୩୨ ମେଟ୍ରିକ ଟନ ସାର ପାଇଛୁ। ଆହୁରି ୨ଲକ୍ଷ ୩୫ ହଜାର ୭୫୦ ମେଟ୍ରିକ ଟନ ସାର କେନ୍ଦ୍ର ସରକାର ଦେଇନାହାନ୍ତି । ସାର ଆମାଜନ କି ଫ୍ଲିପକାର୍ଟ ଜରିଆରେ କିଣାଯାଇ ପାରିବ ନାହିଁ। କେନ୍ଦ୍ର ସରକାର ଯୋଗାଇଲେ ଚାଷୀଙ୍କୁ ଦିଆଯିବ। ସାର ମୂଲ୍ୟ କେନ୍ଦ୍ର ସରକାର ବୃଦ୍ଧି କରିଛନ୍ତି। ରାଜ୍ୟର ଆବଶ୍ୟକତା ଅନୁଯାୟୀ କେନ୍ଦ୍ର ସରକାର ସାର ଯୋଗାଇ ଦେଉନାହାନ୍ତି । ଫଳରେ ଓଡ଼ିଶାରେ ଚାଷୀମାନେ ପ୍ରତି ହେକ୍ଟର ପିଛା ୬୦ରୁ ୭୦ କେଜି ସାର ବ୍ୟବହାର କରିବାକୁ ବାଧ୍ୟ ହେଉଛନ୍ତି। ଯେଉଁ ଡିଲରମାନେ ଚାଷୀଙ୍କୁ ଅନ୍ୟ ଜିନିଷ ନେବାକୁ ବାଧ୍ୟ କରୁଛନ୍ତି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ। ଡେଲାଙ୍ଗକୁ ୬,୨୧୮ ମେଟ୍ରିକ ଟନ ସାର ଯୋଗାଇ ଦିଆଯାଇଛି। ଖୋର୍ଦ୍ଧା ଜିଲାକୁ ମୋଟ ୭ ହଜାର ୮୮ ମେଟ୍ରିକ ଟନ ସାର ଯୋଗାଣ ହୋଇଛି। ଆମଦାନୀ ଶୁଳ୍କ ବଢ଼ି ଯାଇଥିବାରୁ ସାର ଦାମ ମଧ୍ୟ ବଢ଼ିଛି। ନୂଆପଡ଼ା ଜିଲାକୁ ୧୬,୫୩୩ ମେଟ୍ରିକ ଟନ ସାର ଯୋଗାଇ ଦିଆଯାଇଛି। ଯେଉଁଠି ସାର ଛଡ଼ା ଅନ୍ୟ ଜିନିଷ ନେବାକୁ ଚାଷୀଙ୍କୁ ବାଧ୍ୟ କରାଯାଉଛି ବିଭାଗର ବରିଷ୍ଠ ଅଧିକାରୀମାନଙ୍କୁ ପଠାଇ ତାହାର ତଦନ୍ତ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

### ୧୯ରେ ଓଡ଼ିଶା ...

ଯେହେତୁ ହଷ୍ଟେଲରେ ରହିବା ବେଳେ ହିଁ ରୁଚିକା ଆତ୍ମହତ୍ୟା କରିଛନ୍ତି, ଏଥିଲାଗି ହଷ୍ଟେଲର ୱାର୍ଡେନ ଏବଂ ସୁପରିଣ୍ଟେଣ୍ଡେଣ୍ଟ ପ୍ରଥମେ ଦାୟୀ। ସେମାନେ ପ୍ରଥମେ ଇସ୍ତଫା ଦିଅନ୍ତୁ। ନଚେତ୍ ସରକାର ସେମାନଙ୍କୁ କାର୍ଯ୍ୟରୁ ନିବୃତ୍ତ କରନ୍ତୁ। ସୁଇସାଇଡ୍ ନୋଟ୍‌ରେ ୩ ଜଣ ସିନିୟରଙ୍କୁ ଦାୟୀ କରାଯାଇଥିବାରୁ ସେମାନଙ୍କୁ ତଦନ୍ତକାରୀ ଟିମ୍ ଖୋଜି ବାହାର କରିବା କଥା। ହେଲେ ତଦନ୍ତରେ ଜାଣିଶୁଣି ବିଳମ୍ବ କରାଯାଉଛି। ସରକାର ଏହି ଘଟଣାରେ ଉଦାସୀନ ହୋଇଛନ୍ତି। ତେଣୁ ଏହାକୁ ବିରୋଧକରି ସଙ୍ଗଠନ ଓଡ଼ିଶା ବନ୍ଦ ଆନ୍ଦୋଳନକୁ ଓହ୍ଲାଇବ ବୋଲି ସେ କହିଛନ୍ତି। ସେ ଆହୁରି କହିଛନ୍ତି, ରୁଚିକାଙ୍କୁ ନ୍ୟାୟ ପ୍ରଦାନ ଦାବିରେ ୧୯ରେ ଓଡ଼ିଶା ବନ୍ଦ ଡାକରା ଦିଆଯାଇଛି। ଆନ୍ଦୋଳନରେ ସମସ୍ତଙ୍କୁ ସାମିଲ କରିବାକୁ ସ୍ୱତନ୍ତ୍ର ଅଭିଯାନ କରାଯିବ। ୧୪,୧୫ରେ ଭୁବନେଶ୍ୱରରେ ଏବଂ ୧୬ରେ କଟକର ସଙ୍ଗଠନ କର୍ମକର୍ତ୍ତା ବିଭିନ୍ନ କଲେଜରେ ଜନଜାଗରଣ କରି ଛାତ୍ରୀଛାତ୍ରଙ୍କୁ ଆନ୍ଦୋଳନରେ ସାମିଲ ହେବାକୁ ଆହ୍ୱାନ କରାଯିବ। ୧୭ରେ ପୋଲିସ ଡିଜିଙ୍କ କାର୍ଯ୍ୟାଳୟ ବାହାରେ ଶାନ୍ତିପୂର୍ଣ୍ଣ ଧାରଣା ଦିଆଯିବ। ୧୮ରେ ଓଡ଼ିଶା ବନ୍ଦ ନେଇ ବିଭିନ୍ନ ସ୍ଥାନରେ କ୍ୟାମ୍ପେନିଂ କରାଯିବ ବୋଲି ଅକ୍ଷୟ କୁମାର କହିଛନ୍ତି। ଅନ୍ୟପଟେ ଅକ୍ଷୟ କୁମାରଙ୍କ ଅନୁରୋଧକ୍ରମେ ରୁଚିକାଙ୍କ ମା' ବୁଧବାର ଅନଶନ ଭାଙ୍ଗିଛନ୍ତି। ବିଜେବି କଲେଜ ସମ୍ମୁଖରୁ ତାଙ୍କୁ ପୋଲିସ ଉଠାଇନେବାପରେ ମଙ୍ଗଳବାରଠାରୁ ସେ ପରିବାର ସଦସ୍ୟ ଓ ବିଭିନ୍ନ ଛାତ୍ର ସଙ୍ଗଠନ କର୍ମକର୍ତ୍ତାଙ୍କ ସହ ଲୋୟର ପିଏମ୍‌ଜିରେ ଅନଶନରେ ବସିଥିଲେ। ତେବେ ରୁଚିକାଙ୍କ ମା'ଙ୍କୁ ପୋଲିସ ବଳପୂର୍ବକ ଉଠାଇ ନେବା ପ୍ରସଙ୍ଗ ବିଧାନସଭାରେ ଉଠାଯିବ କହି ବୁଧବାର ଗୃହରେ ବିରୋଧୀ ଚୁପ୍ ରହିବା ଘଟଣାରେ ବରିଷ୍ଠ ଭାଜପା ନେତା ଜୟନାରାୟଣ ମିଶ୍ର କହିଛନ୍ତି, ଆଦିବାସୀଙ୍କ ଉପରେ ପୋଲିସ ମାଡ଼ ମାରିବା ଘଟଣାରେ ଗୃହ ବନ୍ଦ ହୋଇଯିବା କାରଣରୁ ଉକ୍ତ ପ୍ରସଙ୍ଗ ଉଠିପାରି ନ ଥିଲା।

### ଦିନକରେ ୭୪୩ ...

ଡା. ବିଜୟ ମହାପାତ୍ର କହିଛନ୍ତି, ରାଜ୍ୟରେ କରୋନା ଗ୍ରାଫ୍ ଉପରମୁହାଁ ରହିଛି। ସଂକ୍ରମଣ ଏବେ ଧୀର ଗତିରେ ବଢୁଛି। ପ୍ରଥମ, ଦ୍ୱିତୀୟ ଲହର ପରି ଏହା କ୍ଷିପ୍ର ବେଗରେ ଆଗକୁ ବଢ଼ିବ ନାହିଁ। ସମାନ୍ତରାଳ ସ୍ଥିତିକୁ ଆସିବା ପରେ ହିଁ ଖସିବ। ଅନ୍ୟ ରାଜ୍ୟରେ ଯେଉଁଭଳି ସଂକ୍ରମଣ ଖସୁଛି, ତାହାକୁ ଆକଳନ କଲେ ଅଗଷ୍ଟ ଦ୍ୱିତୀୟ ସପ୍ତାହ ସୁଦ୍ଧା ଓଡ଼ିଶା ଭଲ ସ୍ଥିତିକୁ ଆସିବ। ରଥଯାତ୍ରା ସରିଥିବାରୁ ଏବେ ରାଜ୍ୟରେ ସଂକ୍ରମଣ ବୃଦ୍ଧି ଆଶଙ୍କା ରହିଛି। ବିଭିନ୍ନ ଅଞ୍ଚଳରୁ ଆସିଥିବା ଲୋକ ନିଜ ନିଜ ଘରକୁ ଫେରିଛନ୍ତି। ତେଣୁ ବିଭିନ୍ନ ଜିଲାର କରୋନା ସ୍ଥିତି ଉପରେ ନଜର ରଖାଯାଇଛି। କମ୍ୟୁନିଟି ପଜିଟିଭିଟି ପାଇଁ ବିଭିନ୍ନ ଜିଲାର ସ୍ଥିତିକୁ ତର୍ଜମା କରାଯାଉଛି। ସଂକ୍ରମଣ ବୃଦ୍ଧି ହେବା ସହ ତାହାର ଆକାର ଉପରେ ନଜର ରଖାଯାଇଛି। ଚଳିତ ଲହରରେ କରୋନାରେ ଜଣେ ୭୮ ବର୍ଷୀୟ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ବିଭିନ୍ନ ରୋଗରେ ପୀଡ଼ିତ ଥିଲେ। ତେଣୁ ବହୁବିଧ ରୋଗରେ ଆକ୍ରାନ୍ତ ବ୍ୟକ୍ତି ସବୁବେଳେ ସତର୍କତା ଅବଲମ୍ବନ କରିବା ଉଚିତ। ଟିକା ନେଇ ନ ଥିବା ଲୋକେ ଟିକା ନେଇଯିବା ପାଇଁ ସ୍ୱାସ୍ଥ୍ୟ ନର୍ଦ୍ଦେଶକ ପରାମର୍ଶ ଦେଇଛନ୍ତି। ସେପଟେ ରାଜ୍ୟରେ ଚିହ୍ନଟ ହୋଇଥିବା ନୂଆ ୭୪୩ ଆକ୍ରାନ୍ତଙ୍କ ମଧ୍ୟରେ ୧୮ ବର୍ଷରୁ କମ୍ ବର୍ଗର ୮୭ ଜଣ ଅଛନ୍ତି। ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୩୦୩ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ କଟକରୁ ୧୧୫, ସୁନ୍ଦରଗଡ଼ ୬୫, ପୁରୀ ୩୬, ମୟୂରଭଞ୍ଜ ୧୬, ସମ୍ବଲପୁର ୧୪, ଯାଜପୁର ୧୨, ବାଲେଶ୍ୱର ୧୨, ଜଗତ୍‌ସିଂହପୁର ୧୧, କୋରାପୁଟ ୧୦, ନୂଆପଡ଼ା ଓ ନୟାଗଡ଼ରୁ ୧୧ ଲେଖାଏ, ବୌଦ୍ଧ, ଭଦ୍ରକ ଓ ଦେବଗଡ଼ରୁ ୮ ଲେଖାଏ, ନବରଙ୍ଗପୁର ଓ ସୋନପୁରରୁ ୭ ଲେଖାଏ, ଝାରସୁଗୁଡ଼ା ୬, କେନ୍ଦୁଝର ୫, ବରଗଡ଼, କେନ୍ଦ୍ରାପଡ଼ା ଓ ବଲାଙ୍ଗୀରରୁ ୪ ଲେଖାଏ, ରାୟଗଡ଼ା ୩, କଳାହାଣ୍ଡି ଓ ଗଜପତିରୁ ୨ ଲେଖାଏ ଏବଂ ଗଞ୍ଜାମରୁ ଜଣେ ଚିହ୍ନଟ ହୋଇଛନ୍ତି। ଏମାନଙ୍କୁ ମିଶାଇ ରାଜ୍ୟରେ ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୧୨,୯୫,୩୨୮ରେ ପହଞ୍ଚିଛି। ।

### ଗୃହରେ ହଙ୍ଗୋଳ ...

ବର୍ଷୀୟା ଆଦିବାସୀ ମହିଳା, ଜଣେ ଗର୍ଭବତୀ ଓ ଜଣେ ୧୪ ବର୍ଷର ନାବାଳିକାଙ୍କୁ ପୋଲିସ ରାତିଅଧରେ ମାଡ଼ ମାରିଛି। ଏସ୍‌ଡିପିଓ ତାଙ୍କର ପ୍ରାଇଭେଟ ପାର୍ଟରେ ବାଡ଼ିରେ ବାଡ଼େଇଛନ୍ତି। କଂଗ୍ରେସର ୪ ଜଣିଆ ସଦସ୍ୟ ସେହି ମହିଳାଙ୍କୁ ଭେଟିଛନ୍ତି। ତାହାର ପ୍ରମାଣ ରହିଛି। ବିନା ମହିଳା ପୋଲିସରେ ଆଦିବାସୀ ମହିଳାଙ୍କୁ ମାଡ଼ ମରାଯାଇଛି। ଏସ୍‌ଡିପିଓ ମଦ ପିଇ ଏହି କାଣ୍ଡ କରିଛନ୍ତି। ଏ ସମ୍ପର୍କରେ ଜିଲାପାଳ ଓ ଏସ୍‌ପିଙ୍କୁ ଜଣାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହେଉନାହିଁ। ଏହି ଘଟଣାର ଜଣେ ସିଟିଂ ମାଜିଷ୍ଟ୍ରେଟଙ୍କ ଦ୍ୱାରା ତଦନ୍ତ କରାଯାଉ। ଏସ୍‌ଡିପିଓଙ୍କୁ ତୁରନ୍ତ ନିଲମ୍ବନ କରିବାକୁ ସେ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କଂଗ୍ରେସ ସଭ୍ୟ ସନ୍ତୋଷ ସିଂ ସାଲୁଜା ଏହି ପ୍ରସଙ୍ଗକୁ ନେଇ ସରକାରଙ୍କୁ ଜୋରଦାର ଆକ୍ରମଣ କରିଥିଲେ। ସେ କହିଥିଲେ ଯେ ଏସ୍‌ଡିପିଓ ଅଂଶୁମାନ ଦ୍ୱିବେଦୀ ଜୁନ୍ ୫ ତାରିଖ ରାତି ଗୋଟାଏରେ ଆଦିବାସୀ ମହିଳାଙ୍କୁ ନିବସ୍ତ୍ର କରି ମାଡ଼ ମାରିଛନ୍ତି। ୪ ଜଣ ମହିଳାଙ୍କ ମଧ୍ୟରୁ ୨ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ସେମାନଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇଥିଲା। ଏସ୍‌ଡିପିଓଙ୍କ ନାମରେ ଏଫ୍ଆଇଆର ଦେଲେ ମଧ୍ୟ ତାହା ଗ୍ରହଣ କରାଗଲା ନାହିଁ। ତୁରନ୍ତ ଏହି ଘଟଣାର ବିଚାର ବିଭାଗୀୟ କିମ୍ବା ମାଜିଷ୍ଟ୍ରେଟସ୍ତରୀୟ ତଦନ୍ତ କରାଯାଉ। ଭାଜପା ସଭ୍ୟ ମୋହନ ଚରଣ ମାଝି ପୋଲିସର ଏଭଳି ଅମାନୁଷିକ କାଣ୍ଡକୁ ନେଇ ଗଭୀର ଉଦ୍‌ବେଗ ପ୍ରକାଶ କରିଥିଲେ। ସେ କହିଥିଲେ ଯେ ଯେଉଁମାନେ ରକ୍ଷକ ସେହିମାନେ ଭକ୍ଷକ ସାଜୁଛନ୍ତି। ଆମେ ଆଦିବାସୀ ସୁରକ୍ଷିତ ନୋହୁଁ। ଯେଉଁ ଆଦିବାସୀମାନେ ବଞ୍ଚିବା ପାଇଁ ଦିନ ରାତି ସଂଘର୍ଷ କରୁଛନ୍ତି ସେମାନଙ୍କୁ ମାଡ଼ ମରାଯାଉଛି। ଏହି ଘଟଣାର ତଦନ୍ତ ପାଇଁ ଏକ ଗୃହ କମିଟି ଗଠନ କରାଯାଉ। ଏହା କହି ସେ ଗୃହର ମଧ୍ୟଭାଗକୁ ଆସି ହଙ୍ଗୋଳ କଲେ। କଂଗ୍ରେସ ଓ ଭାଜପା ସଭ୍ୟମାନେ ମିଳିତ ହୋଇ ଏହି ଘଟଣାକୁ ବିରୋଧ କରିବା ସହ ଗୃହର ମଧ୍ୟଭାଗରେ ପାଟିତୁଣ୍ଡ କରିଥିଲେ। ବାଚସ୍ପତି ଗୃହକୁ ମୁଲତବୀ ଘୋଷଣା କରି ଆଲୋଚନା ପାଇଁ ବିରୋଧୀ ଦଳଙ୍କୁ ଆମନ୍ତ୍ରଣ କରିଥିଲେ। କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର, ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝି, ସଂସଦୀୟ ବ୍ୟାପାର ମନ୍ତ୍ରୀ, ସରକାରୀ ଦଳ ମୁଖ୍ୟ ସଚେତକ, କଂଗ୍ରେସ ସଭ୍ୟ ସନ୍ତୋଷ ସିଂ ସାଲୁଜା ଓ ତାରାପ୍ରସାଦ ବାହିନୀପତିଙ୍କୁ ଆଲୋଚନା ପାଇଁ ବୈଠକରେ ଯୋଗ ଦେବାକୁ ବାଚସ୍ପତି କହିଥିଲେ। ଏଥିପାଇଁ ଗୃହକୁ ମଧ୍ୟାହ୍ନ ୧୨ଟାରୁ ବିଭିନ୍ନ ପର୍ଯ୍ୟାୟରେ ଅପରାହ୍ନ ୪ଟା ଯାଏ ମୁଲତବୀ ଘୋଷଣା କରାଯାଇଥିଲା। ଏହି ଘଟଣା ଉପରେ ଗୃହରେ ଅଚଳାବସ୍ଥା ଦେଖା ଦେବାରୁ ବାଚସ୍ପତି ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କୁ ବିଧାନସଭାରେ ବିବୃତି ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଅପରାହ୍ନ ଅଧିବେଶନରେ ଗୃହ ରାଷ୍ଟ୍ରମନ୍ତ୍ରୀ ଏ ନେଇ ବିବୃତି ଦେବା ସହ ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି ବୋଲି ଗୃହକୁ ଅବଗତ କରାଇଥିଲେ।

### ରଣୀ ମହିଳାଙ୍କୁ ...

ଦେଇଥିବା ବୟାନ ଅନୁସାରେ ଭୋର ୩ ଟା ୫୬ ମିନିଟ୍ ୩୦ ସେକେଣ୍ଡରେ ତାଙ୍କୁ କେହି ଏସିଡ୍ ମାଡ଼ କରି ଫେରାର ହୋଇଯାଇଥିଲେ। ଫଳରେ ପିଠିରୁ ଧୂଆଁ ବାହାରୁଥିବା ଅବସ୍ଥାରେ ସେ ଘର ନିକଟରେ ଥିବା ଏକ ଜଳଖିଆ ଦୋକାନକୁ ଧାଇଁ ପଳାଇଥିଲେ। ସେଠାରେ ଉକ୍ତ ଜଳଖିଆ ଦୋକାନୀ ତାଙ୍କ ଦେହରେ ପାଣି ପକାଇଲା ପରେ ସେ ଘରକୁ ଫେରି ପୋଲିସକୁ ଫୋନ୍ କରି ଘଟଣା ସମ୍ପର୍କରେ ଜଣାଇଥିଲେ। ସେ ଘରୁ ବାହାରି ନିକଟସ୍ଥ ଦୋକାନକୁ ଦୌଡ଼ି ଯାଉଥିବାର ଦୃଶ୍ୟ ସିସିଫୁଟେଜରୁ ଦେଖିବାକୁ ମିଳିଛି। ଶେଷ ସୂଚନା ଅନୁଯାୟୀ ପୋଲିସ ୪ ଅଭିଯୁକ୍ତ ପଦ୍ମ ସାହୁ, ଈଶ୍ୱର ସାହୁ, ମୀନତି ପରିଡ଼ା ଏବଂ ମଞ୍ଜୁ ବେହେରାଙ୍କ ନାମରେ ଏକ ମାମଲା(ନଂ.୧୪୧/୨୦୨୨) ରୁଜୁ କରିଛି। ପ୍ରକାଶ ଯେ, ଗତ ୮ଦିନ ତଳେ ରୀନା ଦେଇଥିବା ଏକ ଦୋକାନକୁ ଋଣ ଦେଇଥିବା କେତେକ ଲୋକ ତାଲା ପକାଇଦେଇଥିବା ନେଇ ଭାରତ ଅଭିଯୋଗରେ ଦର୍ଶାଇଛନ୍ତି।

### ଶ୍ରୀଲଙ୍କାରେ ପୁଣି ...

କାର୍ଯ୍ୟକ୍ରମ ପ୍ରସାରଣ ସାମୟିକ ଭାବେ ବନ୍ଦ କରାଯାଇଛି। ଶ୍ରୀଲଙ୍କାରେ ଭବିଷ୍ୟତ କାର୍ଯ୍ୟପନ୍ଥା ସ୍ଥିର ପାଇଁ ଆସନ୍ତା ୨୦ରେ ନୂଆ ରାଷ୍ଟ୍ରପତି ବାଛିବା ଲାଗି ନିର୍ବାଚନ କରାଯିବାକୁ ଥିବାବେଳେ ପୂର୍ବତନ ରାଷ୍ଟ୍ରପତି ମୈତ୍ରିପାଳ ସିରିସେନାଙ୍କ ପକ୍ଷରୁ ପ୍ରତିକ୍ରିୟା ଆସିଛି। ରାଷ୍ଟ୍ରପତି ଓ କାମଚଳା ରାଷ୍ଟ୍ରପତିଙ୍କ ପାଖରେ ଦେଶ ଚଳାଇବା ପାଇଁ ଜନାଦେଶ ନାହିଁ। ସେମାନଙ୍କ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରାଯାଇପାରିବ ନାହିଁ। ସେହିପରି ବିରୋଧୀ ଦଳ ନେତା ସାଜିଥ୍ ପ୍ରେମାଦାସା ଟୁଇଟ୍ କରିଛନ୍ତି, ଜଣେ ଏମ୍‌ପି, ଯାହାଙ୍କ କେବଳ ଗୋଟିଏ ଆସନ ରହିଛି, ତାଙ୍କୁ ପ୍ରଧାନମନ୍ତ୍ରୀ ପରେ କାମଚଳା ରାଷ୍ଟ୍ରପତି ନିଯୁକ୍ତ କରାଯାଇଛି। ଏହା ହେଉଛି ରାଜପାକ୍ସେ ଶୈଳୀର ଗଣତନ୍ତ୍ର। ସେପଟେ ମାଳଦ୍ୱୀପର ମଜଲିସ୍ (ପାର୍ଲାମେଣ୍ଟ) ବାଚସ୍ପତି ତଥା ପୂର୍ବତନ ରାଷ୍ଟ୍ରପତି ମହମ୍ମଦ ନାଶିଦ୍ ଗୋଟାବାୟାଙ୍କୁ ମାଲେକୁ ନେବା ପଥ ପରିଷ୍କାର କରିଥିବା କୁହାଯାଉଛି। ତେବେ ମାଳଦ୍ୱୀପ ନ୍ୟାଶନାଲ ପାର୍ଟି (ଏମ୍‌ଏନ୍‌ପି) ନେତା ତଥା ପୂର୍ବତନ ବହିର୍ବ୍ୟାପାର ମନ୍ତ୍ରୀ ଦୁନ୍ୟା ମଉମୁନ ଏହାକୁ ସମାଲୋଚନା କରିଛନ୍ତି। ପଡ଼ୋଶୀ ଶ୍ରୀଲଙ୍କାର ଜନସାଧାରଣଙ୍କ ଭାବାବେଗକୁ ମାଳଦ୍ୱୀପ ସମ୍ମାନ ଦେବା ଉଚିତ ଥିଲା ବୋଲି ସେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ମିଳିଥିବା ସୂଚନାନୁସାରେ ଗୋଟାବାୟା ମାଳଦ୍ୱୀପରୁ ସିଙ୍ଗାପୁର ଗସ୍ତ କରିବେ। ସେଠାରେ ପହଞ୍ଚିବା ପରେ ନିଜ ଇସ୍ତଫାପତ୍ର ବାଚସ୍ପତିଙ୍କ ନିକଟକୁ ପଠାଇବେ। ଅନ୍ୟପକ୍ଷେ ଗୋଟାବାୟାଙ୍କ ପଳାୟନରେ କଲମ୍ବୋସ୍ଥିତ ଭାରତୀୟ ଉଚ୍ଚାୟୁକ୍ତ ସହାୟତା କରିଥିବା ନେଇ କେତେକ ରିପୋର୍ଟ ପ୍ରକାଶ ପାଇଛି। ଏହାକୁ ଭିତ୍ତିହୀନ ଓ କପୋଳକଳ୍ପିତ କହି ଉଚ୍ଚାୟୁକ୍ତଙ୍କ କାର୍ଯ୍ୟାଳୟ ଖଣ୍ଡନ କରିଛି। ପ୍ରକାଶ ଯେ, ବିଦେଶୀ ଋଣ ଭାରରେ ନଇଁପଡ଼ିଥିବା ପଡ଼ୋଶୀ ଦ୍ୱୀପରାଷ୍ଟ୍ର ଶ୍ରୀଲଙ୍କାରେ ଦରଦାମ ବୃଦ୍ଧି ଯୋଗୁ ପ୍ରାୟ ୪ ମାସ ଧରି ଲୋକେ ଆନ୍ଦୋଳନ ଚଳାଇଛନ୍ତି। ଏହାକୁ ନେଇ ଗତ ମେ'ରେ ମଧ୍ୟ ଏମର୍ଜେନ୍ସି ଜାରି କରାଯାଇଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**



ପାରିବାରିକ ପରିସ୍ଥିତି ପୂର୍ବପରି ରହିବା କାରଣରୁ କେତେକାଂଶରେ ଆଶ୍ୱସ୍ତି ଲାଭ କରିବେ। ଆଲୋଚନା ପରିସରରେ ଯୁକ୍ତିତର୍କ କରିବା ଦ୍ୱାରା ସମସ୍ୟା ସୃଷ୍ଟି ହୋଇପାରେ। କର୍ମକ୍ଷେତ୍ରରେ ସ୍ଥଗିତ କାମ ପାଇଁ ଅନ୍ୟକୁ କୈଫିୟତ୍ ଦେବାକୁ ପଡ଼ିପାରେ। ଲକ୍ଷ୍ୟ ହାସଲ କରିବାରେ ବିଭିନ୍ନ ପ୍ରତିବନ୍ଧକର ସାମ୍ନା କରିବାକୁ ପଡ଼ିବ।

**ବୃଷ**



ବିଭିନ୍ନ ସମସ୍ୟା ରହିଥିଲେ ମଧ୍ୟ କୌଣସି କାମ ଅଟକିବ ନାହିଁ। ପ୍ରତ୍ୟେକ ଘଟଣାକୁ ସନ୍ଦେହଦୃଷ୍ଟିରେ ଦେଖିବେ,ଫଳରେ ମାନସିକ ସ୍ଥିରତା ରହି ନ ପାରେ। ସ୍ୱାସ୍ଥ୍ୟ ସମସ୍ୟା ପୂର୍ବପରି ରହିବା କାରଣରୁ ସାମୟିକ ବିଚଳିତ ହୋଇପାରନ୍ତି। ଆଗପଛ ବିଚାର ନ କରି ଅନ୍ୟକୁ ବିଶ୍ୱାସ କରିବା ଦ୍ୱାରା ପ୍ରତାରିତ ହୋଇପାରନ୍ତି।

**ମିଥୁନ**



ଦୀର୍ଘଦିନରୁ ବହୁ ପ୍ରତୀକ୍ଷିତ ଖବରଟି ଅପରାହ୍ନେ ପାଇପାରନ୍ତି। କଳା, ସାହିତ୍ୟ, କ୍ରୀଡ଼ା, ଚଳଚ୍ଚିତ୍ର ପ୍ରଭୃତିରେ ଉନ୍ନତି କରିବେ। ଉଚ୍ଚଶିକ୍ଷା, ସନ୍ତାନଙ୍କ ସମସ୍ୟା, ଜମିଜମା କାରବାର ପ୍ରଭୃତି ବିଭିନ୍ନ ପ୍ରକାର କାମରେ ମନୋନିବେଶ କରିପାରନ୍ତି। ଶିଳ୍ପ, ବାଣିଜ୍ୟ, ପରିବହନରେ ଉନ୍ନତି କରିବେ।

**କର୍କଟ**



କାମ ନ ଅଟକିଲେ ମଧ୍ୟ ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମିଯାଇପାରେ। ଆର୍ଥିକ ଅନଟନ ଲାଗିରହିଲେ ମଧ୍ୟ ପରିସ୍ଥିତିକୁ ସମ୍ଭାଳି ନେବେ। ବନ୍ଧୁଙ୍କ ନିକଟରୁ ମୂଲ୍ୟବାନ୍ ଦ୍ରବ୍ୟ ପାଇପାରନ୍ତି। ଆତ୍ମୀୟମାନେ ସାହାଯ୍ୟର ପ୍ରତିଶ୍ରୁତି ଦେବା ହେତୁ ବ୍ୟବସାୟିକ ଦିଗଟି ଭଲ ରହିବ।

**ସିଂହ**



ବିଭିନ୍ନ ସମସ୍ୟା ମଧ୍ୟରେ ଗତିକରି ମାନସିକ ସ୍ଥିତି ଭଲ ରହି ନ ପାରେ। କର୍ମକ୍ଷେତ୍ରରେ ଦ୍ୱନ୍ଦ୍ୱରେ ପଡ଼ି ପ୍ରତ୍ୟେକ କଥାକୁ ଠିକ୍ ଭାବେ ବୁଝିପାରିବେନି। ବନ୍ଧୁମାନେ ଅସହଯୋଗ କରି ସମସ୍ୟା ବୃଦ୍ଧି କରି ପାରନ୍ତି। ମାନସିକ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ହେବନାହିଁ।

**କନ୍ୟା**



ବନ୍ଧୁଙ୍କ ସାହାଯ୍ୟରୁ ଆଜିର କାମ ଅତି ସହଜ ଓ ସୁବିଧାରେ ସମ୍ପନ୍ନ ହୋଇଯିବ। କାର୍ଯ୍ୟଦକ୍ଷତା ହେତୁ କର୍ମକ୍ଷେତ୍ରରେ ସମ୍ମାନଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ପରିବାରରେ ଭାଇଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିବେ। କରଜଦାତାଙ୍କ ଚାପ ବୃଦ୍ଧି ଯୋଗୁ ଅର୍ଥ ସମ୍ପର୍କିତ ଚିନ୍ତାରେ ଚିନ୍ତିତ ରହିବେ।

**ତୁଳା**



ସକାଳୁ ସକାଳୁ କୌଣସି ଶୁଭଖବର ପାଇ ମନ ଖୁସି ହୋଇଯିବ। ଅର୍ଥ ଓ ସମ୍ମାନ ପାଇବେ ଏବଂ ଏହା ସାଙ୍ଗକୁ ବନ୍ଧୁବର୍ଗଙ୍କ ସହାନୁଭୂତି ଯୋଗୁ କର୍ମମୁଖର ହେବେ। ଆଜି ଦିନଟିରେ ଘର କାମ ଛାଡ଼ି ବାହାର କାମରେ ବେଶି ସମୟ କଟାଇବାକୁ ପଡ଼ିବ। ଶାରୀରିକ ପରିଶ୍ରମଜନିତ କ୍ଳାନ୍ତି ଅନୁଭବ କରିବେ।

**ବିଛା**



ପାରସ୍ପରିକ ଉତ୍ତମ ବୁଝାମଣା କାରଣରୁ ପାରିବାରିକ ଜୀବନ ସୁଖ ସନ୍ତୋଷରେ କଟିବ। ଗଠନମୂଳକ ପ୍ରସ୍ତାବ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। କଳା, କ୍ରୀଡ଼ା, ସାହିତ୍ୟ ତଥା ସାଂସ୍କୃତିକ କାର୍ଯ୍ୟକ୍ରମରୁ ପ୍ରଶଂସିତ ହୋଇପାରନ୍ତି। ସରକାରୀସ୍ତରରୁ ପଦୋନ୍ନତିର ସୂଚନା ପାଇ ମନ ଖୁସି ହୋଇଯିବ।

**ଧନୁ**



ଆଜିର ଯାତ୍ରା, ବାଣିଜ୍ୟ,ବନ୍ଧୁମିଳନ, ଅର୍ଥସମ୍ପର୍କ ପ୍ରଭୃତିରୁ ସୁଫଳ ପାଇବେ। ସମସ୍ତ କାମ ଠିକ୍‌ଠାକ୍ ଚାଲିବ ଓ କୌଣସି ପ୍ରକାର ଅସୁବିଧା ହେବନାହିଁ। ନିର୍ମାଣାଧୀନ କାମ, ନୂତନ ଚୁକ୍ତିପତ୍ର, ସଭାସମିତି, ଆନୁଷ୍ଠାନିକ କାମ ସାମାନ୍ୟ ସମସ୍ୟା ମଧ୍ୟରେ ସମ୍ପନ୍ନ ହୋଇପାରେ। ପରିବହନ ପାଇଁ ବିଶେଷ ଅସୁବିଧା ହେବନାହିଁ।

**ମକର**



ନିଜର ଦୂରଦର୍ଶିତା ହେତୁ ପାରିବାରିକ ଜୀବନ ସୁଖ ସନ୍ତୋଷରେ କଟିବ। କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ। ପ୍ରତିବେଶୀଙ୍କ ସୌହାର୍ଦ୍ଦ୍ୟରୁ ଉପକୃତ ହେବେ। ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିବ। ବାରମ୍ବାର ଡାକ୍ତରଙ୍କ ପରାମର୍ଶ ପାଇଁ ଦୌଡ଼ିବାକୁ ପଡ଼ିପାରେ।

**କୁମ୍ଭ**



ହାତକୁ ନେଇଥିବା କାମଗୁଡ଼ିକ ସହଜ ଓ ସୁବିଧାରେ ସମ୍ପନ୍ନ ହୋଇଯିବ। ପଡ଼ୋଶୀଙ୍କଠାରୁ ଶୁଭଖବର ପାଇ ଖୁସି ହେବେ। ପିଲାମାନଙ୍କ ପଢ଼ାସମସ୍ୟା ନେଇ ମନ ଭାରାକାନ୍ତ ରହିପାରେ। ପରିବାରରେ ପୁରୁଣା କଥାକୁ ବେଶି ଦୋହରାଇବା ଠିକ୍ ହେବନି।

**ମୀନ**



ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣାଧୀନ ରହିବ। ଅଳଙ୍କାର, ଔଷଧପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। ଅନ୍ୟର ଉପକାର ଚିନ୍ତା କରି ପ୍ରତିଦାନରେ କିଛି ପାଇବେ ନାହିଁ। କଳା, କ୍ରୀଡ଼ା, ସଙ୍ଗୀତ, ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ରରୁ ସୁଫଳ ମିଳିବ।


# classifieds Everyday
**0674-2580101, 2549302**





**SALE**

ଭୁବନେଶ୍ୱରରେ Rs.350/-sqft.ରେ installment ସୁବିଧାରେ ସ୍ଥିତିବାନ୍ plot ବିକ୍ରିହେବ। 9937816565, 8249017091. D-966

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. plotକୁ 3,60,000/- (outright). 9439660381. D-73280

Commercial shop for sale, 192sqft. super built-up, Forest Park, Unit-6, Bhubaneswar. Contact: 9853511278, 9937928349. D-70281

ଭୁବନେଶ୍ୱର **IIT** ଅରଗୁଳ ରେଲ୍‌ୱେ ଷ୍ଟେସନ୍ ନିକଟରେ **Road,** ଇଲେକ୍ଟ୍ରିପୋଲ୍, **Plantation** ଥାଇ **well developed** ପ୍ଲଟ୍ **sqft.-270/-**ରେ କିଣନ୍ତୁ। **8018603523, 9348767829.** D-73273

କଟକ-ଭୁବନେଶ୍ୱର ମଧ୍ୟରେ ନିର୍ମିତ Grandbazar (NH-16) ସମ୍ମୁଖରୁ 1K.M. ଦୂରତାରେ ବାସୋପଯୋଗୀ ପ୍ଲଟ୍ କିଣନ୍ତୁ ଓ ଗୃହ ନିର୍ମାଣ କରନ୍ତୁ। 6371200121. D-73279

**Immediate** ଘରକରି ରହିବା ପାଇଁ ଭିଙ୍ଗାରପୁରଠାରେ **sqft. 500/** ବାଳକାଟିରେ **sqft.1000/-.8114929186.** D-73936

Rangabazar, Tankapani Road, near SBI, 1750 sqft. @ 1700. Genuine buyers only may contact 8658386267. D-986

**PURCHASE**

Wanted land in Bhubaneswar based on sharing & marketing. 9937816565, 8249017091. D-967





5000 Sqft. ground floor office cum godown space available for rent at Gautam Nagar, Bhubaneswar near Kalpana Square. Contact: 9776117523. D-71349





Refreshing your mind and body with the best therapy, 7873794731. D-872

Refreshments rejuvenation body massage therapy with experienced therapists, Bhubaneswar. 7854099233. D-73844

Ayurvedic full body massage ladies, gents with best therapy. 9040900385. D-73933

Newly open full body massage ladies & gents available. 8093726714. D-73620

**One hour any therapy by expert therapist @999 only. 9078484455.** D-73621

Trupti Spa, 9861550765. Our genuinety is our strength. Stay safe. D-925

**Relax, Refresh your body, Mind at Saikrupa Spa with best therapies. 8984068077.** D-980

Newly open Spa @899/- full body massage expert Therapist - 8093577103. D-73838

Full body massage in homely atmosphere all therapy. Mob.- 8114881641. D-73415

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


**ମାନ୍ୟବର ଅତିରିକ୍ତ କମିଶନର, ଅତିରିକ୍ତ ରିଭିଜନ କୋର୍ଟ ନଂ.୨**
**୪ର୍ଥ ମହଲା, ହେଡ୍ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ, ଭୁବନେଶ୍ୱର, ଜିଲା- ଖୋର୍ଦ୍ଧା**
**ଆର.ପି. କେସ୍ ନଂ. ୪୫୩/୧୪**

I.R. No.-1165
Date-12.07.22

ଆରାଧନା ମହାପାତ୍ର ... ... ... ବାଦୀ

ବନାମ

ବିଚିତ୍ରା ଦେଈ ଓ ଅନ୍ୟମାନେ ... ... ... ପ୍ରତିବାଦୀମାନେ

ପ୍ରତିବାଦୀ ନଂ.-୧- ବିଚିତ୍ରା ଦେଈ, ସ୍ୱାମୀ-୰ ଭାଗବତ ଚରଣ ରାଉତ।
ପ୍ରତିବାଦୀ ନଂ.-୨- ମାନଗୋବିନ୍ଦ ରାଉତରାୟ, ପିତା- ୰ ଭାଗବତ ଚରଣ ରାଉତ, ଉଭୟଙ୍କର ସା- ଝାରପଡ଼ା, ପୋ./ଥା.- ଲକ୍ଷ୍ମୀସାଗର, ଭୁବନେଶ୍ୱର, ଜିଲା- ଖୋର୍ଦ୍ଧା
ପ୍ରତିବାଦୀ ନଂ.-୧୮- ପବି ସାମନ୍ତରାୟ, ପିତା- ନିତ୍ୟାନନ୍ଦ ରାଉତ ଓରଫ ରାଉତରାୟ।
ପ୍ରତିବାଦୀ ନଂ.-୨୦- ଆଶା ରାଉତ, ପିତା- ନିତ୍ୟାନନ୍ଦ ରାଉତ ଓରଫ ରାଉତରାୟ ଉଭୟଙ୍କ ସା./ପୋ.- ଯାଆଁଳା, ଥାନା- ଜଟଣୀ, ଜିଲା- ଖୋର୍ଦ୍ଧା
ପ୍ରତିବାଦୀ ନଂ.-୧୨- ଲମ୍ବୋଦର ରାଉତ ଓରଫ ରାଉତରାୟ ।
ପ୍ରତିବାଦୀ ନଂ.-୧୩- ରସାମଣୀ ରାଉତ ଓରଫ ରାଉତରାୟ ଉଭୟଙ୍କ ପିତା- ଭ୍ରମର ରାଉତ ଓରଫ ରାଉତରାୟ
ପ୍ରତିବାଦୀ ନଂ.-୨୧- ବିଜୟୀ ରାଉତ ଓରଫ ରାଉତରାୟ, ପିତା- ନିତ୍ୟାନନ୍ଦ ରାଉତ ଓରଫ ରାଉତରାୟ। ଏ ସମସ୍ତଙ୍କର ସା./ପୋ.-ଯାଆଁଳା, ଥାନା- ଜଟଣୀ, ଜିଲା- ଖୋର୍ଦ୍ଧା

**ନୋଟିସ ସି.ପି.ସି. ଅର୍ଡର ୫ ରୁଲ୍ ୨୦ ମୁତାବକ**

ଉପରୋକ୍ତ ରିଭିଜନ କେସ୍ ବାଦୀ ଓଡ଼ିଶା ସର୍ଭେ ଓ ସେଟଲ୍‌ମେଣ୍ଟ ଆଇନ ଧାରା ୧୫ (ଖ) ଅନୁଯାୟୀ ମାନ୍ୟବର ଅତିରିକ୍ତ କମିଶନର, ଅତିରିକ୍ତ ରିଭିଜନ କୋର୍ଟ ନଂ.୨ ଇଜିଲାସରେ ଦାଖଲ କରିଅଛନ୍ତି ଯେହେତୁ ଉପରୋକ୍ତ ମାମଲାର ପ୍ରତିବାଦୀ ନଂ. ୧, ୨, ୧୮, ୨୦ ଙ୍କୁ ନୋଟିସ ଜାରି ହୋଇ ସେମାନେ ମୃତ ଥିବାର ବୋଲି ଫେରସ୍ତ ଆସିଅଛି ଓ ପ୍ରତିବାଦୀ ନଂ. ୧୨, ୧୩ ଓ ୨୧ ଭୁଲ ଠିକଣା ବୋଲି ଫେରସ୍ତ ଆସିଅଛି । ସେଥିପାଇଁ ଉକ୍ତ ବିଜ୍ଞାପନ ମାଧ୍ୟମରେ ପ୍ରତିବାଦୀ ନଂ. ୧, ୨, ୧୮, ୨୦ଙ୍କ ଯଦି କେହି ୱାରସ ଥାଆନ୍ତି ଓ ପ୍ରତିବାଦୀ ନଂ. ୧୨, ୧୩ ଓ ୨୧ଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଯେ, ଉପରୋକ୍ତ ମାମଲାର ଶୁଣାଣି ମାନ୍ୟବର କମିଶନର, ଭୁବନେଶ୍ୱର ସ୍ଥିତ କ୍ୟାମ୍ପ କୋର୍ଟ କାର୍ଯ୍ୟାଳୟଠାରେ ଆସନ୍ତା ତା୧୨।୦୮।୨୦୨୨ରିଖ ଦିବା ଘ.୧୧.୦୦ ସମୟରେ କରାଯିବା ନିମନ୍ତେ ସ୍ଥିର କରାଯାଇଅଛି । ବାଦୀଙ୍କ ଦ୍ୱାରା ଦାଖଲ ହୋଇଥିବା ଉକ୍ତ କେସ୍‌ର ତଫସିଲଭୁକ୍ତ ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

**ତଫସିଲ ଜମିର ବିବରଣୀ**

ମୌଜା- ଚଣ୍ଡିହତା, ଥାନା- ଜଟଣୀ, ତହସିଲ- ଜଟଣୀ, ଜିଲ୍ଲା- ଖୋର୍ଦ୍ଧା

| ସାବିକ ଖାତା | ସା. ପ୍ଲଟ୍ ନଂ. | ଏରିଆ | ହା. ଖାତା ନଂ. | ହା. ପ୍ଲଟ୍ ନଂ. | ଏରିଆ |
|---|---|---|---|---|---|
| ୬ | ୨୭ ସବ୍‌ପ୍ଲଟ ନଂ. ୧୪୭ | ଏ.୦.୦୫୫ ୨୪୦୦ ବର୍ଗଫୁଟ | ୩୬ | ୧୧୪ | ଏ୦.୦୫୫ଡି. |

ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀ ନଂ.୧, ୨, ୧୮, ୨୦ଙ୍କର ଯଦି ୱାରିସ ଥାଆନ୍ତି ତେବେ ସେମାନେ ନିଜେ କିମ୍ବା ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧି ଜରିଆରେ ଓ ପ୍ରତିବାଦୀ ନଂ.୧୨, ୧୩ ଓ ୨୧ମାନେ ସେମାନେ କିମ୍ବା ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧି ଜରିଆରେ ନିର୍ଦ୍ଧାରିତ ତାରିଖ ଓ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ହୋଇ ଉପରୋକ୍ତ ମାମଲାରେ ପକ୍ଷଭୁକ୍ତ ହେବା ନିମନ୍ତେ ଆପତ୍ତି କରିପାରିବେ ଓ ଉପରୋକ୍ତ ମାମଲାର ଶୁଣାଣିରେ ଅଂଶଗ୍ରହଣ କରିପାରିବେ । ଅନ୍ୟଥା ଆଇନାନୁଯାୟୀ ଉକ୍ତ ମୋକଦ୍ଦମା ଫଏସଲା କରାଯିବ ।

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କର ଆଦେଶ ଅନୁଯାୟୀ
**କୋର୍ଟ ଅଫିସର**

ଧ-୧୮୯

# ଉଇହୁଙ୍କାରେ ସାପ



ଦେବଦତ୍ତ ପଟ୍ଟନାୟକ

ଭାରତୀୟ ସଂସ୍କୃତି ଓ ଧର୍ମୀୟ ପରମ୍ପରାରେ ଅତି ପବିତ୍ର ଛବି ସବୁ ରହିଛି। ସେଗୁଡ଼ିକ ମଧ୍ୟରୁ ଉଇହୁଙ୍କାରୁ ସାପ ବାହାରୁଥିବା ଛବି ସବୁଠୁ ପବିତ୍ର ବୋଲି କୁହାଯାଏ। ଏହାକୁ ଦିବ୍ୟତାର ପ୍ରତୀକ ଭାବେ ଗ୍ରହଣ କରାଯାଏ। ଉଇମାନେ ଦିନରାତି ଲାଗିପଡ଼ି ହୁଙ୍କା ତିଆରି କରିଥାନ୍ତି। ଏଗୁଡ଼ିକର ନିର୍ମାଣ ଶୈଳୀ ସମ୍ପୂର୍ଣ୍ଣ ପ୍ରାକୃତିକ ମନେହୁଏ। ଏହାକୁ ସେମାନେ ଏଭଳି ନିର୍ମାଣ କରିଥାନ୍ତି ଯେ, ତା' ମଧ୍ୟରେ ବାୟୁ ଚଳାଚଳ ଉତ୍ତମ ରହେ। ଏହା ମଧ୍ୟ ଉଇଙ୍କୁ ବନ୍ୟା ଓ ଶତ୍ରୁ ଦାଉରୁ ସୁରକ୍ଷା ଦିଏ । ତେବେ ଏତେ ସବୁ ଭଲ ବ୍ୟବସ୍ଥା କରି ମଧ୍ୟ ସବୁଦିନ ପାଇଁ ଉଇମାନେ ହୁଙ୍କାରେ ରହି ନ ଥାନ୍ତି। କୌଣସି ସମୟରେ ସେମାନଙ୍କ ଦ୍ୱାରା ନିର୍ମିତ ସେହି ବିଶାଳ ମାଟିସ୍ତୂପକୁ ଛାଡ଼ିଚାଲିଯାଆନ୍ତି। ପରେ ସାପମାନେ ତାହାକୁ ଦଖଲ କରିନିଅନ୍ତି ଓ ସେମାନେ ହୁଙ୍କାରେ ରହି ବାହ୍ୟ ଉତ୍ତାପରୁ ରକ୍ଷା ପାଇବା ସହ ସମ୍ଭାବ୍ୟ ଶତ୍ରୁଙ୍କ ନଜରରୁ ନିଜକୁ ସୁରକ୍ଷିତ ରଖିବାରେ ସକ୍ଷମ ହୋଇଥାଆନ୍ତି।

ଭାରତର ପୌରାଣିକ ଲୋକ କଥାରେ ସାପଟିଏ (ମୁଖ୍ୟତଃ ନାଗସାପ) ରହୁଥିବା ଉଇ ହୁଙ୍କାଗୁଡ଼ିକୁ ଆମ ଧର୍ମୀୟ ପରମ୍ପରାରେ ଏକ ଶ୍ରଦ୍ଧା ତଥା ଭକ୍ତି ଓ ଆଦରର ବିଷୟ ଭାବେ ଗ୍ରହଣ କରାଯାଇଥାଏ। ଏହି ହୁଙ୍କାଗୁଡ଼ିକୁ ବିଭିନ୍ନ ପ୍ରକାରେ ପୂଜା କରାଯାଏ। ସନ୍ତାନ ଆଶା କରୁଥିବା ମହିଳା ଏବଂ ଉତ୍ତମ ଫସଲ ଚାହୁଁଥିବା ଚାଷୀମାନେ ସାପ ରହୁଥିବା ହୁଙ୍କାରେ ଚନ୍ଦନ ଏବଂ ସିନ୍ଦୂର ଲଗାଇ ମନାସିଥାନ୍ତି। କେବଳ ଏତିକି ନୁହେଁ, ହୁଙ୍କା ଭିତରେ ଥିବା ସାପକୁ ଖାଦ୍ୟ ଆକାରରେ କ୍ଷୀର ଦେଇଥାନ୍ତି। ଏଭଳି ସବୁ ହୁଙ୍କାକୁ ନେଇ ଆମ ପରମ୍ପରାରେ ଦେଖିବାକୁ ମିଳେ ଅନ୍ୟ ଏକ କାହାଣୀ। ଏଗୁଡ଼ିକ ନିକଟରେ ଦେବୀ ସନ୍ତାନ ରୂପରେ ଆବିର୍ଭାବ ହୋଇଥାଆନ୍ତି ବୋଲି ପୁରାଣରେ ବର୍ଣ୍ଣନା ରହିଛି। ଏଣୁ ଏଭଳି ହୁଙ୍କା ଯେଉଁ ସବୁ ରାଜ୍ୟରେ ଥାଏ ସେଗୁଡ଼ିକୁ ସେଠାକାର ରାଜାମାନେ ଭକ୍ତି କରନ୍ତି ଓ ତାହାର ଯତ୍ନ ନେବା ସହ ତାହାକୁ ବଢ଼ିବାକୁ ଦେଇଥାନ୍ତି।

ଉଇହୁଙ୍କା ଓ ସାପକୁ ନେଇ ପୁରାଣରେ ଆହୁରି ଭିନ୍ନ କଥା ରହିଛି। ହୁଙ୍କାକୁ ଭୋଗବତୀ ଅର୍ଥାତ୍ ପାତାଳରେ ସାପମାନଙ୍କ ରାଜ୍ୟ ବା ନାଗଲୋକରେ ନାଗମାନଙ୍କ ରାଜଧାନୀକୁ ଏକ ବାଟ ବୋଲି ବିବେଚନା କରାଯାଏ। କୁହାଯାଏ, ଭୋଗବତୀରେ ସାପମାନେ ମସ୍ତକରେ ମଣି ଧାରଣ କରି ରହନ୍ତି। ଏହି ମଣିର ଶକ୍ତି ଅମାପ । ରୋଗ ଉପଶମ କରିବାରେ ଏହାର ରହିଛି ଅପାର ସାମର୍ଥ୍ୟ । ଯେଉଁମାନେ ମଣି ଧାରଣ କରନ୍ତି ସେମାନଙ୍କ ଭାଗ୍ୟ ବଦଳିଯାଏ ଓ ସମୃଦ୍ଧି ଆସେ। ଅନେକ ପୁରାଣରେ ବି ଉକ୍ତ ମଣି ବିଷୟରେ ବର୍ଣ୍ଣନା କରାଯାଇଛି। ପାତାଳରେ ରହୁଥିବା ସାପମାନଙ୍କ ରାଜା ହେଉଛନ୍ତି ବସୁକୀ। ତାଙ୍କ ଭଉଣୀଙ୍କ ନାମ ମନସାଦେବୀ। ମନସାଦେବୀଙ୍କର ବି ଅମୋଘ ଶକ୍ତି ରହିଛି। କୌଣସି ଲୋକକୁ ସର୍ପ ଦଶନ କଲେ ତାଙ୍କ ଶରୀରରେ ବିଷ ଖେଳିଯାଏ। କୁହାଯାଏ, ବିଷ ଜର୍ଜରିତ ଏଭଳି ବ୍ୟକ୍ତିଙ୍କୁ ବିଷମୁକ୍ତ କରି ଆରୋଗ୍ୟ କରିଥାନ୍ତି ମନସାଦେବୀ। ତେବେ ସାପ ଓ ହୁଙ୍କାର ବିଶ୍ୱାସକୁ ନେଇ ପୁରାଣ ଏତିକିରେ ଅଟକି ନାହିଁ। ପାତାଳ ଓ ନାଗଲୋକରେ ରହୁଥିବା ସାପ ଓ ଗରୁଡ଼ ମଧ୍ୟରେ ଥିବା ସମ୍ପର୍କକୁ ପ୍ରକାଶ କରିଛି ପୁରାଣ। ନାଗଲୋକବାସୀ ସାପମାନଙ୍କ ସହ ଆକାଶରେ ଉଡ଼ିବୁଲୁଥିବା ଗରୁଡ଼ଙ୍କ ସହ ସବୁବେଳେ ଯୁଦ୍ଧ ଲାଗିଥାଏ ବୋଲି କୁହାଯାଇଛି। ଏହା ବ୍ୟତୀତ ମଣିଷ ଓ ସାପମାନଙ୍କ ସମ୍ପର୍କ ସମ୍ବନ୍ଧରେ ରାମାୟଣରେ ବର୍ଣ୍ଣନା କରାଯାଇଛି। କୁହାଯାଇଛି ଯେ, ରାବଣର ପୁତ୍ର ଇନ୍ଦ୍ରଜିତ ସର୍ପ(ନାଗ)କନ୍ୟାକୁ ବିବାହ କରିଥିଲେ। ଏଥିପାଇଁ ତାଙ୍କର ସର୍ପାସ୍ତ୍ର ପ୍ରୟୋଗ କରିବାର କ୍ଷମତା ରହିଥିଲା। ମହାଭାରତରେ ଉଭୟ ଅର୍ଜୁନ ଓ ଭୀମ ମଧ୍ୟ ନାଗକନ୍ୟାଙ୍କୁ ବିବାହ କରିଥିଲେ। ଏଣୁ ସେମାନଙ୍କ ସନ୍ତାନମାନେ ସବୁଠୁ ବୀର ଥିଲେ ବୋଲି କୁହାଯାଏ।



ଉଇହୁଙ୍କାରେ ସାପ ରହିବାକୁ ନେଇ ଆମ ମଧ୍ୟରେ ଯେଉଁସବୁ ଭକ୍ତି ଓ ଶ୍ରଦ୍ଧାର ଭାବ ରହିଛି ତାହା ବାଦ୍ ହୁଙ୍କାଗୁଡ଼ିକର ଗଠନକୁ ନେଇ ଆହୁରି ରୋଚକ ତଥା ବିସ୍ମୟକର କାହାଣୀ ଶୁଣିବାକୁ ମିଳେ । କିମ୍ବଦନ୍ତୀରୁ ଜଣାଯାଏ ଯେ, ଜଣେ ସନ୍ଥ ଈଶ୍ୱର ପ୍ରାପ୍ତି ମାର୍ଗରେ ଆଗଉଥିବା ସମୟରେ ବିଭିନ୍ନ ସ୍ତର ଦେଇ ଗଭୀର ଧ୍ୟାନରେ ପ୍ରବେଶ କରିଥାନ୍ତି। ଧ୍ୟାନ ସମୟରେ ତାଙ୍କର ଦେହଜ୍ଞାନ ରହି ନ ଥାଏ। ଦୀର୍ଘଦିନ ଏହି ଅବସ୍ଥାରେ ରହିବା ଫଳରେ ତାଙ୍କ ଶରୀର ଚାରିପାଖରେ ଉଇହୁଙ୍କା ଗଢିଉଠେ ବୋଲି ବିଶ୍ୱାସ ରହିଛି। ସନ୍ଥମାନେ ଧ୍ୟାନ ମୁଦ୍ରାରେ ଥିବା ଯୋଗୁ ହୁଙ୍କା ମଧ୍ୟରେ ଉଇ କାମୁଡ଼ା ସହିବାର ଶକ୍ତି ଥାଏ ଓ ଏଭଳି ସ୍ଥିତିରେ ସେମାନେ ସର୍ବଦା ଅବିଚଳିତ ରହିଥାଆନ୍ତି। ଏଥିପାଇଁ ଉଇହୁଙ୍କାକୁ ଆଧ୍ୟାତ୍ମିକ ଶକ୍ତିର ଉତ୍ସ ଭାବେ ଗ୍ରହଣ କରାଯାଏ। ଏ କଥା ମଧ୍ୟ କୁହାଯାଇଛି ଯେ,ହୁଙ୍କାରେ ଥିବା ସାପମାନେ ଏହା ମଧ୍ୟସ୍ଥ ଧ୍ୟାନସ୍ଥ ସନ୍ଥଙ୍କ ଶରୀରରେ ବାସ କରନ୍ତି ଓ ବର୍ଷା ଦାଉରୁ ସେମାନଙ୍କୁ ରକ୍ଷା କରିଥାନ୍ତି। ମନ୍ଦିର ପରମ୍ପରା ବା ବିଶ୍ୱାସରେ ମଧ୍ୟ ଭିନ୍ନ ଭାବେ ହୁଙ୍କାର ସ୍ଥାନ ରହିଛି। କୁହାଯାଏ ଯେ, ଗାଈମାନେ ହୁଙ୍କା ଉପରେ ସେମାନଙ୍କ କ୍ଷୀର ସ୍ରାବ କରିଥାନ୍ତି। ଅନେକ ସମୟରେ ଗାଈଗୋଠ ଜଗୁଆଳି ଜଣକ ସେହି ଉଇହୁଙ୍କା ଭାଙ୍ଗି ଦିଅନ୍ତି ଓ ସେଥିରେ ଶିବ କିମ୍ବା ବିଷ୍ଣୁଙ୍କ ମୂର୍ତ୍ତି ଦେଖିବାକୁ ପାଇଥାଆନ୍ତି। ଏହି ମୂର୍ତ୍ତିକୁ ଆଧାରକରି ସେଠାରେ ଏକ ମନ୍ଦିର ଗଢିଉଠେ। ମୁରୁଗାଁ (ତାମିଲନାଡୁରେ ଶିବ ଓ ପୃଥିବୀଙ୍କ ପୁତ୍ର ଭାବେ ପୂଜିତ ଦେବତା)ଙ୍କୁ ଉଇହୁଙ୍କା ସୁରକ୍ଷା ଦେଇଥିବା ଅବଧାରଣା ଲୋକକଥାରେ ବେଶ୍ ଲୋକପ୍ରିୟ।

ପିମ୍ପୁଡ଼ି ଓ ଉଇ ଦେଖିବାକୁ ଛୋଟ ହେଲେ ମଧ୍ୟ ସେମାନେ ଆମ ମଧ୍ୟରେ ଭୟ ଓ ଆଶଙ୍କା ସୃଷ୍ଟି କରିଥାନ୍ତି। ଆମ ରୋଷେଇଘରେ ପିମ୍ପୁଡ଼ିମାନେ ପଶି ଯାହା ପାଆନ୍ତି ଖାଇ ନଷ୍ଟ କରିପାରନ୍ତି। ଅନ୍ୟ ପକ୍ଷରେ ଘର ନିଅଁଠାରୁ ଆରମ୍ଭ କରି ଘରର ସବୁ ଖାଇ ନଷ୍ଟ କରିପାରିବାର ଶକ୍ତି ଉଇମାନଙ୍କର ରହିଛି। ସେମାନେ କିଭଳି ବିଷ୍ଣୁଙ୍କ ଧନୁର୍ଗୁଣ ଏବଂ ମହିରାବଣଙ୍କ ସିଂହାସନକୁ ଖାଇ ନଷ୍ଟ କରିଦେଇଛନ୍ତି ସେ ସମ୍ପର୍କରେ କାହାଣୀ ଶୁଣିବାକୁ ମିଳେ। ଉଭୟ ପିମ୍ପୁଡ଼ି ଓ ଉଇ ଦେବୀଙ୍କ କ୍ରୋଧର କାରଣ ପାଲଟିଥିବା ମଧ୍ୟ ଦେଖାଯାଇଛି। ତେବେ ଏସବୁ ବ୍ୟତୀତ ସେମାନଙ୍କର ଶୃଙ୍ଖଳିତ, ସାଂଗଠନିକ, ସହଯୋଗୀ ମନୋଭାବ ଏବଂ ଅନବରତ କାର୍ଯ୍ୟକରିବାର କ୍ଷମତାକୁ ଆମେ ପ୍ରଶଂସା କରୁ। ଅନେକ ମହିଳା ସେମାନଙ୍କୁ ଖାଇବାକୁ ଦେବା ଉଦ୍ଦେଶ୍ୟରେ ଘର ପ୍ରବେଶ ପଥରେ ଚାଉଳ ଚୂନାର ମୁରୁଜ କରିବା ସହ ଚାଉଳ ଚୂନାରୁ ପ୍ରସ୍ତୁତ ରଙ୍ଗରେ କାନ୍ଥରେ ଛବି ଆଙ୍କିଥାନ୍ତି। ସାପମାନଙ୍କର ଅପୂର୍ବ ଶକ୍ତି ସମ୍ପର୍କରେ କହାଣୀ ରହିଛି ପୁରାଣରେ। କାତି ଛଡ଼ାଇ ପୁଣି ସୃଷ୍ଟିକରିବାରେ ସେମାନଙ୍କର ବିଚିତ୍ର କ୍ଷମତା ରହିଥିବାରୁ ସେମାନେ ସଞ୍ଜୀବନୀ ବିଦ୍ୟା, ପୁନର୍ଜନ୍ମ ଏବଂ ଅମରତ୍ୱ ସହ ଜଡ଼ିତ ରହିଥିଲେ ବୋଲି ଆମେ ବିଶ୍ୱାସ କରୁ। ଏସବୁ ବୈଦିକ୍ ପରମ୍ପରା ନୁହେଁ,କିନ୍ତୁ ହିନ୍ଦୁ ପରମ୍ପରା ଓ ଧର୍ମୀୟ ବିଶ୍ୱାସର ବିଶାଳ ଧାରା ମଧ୍ୟରେ ଆସୁଛି। ସେଥିପାଇଁ ଉଇହୁଙ୍କା, ସାପ ଉପରେ ଆମର ବିଶ୍ୱାସ ବଳବତ୍ତର ରହିଛି।

devdutt.pattanaik@gmail.com

# ଶ୍ରେଷ୍ଠତାର ଲଢ଼େଇ



ଡ. ବାସୁଦେବ ମିଶ୍ର

ଧନ, ଜନ, ବିଦ୍ୟା, ଯଶ ଏମିତି ଅନେକ ବିଷୟକୁ ନେଇ ଲୋକେ ନିଜକୁ ଶ୍ରେଷ୍ଠ ବୋଲି ବିଚାରିବା ଦେଖାଯାଏ। ତେବେ ସଂସାରରେ କେବଳ ହିଁ ଈଶ୍ୱରଙ୍କର ନିୟମ ହିଁ ସଦାସର୍ବଦା ପ୍ରଚଳିତ ହୋଇଆସୁଛି । ଈଶ୍ୱରଙ୍କର ସେହି ନିୟମ ଅନୁସାରେ ଜଣେ ଲୋକ ଯେକୌଣସି ବିଷୟରେ ଯେତେ ପ୍ରବୀଣ, ନିପୁଣ ହୋଇଥିଲେ ଅବା ଯେତେ ଶ୍ରେଷ୍ଠତା ଅର୍ଜନ କରିଥିଲେ ମଧ୍ୟ ତା'ଠାରୁ ଶ୍ରେଷ୍ଠ ଏ ସଂସାରରେ ନିଶ୍ଚୟ ଆଉ ଜଣେ କେହି ଅଛନ୍ତି। ତୁମେ ଶ୍ରେଷ୍ଠ ଧନୀ ବୋଲି ଲୋକମାନଙ୍କ ଦ୍ୱାରା ବିବେଚିତ ହେଉଥିଲେ ମଧ୍ୟ ତୁମଠାରୁ ଅନ୍ୟ ଜଣେ କେହି ନିଶ୍ଚୟ ଅଧିକ ଧନୀ ଏ ସଂସାରରେ ରହିଛନ୍ତି। କିନ୍ତୁ ତାଙ୍କର ଶ୍ରେଷ୍ଠତା ପ୍ରତିପାଦିତ ହୋଇପାରି ନ ଥିବାରୁ ହୁଏତ ସେ ଲୋକଲୋଚନକୁ ଆସିପାରିନାହାନ୍ତି। ସଂସାରରେ ଅର୍ଜୁନ ଶ୍ରେଷ୍ଠ ଧନୁର୍ଦ୍ଧର ବୋଲି ସମସ୍ତେ ଜାଣିଥିଲେ ବି ଏକଲବ୍ୟ ଯେ ଅର୍ଜୁନଠାରୁ ଅଧିକ ପ୍ରତିଭାବାନ୍ ଏକଥା ସେଦିନ ଗୁରୁ ଦ୍ରୋଣଙ୍କର ହୃଦ୍‌ବୋଧ ହୋଇଥିଲା ଏବଂ ବୋଧହୁଏ ସେଇଥିପାଇଁ ସେ ତାଙ୍କର ଦକ୍ଷିଣହସ୍ତର ବୃଦ୍ଧାଙ୍ଗୁଷ୍ଠିକୁ ଦକ୍ଷିଣା ରୂପରେ ତା'ଠାରୁ ମାଗି ଆଣିଥିଲେ। ସେହିପରି ସମଗ୍ର ମହାଭାରତ ଯୁଦ୍ଧକୁ ଗୋଟିଏ ଦିନରେ ସମାପ୍ତ କରିଦେବାର ସାମର୍ଥ୍ୟ ବେଲାଳସେନଙ୍କଠାରେ ଦେଖି ସେଦିନ ଶ୍ରୀକୃଷ୍ଣ ତା'ଠାରୁ ତା'ର ଛିନ୍ନ ମସ୍ତକ ମାଗି ନେଇଥିଲେ।

କିଛି ଲୋକ ଶ୍ରେଷ୍ଠତା ଅର୍ଜନ କରିବା ଭିତରେ ଶ୍ରେଷ୍ଠ ବୋଲି ଘୋଷିତ ହେବା ଚେଷ୍ଟାରେ ଥାଆନ୍ତି ପ୍ରାୟ ଅନବରତ। ଅଳ୍ପ ଜ୍ଞାନର ଅଧିକାରୀ ହୋଇ ବହୁତ ଜ୍ଞାନ ଅର୍ଜନ କରିଥିବା ପ୍ରମାଣପତ୍ର ପ୍ରାପ୍ତ ହୋଇଥିବା ଲୋକଙ୍କର ସଂଖ୍ୟା ଏ ସଂସାରରେ କମ୍ ନୁହେଁ। ସିଲେଇ ମେଶିନର କାର୍ଯ୍ୟକୁ ଦେଖନ୍ତୁ ତ। ଦୁଇଟି ସୂତା ଗୋଟିଏ ଉପରୁ ଏବଂ ଅନ୍ୟ ଗୋଟିଏ ତଳୁ ସମାନ୍ତରାଳ ଭାବେ ଆଗକୁ ବଢ଼ନ୍ତି ଏବଂ ନିର୍ଦ୍ଦିଷ୍ଟ ଦୂରତାରେ ସେ ଦୁହେଁ ପରସ୍ପର ସହିତ ଛନ୍ଦିହୋଇ ଯାଆନ୍ତି ଏବଂ ସେଇଠି ଗଣ୍ଠିଟିଏ ପଡ଼ିଯାଏ। ଏପରି ମେଶିନକୁ ଉଦ୍ଭାବନ କରିଥିବା ଲୋକଟିର ନାମକୁ କେତେଜଣ ଜାଣନ୍ତି ଅଥବା ମନେରଖିଛନ୍ତି ? ସେହି ମେଶିନ ଖରାପ ହେଲେ ତାକୁ ସଜାଡ଼ିବା ଲୋକ ଦୁଆରେ ଭିଡ଼ ଜମେ ଏବଂ ତା'ର ପ୍ରଶଂସା ଗାନ କରାଯାଏ। ଆଜିକାଲି ଯାନ୍ତ୍ରିକ ଶକ୍ତିର ଉପଯୋଗକରି ବଡ଼ ବଡ଼ ପୋଲ, ବହୁତଳ ପ୍ରାସାଦ ତିଆରି କରାଯାଇପାରୁଛି। ଏସବୁ ମୂଳରେ ଅଛି ଯାନ୍ତ୍ରିକ କୌଶଳ। ତେବେ ସେହି ଯାନ୍ତ୍ରିକ କୌଶଳକୁ ନେଇ ବିସ୍ମୟ ପ୍ରକାଶ କରନ୍ତି ସିନା ତା'ର ଉଦ୍ଭାବକଙ୍କୁ କେହି ମନେପକାନ୍ତି ନାହିଁ। ବରଂ ସେହି ଯାନ୍ତ୍ରିକ କୌଶଳକୁ ପ୍ରୟୋଗକରି କାର୍ଯ୍ୟ କରୁଥିବା ଲୋକଟି ଅନେକ ସମ୍ମାନ ଓ ଅର୍ଥ ତଥା ଧନ୍ୟବାଦ ପ୍ରାପ୍ତ ହୋଇଥାଏ।

ସ୍କୁଲ ପିଲାଙ୍କୁ ପଚାର କୋଣାର୍କ ମନ୍ଦିର ଲାଙ୍ଗୁଳା ନରସିଂହ ଦେବ ତୋଳାଇଥିଲେ ବୋଲି ଇତିହାସରୁ ପଢ଼ିଥିବା ପାଠକୁ କହିବେ ସେମାନେ। ସେଇଟିକୁ ଯେଉଁ ଶିଳ୍ପୀ ତିଆରି କରିଥିଲେ ସେକଥା କେହି କହିବେ ନାହିଁ। ବିଶୁ ମହାରଣା କଥା ତ ଗୋଟିଏ ଆଖ୍ୟାୟିକା ମାତ୍ର, ଇତିହାସର କଥା ନୁହେଁ। ମନ୍ଦିରଟିଏ ଗଢ଼ିବାରେ ଯେଉଁ ବୈଜ୍ଞାନିକତା ଆବଶ୍ୟକ ଉକ୍ତ କଥାଟି ସେ ସମୟର ସେହି ଶିଳ୍ପୀମାନେ କାର୍ଯ୍ୟରେ ପରିଣତ କରିଯାଇଛନ୍ତି। ତା'ର ସାକ୍ଷୀ ସେହି ମନ୍ଦିର(ସୂର୍ଯ୍ୟମନ୍ଦିର) ଯାହା ଅର୍ଦ୍ଧଭଗ୍ନ ଅବସ୍ଥାରେ ଥାଇ ଆଜି ମଧ୍ୟ ଏସବୁର ଉଦ୍‌ଘୋଷଣା କରୁଛି। ସେହିପରି ଜଗନ୍ନାଥ ମନ୍ଦିର ଓ ଲିଙ୍ଗରାଜ ମନ୍ଦିର ମନ୍ଦିରଗୁଡ଼ିକରେ ବ୍ୟବହୃତ ହଜାର ହଜାର ଟନ୍ ଓଜନର ଅଜସ୍ର ପ୍ରସ୍ତରଖଣ୍ଡ ଏତେ ଉଚ୍ଚତାରେ ବ୍ୟବହୃତ କରିବା କେତେ ଆୟାସସାଧ୍ୟ। ସତରେ ଏହା ଅତ୍ୟନ୍ତ ବିସ୍ମୟର କଥା ନୁହେଁ କି ? ମନ୍ଦିର ନିର୍ମାଣରେ ସେ ସମୟର ରାଜା ମହାରାଜାମାନେ ପୃଷ୍ଠପୋଷକତା କରିଥିଲେ ନିଶ୍ଚୟ। ନଚେତ୍ ଏପରି କାର୍ଯ୍ୟ କୌଣସି ସାଧାରଣ ଲୋକ ପକ୍ଷରେ କରିବା ସମ୍ଭବ ହୋଇ ନ ଥାନ୍ତା। ତଥାପି ଏସବୁ କ୍ଷେତ୍ରରେ ଶିଳ୍ପୀର ଶ୍ରେଷ୍ଠତା ପ୍ରାପ୍ୟ ନୁହେଁ କି ?

ପ୍ରତିଯୋଗିତାରେ ଯିଏ ଶ୍ରେଷ୍ଠତା ପ୍ରାପ୍ତ ହୁଅନ୍ତି, ସେ ଯେ ସତରେ ଶ୍ରେଷ୍ଠ ଏ କଥା ଦମ୍ ଦେଇ କହିବା କଷ୍ଟକର। ସେହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀମାନଙ୍କ ମଧ୍ୟରେ ସେ ହୁଏତ ଶ୍ରେଷ୍ଠ ହୋଇପାରନ୍ତି। କିନ୍ତୁ ସେହି ବିଷୟକୁ ନେଇ ଶ୍ରେଷ୍ଠତାର ଯୋଗ୍ୟ ଅନେକ ହୁଏତ ବିଭିନ୍ନ କାରଣରୁ ପ୍ରତିଯୋଗିତାରେ ଅଂଶଗ୍ରହଣ କରିନାହାନ୍ତି। ସଂସାରରେ ଯେଉଁମାନେ ବାସ୍ତବରେ ଶ୍ରେଷ୍ଠ, ସେମାନେ ସେମାନଙ୍କର ଶ୍ରେଷ୍ଠତାର ଡେଙ୍ଗୁରା ପିଟନ୍ତି ନାହିଁ। ଅଣଶ୍ରେଷ୍ଠମାନେ ହିଁ ନିଜର ଡେଙ୍ଗୁରା ପିଟିବାରେ ଅଭ୍ୟସ୍ତ ଥାଆନ୍ତି କାଳେ କାଳେ। ଶ୍ରେଷ୍ଠତା ପାଇଁ ଅବଶ୍ୟ କଳିକଜିଆ କରିବା ସ୍ତରକୁ ଓହ୍ଲେଇ ଆସିବାରେ ତାଙ୍କର କିଛି ଅସୁବିଧା ନ ଥାଏ।

**ଦଶରଥପୁର, ଯାଜପୁର,**
**ମୋ:୯୪୩୮୩୨୮୭୫୫**

## ଏଇ ଭାରତରେ

ଗୁଜରାଟର ନବସାରୀ ଜିଲା ଡୁଙ୍ଗରୀ ଗାଁର ଘରଟି ଏକ ଫାର୍ମ ହାଉସ୍‌ରୁ କମ୍ ନୁହେଁ। ଏହି ଘରର ମାଲିକ ହେଉଛନ୍ତି ସୁରେଶ ଚନ୍ଦ୍ର ପଟେଲ। ସୁରେଶଙ୍କ ବୟସ ଏବେ ୭୦। ଇଞ୍ଜିନିୟର ଭାବେ ୨୦୧୧ରେ ଅବସର ନେବା ପରେ ସେ ଘରେ କୁଣ୍ଡରେ ଗଛ ଲଗାଇବା ଆରମ୍ଭ କରିଥିଲେ। ଏବେ ତାଙ୍କ ଘର ଉପର, ତଳ ଓ ଚାରିପାଖରେ ୮,୦୦୦ରୁ ଅଧିକ ଗଛ ଅଛି। ଏଥିରେ ବିଭିନ୍ନ ପ୍ରକାର ଫୁଲ, ଫଳ, ପରିବା, ଔଷଧୀୟ ଗଛ ସହ ୫୦୦ ପ୍ରକାରେ ଅଡେନିୟମ ରହିଛି। ତାଙ୍କ ସ୍ତ୍ରୀ ହର୍ଷା ଓ ଝିଅ ଡା. ବିନିତା ପଟେଲ ଏହି ସବୁ ଗଛର ଯତ୍ନ ନେବାରେ ସୁରେଶଙ୍କୁ ସହଯୋଗ କରୁଛନ୍ତି। ଜଣେ ଚାଷୀ ଘରର ପୁଅ ହୋଇଥିବାରୁ ସୁରେଶଙ୍କର କୃଷି ପ୍ରତି ରୁଚି ରହିଥିଲେ ମଧ୍ୟ ଶିକ୍ଷା ଓ ଚାକିରି କାରଣରୁ ତାହା ସମ୍ଭବ ହୋଇପାରି ନ ଥିଲା। ହେଲେ ଅବସର ନେବା ପରେ ଗାଁକୁ ଫେରି ୧୧ ବର୍ଷ ହେବ ଜଣେ ଚାଷୀ ଭାବେ ରହି ଢେର ଆନନ୍ଦ ପାଉଛନ୍ତି ବୋଲି କହନ୍ତି ସୁରେଶ।

## ୨୫ ବର୍ଷ ତଳର ଧରିତ୍ରୀ

DHARITRI

**୧୪ ଜୁଲାଇ ୧୯୯୭**

- ଆଲଜେରିଆ ଉପକୂଳରେ ସନ୍ଦିଗ୍ଧ ଇସ୍‌ଲାମୀୟ ଉଗ୍ରପନ୍ଥୀମାନେ ଗୋଟିଏ ପରିବାରର ୧୪ ଜଣଙ୍କୁ ହତ୍ୟା କରିଛନ୍ତି।
- କୁଖ୍ୟାତ ହାତୀଦାନ୍ତ ଚୋରା ବେପାରି ବୀରାପ୍ପାନ ଦଳ କର୍ଣ୍ଣାଟକ ଜଙ୍ଗଲ ବିଭାଗର ୯ ଜଣ କର୍ମଚାରୀଙ୍କୁ ବଳପୂର୍ବକ ଅପହରଣ କରିନେଇଛନ୍ତି।
- ମିଗ୍ ବିମାନ ଯୋଗାଣ ଚୁକ୍ତି ଦୁର୍ନୀତିର ଅଂଶ ସ୍ୱରୂପ ରୁଷିଆର ଦୁଇ ବ୍ୟାଙ୍କ ଉପରେ ତଦନ୍ତ ସଂସ୍ଥାର ଚଢ଼ାଉ।
- ବିହାର ଜନତା ବିଧାୟକ ଦଳ (ଜେଡିଏଲ୍‌ପି)ର ନେତା ଭାବେ ଗଣେଶ ପ୍ରସାଦ ଯାଦବଙ୍କୁ ସର୍ବସମ୍ମତି କ୍ରମେ ନିର୍ବାଚିତ କରାଯାଇଛି।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 1 | | | | | | 7 |
| | 9 | | | | | 5 | 1 | 8 |
| 4 | | | | 9 | | | | |
| 6 | | | | | | | | 3 |
| | | | 4 | 2 | 6 | | | |
| 2 | | | 8 | | | 4 | | |
| | 1 | | | | | | | 2 |
| | | | 6 | | | 7 | | |
| 5 | | 4 | | | 8 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 5 | 8 | 9 | 4 | 6 | 2 | 1 | 7 |
| 2 | 7 | 9 | 5 | 1 | 8 | 6 | 4 | 3 |
| 1 | 6 | 4 | 7 | 2 | 3 | 5 | 8 | 9 |
| 9 | 4 | 7 | 3 | 5 | 1 | 8 | 2 | 6 |
| 6 | 2 | 3 | 8 | 9 | 4 | 1 | 7 | 5 |
| 5 | 8 | 1 | 6 | 7 | 2 | 9 | 3 | 4 |
| 8 | 1 | 5 | 4 | 6 | 7 | 3 | 9 | 2 |
| 4 | 3 | 6 | 2 | 8 | 9 | 7 | 5 | 1 |
| 7 | 9 | 2 | 1 | 3 | 5 | 4 | 6 | 8 |

ଗତକାଲିର ଉତ୍ତର

# ଜାଗ୍ରତ ହେବାର ବେଳ



ହରେକୃଷ୍ଣ ପଣ୍ଡା

ଆଜିର ଯୁବ ସମାଜକୁ ଗୁରୁତ୍ୱ ପ୍ରଦାନ କରାଯାଉଛି। କିନ୍ତୁ ସେମାନେ ନିଜକୁ ସେତେ ଗୁରୁତ୍ୱପୂର୍ଣ୍ଣ ବୋଲି ମନେକରୁ ନାହାନ୍ତି। ପିଢ଼ି ପରେ ପିଢ଼ି ଗଡ଼ି ଚାଲିଛି। ଦେଖାଯାଉଛି ଚାଲି ଯାଉଥିବା ପିଢ଼ିର ପ୍ରତିଭା ତା'ର ପର ପିଢ଼ି ମଧ୍ୟରେ ଦେଖାଯାଉ ନାହିଁ। ବିଶେଷତଃ କର୍ମସଂସ୍କୃତି ଭିନ୍ନ ରୂପ ନେଉଛି। ଆଜିର ଯୁବପିଢ଼ି କର୍ମ ଭିତରେ ନିଜ ସଂସ୍କୃତିକୁ ହରାଇ ଦେଉଛନ୍ତି। ସୂଚନା ପ୍ରଯୁକ୍ତି କ୍ଷେତ୍ରରେ ଯୁବ ବର୍ଗ ମଜ୍ଜି ରହୁଥିବା ବେଳେ ତଳସ୍ତରରେ ନିଜକୁ ଆତ୍ମନିର୍ଭରଶୀଳ କରାଇ ନ ପାରି ରାଜନୀତି ଭିତରକୁ ପ୍ରବେଶ କରି ଯାଉଛନ୍ତି। ଫଳରେ ରାଜନେତା ଏବେ ଯୁବ ବର୍ଗଙ୍କର ଆଦର୍ଶ ପାଲଟି ଯାଉଛନ୍ତି। ସମାଜରେ ଖଟି ଖାଇବା ପରମ୍ପରା ଥିଲା ବେଳେ ଯୁବ ବର୍ଗ ମାଗି ଖାଇବାକୁ ପସନ୍ଦ କରୁଛନ୍ତି। ବହିଘୋଷା ପାଠ ସମାଜ ପାଇଁ କାମରେ ଆସୁନି। ରାତାରାତି ଧନୀ ହେବା ନିଶା ସେମାନଙ୍କୁ ଘାରିଛି। ଆଜି ଦେଶର ଏକତୃତୀୟାଂଶ ହେଉଛନ୍ତି ଯୁବକ। ସେମାନେ ଦେଶର ବୃହତ୍ ଶକ୍ତି। କର୍ମ ଉପରେ ଭାରତୀୟ ସଂସ୍କୃତି ପର୍ଯ୍ୟବସିତ। ମାତ୍ର ଦୁଃଖର କଥା ଯେ, ସେମାନେ ଏବେ କର୍ମ ବିମୁଖ।

ଯୁବକମାନେ ଭାବୁ ନାହାନ୍ତି ଯେ ସେମାନେ ରାଷ୍ଟ୍ରୀୟ ବିକାଶର ଆଧାର । ଯୁବଶକ୍ତି ଦ୍ୱାରା ଭାରତର ଯୁଗାନ୍ତକାରୀ ପରିବର୍ତ୍ତନ ହୋଇପାରିବ ବୋଲି ସେମାନଙ୍କର ବିଶ୍ୱାସ ଆସୁ ନାହିଁ। ଏଠାରେ ଜାପାନର ଉଦାହରଣ ଦିଆଯାଇପାରେ। ନିଜ ପରାଜୟର ୧୦ ବର୍ଷ ମଧ୍ୟରେ ଜାପାନ ବିଶ୍ୱର ଦ୍ୱିତୀୟ ବୃହତ୍ ଅର୍ଥଶକ୍ତି ହୋଇପାରିଥିଲା କେବଳ ନିଜର ଉତ୍ସାହ ଓ ଅତୁଟ ସଂକଳ୍ପ ପାଇଁ। ସେତେବେଳେ ଜାପାନ ପାଖରେ ନିଜର ଲୋକ ବଳ ଓ ପ୍ରଚୁର ପ୍ରାକୃତିକ ସମ୍ବଳ ନ ଥିଲା। ଜାପାନ ଯାହା କିଛି କଲା ନିଜର ପରିଶ୍ରମ ଏବଂ ଯୁବଶକ୍ତିର ନିଷ୍ଠା,ସଙ୍କଳ୍ପ ଓ ପ୍ରତିଭା ବଳରେ। ସ୍ୱାମୀ ବିବେକାନନ୍ଦ ଭାରତର ଯୁବଶକ୍ତିକୁ ଲକ୍ଷ୍ୟ କରି କହିଥିଲେ, ଚାଲ ଉଠ ଲକ୍ଷ୍ୟ ହାସଲ କର, ଅଟକି ଯାଅ ନାହିଁ, ସମସ୍ତ ଶକ୍ତି ତୁମ ଭିତରେ ଅଛି। ତାହାକୁ ଅନୁଭବ କର। କିନ୍ତୁ କାହିଁ ସେଭଳି ଉତ୍ଥାନ ଜଣା ପଡୁ ନାହିଁ। ଏବେ ଦେଖାଯାଉଛି ଆମ ପାଖରେ ବହୁ ଡିଗ୍ରୀଧାରୀ ଅଛନ୍ତି, କିନ୍ତୁ ସେମାନଙ୍କୁ ଉପଯୁକ୍ତ ସ୍ଥାନ ମିଳିପାରୁ ନାହିଁ। ଏଥିପାଇଁ ଯେଉଁ କାରଣମାନ ରହିଛି ତାହା ଦୂର କରାଯିବା ପାଇଁ ଯୁବଶକ୍ତିର ଉଦ୍ୟମ ଲୋଡ଼ା। ଆମ ଶିକ୍ଷା ପ୍ରଣାଳୀ ଯାହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଛାତ୍ରୀଛାତ୍ରମାନଙ୍କୁ କେବଳ ଅମଲାଭାବେ ଗଢ଼ିତୋଳିବା। ଏଥିରେ ଯୁବ ଶକ୍ତିକୁ ନ୍ୟାୟ ମିଳୁ ନାହିଁ। ଏହାର ଆମୂଳଚୂଳ ପରିବର୍ତ୍ତନ ହେବା ଆବଶ୍ୟକ। ଯେଉଁସବୁ ଦେଶ ବିଜ୍ଞାନ ତଥା ଔଦ୍ୟୋଗିକ କ୍ଷେତ୍ରରେ ଉନ୍ନତି କରିଛନ୍ତି, ସେଠାରେ ଡିଗ୍ରୀ ଉପରେ ନୁହେଁ, ଜ୍ଞାନ ଓ ବିଶେଷଜ୍ଞତା ଉପରେ ତାହା ନିର୍ଭର କରିଛି। ଗବେଷଣାରତ ବିଦ୍ୟାର୍ଥୀମାନଙ୍କ ସଂଖ୍ୟାରେ ତୁଳନାତ୍ମକ ବିଶ୍ଳେଷଣ କଲେ ଚାଇନାରେ ଗବେଷଣାରତ ବିଦ୍ୟାର୍ଥୀଙ୍କ ସଂଖ୍ୟା ୮୫ ପ୍ରତିଶତ, କିନ୍ତୁ ଭାରତରେ ଏହା ମାତ୍ର ୨୦ ପ୍ରତିଶତ। ଚାଇନାରେ ପ୍ରତିବର୍ଷ ଛଅ ଲକ୍ଷ୍ୟରୁ ଅଧିକ ବିଦ୍ୟାର୍ଥୀ ଇଂଜିନିୟରିଂରେ ସ୍ନାତକ ଡିଗ୍ରୀ ନିଅନ୍ତି। ଯେତେବେଳେ କି ଭାରତରେ ଏହି ସଂଖ୍ୟା ୪.୬୫ ଲକ୍ଷ। ଆମ ଶିକ୍ଷା ବ୍ୟବସ୍ଥା ପ୍ରାଥମିକ ବିଦ୍ୟାଳୟରୁ ସ୍ନାତକୋତ୍ତର ଡିଗ୍ରୀ ପର୍ଯ୍ୟନ୍ତ ସେତେ ଗୁଣବତ୍ତା ନୁହେଁ। ଦେଖାଯାଉଛି ଯେ ପ୍ରତିଭାଶାଳୀ ଓ ଯୋଗ୍ୟ ବିଦ୍ୟାର୍ଥୀ ଇଂଜିନିୟରିଂ, ପ୍ରବନ୍ଧନ, ଚିକିତ୍ସା ଏବଂ ବୃତ୍ତିଗତ ବିଶେଷଜ୍ଞତା ସହିତ ଜଡ଼ିତ ଅନ୍ୟ ପାଠ୍ୟକ୍ରମଗୁଡ଼ିକରେ ପ୍ରବେଶ କରୁନାହିଁ। ଯୁବଶକ୍ତିର ବିକାଶରେ ଆଉ ଏକ ବୃହତ୍ ପ୍ରତିବନ୍ଧକ ଦେଖାଦେଇଛି। ତାହା ହେଉଛି ଉଚ୍ଚଶିକ୍ଷା ଓ ରୋଜଗାରରେ ଦୁର୍ନୀତ ଲୋପ ପାଇବାର ନାଁ ନ ଧରିବା। ଏଭଳି ବ୍ୟବସ୍ଥାର ବିଲୋପ କେବଳ ଯୁବଶକ୍ତିଙ୍କ ଉପରେ ହିଁ ନିର୍ଭର କରୁଛି।



ଏବେ ଦେଶରେ ଯେଉଁ ବିକାଶ ସାଧିତ ହେଉଛି ତାହା ଧୀର ଓ ମନ୍ଥର ଗତିରେ। କିନ୍ତୁ ସରକାରୀ ଅନିଶ୍ଚିତତା ଆମ ଅର୍ଥ ବ୍ୟବସ୍ଥା ଗତିରେ ବାଧକ ସାଜୁଛି। ଦେଶର ବିକାଶ ହେଲେ ଶିକ୍ଷିତ ଯୁବବର୍ଗ ବେକାର ରହିବେ ନାହିଁ। କିନ୍ତୁ ବେକାର ରହିବାର କାରଣ ହେଉଛି ଆମ ଢାଞ୍ଚା ଓ ଅର୍ଥ ବ୍ୟବସ୍ଥା ସନ୍ଦେହାତ୍ମକ । ଯେତେଗୁଡ଼ିଏ ନିର୍ମାଣ କାର୍ଯ୍ୟ ହେଉଛି ବା ବିକାଶ କରାଯାଉଛି ତାହା ଦ୍ରୁତ ଗତିରେ ହେଉ ନାହିଁ। ଦୂରଦୃଷ୍ଟି ରଖି ଆର୍ଥିକ ବ୍ୟବସ୍ଥା କରା ନ ଯିବା ଫଳରେ ଏବଂ କାର୍ଯ୍ୟକାରିତାର ପ୍ରକ୍ରିୟା ଭୁଲ୍ ବାଟରେ ଯାଉଥିବାରୁ ଯୁବ ଶକ୍ତି ନିଜକୁ ଏଥିରେ ପ୍ରବେଶ କରିବାର ସୁଯୋଗ ପାଉ ନାହାନ୍ତି। ଆଜିର ଶାସକମାନେ ଯୁବପିଢ଼ି ଭବିଷ୍ୟତ ପାଇଁ କାର୍ଯ୍ୟକରିବା ଆବଶ୍ୟକ। ନିର୍ଣ୍ଣାୟକ ପଦକ୍ଷେପ ସ୍ୱରୂପ ଦେଶରୁ ଦୁର୍ନୀତି, ଭ୍ରଷ୍ଟତା ଦୂର କରିବା ସହ କର୍ମ ସଂସ୍କୃତିକୁ ବଦଳାଇବା ଦରକାର। ଏ ଦିଗରେ ଯୁବ ଶକ୍ତିର ଆବଶ୍ୟକତା ରହିଛି। ଆମ ସଂସ୍କୃତି, ସଭ୍ୟତା, ରାଷ୍ଟ୍ର, ଧର୍ମ, ଭାଷା ଆମର ପରିଚୟ। ଏହା ଆମ ରକ୍ତ ଭିତରେ ପ୍ରବାହିତ । କିନ୍ତୁ ଏଥିରୁ ଯୁବଶକ୍ତି ଦୂରେଇ ଯାଉଛନ୍ତି। ନିଜ ଗାଁ, ନିଜ ଭାଷାକୁ ଅବହେଳା କରି ଅନ୍ୟଟି ପ୍ରତି ଆସକ୍ତ ହେଉଥିବା ଯୁବ ଶକ୍ତି ପରୋକ୍ଷରେ ନିଜ ଗୋଡ଼ରେ କୁରାଢ଼ି ମାରୁଛନ୍ତି। ସାରା ଭାରତରେ ଏହି ଗୋଟିଏ ସମସ୍ୟା ଦେଖାଯାଉଛି। ଗୋଟିଏ ପକ୍ଷେ କର୍ମଜୀବୀ ଯୁବ ଶକ୍ତି ମୋଟା ଅଙ୍କର ଦରମା ଲୋଭରେ ଦେଶ ବାହାରେ ରହୁଛନ୍ତି। ପ୍ରାଚୁର୍ଯ୍ୟକୁ ହାତ ମୁଠାରେ ପାଇବା ପାଇଁ ସେମାନେ ବ୍ୟାକୁଳ। ଅନ୍ୟପକ୍ଷରେ ଗାଁଗୁଡ଼ିକରେ ବେକାରି ଯୁବ ଶକ୍ତି କର୍ମ ବିମୁଖ ହୋଇ ପଡିଛନ୍ତି। ବୃତ୍ତିଗତ କର୍ମ କରିବାକୁ ଆଉ କେହି ଚାହୁଁ ନାହାନ୍ତି; ଯାହା ଫଳରେ ଏବେ ବିଭିନ୍ନ କ୍ଷେତ୍ରରେ କର୍ମ କୁଶଳୀର ଅଭାବ। ଶିକ୍ଷାଠାରୁ ଆରମ୍ଭ କରି ଶିଳ୍ପ, କୃଷି, ଗମନାଗମନ ଆଦି କ୍ଷେତ୍ରରେ ଅନ୍ତରାୟ ସୃଷ୍ଟି ହୋଇଥିବା ବେଳେ ବେକାରି ସଂଖ୍ୟା ବୃଦ୍ଧି ପାଇ ଚାଲିଛି। ଏଥିପାଇଁ ସରକାର ଚିନ୍ତା କରିବା ଆବଶ୍ୟକ। ଆଜିର ସୁସ୍ଥ, ଯଥା ସ୍ଥିତିବାଦୀ ତଥା ଭ୍ରଷ୍ଟ କାର୍ଯ୍ୟ-ସଂସ୍କୃତିକୁ ବଦଳାଯାଉ; ଯଦ୍ଦ୍ୱାରା ସୁଯୋଗଗୁଡ଼ିକର ଦ୍ୱାର ଖୋଲିଯିବ। ଏହିପରି ପରିବର୍ତ୍ତନ ଆଣିବାର ଆବଶ୍ୟକତା ରହିଛି। ଆଧୁନିକତା, ପାଶ୍ଚାତ୍ୟ ସଭ୍ୟତା, ବିଦେଶୀ ଭାଷା ଓ ଜୀବନର ମୂଲ୍ୟବୋଧଗୁଡ଼ିକରୁ ଉତ୍ତମ ତତ୍ତ୍ୱଗୁଡ଼ିକୁ ଗ୍ରହଣ କରିବାର ଆବଶ୍ୟକତା ରହିଛି ତା' ବୋଲି ନୁହେଁ ଯେ ସେଗୁଡ଼ିକ ଆଗରେ ମୁଣ୍ଡ ନୁଆଁଇ ଚାଲିବା। ଆଜିର ଯୁବ ସମାଜ ସେମାନଙ୍କ ମଧ୍ୟରେ ଥିବା ଆତ୍ମବିଶ୍ୱାସକୁ ହରାଇବା ଉଚିତ ନୁହେଁ। ଆଜିର ଯୁଗରେ ନିଜ କର୍ମଯୋଜନାକୁ ନିଜ ସଂସ୍କୃତି ପରିସରଭୁକ୍ତ କରି ଭୋଗବାଦଠାରୁ ଦୂରେଇ ରହିବା ଦରକାର। ଯୁବ ସମାଜ କର୍ମ ଓ ସଂସ୍କୃତି ମଧ୍ୟରେ କୌଣସି ବୈଷମ୍ୟତା ନ ରଖି ବରଂ ଏ କ୍ଷେତ୍ରରେ ଉଦ୍‌ବୁଦ୍ଧ ଓ ଅନୁପ୍ରାଣୀତ ହେବା ଏକାନ୍ତ ଆବଶ୍ୟକ।

**ସମ୍ପାଦକ, ଅଖିଳଚକ୍ର, ଓଡ଼ିଶା**

## ପାଠକ ଶ୍ରେଷ୍ଠ ବିଚାରକ

### ସଚେତନାତ୍ମକ ପନ୍ଥା ଗ୍ରହଣ କରାଯାଉ

ମହାଶୟ,

ଶ୍ରୀଗୁଣ୍ଡିଚା, ବାହୁଡ଼ା ଓ ସୁନାବେଶ ଯାତ୍ରାରେ ସାରାଦେଶର ବିଭିନ୍ନ ସ୍ଥାନରୁ ଲକ୍ଷ ଲକ୍ଷ ସଂଖ୍ୟାରେ ଯାତ୍ରୀ ଆସିଥିବାରୁ ପୁରୀରେ କେହି କୋଭିଡ୍ ସଂକ୍ରମିତ ହୋଇ ନ ଥିବେ ବୋଲି କୁହାଯାଇ ନ ପାରେ। ବିଶେଷକରି, କୋଭିଡ୍ ସଂକ୍ରମଣର ଶୃଙ୍ଖଳ ଆଚରଣକୁ ଅଣଦେଖା କରିବା ଓ ମାସ୍କ ନ ପିନ୍ଧିବା ଇତ୍ୟାଦି ଏବେ ସଂକ୍ରମଣ ବୃଦ୍ଧିର କାରଣ ହୋଇଛି। ବର୍ତ୍ତମାନ ସଂକ୍ରମିତ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ, ପ୍ରଶାସନ ପକ୍ଷରୁ ସଂକ୍ରମଣ ନିୟନ୍ତ୍ରଣାଧୀନ ଅଛି ବୋଲି ସ୍ପଷ୍ଟୀକରଣ ଦେବା ଯଥାର୍ଥ ମନେ ହେଉନାହିଁ। କଟକ ଓ ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ କୋଭିଡ୍ ସଂକ୍ରମଣ ନିୟନ୍ତ୍ରଣ କରିବାକୁ ଯାଇ ସଭିଙ୍କୁ ମାସ୍କ ପିନ୍ଧିବା ଜରୁରୀ ଏବଂ ଭିଡ଼ରୁ ନିଜକୁ ଦୂରେଇ ରଖିବାକୁ ବାଧ୍ୟତାମୂଳକ କରିଥିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଏହାକୁ ଯୁକ୍ତିଯୁକ୍ତ ମନେକରି ପ୍ରତିଷେଧକମୂଳକ ବ୍ୟବସ୍ଥା ସ୍ୱରୂପ ବୁଷ୍ଟର ଡୋଜ୍ ଟିକାକରଣକୁ ତ୍ୱରାନ୍ୱିତ କରିବାକୁ ହେବ। ବିଶେଷକରି ଶୀଘ୍ର ପୁରୀ ସହର ପାଇଁ ଏଇ ପଦକ୍ଷେପ ଆପଣାଇବାକୁ ପଡ଼ିବ। ଏଥିପାଇଁ ପ୍ରଶାସନିକ ଅଧିକାରୀମାନେ ସାଧାରଣ ଲୋକଙ୍କୁ ସତର୍କ ରହିବାକୁ ପରାମର୍ଶ ଦେବା ସହ ପୂର୍ବବତ୍ କରୋନା ସଂକ୍ରମଣକୁ ପ୍ରତିରୋଧ କରିବାରେ ନିୟମ ସବୁକୁ ଉଲଂଘନ କରୁଥିବା ପ୍ରତ୍ୟକଙ୍କୁ ଆଇନତଃ ଦଣ୍ଡ ବିଧାନ କରିବାରେ ବ୍ୟବସ୍ଥା ଗ୍ରହଣ କରିବା ଆବଶ୍ୟକ।

**-ଅଶୋକ କୁମାର ଆଢ୍ୟ, ମରୀଚିକୋଟ ଗଳି, ପୁରୀ**

## ଚିରନ୍ତନୀ

ଫଗୁଣ ନିଶାବାସେ ଝୁରଇ ଦୟିତ
ଫଗୁଣ ଆସେ କେତେ ଆସଇ ଚଇତ
କୁସୁମ ଦେଖି ଆସେ କୋକିଳ ଗାୟିକା
ଫେରଇ ନାହିଁ କିପାଁ ପରାଣ-ନାୟିକା ?
ଯେ ଜନ ଯାଏ ଛାଡ଼ି ଫେରଇ ନାହିଁ ତ
ଫଗୁଣ ନିଶାବାସେ ଝୁରଇ ଦୟିତ।

-(ସୁଦୂର ଗାନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୩।୦୭।୨୦୨୨

| | |
|---|---|
| ୨,୭୦, ୪୧୯ ଟଙ୍କା | |
| ସୁନା | ମିଳିନାହିଁ |
| ରୁପା | ୨୯.୩୦୦ ଗ୍ରାମ୍ |

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- କଳ୍ପନା ସାହିତ୍ୟ, ସାଂସ୍କୃତିକ ଓ ସାମାଜିକ ପରିଷଦ ପକ୍ଷରୁ ପତ୍ରିକା ପରିକଳ୍ପନା ଓ କବିତା ପୁସ୍ତକ ଭକ୍ତି ନୈବେଦ୍ୟ ଉନ୍ମୋଚନ, ବୁଦ୍ଧ ମନ୍ଦିର, ଅପରାହ୍ନ ୪ଟା ୩୦।

କଟକ

- ଜିଲାସ୍ତରୀୟ ବାଲ୍ୟ ବିବାହ ପ୍ରତିରୋଧ ମଞ୍ଚ ବୈଠକ, ବାରବାଟୀ ପ୍ୟାଲେସ, ପୂର୍ବାହ୍ନ ୧୧ଟା ୩୦।
- ଓଡ଼ିଶା ବିଜ୍ଞାନ ମଣ୍ଡଳ ପକ୍ଷରୁ ଓଡ଼ିଆ ବିଜ୍ଞାନ ସମ୍ମେଳନ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ତୁଳସୀପୁର, ପୂର୍ବାହ୍ନ ୧୧ଟା ୫୫।
- ବରିଷ୍ଠ ଆଇନଜୀବୀ ସ୍ୱର୍ଗତ ଜୟନ୍ତ ଦାସଙ୍କ ୭୯ତମ ଜୟନ୍ତୀ ଉତ୍ସବ, ହାଇକୋର୍ଟ ବାର୍ ଆସୋସିଏଶନ, ଅପରାହ୍ନ ୪ଟା ୫୫।

## ସଂକ୍ଷେପରେ

### ୨୧୦ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ, ୪ ଗିରଫ

**କଟକ ଅଫିସ, ୧୩।୭:** କେନ୍ଦ୍ରାଞ୍ଚଳ ଅବକାରୀ ଗୋଇନ୍ଦା ବିଭାଗ ପକ୍ଷରୁ କଟକ ସଦର ଥାନା ଅନ୍ତର୍ଗତ ଫୁଲନଖରା ଛକରେ ଚଢ଼ାଉ କରାଯାଇ ୧୩୦ ଗ୍ରାମ୍ ବ୍ରାଉନସୁଗାର ବୁଧବାର ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ୨ ଜଣ ବ୍ୟବସାୟୀ ଫୁଲନଖରା କାଚରାମାଳର ବଳରାମ ସ୍ୱାଇଁ ଓ ତେଲେଙ୍ଗାପେଣ୍ଠ ନୂଆଗଡ଼ର ବବୁଲ ବାରିକଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଏଥିସହ ସେମାନଙ୍କ ନିକଟରୁ ଏକ ବାଇକ୍ ଜବତ କରାଯାଇଛି। ଏ ସମ୍ପର୍କରେ ଏକ ମାମଲା (ନଂ.୨୦୭/୨୨) ରୁଜୁ କରାଯାଇଛି। ଫୁଲନଖରା ଛକ ନିକଟରେ ଅଭିଯୁକ୍ତ ଦ୍ୱୟ ବାଇକ୍‌ରେ ଯାଉଥିବା ସମୟରେ ଗୋଇନ୍ଦା ବିଭାଗ ଟିମ୍ ଅଟକାଇ ଯାଞ୍ଚ କରିଥିଲା। ଏହି ସମୟରେ ସେମାନଙ୍କ ନିକଟରୁ ବ୍ରାଉନ୍‌ସୁଗାର ଜବତ କରାଯାଇଥିଲା। ସେହିପରି ଗୋଇନ୍ଦା ବିଭାଗ ପକ୍ଷରୁ ନୟାଗଡ଼ ଜିଲାର ଫତେଗଡ଼ଠାରେ ଚଢ଼ାଉ କରାଯାଇ ୮୦ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ କରାଯାଇଛି। ଏହି ଘଟଣାରେ ଫତେଗଡ଼ ଅଞ୍ଚଳର ମୀନକେତନ ମହାନ୍ତି ଓ ପୀତବାସ ଜେନାଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଏ ନେଇ ଏକ ମାମଲା (ନଂ.୨୦୬/୨୨) ରୁଜୁ ହୋଇଛି।

### ୪୩ କିଲୋ ଗଞ୍ଜେଇ ଜବତ, ୨ ଗିରଫ

**କଟକ ଅଫିସ, ୧୩।୭:** ରାଜ୍ୟ ଅବକାରୀ ଫ୍ଲାଇଂ ସ୍କ୍ୱାଡ୍ ପକ୍ଷରୁ ବୁଧବାର କଟକ ସଦର ଥାନା ଅନ୍ତର୍ଗତ ବାଲିକୁଦା ଛକରେ ଚଢ଼ାଉ କରାଯାଇ ଏକ କାର୍‌ରୁ ୪୩ କିଲୋ ଗଞ୍ଜେଇ ଜବତ କରାଯାଇଛି। ଏହି ଘଟଣାରେ ସମ୍ପୃକ୍ତ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଅନୁଗୋଳ ଜିଲାର ପ୍ରଶାନ୍ତ ନାଏକ ଓ ହେମନ୍ତ ନାଏକ। ଅଭିଯୁକ୍ତ ଦ୍ୱୟ ଉକ୍ତ କାରରେ ଦୁଇଟି ବସ୍ତାରେ ୪୩ କେଜି ଗଞ୍ଜେଇ ଭର୍ତ୍ତି କରି କନ୍ଧମାଳରୁ ପଶ୍ଚିମବଙ୍ଗ ଯାଉଥିଲେ। ବିଶ୍ୱସ୍ତ ସୂତ୍ରରୁ ଖବରପାଇ ଫ୍ଲାଇଂ ସ୍କ୍ୱାଡ୍ ଟିମ୍ ବାଲିକୁଦା ଛକଠାରେ ଉକ୍ତ କାର୍‌କୁ ଅଟକାଇଥିଲା। ପରେ ଯାଞ୍ଚ କରାଯିବାରୁ ସେଥିରେ ଗଞ୍ଜେଇ ଥିବା ଜଣାପଡିଥିଲା। ଜବତ ଗଞ୍ଜେଇର ମୂଲ୍ୟ ୨ ଲକ୍ଷ ୧୦ହଜାର ଟଙ୍କା ହେବ ବୋଲି ସ୍କ୍ୱାଡ୍ ପକ୍ଷରୁ କୁହାଯାଇଛି।

# ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ଯନ୍ତ୍ରୀ ଗିରଫ

କଟକ ଅଫିସ, ୧୩।୭

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ପୁରୀ ଜିଲା ନିମାପଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ଯନ୍ତ୍ରୀ ଦୁଷ୍ମନ୍ତ କୁମାର ଦେହୁରୀଙ୍କୁ ଭିଜିଲାନ୍ସ ବୁଧବାର ଗିରଫ କରି ଢେଙ୍କାନାଳ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟକୁ ଚାଲାଣ କରିଥିଲା। ସେଠାରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ଏ ନେଇ କଟକ ଭିଜିଲାନ୍ସ ଥାନାରେ ଦେହୁରୀ ଓ ତାଙ୍କ ସ୍ତ୍ରୀଙ୍କ ନାମରେ ଏକ ମାମଲା (ନଂ.୪୦/୨୨) ରୁଜୁ ହୋଇଛି।

ସୂଚନା ଅନୁଯାୟୀ, ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ସହକାରୀ ଯନ୍ତ୍ରୀ ଦେହୁରୀଙ୍କ କାର୍ଯ୍ୟାଳୟ ଓ ପୈତୃକ ଘର ସମେତ ୭ଟି ସ୍ଥାନରେ ମଙ୍ଗଳବାର ଚଢ଼ାଉ କରାଯାଇଥିଲା। ଢେଙ୍କାନାଳ ଭିଜିଲାନ୍ସ ସ୍ୱତନ୍ତ୍ର କୋର୍ଟଙ୍କ ସର୍ଚ୍ଚ ୱାରେଣ୍ଟ ବଳରେ ଭିଜିଲାନ୍ସ ବିଭାଗର ୫ ଡିଏସ୍‌ପି, ୧୨ ଇନ୍‌ସପେକ୍ଟର ଓ ଅନ୍ୟ କର୍ମଚାରୀଙ୍କୁ ନେଇ ଗଠିତ ୭ଟି ଟିମ୍ ଏକକାଳୀନ ଖୋର୍ଦ୍ଧା, ପୁରୀ ଓ ଢେଙ୍କାନାଳ ଜିଲାରେ ଚଢ଼ାଉ କରିଥିଲେ। ଏହି ଚଢ଼ାଉ ସମୟରେ ଦେହୁରୀ ଓ ତାଙ୍କ ପରିବାରବର୍ଗଙ୍କ ନାମରେ ୩.୫୪ କୋଟିରୁ ଊର୍ଦ୍ଧ୍ୱ ମୂଲ୍ୟର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଠାବ କରାଯାଇଥିଲା। ଏଥିମଧ୍ୟରେ ୨୮ଟି ପ୍ଲଟ୍, ନଗଦ ୧.୬୨ ଲକ୍ଷ ଟଙ୍କା, ବ୍ୟାଙ୍କ ଓ ବୀମା ଡିପୋଜିଟ୍ ବାବଦରେ ୪୭ ଲକ୍ଷ ୬୫ହଜାର ଟଙ୍କା, ସୁନାଗହଣା, ଗୋଟିଏ ୪ ଚକିଆ ଗାଡ଼ି, ଦୁଇଟି ବାଇକ୍ ଆଦି ରହିଛି। ସେହିପରି ତାଙ୍କ ବାସଭବନ ଓ କାର୍ଯ୍ୟାଳୟରୁ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରାଯାଇଥିଲା। ଏହାପରେ ଅଧିକ ତଦନ୍ତ କରାଯାଇ ତାଙ୍କ ସମ୍ପତ୍ତି ଆୟ ଓ ବ୍ୟୟର ହିସାବ କରାଯିବା ପରେ ଦେହୁରୀ ଆୟଠାରୁ ୩୩୩ ପ୍ରତିଶତ ଅଧିକ ସମ୍ପତ୍ତି ଠୁଳ କରିଥିବା ଜଣାପଡ଼ିଛି। ଏହି ମାମଲାରେ ଅଧିକ ତଦନ୍ତ ମଧ୍ୟ ଜାରି ରହିଛି ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।



ଦୁଷ୍ମନ୍ତ କୁମାର ଦେହୁରୀ

**ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲା**

■ଆୟଠାରୁ ୩୩୩ ପ୍ରତିଶତ ଅଧିକ ସମ୍ପତ୍ତି ଠୁଳ କରିଥିଲେ

## ଭିଜିଲାନ୍ସ ଜାଲରେ ମହିଳା କନିଷ୍ଠ ଯନ୍ତ୍ରୀ

ବେଗୁନିଆ, ୧୩।୭(ଡି.ଏନ୍.ଏ.)

**ବିଲ୍ ପାସ୍ ପାଇଁ ୫ ହଜାର ଟଙ୍କା ଲାଞ୍ଚ ନେଉଥିଲେ**

୫ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ବୁଧବାର ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକର କନିଷ୍ଠ ଯନ୍ତ୍ରୀ ସଂଘମିତ୍ରା ସାହୁ। ବିଲ୍ ପାସ୍ କରିବାକୁ ସେ ଏହି ଟଙ୍କା ନେଉଥିଲେ। ଭିଜିଲାନ୍ସ ଟିମ୍ ତାଙ୍କ ଅଫିସ ସମେତ ତମାଣ୍ଡୋ ସ୍ଥିତ ବାସଭବନରେ ଚଢ଼ାଉ କରିଥିବା ଜଣାପଡ଼ିଛି। ସୂଚନା ମୁତାବକ, ବେଗୁନିଆ ବ୍ଲକ ଅନ୍ତର୍ଗତ ରାଉତପଡ଼ା ଗ୍ରାମର ମୁସଲିମ ବସ୍ତିରେ ଏକ ପ୍ରକଳ୍ପ ପାଇଁ ୫୦ହଜାର ଟଙ୍କା ଅନୁଦାନ ମିଳିଥିଲା। ମାତ୍ର ବହୁ ବର୍ଷ ଉକ୍ତ ପ୍ରକଳ୍ପ ଅସମ୍ପୂର୍ଣ୍ଣ ଅବସ୍ଥାରେ ପଡ଼ିରହିଥିଲା। ପରେ ଜଣେ ଠିକାଦାର ଉକ୍ତ କାର୍ଯ୍ୟ ଶେଷ କରି ବିଲ୍ ପାସ୍ ପାଇଁ ବାରମ୍ବାର ବ୍ଲକ କାର୍ଯ୍ୟାଳୟକୁ ଯାଇଥିଲେ। ତେବେ ଏହି ବିଲ୍ ପାସ୍ କରିବାକୁ ଯନ୍ତ୍ରୀ ସାହୁ ତାଙ୍କୁ ୫ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏନେଇ ଠିକାଦାର ଜଣଙ୍କ ଭୁବନେଶ୍ୱର ଡିଭିଜନ ଭିଜିଲାନ୍ସ ଅଫିସରେ ଅଭିଯୋଗ କରିଥିଲେ। ପୂର୍ବ ଯୋଜନା ମୁତାବକ ପୂର୍ବାହ୍ନରେ ସମ୍ପୃକ୍ତ ଠିକାଦାରଙ୍କ ଠାରୁ କାର୍ଯ୍ୟାଳୟରେ ଯନ୍ତ୍ରୀ ସାହୁ ଲାଞ୍ଚ ଟଙ୍କା ନେଉଥିବା ବେଳେ ଭିଜିଲାନ୍ସ ଟିମ୍ ତାଙ୍କୁ ଧରିଥିଲା। ଏଥିସହ ଲାଞ୍ଚ ଟଙ୍କା ଜବତ କରିଥିଲା। ପରେ ଏହି ଟିମ୍ ଯନ୍ତ୍ରୀ ସାହୁଙ୍କୁ ଭୁବନେଶ୍ୱର ଭିଜିଲାନ୍ସ କାର୍ଯ୍ୟାଳୟକୁ ନେଇଯାଇଥିଲା।



ସଂଘମିତ୍ରା ସାହୁ

# ବାହାରିଲା ନୀଳାଚଳ ଅବଢ଼ା



ପୁରୀ ଅଫିସ, ୧୩।୭

ମହାପ୍ରଭୁଙ୍କ ନୀଳାଦ୍ରି ବିଜେ ପରେ ବୁଧବାର ନୀଳାଚଳ ଅବଢ଼ା ବାହାରିଛି। ନୀଳାଚଳ ଅବଢ଼ା ପାଇଁ ଆନନ୍ଦବଜାରରେ ଶ୍ରଦ୍ଧାଳୁଙ୍କ ଗହଳି ଦେଖିବାକୁ ମିଳିଛି। ମଙ୍ଗଳବାର ବିଳମ୍ବିତ ରାତ୍ରରେ ଶ୍ରୀମନ୍ଦିର ରତ୍ନସିଂହାସନରେ ରୁନ୍ଧା କାର୍ଯ୍ୟ ଶେଷ ହୋଇଥିଲା। ବୁଧବାର ଭୋରରୁ କୋଠ ସୁଆଁସିଆମାନେ ଚାରମାଳ ଖୋଲିବା ପରେ ମହାପ୍ରଭୁଙ୍କ ମଙ୍ଗଳ ଆଳତି, ଅବକାଶ ଓ ଅନ୍ୟାନ୍ୟ ନୀତି ସମ୍ପନ୍ନ ହୋଇ ଗୋପାଳବଲ୍ଲଭ ଭୋଗ କରାଯାଇଥିଲା। ଏହାପରେ ନୀଳାଚଳ ଅବଢ଼ା ବାହାରିଥିଲା। ନୀଳାଚଳ ଅବଢ଼ା ସେବନ କଲେ ମୋକ୍ଷପ୍ରାପ୍ତି ହେବାର ବିଶ୍ୱାସ ରହିଛି। ସେହିପରି ଗୁରୁପୂର୍ଣ୍ଣିମା ଅବସରରେ ମହାପ୍ରସାଦ ସେବନର ସ୍ୱତନ୍ତ୍ର ମହାତ୍ମ୍ୟ ରହିଛି। ପୁରୀ ସାହିବାସିନ୍ଦା ନୀଳାଚଳ ଅବଢ଼ା ନେଇ ଘରେ ଖାଇଥାନ୍ତି। ଏଣୁ ଭୋଗ ବାହାରିବା ପରେ ସ୍ଥାନୀୟ ଲୋକେ ଅବଢ଼ା ଧରି ଫେରୁଥିବା ଦେଖିବାକୁ ମିଳିଥିଲା। ସୁଆର ମହାସୁଆର ନିଯୋଗର ସମ୍ପାଦକ ନାରାୟଣ ମହାସୁଆର କହିଛନ୍ତି, ୫୦ ହଜାର ଶ୍ରଦ୍ଧାଳୁଙ୍କ ପାଇଁ ମହାପ୍ରସାଦ ପ୍ରସ୍ତୁତ କରାଯାଇଥିଲା। ଦିନରେ ୪ଟି ଭୋଗ ବାହାରିଥିଲା। ସକାଳଧୂପ ସମୟରେ ମହାପ୍ରସାଦ ନେବା ପାଇଁ ବହୁ ଗହଳି ଦେଖିବାକୁ ମିଳିଥିଲା। ସେହିପରି ଭକ୍ତ ଶ୍ରୀମୟୀ ପ୍ରଧାନ କହିଛନ୍ତି, ନବବିବାହିତା ବଧୂ ଭାବେ ପ୍ରଥମ ଥର ପାଇଁ ନୀଳାଚଳ ଅବଢ଼ା ନେବାକୁ ଶ୍ରୀମନ୍ଦିର ଆସିଥିଲି। ସାଙ୍ଗରେ ଅବଢ଼ା ନେଇ ଫେରୁଛି। ପରିବାର ଲୋକେ ଘରେ ଏକାଠି ଖାଇବୁ ବୋଲି ସେ କହିଛନ୍ତି।

## ବାହୁଡ଼ାଯାତ୍ରାରେ ମହିଳାଙ୍କୁ ପୋଲିସର ଅସଦାଚରଣ

**ଏତଲା ଦେଲା ଶ୍ରୀଜଗନ୍ନାଥ ସେନା**

ପୁରୀ ଅଫିସ, ୧୩।୭

ବାହୁଡ଼ାଯାତ୍ରାରେ ଜଣେ ମହିଳା ଭକ୍ତଙ୍କୁ ପୋଲିସ୍ କର୍ମଚାରୀ ଅସଦାଚରଣ କରିଥିବା ଅଭିଯୋଗ ଆଣି ଶ୍ରୀଜଗନ୍ନାଥ ସେନା ବୁଧବାର ସିଂହଦ୍ୱାର ଥାନାରେ ଏତଲା ଦେଇଛି। ତୁରନ୍ତ ସମ୍ପୃକ୍ତ ପୋଲିସ କର୍ମଚାରୀଙ୍କୁ ଚିହ୍ନଟ କରି ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ଶ୍ରୀଜଗନ୍ନାଥ ସେନାର ଆବାହକ ଆଇନଜୀବୀ ପ୍ରିୟଦର୍ଶନ ପଟ୍ଟନାୟକ ଦାବି କରିଛନ୍ତି। ସେ ତାଙ୍କ ଏତଲାରେ ଦର୍ଶାଇଛନ୍ତି, ଦୁଇବର୍ଷ ପରେ ଚଳିତ ବର୍ଷ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ଲକ୍ଷ ଲକ୍ଷ ଭକ୍ତଙ୍କ ଗହଣରେ ସମ୍ପନ୍ନ ହୋଇଛି। ତେବେ ବାହୁଡା ଯାତ୍ରାରେ ଦିବାଲୋକରେ ଲକ୍ଷ ଲକ୍ଷ ଭକ୍ତଙ୍କ ଉପସ୍ଥିତିରେ ରଥ ଟାଣୁଥିବା ଜଣେ ମହିଳାଙ୍କୁ ନୀଳ ଡ୍ରେସ୍ ପିନ୍ଧା ଜଣେ ପୋଲିସ କର୍ମଚାରୀ ଅସଦାଚରଣ କରିଥିଲେ। ଯାହାର ଦୃଶ୍ୟ ବିଭିନ୍ନ ଗଣମାଧ୍ୟମରେ ପ୍ରସାରିତ ହୋଇଥିଲା। ମାତ୍ର ଏପର୍ଯ୍ୟନ୍ତ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ। ଯଦି ପୋଲିସ ରକ୍ଷକ ହୋଇ ଭକ୍ଷକ ସାଜିବ ତେବେ ଲୋକେ କାହାକୁ ଅଭିଯୋଗ ଜଣାଇବେ ବୋଲି ପଟ୍ଟନାୟକ କ୍ଷୋଭର ସହ କହିଛନ୍ତି।

# ରଥରୁ କଢ଼ାଗଲା ସାରଥି, ପାର୍ଶ୍ୱ ଦେବଦେବୀ

ପୁରୀ ଅଫିସ, ୧୩।୭

ଦାରୁଦିଅଁ ନବଦିନାତ୍ମକ ଯାତ୍ରା ସାରି ମଙ୍ଗଳବାର ଶ୍ରୀମନ୍ଦିର ରତ୍ନସିଂହାସନକୁ ବିଜେ କରିଛନ୍ତି। ମହାପ୍ରଭୁଙ୍କ ନୀଳାଦ୍ରି ବିଜେ ନୀତି ସହ ଚଳିତ ବର୍ଷର ଘୋଷଯାତ୍ରା ସମ୍ପନ୍ନ ହୋଇଛି। ଏବେ ସିଂହଦ୍ୱାର ସମ୍ମୁଖରେ ଶୂନ୍ୟ ଥିବା ତିନିରଥ ଦଣ୍ଡାୟମାନ। ବୁଧବାର ତିନିରଥରୁ ସାରଥି, ଘୋଡ଼ା, ସଖୀ, ପାର୍ଶ୍ୱ ଦେବଦେବୀ, ହଂସପଟା, କନ୍ୟାପଟା, ଶିଖର ଡମ୍ବରୁ, ଠେକରାବାଡ଼ ଏବଂ ଚାରମାଳ ପ୍ରଭୃତି ଖୋଲାଯାଇଛି। ତିନି ସାରଥିଙ୍କୁ ଦୋଳବେଦି ପରିସର ଏବଂ ଘୋଡ଼ା ଓ ଚାରମାଳଗୁଡ଼ିକୁ ଶ୍ରୀଗୁଣ୍ଡିଚା ମନ୍ଦିର ପରିସରରେ ରଖାଯାଇଛି। ଅନ୍ୟାନ୍ୟ ସାମଗ୍ରୀ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ପରିସରରେ ରହିଛି। ଭୋଇ ସର୍ଦ୍ଦାର ରବି ଭୋଇଙ୍କ ନେତୃତ୍ୱରେ ୭୫ଜଣ ଭୋଇ ସେବକ ଏଥର କାର୍ଯ୍ୟରେ ନିୟୋଜିତ ହୋଇଥିଲେ। ଶ୍ରୀମନ୍ଦିର ପ୍ରଶାସନଠାରୁ ନିର୍ଦ୍ଦେଶ ପାଇବା ପରେ ରଥଭଙ୍ଗା କାମ ଆରମ୍ଭ ହେବ ବୋଲି ଭୋଇ ସର୍ଦ୍ଦାର କହିଛନ୍ତି।

## ରାଜ୍ୟପାଳଙ୍କ ଦ୍ୱାରା 'ଥ୍ରୁ ରେନ୍ସ ଆଣ୍ଡ ସନ୍‌ସାଇନ୍' ଉନ୍ମୋଚିତ

ଭୁବନେଶ୍ୱର, ୧୩।୭(ବ୍ୟୁରୋ)

ସାହିତ୍ୟିକ ତଥା ଅବସରପ୍ରାପ୍ତ ପ୍ରଶାସକ ପ୍ରଦୀପ କୁମାର ରଥଙ୍କ ଆତ୍ମ ଜୀବନୀ ପୁସ୍ତକ 'ଥ୍ରୁ ରେନ୍ସ ଆଣ୍ଡ୍ ସନ୍‌ସାଇନ୍ – ଷ୍ଟୋରି ଅଫ୍ ଏ ସିଭିଲ ସର୍ଭାଣ୍ଟ' ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍‌ଙ୍କ ଦ୍ୱାରା ବୁଧବାର ରାଜଭବନଠାରେ ଉନ୍ମୋଚିତ ହୋଇଛି। ଲେଖକଙ୍କ ଅନୁଭୂତି ଓ ଉପଲବ୍ଧି ଅନ୍ୟମାନଙ୍କ ପାଇଁ ପ୍ରେରଣାଦାୟୀ ହେବ ବୋଲି ରାଜ୍ୟପାଳ କହିଛନ୍ତି। ଲେଖକଙ୍କ ସ୍ତ୍ରୀ ପ୍ରତିମା ମିଶ୍ର, ରାଜ୍ୟପାଳଙ୍କ ବ୍ୟକ୍ତିଗତ ସଚିବ ହିମାଂଶୁ ନାରାୟଣ ପଟ୍ଟନାୟକ, କବି ରକ୍ଷକ ନାୟକ ଉପସ୍ଥିତ ଥିଲେ।



ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ବିଶ୍ୱଜିତ୍



@ ଚନ୍ଦନ



@ ଦିଲ୍ଲୀପ



@ ରାଜକିଶୋର



@ ବିକ୍ରମ



@ କ୍ରିଷ୍ଣା

## ଅଗଷ୍ଟରେ ପ୍ରକାଶ ପାଇପାରେ ସିବିଏସ୍‌ଇ ରେଜଲ୍ଟ

ଭୁବନେଶ୍ୱର, ୧୩।୭(ବ୍ୟୁରୋ)

ସିବିଏସ୍‌ଇ ଦଶମ ଓ ଦ୍ୱାଦଶ ପରୀକ୍ଷାଫଳ ଅଗଷ୍ଟରେ ପ୍ରକାଶ ପାଇପାରେ। ଏନେଇ କେନ୍ଦ୍ରୀୟ ଅନୁଦାନ ଆୟୋଗ(ୟୁଜିସି) ବିଜ୍ଞପ୍ତି ପ୍ରକାଶ କରିଛି। ପରୀକ୍ଷା ଫଳ ବିଳମ୍ବକୁ ନେଇ ଛାତ୍ରୀଛାତ୍ରଙ୍କ ଚିନ୍ତା ବଢ଼ିଛି। କାରଣ ବିଭିନ୍ନ ରାଜ୍ୟରେ ୟୁଜି ନାମଲେଖା ଆରମ୍ଭ ହୋଇଯାଇଥିବାରୁ ସେମାନେ ନାମଲେଖାରେ ଅସୁବିଧାର ସମ୍ମୁଖୀନ ହେବାର ଆଶଙ୍କା ରହିଛି। ତେଣୁ ଏହି ଘଟଣାରେ ହସ୍ତକ୍ଷେପ କରିବା ପାଇଁ ୟୁଜିସିକୁ ସିବିଏସ୍‌ଇ ଅନୁରୋଧ କରିଥିଲା। ଏବେ ୟୁଜିସି କହିଛି, ଟର୍ମ-୧ ପରୀକ୍ଷା ଫଳ ସବୁ ସ୍କୁଲକୁ ପଠାଯାଇଛି। ଟର୍ମ-୨ ମୂଲ୍ୟାୟନ ଚାଲିଥିବାବେଳେ ରେଜଲ୍ଟ ପ୍ରକାଶ ପାଇଁ ପ୍ରସ୍ତୁତି ମଧ୍ୟ ଆରମ୍ଭ ହୋଇଛି। ଦୁଇଟି ଟର୍ମର ପରୀକ୍ଷାଫଳକୁ ଆଧାର କରି ଚୂଡ଼ାନ୍ତ ରେଜଲ୍ଟ ପ୍ରକାଶ କରାଯିବ। ଫଳାଫଳ ଘୋଷଣା ନିମନ୍ତେ ଏସବୁ ପ୍ରକ୍ରିୟା ପ୍ରାୟ ଏକ ମାସ ସମୟ ଲାଗିବ। ତେଣୁ ଉଚ୍ଚଶିକ୍ଷାନୁଷ୍ଠାନଗୁଡ଼ିକ ୟୁଜି ନାମଲେଖା ପାଇଁ ଶେଷ ତାରିଖ ସିବିଏସ୍‌ଇ ରେଜଲ୍ଟ ପ୍ରକାଶ କରିବା ପରେ ରଖନ୍ତୁ ବୋଲି ୟୁଜିସି ନିର୍ଦ୍ଦେଶ ଦେଇଛି। ସୂଚନାଯୋଗ୍ୟ, ପ୍ରତିବର୍ଷ ଜୁଲାଇରେ ପରୀକ୍ଷାଫଳ ପ୍ରକାଶ ପାଇଥାଏ। ଏଥର ମଧ୍ୟ ଏହି ମାସରେ ପରୀକ୍ଷାଫଳ ଘୋଷଣା କରିବା ପାଇଁ ସିବିଏସ୍‌ଇ ଯୋଜନା ରଖିଥିଲା। କିନ୍ତୁ ସମସ୍ତ ପ୍ରକ୍ରିୟା ଶେଷ ହୋଇପାରି ନ ଥିବାରୁ ବିଳମ୍ବ ହୋଇଛି। ଚଳିତବର୍ଷ ଦଶମ ଓ ଦ୍ୱାଦଶରେ ଦୁଇଟି ଟର୍ମ ପରୀକ୍ଷା ହୋଇଛି। ତେଣୁ ଫଳାଫଳ ଘୋଷଣା ପାଇଁ ସମୟ ଲାଗୁଥିବା ସିବିଏସ୍‌ଇ କହିଛି।



ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ଥିବା ରଥରୁ ବୁଧବାର ସାରଥିଙ୍କୁ କଢ଼ାଯାଇ ତଳକୁ ଅଣାଯାଉଛି।



ଭୁବନେଶ୍ୱରସ୍ଥିତ ରାଜଭବନଠାରେ ସାହିତ୍ୟିକ ପ୍ରଦୀପ କୁମାର ରଥଙ୍କ ଆତ୍ମଜୀବନୀ ପୁସ୍ତକ 'ଥ୍ରୁ ରେନ୍ସ ଆଣ୍ଡ ସନ୍‌ସାଇନ୍ – ଷ୍ଟୋରି ଅଫ୍ ଏ ସିଭିଲ ସର୍ଭାଣ୍ଟ'କୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଉନ୍ମୋଚନ କରୁଛନ୍ତି।



ଗୁରୁପୂର୍ଣ୍ଣିମା ଅବସରରେ ବୁଧବାର ପୁରୀ ଶ୍ରୀମନ୍ଦିର ପାର୍ଶ୍ୱସ୍ଥ ବଡ଼ଛତା ମଠରେ ସାଧୁମାନେ ଗୁରୁ ପୂଜନ କରୁଛନ୍ତି।

## ସଂକ୍ଷେପରେ

### ନକଲି କୋଭିଡ୍ ଔଷଧ କାରବାର ମାମଲା
## ଶିବ ଜେନାଙ୍କୁ ସର୍ତ୍ତମୂଳକ ଜାମିନ

କଟକ ଅଫିସ, ୧୩।୭- କଟକରେ ନକଲି କୋଭିଡ୍ ଔଷଧ କାରବାର ମାମଲାର ଅଭିଯୁକ୍ତ ଶିବପ୍ରସାଦ ଜେନାଙ୍କୁ ସର୍ତ୍ତମୂଳକ ଜାମିନ ମିଳିଛି। ମେଡିଲଏଡ ମେଡିକାମେଣ୍ଟର ମୁଖ୍ୟ ଶିବଙ୍କୁ ୫୦ହଜାର ଟଙ୍କା ଓ ଦୁଇ ଜଣ ଜାମିନଦାରଙ୍କ ବଦଳରେ ହାଇକୋର୍ଟ ବିଚାରପତି ଏ.କେ. ମହାପାତ୍ର ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି। ନିମ୍ନ ଅଦାଲତ ଜାମିନର ସର୍ତ୍ତ ନିର୍ଦ୍ଧାରଣ କରିବା ନେଇ ଉଚ୍ଚ ଅଦାଲତ କହିଛନ୍ତି। ଏଥିସହ ତଦନ୍ତରେ ସାହାଯ୍ୟ କରିବାକୁ କୋର୍ଟ ସର୍ତ୍ତ ରଖିଛନ୍ତି। ତେବେ ପ୍ରତ୍ୟେକ ତାରିଖ ଦିନ କୋର୍ଟରେ ହାଜର ହେବାକୁ ଶିବଙ୍କୁ ନିର୍ଦ୍ଦେଶ ରହିଛି। ଡ୍ରଗ୍ କଣ୍ଟ୍ରୋଲରଙ୍କ ଏତଲା କ୍ରମେ ଶିବଙ୍କ ନାମରେ ଏସ୍‌ଟିଏଫ୍ ମାମଲା ଦାୟର କରିଥିଲା। ୨୦୨୧ ମେ’ ୧୧ ତାରିଖରେ କଟକ କନିକାଛକ ନିକଟରେ ଥିବା ଏକ ମେଡିସିନ ହୋଲ୍‌ସେଲ୍‌ର ଗୋଦାମ ଉପରେ ଜିଲା ଡ୍ରଗ ଡିପାର୍ଟମେଣ୍ଟ ଚଢ଼ାଉ କରିଥିଲା। ଶିବଙ୍କ ଗୋଦାମରୁ ୭୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ନକଲି କରୋନା ଔଷଧ ମିଳିବା ପରେ ଡ୍ରଗ କଣ୍ଟ୍ରୋଲ ବିଭାଗର ତନାଘନା ଚାଲିଥିଲା। କେବଳ ଜିଲା ନା ରାଜ୍ୟ ବାହାରକୁ ଏହି ଔଷଧ ଯାଉଥିଲା ତାକୁ ନେଇ ତଦନ୍ତ ଆରମ୍ଭ ହୋଇଥିଲା। ମହାରାଷ୍ଟ୍ରରୁ ନକଲି ଔଷଧ ଜବତ ହେବା ପରେ ତା ଲିଙ୍କ୍‌ରେ ଶିବଙ୍କ ଗୋଦାମରେ ଚଢ଼ାଉ କରାଯାଇ ଜବତ ହୋଇଥିଲା।

## ଏଏସ୍‌ଆଇ (କମ୍ୟୁନିକେଶନ)ରେ ୬୬ ଉତ୍ତୀର୍ଣ୍ଣ

ଭୁବନେଶ୍ୱର,୧୩।୭(ବ୍ୟୁରୋ)- ରାଜ୍ୟ ପୋଲିସ ପକ୍ଷରୁ ହୋଇଥିବା ଏଏସ୍‌ଆଇ (କମ୍ୟୁନିକେଶନ) ପରୀକ୍ଷା ଫଳାଫଳ ପ୍ରକାଶ ପାଇଛି । ଏଥିରେ ୬୬ ଜଣ ଏଏସ୍‌ଆଇ ପଦ ପାଇଁ କୃତକାର୍ଯ୍ୟ ହୋଇଛନ୍ତି। ଏନେଇ ରାଜ୍ୟ ପୋଲିସ ମୁଖ୍ୟାଳୟ ପକ୍ଷରୁ ବୁଧବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଏମାନଙ୍କୁ ବିଭିନ୍ନ ଜିଲାରେ ନିଯୁକ୍ତି ଦେବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ୨୦୨୧ ଡିସେମ୍ବର ୧୩ରେ ଓଡ଼ିଶା ପୋଲିସର ରିକ୍ରୁଟ୍‌ମେଣ୍ଟ ବୋର୍ଡ ପକ୍ଷରୁ ଏହି ପରୀକ୍ଷା କରାଯାଇଥିଲା।

## ଜାତୀୟ ଆଇନ ବିଶ୍ୱବିଦ୍ୟାଳୟରେ ୪୪ ସଂକ୍ରମିତ ଚିହ୍ନଟ

କଟକ ଅଫିସ,୧୩।୭- ସହରରେ ଦିନକୁ ଦିନ ସଂକ୍ରମିତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ବୁଧବାର ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ(ଏନ୍‌ଏଲ୍‌ୟୁ)ରେ ୪୪ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ବିଶ୍ୱବିଦ୍ୟାଳୟର ୨୩୪ ଜଣ ଛାତ୍ରୀଛାତ୍ରଙ୍କର କୋଭିଡ୍ ଟେଷ୍ଟ କରାଯାଇଥିଲା। ସେଥିମଧ୍ୟରୁ ୪୪ ଜଣ ପଜିଟିଭ୍ ଚିହ୍ନଟ ହୋଇଥିବା କଟକ ମହାନଗର ନିଗମ(ସିଏମ୍‌ସି) ସ୍ୱାସ୍ଥ୍ୟ ଅଧିକାରୀ ସତ୍ୟବ୍ରତ ମହାପାତ୍ର ସୂଚନା ଦେଇଛନ୍ତି। ପୂର୍ବରୁ ସିଏମ୍‌ସି କାର୍ଯ୍ୟାଳୟର ୮ ଜଣ କର୍ମଚାରୀ କରୋନା ପଜିଟିଭ ଚିହ୍ନଟ ହୋଇଥିଲେ। ଏହାପରେ ସିଏମ୍‌ସିରେ କୋଭିଡ୍ ନିୟମକୁ କଡାକଡି କରାଯାଇଛି। ମାସ୍କ ପିନ୍ଧିବା ଓ ସାନିଟାଇଜର ବ୍ୟବହାର ବାଧ୍ୟତାମୂଳକ କରାଯିବା ସହ ଆବଶ୍ୟକ ନ ଥିଲେ ସିଏମ୍‌ସି ଅଫିସକୁ ଆସିବାକୁ ଲୋକଙ୍କୁ ବାରଣ କରାଯାଇଛି। ସହରରେ ସଂକ୍ରମଣ ବଢ଼ୁଥିଲେ ମଧ୍ୟ ଲୋକମାନେ ମାସ୍କ ପିନ୍ଧିବା, ସାମାଜିକ ଦୂରତା ରକ୍ଷା କରିବା ଭଳି କଟକଣାକୁ ମାନୁନାହାନ୍ତି। ତେବେ ଏବେଠୁ କଟକଣା ନ ମାନିଲେ ଆଗକୁ ବଡ ବିପଦ ଆସିବା ଆଶଙ୍କା ରହିଛି। ଏ ସମ୍ପର୍କରେ ମେୟର ସୁବାସ ସିଂ କହିଛନ୍ତି, କୋଭିଡ୍ କଟକଣା ପାଳନ ନ କଲେ କଠୋର ପଦକ୍ଷେପ ଗ୍ରହଣ କରାଯିବ।

# ଜନସେବା କେନ୍ଦ୍ରରେ ଛାପୁଥିଲେ ନକଲି ନୋଟ୍

**ଭୁବନେଶ୍ୱର/ ସମ୍ବଲପୁର, ୧୩।୭(ବ୍ୟୁରୋ)**




ଜବତ ହୋଇଥିବା ନକଲି ନୋଟ୍ ଏବଂ ଗିରଫ ୨ ଅଭିଯୁକ୍ତ।

### ସମ୍ବଲପୁରରେ ଏସ୍‌ଟିଏଫ୍ ଚଢ଼ାଉ
- ୧୫ଲକ୍ଷର ନକଲି ନୋଟ୍ ଜବତ, ୨ ଗିରଫ
- ରାତି ୯ଟା ପରେ ଚାଲୁଥିଲା ନୋଟ୍ ଛାପା

ସମ୍ବଲପୁର ଜିଲା ଝୁଝୁମୁରା ଥାନାର ଦୁର୍ଗମ ଅଞ୍ଚଳ ନୂଆ ଅଡ଼ାପଡା ଗ୍ରାମରେ ମଙ୍ଗଳବାର ରାତିରେ ଏସ୍‌ଟିଏଫ୍ ଚଢାଉ କରି ୧୫ଲକ୍ଷ ୧୨ ହଜାର ୫୦୦ ଟଙ୍କାର ନକଲି ନୋଟ୍ ଜବତ କରିଛି। ଏଥିରେ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଉକ୍ତ ଗ୍ରାମରେ ଜନସେବା କେନ୍ଦ୍ର ଖୋଲିଥିବା ପୋଦାର ପ୍ରସାଦ ସାହୁ (୨୮) ଓ ତାଙ୍କ ସହଯୋଗୀ ଜନ୍ମେଜୟ ବାଗ୍ (୩୨)। ପୋଦାର ଜନସେବା କେନ୍ଦ୍ରରେ ନକଲି ନୋଟ୍ ଛାପି ବିଭିନ୍ନ ସ୍ଥାନକୁ ପଠାଉଥିଲେ। ଏହି ନକଲି ନୋଟ୍ ଜନସେବା କେନ୍ଦ୍ର ଓ ଅଭିଯୁକ୍ତମାନଙ୍କ ଘରୁ ଜବତ ହୋଇଛି। ଜବତ ନୋଟ୍ ମଧ୍ୟରେ ୪ ଗୋଟି ଭିନ୍ନ ସିରିୟଲ ନମ୍ବରର ୨୮୬୫ଟି ୫ଶହ ଟଙ୍କିଆ ନୋଟ୍, ୪ ଶହ ଗୋଟି ୨ ଶହ ଟଙ୍କିଆ ନୋଟ୍ ରହିଛି। ଅନ୍ୟ ଜବତ ସାମଗ୍ରୀ ମଧ୍ୟରେ ୨ ଲାପ୍‌ଟପ୍, ଏକ ପ୍ରିଣ୍ଟର, ମିନି ମ୍ୟାଜିକ ଏଟିଏମ୍ କାର୍ଡ, ମାଉସ, ୧୦ଟି ଜିଓ କମ୍ପାନୀ ସିମ୍ କାର୍ଡ ରହିଛି। ଏ ନେଇ ଏସ୍‌ଟିଏଫ୍ ପକ୍ଷରୁ ଥାନାରେ ଅଭିଯୋଗ ପରେ ପୋଲିସ ଏକ ମାମଲା (ନଂ.୧୦୪/୨୨) ରୁଜୁ କରି ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ସମ୍ବଲପୁର ମଣ୍ଡଳ କାରାଗାରକୁ ପଠାଇ ଦିଆଯାଇଛି।

ଏସ୍‌ଟିଏଫ୍‌ର ସୂଚନା ଅନୁଯାୟୀ ଝୁଝୁମୁରା ଥାନା ଅଞ୍ଚଳରେ ରହିଥିବା ଅଡାପଡା ଜନସେବା କେନ୍ଦ୍ରରେ ନକଲି ନୋଟ୍ ତିଆରି କରାଯାଉଥିବା ନେଇ ବିଶେଷ ସୂତ୍ରରୁ ଖବର ମିଳିଥିଲା। ଏହାପରେ ଏସ୍‌ଟିଏଫ୍ ଟିମ ସମ୍ବଲପୁର ପୋଲିସ ସହାୟତାରେ ଉକ୍ତ କେନ୍ଦ୍ରରେ ଚଢାଉ କରିଥିଲା। ଯାଞ୍ଚ ସମୟରେ ଟିମ୍ ସଦସ୍ୟ ନକଲି ନୋଟ୍ ଓ ଅନ୍ୟ ସାମଗ୍ରୀ ଜବତ କରିଥିଲେ। ଏ ସମ୍ବନ୍ଧରେ ସେମାନଙ୍କୁ ପଚାରିବାରୁ କୌଣସି ସନ୍ତୋଷଜନକ ଉତ୍ତର ଦେଇ ନ ଥିଲେ। ଫଳରେ ସେମାନଙ୍କୁ ଅଟକ ରଖି ଝୁଝୁମୁରା ପୋଲିସକୁ ହସ୍ତାନ୍ତର କରାଯାଇଥିଲା। ଏ ସଂକ୍ରାନ୍ତରେ ଝୁଝୁମୁରା ଥାନାରେ ଏକ ମକଦ୍ଦମା ରୁଜୁ ହୋଇ ସେମାନଙ୍କୁ ଗିରଫ କରାଯାଇଥିଲା। ଏହି କାରବାର ଚେର କେଉଁଆଡେ ଲମ୍ବିଛି ତାହାର ତଦନ୍ତ ଚଲାଇଛି ଏସ୍‌ଟିଏଫ୍ ଟିମ୍। କିଛିଦିନ ତଳେ ବରଗଡ଼ ଜିଲା ବରପାଲିରୁ ୧୪ ଲକ୍ଷରୁ ଅଧିକ ଟଙ୍କାର ନକଲି ନୋଟ୍ ଜବତ ହୋଇଥିଲା। ୨ ଜଣଙ୍କୁ ଗିରଫ ମଧ୍ୟ କରାଯାଇଥିଲା। ଏଥିରେ ଏହି ଦୁଇଜଣଙ୍କ ଲିଙ୍କ୍ ରହିଛି କି ନାହିଁ ତାହା ମଧ୍ୟ ପୋଲିସ ଖୋଳତାଡ ଜାରି ରଖିଛି। ସେହିଭଳି କ୍ରାଇମବ୍ରାଞ୍ଚର ତଥ୍ୟ ଅନୁସାରେ ୧୦ ବର୍ଷ ଭିତରେ ୧୦ କୋଟିରୁ ଅଧିକ ଟଙ୍କାର ଜାଲ୍‌ନୋଟ୍ ଜବତ ହେବା ସହ ୩୨୦ରୁ ଅଧିକ ଅଭିଯୁକ୍ତ ଧରାପଡ଼ିଛନ୍ତି ଏବଂ ୧୮୦ରୁ ଅଧିକ ମାମଲା ହୋଇଛି।

### ଦିନରେ ଅଫିସ କାମ, ରାତିରେ ନକଲି ନୋଟ୍ ଛାପା

ଝୁଝୁମୁରା ଥାନା ଅଞ୍ଚଳରେ ନକଲି ନୋଟ୍ ଜବତ ହେବା ପରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସାମ୍ନାକୁ ଆସିଛି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ ଅଭିଯୁକ୍ତ ପୋଦାର ପ୍ରଥମେ ଗ୍ରାମ ଭିତରେ ଜନସେବା କେନ୍ଦ୍ର ଖୋଲିଥିଲେ। ପରେ ଗ୍ରାମ ଛକରେ ଏକ ଭଡାଘର ନେଇ କେନ୍ଦ୍ର ଖୋଲିଥିଲେ। ପ୍ରାୟ ୨ବର୍ଷ ହେଲା ଛକରେ ଏହି କେନ୍ଦ୍ର ରହିଛି। ଦିନ ସମୟରେ ସାଧାରଣ ଲୋକଙ୍କ ବିଭିନ୍ନ କାମ କରୁଥିଲେ। ରାତି ୯ଟା ପରେ ନୋଟ୍ ଛାପା କାମ କରୁଥିଲେ। ମଙ୍ଗଳବାର ରାତି ୧୨ଟା ପର୍ଯ୍ୟନ୍ତ ପ୍ରିଣ୍ଟର ମେଶିନ ଚାଲୁଥିବା ଶବ୍ଦ ଶୁଭୁଥିଲା ବୋଲି ସେମାନେ କହିଛନ୍ତି।

### କେମିତି ଛାପୁଥିଲେ

ଗିରଫ ଅଭିଯୁକ୍ତ ଦ୍ୱୟ ଲାପ୍‌ଟପ୍ ଓ ପ୍ରିଣ୍ଟର ମେଶିନରେ ପ୍ରଥମେ ଗୋଟେ ସଫ୍ଟୱେର ଲୋଡ୍ କରିଥିଲେ, ଯାହାକୁ ଆଡୋବ ପେଜ୍ ମେକର କୁହାଯାଏ। ଏହା ଜରିଆରେ ଅସଲି ୫୦୦ ଟଙ୍କିଆ ଓ ୨୦୦ ଟଙ୍କିଆ ନୋଟକୁ ସ୍କାନ କରି ତାହାର ଦୈର୍ଘ୍ୟ ଓ ପ୍ରସ୍ଥକୁ ସାଇଜ କରି ନକଲି ଟଙ୍କା ପ୍ରିଣ୍ଟ ବାହାର କରନ୍ତି ବୋଲି ଏସ୍‌ଟିଏଫ୍ ଡିଏସ୍‌ପି ସଚ୍ଚିଦାନନ୍ଦ ରଥ କହିଛନ୍ତି। ଏହାପରେ ୨୦ ହଜାର ଓ ୩୦ ହଜାର ଅସଲି ନୋଟ୍ ନେଇ ୧ ଲକ୍ଷ ଟଙ୍କା ନକଲି ଦେଇଥାନ୍ତି ବୋଲି କହିଛନ୍ତି। ତେବେ ଏହି ଟେକ୍‌ନିକ ସେମାନେ କେଉଁଠି ଶିଖିଛନ୍ତି ଆଉ କେବେଠୁ ଚଲାଇଛନ୍ତି ତଦନ୍ତ କଲେ ଜଣାପଡିବ ବୋଲି ଏସ୍‌ଟିଏଫ୍ ଡିଏସ୍‌ପି କହିଛନ୍ତି।

## ରାଜ୍ୟ ପୋଲିସରେ ଏସ୍‌ଆଇ, ଇନ୍ସପେକ୍ଟର ବଦଳି

**ଭୁବନେଶ୍ୱର,୧୩।୭(ବ୍ୟୁରୋ)**

ରାଜ୍ୟ ପୋଲିସରେ ୫ଜଣ ଇନ୍ସପେକ୍ଟରଙ୍କ ନିଲମ୍ବନ ପ୍ରତ୍ୟାହୃତ କରାଯିବା ପରେ ସେମାନଙ୍କୁ ବିଭିନ୍ନ ଜିଲାକୁ ବଦଳି କରାଯାଇଛି। ଗଜପତିରେ ଥିବା ତପନ କୁମାର ପତିଙ୍କୁ ନବରଙ୍ଗପୁର, ମୟୂରଭଞ୍ଜରେ ଥିବା ସରୋଜିନୀ ନାୟକଙ୍କୁ ସୁବର୍ଣ୍ଣପୁର, ଜଗତ୍‌ସିଂହପୁରରେ ଥିବା ଅଜୟ ଚନ୍ଦ୍ର ମୁଦୁଲିଙ୍କୁ ନବରଙ୍ଗପୁର, କନ୍ଧମାଳରେ ଥିବା ରମାକାନ୍ତ ପାତ୍ରଙ୍କୁ ସମାନ ସ୍ଥାନରେ ଏବଂ କଳାହାଣ୍ଡିରେ ଥିବା ଦାମୁ ପରାଜଙ୍କୁ କୋରାପୁଟକୁ ବଦଳି କରାଯାଇଛି। ସେହିପରି ୩ ଜଣ ଏସ୍‌ଆଇଙ୍କୁ ନୂଆ ସ୍ଥାନକୁ ବଦଳି କରାଯାଇଛି। କମିଶନରେଟ ପୋଲିସରେ ଥିବା ବିକ୍ରମ କେଶରୀ ମାଣିଆଙ୍କୁ ପୁରୀ, ଜଗତ୍‌ସିଂହପୁରରେ ଥିବା କପିଳଚରଣ ନାୟକଙ୍କୁ କମିଶନରେଟ ପୋଲିସ, କେନ୍ଦୁଝରରେ ଥିବା ଗଙ୍ଗାଧର ବାରିକଙ୍କୁ ଯାଜପୁର ବଦଳି କରାଯାଇଛି। ଅନ୍ୟପକ୍ଷରେ ଏସ୍‌ଆଇରୁ ଇନ୍ସପେକ୍ଟର ର୍‍ୟାଙ୍କକୁ ପଦୋନ୍ନତି ପାଇଥିବା ୩ ଜଣଙ୍କୁ ବଦଳି କରାଯାଇଛି। ଖୋର୍ଦ୍ଧାରେ ଥିବା ରଶ୍ମିରଞ୍ଜନ ଦାସଙ୍କୁ କଟକ, ବ୍ରହ୍ମପୁରରେ ଥିବା ସୁରେଶ ଚନ୍ଦ୍ର ପୃଷ୍ଟିଙ୍କୁ ପୁରୀ, ରାଉରକେଲାରେ ଥିବା ଫୁଲ୍‌ଗେସ୍ୱ ଲାକ୍ରାଙ୍କୁ ବଲାଙ୍ଗୀରରେ ନିଯୁକ୍ତି ଦିଆଯାଇଛି। ଏନେଇ ରାଜ୍ୟ ପୋଲିସ ମୁଖ୍ୟାଳୟ ପକ୍ଷରୁ ବୁଧବାର ବିଜ୍ଞପ୍ତି ପ୍ରକାଶ ପାଇଛି।




ନିଜ ଦେଶରେ ଥିବା ମେଡିକାଲ କଲେଜରେ ପାଠପଢ଼ିବାର ସୁବ୍ୟବସ୍ଥା କରିବା ସହ ଅନ୍ୟ କେତେକ ଦାବିରେ ଯୁଦ୍ଧ ପ୍ରପୀଡିତ ୟୁକ୍ରେନ୍ ଫେରନ୍ତା ଡାକ୍ତରୀ ଛାତ୍ରୀଛାତ୍ରମାନେ ବୁଧବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଧାରଣା ପୂର୍ବରୁ ବିକ୍ଷୋଭ ଶୋଭାଯାତ୍ରାରେ ଯାଉଛନ୍ତି।

# ଭବିଷ୍ୟତ ଚିନ୍ତାରେ ୟୁକ୍ରେନ୍ ଫେରନ୍ତା ଡାକ୍ତରୀ ଛାତ୍ରୀଛାତ୍ର

**ଭୁବନେଶ୍ୱର,୧୩।୭(ବ୍ୟୁରୋ)**

- ଭୁବନେଶ୍ୱରରେ ଶାନ୍ତିପୂର୍ଣ୍ଣ ଧାରଣା, ବିକ୍ଷୋଭ
- ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର, ସ୍ୱାସ୍ଥ୍ୟମନ୍ତ୍ରୀ ଦେଲେ ପ୍ରତିଶ୍ରୁତି

ଯୁଦ୍ଧ ପ୍ରପୀଡିତ ୟୁକ୍ରେନରୁ ଫେରିଥିବା ଡାକ୍ତରୀ ଛାତ୍ରୀଛାତ୍ର ନିଜ ଭବିଷ୍ୟତକୁ ନେଇ ଏବେ ଚିନ୍ତାରେ ପଡ଼ିଛନ୍ତି। ୟୁକ୍ରେନ ଓ ରୁଷିଆ ଯୁଦ୍ଧକୁ ୫ମାସ ବିତିଥିଲେ ମଧ୍ୟ ଏହା ଥମିବାର ନାଁ ଧରୁନି। ସେଠାରେ ରହି ଡାକ୍ତରୀ ପାଠ ପଢୁଥିବା ଛାତ୍ରୀଛାତ୍ର ସୁରକ୍ଷିତ ଭାବେ ଫେରି ଆସିଥିଲେ ମଧ୍ୟ ସେମାନଙ୍କ ଭବିଷ୍ୟତ ଅନ୍ଧକାର ଭିତରକୁ ଠେଲି ହୋଇ ଯାଉଛି। ଡାକ୍ତରୀ ପାଠ ଅନଲାଇନରେ ପଢ଼ିବା ମଧ୍ୟ ସମ୍ଭବ ନୁହେଁ। ତେଣୁ ଭାରତ ଏବଂ ଓଡ଼ିଶା ସରକାର ପାଠପଢ଼ା ପାଇଁ ବିକଳ୍ପ ବ୍ୟବସ୍ଥା କରନ୍ତୁ ବୋଲି ସେମାନେ ଦାବି କରି ଆସୁଛନ୍ତି। ମାତ୍ର ସରକାର କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବାରୁ ୟୁକ୍ରେନ ଫେରନ୍ତା ଛାତ୍ରୀଛାତ୍ର ପୁଣି ଆନ୍ଦୋଳନକୁ ଓହ୍ଲାଇଛନ୍ତି। ବୁଧବାର ସେମାନେ ଭୁବନେଶ୍ୱର ଲୋୟର ପିଏମ୍‌ଜିଠାରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଶାନ୍ତିପୂର୍ଣ୍ଣ ଧାରଣା ଦେଇଥିଲେ। ସୁରକ୍ଷିତ ଭାବେ ଫେରି ଆସିଥିବାରୁ ସେମାନେ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇବା ସହ ନିଜ ଭବିଷ୍ୟତ ପାଇଁ ବ୍ୟବସ୍ଥା କରିବା ପାଇଁ ଦାବି ଜଣାଇଛନ୍ତି। ସେମାନେ କହିଛନ୍ତି, ୟୁକ୍ରେନରୁ ଫେରିବା ସମୟରେ ଅଧା ପାଠପଢ଼ାକୁ ସମ୍ପୂର୍ଣ୍ଣ କରିବାକୁ ସହଯୋଗ କରାଯିବ ବୋଲି କୁହାଯାଇଥିଲେ ମଧ୍ୟ ତାହା ହୋଇପାରିନାହିଁ। ୫ମାସ ବିତିଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଏ ନେଇ କୌଣସି ନିଷ୍ପତ୍ତି ଗ୍ରହଣ କରାଯାଉନାହିଁ। ସମସ୍ତ ରାଜ୍ୟରୁ ୧୮ ହଜାର ୟୁକ୍ରେନ୍ ଫେରନ୍ତା ଛାତ୍ରୀଛାତ୍ର ରହିଥିବାବେଳେ କେବଳ ଶେଷ ବର୍ଷର ୪ହଜାର ଛାତ୍ରୀଛାତ୍ର ରହିଛନ୍ତି। ପାଖାପାଖି ୪୭୦ ଓଡ଼ିଆ ଛାତ୍ରୀଛାତ୍ର ୟୁକ୍ରେନରୁ ଫେରିଛନ୍ତି। ଭାରତରେ ୬୦୬ ମେଡିକାଲ କଲେଜ ରହିଛି। ତେଣୁ ପ୍ରତ୍ୟେକ କଲେଜରେ ୨୩ରୁ ୨୪ଜଣ ଛାତ୍ରୀଛାତ୍ରଙ୍କୁ ପଢ଼ାଇବାର ବ୍ୟବସ୍ଥା କରାଯାଇପାରିବ ବୋଲି ସେମାନେ କହିଛନ୍ତି। ଅପରାହ୍ଣରେ ଅଭିଭାବକ ଓ ଛାତ୍ରୀଛାତ୍ରଙ୍କୁ ନେଇ ଏକ ଦଳ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କୁ ଭେଟି ଉକ୍ତ ସମସ୍ୟାର ସମାଧାନ ନେଇ ଆଲୋଚନା କରିଥିଲେ। ଏଥିସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ୟୁକ୍ରେନ ଫେରନ୍ତା ଛାତ୍ରୀଛାତ୍ରଙ୍କ ପାଇଁ ବ୍ୟବସ୍ଥା କରାଯିବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିବା ଜଣେ ଅଭିଭାବକ ପ୍ରଦୀପ କୁମାର ଧଳ କହିଛନ୍ତି।

## ବସ୍ ଧକ୍କାରେ ବାଇକ ଚାଳକ ମୃତ

**ଫୁଲନଖରା, ୧୩।୭(ଡି.ଏନ.ଏ.)**

୧୬ ନମ୍ବର ଜାତୀୟ ରାଜପଥର ଗୋପାଳପୁରଠାରେ ବୁଧବାର ମଧ୍ୟାହ୍ନରେ ବସ୍ ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ତାଙ୍କ ପରିଚୟ ମିଳିପାରିନାହିଁ। ପୋଲିସ ସୂତ୍ରରୁ ପ୍ରକାଶ, ବସ୍(ନଂ. ଓଡ଼ି୦୫ବି-୪୪୪୫)ଟି କଟକରୁ ଭୁବନେଶ୍ୱର ଅଭିମୁଖେ ଆସୁଥିବାବେଳେ ଏକ ବାଇକ୍(ନଂ. ଓଆର୍‌୦୨ବିଏକ୍ସ-୬୧୭୫)କୁ ପଛରୁ ଧକ୍କା ଦେଇଥିଲା। ଫଳରେ ବାଇକ୍ ଚାଳକ ରାସ୍ତାରେ ପଡି ଯାଇଥିଲେ। ଏହି ସମୟରେ ବସ୍‌ର ଚକ ତାଙ୍କ ଉପରେ ଚଢ଼ିଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। କଟକ ସଦର ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନାକୁ ପଠାଇଥିଲା। ଏଥିସହ ଦୁର୍ଘଟଣାଗ୍ରସ୍ତ ଗାଡି ଦୁଇଟିକୁ ଜବତ କରି ତଦନ୍ତ ଚଳାଇଛି।

## ସାଇ ଇଣ୍ଟରନ୍ୟାଶନାଲ ଛାତ୍ରୀଛାତ୍ରଙ୍କ ସଫଳତା


ସାତ୍ତ୍ୱିକ ପଟ୍ଟନାୟକ


ଅତୀଶ କୁମାର ସାହୁ


ଅଭିପ୍ସା ସ୍ୱାଇଁ

**ଭୁବନେଶ୍ୱର, ୧୩।୭(ବ୍ୟୁରୋ)**

### ଜେଇଇ ମେନ୍

ଆଇଆଇଟି ସମେତ ଦେଶର ବିଭିନ୍ନ ଇଞ୍ଜିନିୟରିଂ ପାଠ୍ୟକ୍ରମରେ ନାମଲେଖା ଲାଗି ନ୍ୟାଶନାଲ୍ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ଦ୍ୱାରା ଅନୁଷ୍ଠିତ ଜେଇଇ ମେନ୍ ସେସନ୍-୧ ପରୀକ୍ଷାର ଫଳ ପ୍ରକାଶ ପାଇଛି। ଏଥିରେ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ୍ ଛାତ୍ରୀଛାତ୍ର ଭଲ ପ୍ରଦର୍ଶନ କରିଛନ୍ତି। ୮ଜଣ ଛାତ୍ରୀଛାତ୍ର ୯୯ ପର୍ସେଣ୍ଟାଇଲ୍ ଉପରେ ରଖିଥିବାବେଳେ ୧୦ଜଣ ୯୮ ପର୍ସେଣ୍ଟାଇଲ୍, ୧୩ଜଣ ୯୫ ପର୍ସେଣ୍ଟାଇଲ୍ ଓ ୧୬ ଜଣ ୯୦ ପର୍ସେଣ୍ଟାଇଲ୍ ଉପରେ ରହି ସ୍କୁଲ୍ ପାଇଁ ଗୌରବ ଆଣିଛନ୍ତି। ବିଦ୍ୟାଳୟର କୃତୀ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସାତ୍ତ୍ୱିକ ପଟ୍ଟନାୟକ ୯୯.୯୭ ସ୍କୋର୍ କରି ସ୍କୁଲ୍ ଟପ୍ପର ହୋଇଛନ୍ତି। ସେହିପରି ଅତୀଶ କୁମାର ସାହୁ ୯୯.୮୪ ସ୍କୋର୍ ଓ ଅଭିପ୍ସା ସ୍ୱାଇଁ ୯୯.୮ ସ୍କୋର ରଖିଛନ୍ତି। ଛାତ୍ରୀଛାତ୍ରଙ୍କ ଏହି କୃତିତ୍ୱରେ ସ୍କୁଲ ଚେୟାରପର୍ସନ ଡ. ଶିଳ୍ପୀ ସାହୁ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ଏହାସହ କରୋନା ମହାମାରୀ ସମୟରେ ଛାତ୍ରୀଛାତ୍ରଙ୍କୁ ଅନ୍‌ଲାଇନ୍ କ୍ଲାସ୍ ଏ କ୍ଷେତ୍ରରେବେଶ୍ ସହାୟକ ହୋଇଛି। ସେହିଭଳି ଜେଇଇ ମେନ୍ ସେସନ୍-୧ରେ ସାଇ ଇଣ୍ଟରନ୍ୟାଶନାଲ୍ ରେସିଡେନ୍ସିଆଲ ସ୍କୁଲ୍‌ର ଛାତ୍ରୀଛାତ୍ର ମଧ୍ୟ ସଫଳତା ହାସଲ କରିଥିବା ସେ କହିଛନ୍ତି।

## ଅଗ୍ନିଶମ ବିଭାଗରେ ଆରମ୍ଭ ହେବ ପିସିଆର୍ ୟୁନିଟ୍ | ସଂକୀର୍ଣ୍ଣ, ଅଣଓସାରିଆ ଜାଗାରେ ମୁତୟନ ହେବ ଗାଡ଼ି

**କଟକ ଅଫିସ,୧୩।୭**

ରାଜ୍ୟ ଅଗ୍ନିଶମ ବିଭାଗ ପକ୍ଷରୁ ଆରମ୍ଭ ହେବ ପିସିଆର୍ ୟୁନିଟ୍ ଭେଇକିଲ୍। ସଂକୀର୍ଣ୍ଣ ଓ ଅଣଓସାରିଆ ଜାଗାଗୁଡିକରେ ଏହି ଗାଡି ମୁତୟନ ହେବ। ତେବେ ୨୪ ଘଣ୍ଟା ଧରି ଏହି ବ୍ୟବସ୍ଥା କାର୍ଯ୍ୟକାରୀ ହେବ। ଏହାଦ୍ୱାରା ପ୍ରତିକୂଳ ପରିସ୍ଥିତିରେ ଅଗ୍ନିକାଣ୍ଡ ମୁକାବିଲା ଆହୁରି ଶୀଘ୍ର ହୋଇପାରିବ। ପୋଲିସ ବିଭାଗର ପିସିଆର୍ ଭଳି ଏହା କାମ କରିବ। ପୂର୍ବରୁ ଏହି ବ୍ୟବସ୍ଥା ମୁମ୍ବାଇରେ ଥିବାବେଳେ ଏବେ ଏହା ଓଡ଼ିଶାରେ କାର୍ଯ୍ୟକାରୀ ହେବ। କଟକ ଓ ଭୁବନେଶ୍ୱର ଭଳି ଜନଗହଳିପୂର୍ଣ୍ଣ ସ୍ଥାନରେ ବଡ଼ ଗାଡି ଯାତାୟାତରେ ଅନେକ ଅସୁବିଧା ହେଉଛି। ସେଥିପାଇଁ ସହରର ସଂକୀର୍ଣ୍ଣ ଅଞ୍ଚଳରେ ଏହାକୁ ନିୟୋଜିତ କରାଯିବ। ବିଶେଷକରି ସନ୍ଧ୍ୟା ୬ରୁ ୯.୩୦ ମଧ୍ୟରେ ଏକ ୟୁନିଟ୍ ନିୟୋଜିତ ହେବ। ଓଡ଼ିଶା ଅଗ୍ନିଶମ ବିଭାଗ ଖୁବ୍‌ଶୀଘ୍ର ଏହି ବ୍ୟବସ୍ଥା ଆରମ୍ଭ କରିବାକୁ ଯାଉଛି ବୋଲି ଅଗ୍ନିଶମ ବିଭାଗ ଏଡିଜି ସନ୍ତୋଷ ଉପାଧ୍ୟାୟ ସୂଚନା ଦେଇଛନ୍ତି।

# ରାଗିଂ ମୁକ୍ତ ଶିକ୍ଷାନୁଷ୍ଠାନ: ସମର୍ଥନ ଜଣାଇଲେ କବି, କଳାକାର




ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଅନୁଷ୍ଠିତ ବିକ୍ଷୋଭ ଶୋଭାଯାତ୍ରା।

**ଭୁବନେଶ୍ୱର,୧୩।୭(ବ୍ୟୁରୋ)**

ବିଜେବି କଲେଜ ଛାତ୍ରୀ ରୁଚିକା ମହାନ୍ତି ଆତ୍ମହତ୍ୟା ଘଟଣାରେ ଏ ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ନ୍ୟାୟ ପାଇଁ ରୁଚିକାଙ୍କ ମା’, ପରିବାର ସଦସ୍ୟଙ୍କ ସମେତ ଛାତ୍ର ସଙ୍ଗଠନ ଆନ୍ଦୋଳନ କରୁଛନ୍ତି। ଏହାକୁ ସମର୍ଥନ ଦେବା ସହ ଏଭଳି ଘଟଣା ପୁନର୍ବାର ଯେପରି ନ ଘଟିବ ତାହାକୁ ନେଇ ବୁଧବାର କବି ଓ କଳାକାରମାନେ ରାଜରାସ୍ତାକୁ ଓହ୍ଲାଇଛନ୍ତି। ଶିକ୍ଷାନୁଷ୍ଠାନକୁ ରାଗିଂ ମୁକ୍ତ କରାଯାଉ ବୋଲି ସେମାନେ ମତ ରଖିଛନ୍ତି। ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ କ୍ୟାଫେଟେରିଆ ପକ୍ଷରୁ ଲୋୟର ପିଏମ୍‌ଜିରେ ଅନୁଷ୍ଠିତ ଶୋଭାଯାତ୍ରା ଓ ଶାନ୍ତିପୂର୍ଣ୍ଣ ଧାରଣା ଦିଆଯାଇଥିଲା। ଏଥିରେ ସାମିଲ ହୋଇଥିବା ଲେଖିକା ତଥା ଅଭିନେତ୍ରୀ ଭାସ୍ୱତୀ ବାସୁ କହିଛନ୍ତି, କୌଣସି ସ୍ଥାନରେ କେହି ବି ନିର୍ଯାତନାର ଶିକାର ନ ହୁଅନ୍ତୁ। ବିଶେଷକରି ଶିକ୍ଷାନୁଷ୍ଠାନଗୁଡ଼ିକରେ କ୍ୟାମେରା ବା ଅନ୍ୟ କୌଣସି ବିକଳ୍ପ ଉପାୟରେ ଏସବୁକୁ ଅଟକାଇହେବ। ଅଭିନେତା ପାର୍ଥ ସାରଥି ରାୟ କହିଛନ୍ତି, ଶିକ୍ଷାନୁଷ୍ଠାନଗୁଡ଼ିକରେ ହେଲ୍ପ ଲାଇନ ନମ୍ବରର ଠିକ୍ ବ୍ୟବସ୍ଥା କରାଯାଉ, ଯେମିତିକି ଆଗକୁ ପିଲାମାନେ ନିଜ ନିଜ ଅସୁବିଧା ଠିକ୍ ଭାବେ ଜଣାଇପାରିବେ। ରୁଚିକା ଆତ୍ମହତ୍ୟା ମାମଲାରେ ସରକାର ଶୀଘ୍ର କିଛି କାର୍ଯ୍ୟାନୁଷ୍ଠାନ ନିଅନ୍ତୁ। ଏହାଦ୍ୱାରା ଆଗକୁ ଅନେକ ଛାତ୍ରୀଛାତ୍ର ର୍‍ୟାଗିଂରୁ ବର୍ତ୍ତି ଯାଇପାରିବେ। କ୍ୟାଫେଟେରିଆର ସେକ୍ରେଟାରି ତଥା ଲେଖିକା ଶୁଭଶ୍ରୀ ଶୁଭସ୍ମିତା ମିଶ୍ର କହିଛନ୍ତି, କଲେଜଗୁଡ଼ିକରେ ରାଗିଂ ସେଲ୍ ଠିକ୍ ଭାବେ କାମ କରୁ। ଶିକ୍ଷାନୁଷ୍ଠାନଗୁଡ଼ିକ କିଭଳି ରାଗିଂ ମୁକ୍ତ ହୋଇପାରିବ ସେ ନେଇ ପଦକ୍ଷେପ ନେବା ସହ କାର୍ଯ୍ୟକାରୀ କରାଯାଉ। ଏହି ଧାରଣାରେ ବହୁ ଲେଖକ, କଳାକାର, ରୁଚିକାଙ୍କ ମା’, ଏଆଇଏସ୍‌ଏଫର ରାଜ୍ୟ ସଭାପତି ସଂଘମିତ୍ରା ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ହାଡ଼ିଆପଠାରେ ସ୍ଥିତି ଅନୁଧ୍ୟାନ କଲା ଏନ୍‌ଜିଟି ଟିମ୍

### ମହାନଦୀ ଶଯ୍ୟା ପୋତାଯିବା ପ୍ରସଙ୍ଗ

**କଟକ ଅଫିସ, ୧୩।୭**



ମହାନଦୀ ଶଯ୍ୟାକୁ ବାଲିରେ ପୋତିବା ପ୍ରସଙ୍ଗରେ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି)ର ୭ ଜଣିଆ ଟିମ୍ ବୁଧବାର କଟକର ମହାନଦୀ ହାଡିଆ ପଠାରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଟିମ୍ ସଦସ୍ୟମାନେ ଉଭୟ ପ୍ରଶାସନ ଓ ଆବେଦନକାରୀଙ୍କ ସହ ପ୍ରକଳ୍ପ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଛନ୍ତି। ଏହି ଗସ୍ତ ସମୟରେ ଏନ୍‌ଜିଟି ଟିମ୍ ସହ କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀ, କଟକ ମହାନଗର ନିଗମ(ସିଏମ୍‌ସି) କମିଶନର ନିଖିଲ ପୱନ କଲ୍ୟାଣ, ଜଳସମ୍ପଦ ବିଭାଗର ଯନ୍ତ୍ରୀ ଓ ବହୁ ଉଚ୍ଚ ପଦସ୍ଥ ଅଧିକାରୀ ଉପସ୍ଥିତ ଥିଲେ। ଏହି ଗସ୍ତ ସମୟରେ ଯେଉଁ ତଥ୍ୟ ହସ୍ତଗତ ହୋଇଛି ସେ ସମ୍ପର୍କିତ ରିପୋର୍ଟକୁ ଟିମ୍‌ର ସଦସ୍ୟମାନେ ଏନ୍‌ଜିଟିରେ ଦାଖଲ କରିବେ ବୋଲି ଜଣାପଡ଼ିଛି।

ସୂଚନାଯୋଗ୍ୟ, କଟକ ଏସ୍‌ସିବି ମେଡିକାଲକୁ ୧୦୦୦କୋଟି ଟଙ୍କା ବ୍ୟୟରେ ଏମ୍‌ସ ପ୍ଲସ୍ ଯୋଗ୍ୟ କରିବା ନିମନ୍ତେ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ତେଣୁ ଏହାର ସମ୍ପ୍ରସାରଣ ପାଇଁ ବାଲିଯାତ୍ରା ରିଭରଫ୍ରଣ୍ଟ ଇମ୍ପ୍ରୁଭ୍‌ମେଣ୍ଟ(ବାର୍ଫି) ପ୍ରକଳ୍ପ ଜରିଆରେ ମହାନଦୀ ଅବବାହିକାର ୪୨୪ ଏକର ଜାଗାକୁ ବାଲିରେ ପୋତାଯାଉଛି। ଏହାକୁ ନେଇ ବିବାଦ ଦେଖା ଦେଇଥିଲା। ଏହି କାର୍ଯ୍ୟକୁ ବେଆଇନ ବୋଲି ଦର୍ଶାଇ ପରିବେଶବିତ୍ ତଥା ଆଇନ୍‌ଜୀବୀ ପ୍ରଦୀପ ପଟ୍ଟନାୟକ ୨୦୨୦ରେ ଏନ୍‌ଜିଟିର ଦ୍ୱାରସ୍ଥ ହୋଇଥିଲେ। ମହାନଦୀ ଶଯ୍ୟାକୁ ବାଲିରେ ପୋତିଦେବା ଫଳରେ ନଦୀର ଜଳ ପ୍ରବାହରେ ବାଧା ସୃଷ୍ଟି ହେବ। ଏପରିକି ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ରିଙ୍ଗ୍ ରୋଡ୍‌ର ପ୍ରଶସ୍ତୀକରଣ ଏବଂ ଶକ୍ତ କରିବା ସହ କଟକ ତଳିଆ ଅଞ୍ଚଳର ଉନ୍ନତି କରିବା କଥା। ହେଲେ ସରକାର ହାଇକୋର୍ଟଙ୍କ ନିୟମକୁ ପାଳନ ନ କରି ବେଆଇନଭାବେ ମହାନଦୀର ହାଡ଼ିଆ ପଠାକୁ ପୋତିଦେଉଥିବାରୁ ଏନ୍‌ଜିଟିର ଦ୍ୱାରସ୍ଥ ହୋଇଥିବା ପଟ୍ଟନାୟକ କହିଛନ୍ତି। ଏନେଇ ଜିଲାପାଳ ଚୟନୀଙ୍କ କହିବା ହେଲା ଏନ୍‌ଜିଟିର ଅଧିକାରୀମାନେ ବାଲି ପୋତାଯାଇଥିବା ଅଞ୍ଚଳକୁ ଅନୁଧ୍ୟାନ କରିଛନ୍ତି। ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ନଦୀ ଅବବାହିକାର ତଳିଆ ଅଞ୍ଚଳକୁ ପୋତା ଯାଇଛି। ଏନ୍‌ଜିଟିର ପରବର୍ତ୍ତୀ ନିର୍ଦ୍ଦେଶ ଅନୁସାରେ ଜିଲା ପ୍ରଶାସନ କାର୍ଯ୍ୟାନୁଷ୍ଠାନ ନେବ ବୋଲି ଜିଲାପାଳ କହିଛନ୍ତି।

# ଓଡ଼ିଶାରେ ମେଲୋରାର ପ୍ରଥମ ଷ୍ଟୋର



ମେଲୋରାର ୧୩ତମ ଷ୍ଟୋରକୁ ବିଏମସି ମେୟର ସୁଲୋଚନା ଦାସ ଉଦ୍‌ଘାଟନ କରୁଥିବା ବେଳେ ନିକଟରେ ମେଲୋରାର ପ୍ରତିଷ୍ଠାତା ତଥା ସିଇଓ ସରୋଜା ୟେରାମିଲି ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ଭୁବନେଶ୍ୱର,୧୩।୭

ଭାରତର ଦ୍ରୁତ ଅଭିବୃଦ୍ଧିଶୀଳ ଡି-୨-ସି ଅଳଙ୍କାର ବ୍ରାଣ୍ଡ ମେଲୋରା ପକ୍ଷରୁ ବୁଧବାର ସ୍ଥାନୀୟ ରସୁଲଗଡ଼ସ୍ଥିତ ନେକ୍ସସ ଏସ୍‌ପ୍ଲାନେଡ୍ ମଲ୍‌ରେ ତା'ର ପ୍ରଥମ ଏକ୍ସକ୍ଲୁସିଭ ଷ୍ଟୋରର ଶୁଭାରମ୍ଭ କରାଯାଇଛି। ୭୦୦ ବର୍ଗ ଫୁଟ ପରିମିତ ଜମିରେ ଆରମ୍ଭ ହୋଇଥିବା ଏହି ଷ୍ଟୋରରେ ମହିଳାମାନଙ୍କ ପାଇଁ ଏକବିଂଶ ଶତାବ୍ଦୀର ସବୁଠାରୁ ହାଲୁକା, ସୂକ୍ଷ୍ମ, ଟ୍ରେଣ୍ଡି,ମଡ୍ୟୁଲାର ଏବଂ ଫ୍ୟାଶନେବଲ ଅଳଙ୍କାରମାନ ଗଚ୍ଛିତ ରହିଛି। ଆଗାମୀ ଦିନରେ ଓଡ଼ିଶା ବଜାରରେ ଏହାର ଅନେକ ଷ୍ଟୋର ଖୋଲିବାର ଯୋଜନା ରହିଥିବା ବେଳେ ୨୦୨୬ ସୁଦ୍ଧା ସାରା ଦେଶରେ ୩୫୦ରୁ ଅଧିକ ଷ୍ଟୋର ଖୋଲିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଓଡ଼ିଶାରେ ଏହା ପ୍ରଥମ ଷ୍ଟୋର ହୋଇଥିବା ବେଳେ ଭାରତର ୧୩ ତମ ଷ୍ଟୋର ବୋଲି ମେଲୋରା ପକ୍ଷରୁ ସୂଚନା ଦିଆଯାଇଛି। ଏ ସମ୍ପର୍କରେ ମେଲୋରାର ପ୍ରତିଷ୍ଠାତା ତଥା ସିଇଓ ସରୋଜା ୟେରାମିଲି କହିଛନ୍ତି, ସମ୍ପ୍ରତି ମହିଳାମାନେ ଦୈନନ୍ଦିନ ଜୀବନରେ ପରିଧାନ କରି ହେଉଥିବା ଅଳଙ୍କାର ପ୍ରତି ଆକୃଷ୍ଟ ହେଉଛନ୍ତି। ଏ ସବୁ ଅଳଙ୍କାରକୁ କେବଳ ବିଶେଷ ଦିନ ପାଇଁ ଆଲମାରୀରେ ରଖିବାର କୌଣସି ଆବଶ୍ୟକତା ନାହିଁ। ଏପରିକି ଅନେକ ସୁବିଧା ସହ ସୁଲଭ ମୂଲ୍ୟରେ ମେଲୋରାର ପ୍ରଡକ୍ଟଗୁଡ଼ିକ ଉପଲବ୍ଧ ହୋଇଥାଏ।

# ବ୍ରଜରାଜନଗରରେ 'ଟ୍ରେଣ୍ଡ୍‌ସ'ର ଏକ୍ସକ୍ଲୁସିଭ ଷ୍ଟୋର

ଭୁବନେଶ୍ୱର,୧୩।୭




ରିଲାଏନ୍ସ ରିଟେଲର ପୋଷାକ ଏବଂ ଆସେସୋରିଜ୍ ସ୍ପେଶାଲିଟି ଚେନ୍ 'ଟ୍ରେଣ୍ଡ୍‌ସ'ର ନୂଆ ଷ୍ଟୋର ଝାରସୁଗୁଡ଼ା ଜିଲା ଅନ୍ତର୍ଗତ ବ୍ରଜରାଜନଗରରେ ଖୋଲିଥିବା କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ୮୪୭୨ ବର୍ଗଫୁଟ ପରିମିତ ଜାଗାରେ ଶୁଭାରମ୍ଭ ହୋଇଥିବା 'ଟ୍ରେଣ୍ଡ୍‌ସ ଷ୍ଟୋର'ରେ ଶ୍ରେଷ୍ଠ ଫ୍ୟାଶନ ଓ ସୁଲଭ ମୂଲ୍ୟ ସହ ପ୍ରାରମ୍ଭିକ ଅଫର ଭାବେ ଗ୍ରାହକମାନଙ୍କ ପାଇଁ ଅନେକ ଆକର୍ଷଣୀୟ ସୁବିଧା ମଧ୍ୟ ରହିଛି। ଏପରିକି କେତେକ ନିର୍ଦ୍ଦିଷ୍ଟ ସାମଗ୍ରୀ ବର୍ଗରେ ୩୪୯୯ଟଙ୍କାର ସାମଗ୍ରୀ କିଣିଲେ ଆଉ ୩୪୯୯ ଟଙ୍କା ମୂଲ୍ୟର ସାମଗ୍ରୀ ମାଗଣା ମଧ୍ୟ ପାଇପାରିବେ। ସେହିଭଳି ୨୯୯୯ଟଙ୍କାର କ୍ରୟ ଉପରେ ୩୦୦୦ ଟଙ୍କାର ରିହାତି କୁପନ ମଧ୍ୟ ସମ୍ପୂର୍ଣ୍ଣ ମାଗଣାରେ ପାଇପାରିବେ। ବିଶେଷକରି ବ୍ରଜରାଜନଗରରେ ଖୋଲିଥିବା ଏହି ଅତ୍ୟାଧୁନିକ ଷ୍ଟୋରକୁ ଗ୍ରାହକମାନେ ଆସି ଫ୍ୟାଶନ ସାମଗ୍ରୀ ଶପିଂର ଅନୁଭୂତି ନେଇପାରିବେ।

# 'ଟ୍ରେଣ୍ଡିଂ' ଜୁଏଲେରି ବ୍ୟବସାୟକୁ ନୂଆ ପରିଚୟ ଦେଇଛି

**ସମୟ ସହ ତାଳଦେଇ ସାମ୍ନା ଲୋକର ବ୍ୟବସାୟକୁ କପି ନ କରି କିଛି ନୂଆ କରିବାର ଲକ୍ଷ୍ୟକୁ ନେଇ ସଫଳତା ହାସଲ କରିବା ସହ ଟ୍ରେଣ୍ଡିଂ ଜୁଏଲେରିକୁ ସୁନ୍ଦର ଭାବେ ଉପଲବ୍ଧ କରାଇ ଜଣେ ଓଡ଼ିଆ ଝିଅ ସାରା ଭାରତରେ ଏକ ନୂଆ ବ୍ୟବସାୟିକ ପରିଚୟ ସୃଷ୍ଟି କରିପାରିଛନ୍ତି। ଏପରିକି ସଫଳତା ପାଇବାକୁ ହେଲେ ସ୍ୱପ୍ନ ନ ଦେଖି ବାସ୍ତବତାକୁ ଅନୁଧ୍ୟାନକରି ଆଧୁନିକ ଜ୍ଞାନକୌଶଳ ସହ କଠିନ ପରିଶ୍ରମ କରିବାକୁ ହୋଇଥାଏ ବୋଲି ବୁଧବାର ଓଡ଼ିଶା ଗସ୍ତରେ ଆସିଥିବା ମେଲୋରାର ପ୍ରତିଷ୍ଠାତା ତଥା ସିଇଓ ସରୋଜା ୟେରାମିଲିଙ୍କ ସହ ଧରିତ୍ରୀର ସ୍ୱତନ୍ତ୍ର ସାକ୍ଷାତ୍‌କାର......**



ସରୋଜା ୟେରାମିଲି

**➡ମେଲୋରାର ପରିକଳ୍ପନା ଓ ଯାତ୍ରା ସମ୍ପର୍କରେ କ'ଣ କହିବେ?**

ଉ- ମେଲୋରା ହେଉଛି ମୋ ସ୍ୱପ୍ନର ପ୍ରତିଷ୍ଠାନ। ଯେ ହେତୁ ମୁଁ ଜଣେ ଉଚ୍ଚଶିକ୍ଷିତା ଓ ବ୍ୟବସାୟିକ ଏବଂ ପରିଚାଳନାଗତ ଶିକ୍ଷା (ଏମ୍‌ବିଏ)ର ଛାତ୍ରୀ, ସେଥିପାଇଁ ବ୍ୟବସାୟ କ୍ଷେତ୍ରରେ ପାଦଦେବା ପାଇଁ ବେଶ୍ ଆଗଭର ଥିଲି। ପରିଶେଷରେ ୨୦୧୬ରେ ମୋ ସ୍ୱପ୍ନର ପ୍ରତିଷ୍ଠାନ ସୁଦୂର ବେଙ୍ଗାଲୁରୁଠାରେ ମେଲୋରା ନାମରେ ଶୁଭାରମ୍ଭ ହୋଇଥିଲା। ଦୀର୍ଘ ୬ ବର୍ଷ ମଧ୍ୟରେ ଅନେକ କିଛି ବାଟ ଆସିଥିବା ବେଳେ ଆହୁରି ଅନେକ ବାଟ ଯାତ୍ରା କରିବାର ଅଛି। ଏପରିକି ମନରେ ଏକ ଦୃଢ଼ ସଂକଳ୍ପ ସହ ପ୍ରତିଷ୍ଠିତ ବ୍ୟବସାୟୀ ହେବାର ଲକ୍ଷ୍ୟକୁ ନେଇ ଆଗକୁ ବଢ଼ିଚାଲିଛି।

**➡ମେଲୋରାର ବିଶେଷତ୍ୱ କ'ଣ ରହିଛି ଓ କାହିଁକି ଗ୍ରାହକ ଏହା ପ୍ରତି ଆକୃଷ୍ଟ ହେବେ?**

ଉ- ମେଲୋରା ହେଉଛି ଏକବିଂଶ ଶତାବ୍ଦୀର ଏକ ଆଧୁନିକ ବ୍ରାଣ୍ଡ। ଏଠାରେ ଗ୍ରାହକ ଉଭୟ ସୁନା ଓ ହୀରାର ମନଲୋଭା ଡିଜାଇନର ହାଲୁକା, ସୂକ୍ଷ୍ମ, ଟ୍ରେଣ୍ଡି, ମଡ୍ୟୁଲାର ଏବଂ ଫ୍ୟାଶନେବଲ ଗହଣା ସାଙ୍ଗକୁ ୧୭,୦୦୦ରୁ ଊର୍ଦ୍ଧ୍ୱ ଡିଜାଇନ ଏବଂ ପ୍ରତି ସପ୍ତାହରେ ନୂଆ କଲେକ୍ସନର ସମ୍ଭାର ପାଇପାରିବେ, ଯାହା ଅନ୍ୟ କୌଣସି ଅଳଙ୍କାର ପ୍ରତିଷ୍ଠାନରେ ଦେଖିବାକୁ ମିଳେ ନାହିଁ। ସେହିଭଳି ଗ୍ରାହକଙ୍କ ଚାହିଦାକୁ ନଜରରେ ରଖି ପ୍ରତିଷ୍ଠାନ ନୂଆ ନୂଆ ଡିଜାଇନ ମଧ୍ୟ ପ୍ରସ୍ତୁତି କରିଥାଏ। ଗ୍ରାହକ ଚାହିଦା ପୂରଣ ଓ ବିକ୍ରି ପରବର୍ତ୍ତୀ ସେବା ଏବଂ ଅନେକ ପ୍ରକାର ସୁବିଧା ବର୍ଷ ସାରା ପ୍ରଦାନ କରିଥାଏ। ଫଳରେ ଯେଉଁ ଗ୍ରାହକ ଥରେ ମେଲୋରାର ପ୍ରେମରେ ପଡ଼ିଯାଏ ସେ ସାରା ଜୀବନ ମେଲୋରା ସହ ରହିଥାଏ।

**➡ମେଲୋରାରେ କେଉଁ ସବୁ ପ୍ରଡକ୍ଟ ଗ୍ରାହକଙ୍କ ପାଇଁ ଉପଲବ୍ଧ ରହିଛି?**

ଉ- ମେଲୋରା ବିଶେଷକରି ୧୮ ଏବଂ ୨୨ କ୍ୟାରେଟର ବିଏସ୍‌ଆଇ ହଲ୍‌ମାର୍କ ସୁନାଗହଣା ସାଙ୍ଗକୁ ବିଭିନ୍ନ ବର୍ଗର ହୀରା ଅଳଙ୍କାର ଓ ଟ୍ରେଣ୍ଡିଂ ତଥା ଫ୍ୟାଶନେବଲ ଗହଣାର ସମ୍ଭାର ସହ ଉଭୟ ଅନ୍‌ଲାଇନ ଓ ଅଫ୍‌ଲାଇନ ବଜାରରେ ମଧ୍ୟ ଏହା ଉପଲବ୍ଧ ରହିଛି।

**➡ପ୍ରତିଷ୍ଠାନର ଆଗାମୀ ଯୋଜନା କ'ଣ ରହିଛି?**

ଉ- ଦୀର୍ଘ ୬ବର୍ଷ ମଧ୍ୟରେ ସାରା ଭାରତର ଗ୍ରାହକଙ୍କ ସନ୍ତୁଷ୍ଟି ସାଙ୍ଗକୁ ଭଲ ପାଇବା ମଧ୍ୟ ପାଇଛି। ଫଳରେ କମ୍ପାନୀ ୨୦୨୬ ସୁଦ୍ଧା ୩୫୦ରୁ ଊର୍ଦ୍ଧ୍ୱ ଆଉଟଲେଟ୍ ଖୋଲିବାର ଲକ୍ଷ୍ୟ ରଖିଥିବା ବେଳେ ଚଳିତ ବର୍ଷ ଶେଷ ସୁଦ୍ଧା ବର୍ତ୍ତମାନର ଷ୍ଟୋରଠାରୁ ୨ଗୁଣା ଅଧିକ ଷ୍ଟୋର ଶୁଭାରମ୍ଭ କରିବା ଯୋଜନା କରିଛି।

**➡ମେଲୋରା ବିଶେଷକରି କେଉଁ ବର୍ଗର ଗ୍ରାହକଙ୍କୁ ଅକ୍ତିଆର କରିବାକୁ ଲକ୍ଷ୍ୟ ରଖିଛି।**

ଉ- ପ୍ରତିଷ୍ଠାନ ପ୍ରତିବର୍ଷ ନୂଆ ନୂଆ ଗ୍ରାହକ ସହ ଯୋଡ଼ି ହେଉଛି। ବିଶେଷକରି ୨୫ରୁ ୪୫ ବର୍ଷର ମହିଳାଙ୍କୁ ବିଶେଷ ଗୁରୁତ୍ୱ ଦେଉଥିବା ବେଳେ ପ୍ରାୟ ସବୁ ବର୍ଗର ଗ୍ରାହକଙ୍କୁ ଅକ୍ତିଆର କରିବା ପାଇଁ ମଧ୍ୟ ଯୋଜନା କରିଛି। ସେଥିପାଇଁ ପ୍ରତିଷ୍ଠାନ ନୂଆ ଡିଜାଇନ ସାଙ୍ଗକୁ ପାରମ୍ପରିକ ଗହଣା ସହ ଦୈନନ୍ଦିନ ବ୍ୟବହାର କଲା ଭଳି ପ୍ରଡକ୍ଟକୁ ଅଧିକ ଗୁରୁତ୍ୱ ଦେଇଥାଏ। ଏପରିକି ବର୍ତ୍ତମାନ ଟ୍ରେଣ୍ଡିଂ ଓ ହାଲୁକା ଗହଣା ଓ ଅଳଙ୍କାର ସମ୍ଭାର ଜରିଆରେ ବଜାର ଲିଡର ହେବାର ଯୋଜନା କରାଯାଉଛି।

**➡କେଉଁ ମାଧ୍ୟମରେ ପ୍ରତିଷ୍ଠାନର ବ୍ୟବସାୟ ଅଭିବୃଦ୍ଧି ଘଟୁଛି?**

ଉ- ୨୦୧୬ରୁ ୧୯ ଶେଷ ସୁଦ୍ଧା ଅନ୍‌ଲାଇନ ବଜାରର ଡିମାଣ୍ଡ ସେଭଳି ନ ଥିଲା ବର୍ତ୍ତମାନ ଯେଉଁଭଳି ରହିଛି। ବିଶେଷକରି କୋଭିଡ୍ ପରଠାରୁ ଅଫ୍‌ଲାଇନ ବ୍ୟବସାୟଠାରୁ ଅନ୍‌ଲାଇନ ବ୍ୟବସାୟ ପ୍ରାୟ ୫୦% ଅଧିକ ରହୁଛି। ନିକଟରେ ହୋଇଥିବା ମେଲୋରା ସର୍ବେକ୍ଷଣ ଅନୁଯାୟୀ ୯୦%ରୁ ଅଧିକ ଗ୍ରାହକ ଅନ୍‌ଲାଇନ ଜରିଆରେ ଟ୍ରେଣ୍ଡିୟର, ଫ୍ୟାଶନେବଲ ଏବଂ ସ୍ୱତନ୍ତ୍ର ଭାବେ ଡିଜାଇନ ହୋଇଥିବା ଅଳଙ୍କାର କିଣିବାକୁ ପସନ୍ଦ କରିଥାନ୍ତି। ଏପରି ନୁହେଁ ଯେ ଅଫ୍‌ଲାଇନରେ ବ୍ୟବସାୟ ଖରାପ ରହୁଛି। ଅଫ୍‌ଲାଇନଠାରୁ ଅନ୍‌ଲାଇନର ଚାହିଦା ଅଧିକ ସାଙ୍ଗକୁ ବ୍ୟବସାୟ ମଧ୍ୟ ବହୁତ ଭଲ ରହୁଛି। ଉଭୟ ପକ୍ଷର ବ୍ୟବସାୟକୁ ଠିକ୍ ଭାବେ ପରିଚାଳନା କରାଯାଇପାରୁଥିବାରୁ ବ୍ୟବସାୟରେ ଅଭିବୃଦ୍ଧି ଘଟିଛି। ସେହିଭଳି ବ୍ରାଣ୍ଡର ବିଭିନ୍ନ ପ୍ରଡକ୍ଟର ପ୍ରଚାର ଓ ପ୍ରସାର ପାଇଁ ବହୁ ମାଧ୍ୟମକୁ ମଧ୍ୟ କମ୍ପାନୀ ଗ୍ରହଣ କରୁଛି।

**➡ଓଡ଼ିଶା ବଜାରକୁ କିଭଳି ଦେଖୁଛନ୍ତି, ଅନ୍ୟ ବ୍ୟବସାୟ ପ୍ରତିଷ୍ଠାନ ସହ କିପରି ପ୍ରତିଯୋଗିତା କରିବେ ବୋଲି ଭାବିଛନ୍ତି?**

ଉ- ଓଡ଼ିଶା ଯେହେତୁ ମୋ ଜନ୍ମଭୂମି, ବର୍ତ୍ତମାନ ଏହା ମୋର କର୍ମଭୂମି ହୋଇଯାଇଛି। ମୁଁ ସେହି ଅନୁସାରେ ଆଗାମୀ ଯୋଜନା ଓ ବ୍ୟବସାୟିକ ପରିକଳ୍ପନା କରିଛି। ହେଲେ ମେଲୋରା ପ୍ରଡକ୍ଟ ଡିଜାଇନ ଓ ଗୁଣାତ୍ମକ ଟ୍ରେଣ୍ଡିଂ ସାମଗ୍ରୀ ସାଙ୍ଗକୁ ପ୍ରିମିୟମ ବର୍ଗର ମନଲୋଭା ସାମଗ୍ରୀ ଉପରେ ଅନେକ ପ୍ରକାରର ସୁବିଧା ଉପଲବ୍ଧ କରାଉଛି। ଓଡ଼ିଶା ବିଗତ ଦିନରେ ସାରା ଦେଶର ବାଣିଜ୍ୟିକ ପେଣ୍ଠସ୍ଥଳୀ ହେବାକୁ ଯାଉଛି। ଏହାକୁ ନଜରରେ ରଖି ଓଡ଼ିଶାରେ ଏହାର ପ୍ରଥମ ଷ୍ଟୋର ଶୁଭାରମ୍ଭ ସହ ଆଗାମୀ ଦିନରେ ଆହୁରି ଅନେକ ଷ୍ଟୋର ଖୋଲିବା ନେଇ ଯୋଜନା ରହିଛି। ବ୍ୟବସାୟ କଲେ ଅନ୍ୟ ସମ ବ୍ୟବସାୟ ସହ ପ୍ରତିଯୋଗିତା କରିବାକୁ ପଡ଼ିଥାଏ, ହେଲେ ଆମର ଉତ୍ପାଦ ଅନ୍ୟଠାରୁ ଭିନ୍ନ ହୋଇଥିବା ବେଳେ ଆଧୁନିକ ଯୁଗର ମହିଳାଙ୍କ ଦୈନନ୍ଦିନ ବ୍ୟବହୃତ ଅଳଙ୍କାର ସମ୍ଭାର ମେଲୋରାରେ ଉପଲବ୍ଧ। ଫଳରେ ଆମେ କାହା ସହ ପ୍ରତିଯୋଗିତା ନ କରି ଗ୍ରାହକଙ୍କ ବିଶ୍ୱାସଭାଜନ ହେବା ସହ ସେମାନଙ୍କ ଚାହିଦା ପୂରଣ ଦିଗରେ କାର୍ଯ୍ୟ କରିବୁ।

# ରାଜ୍ୟରେ ଲାଗୁହେବ ପିଏମ୍‌ଏଫ୍‌ବିୱାଇ ଯୋଜନା

ନୂଆଦିଲ୍ଲୀ,୧୩।୭:



ଆନ୍ଧ୍ରପ୍ରଦେଶ ସରକାର କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା (ପିଏମ୍‌ଏଫ୍‌ବିୱାଇ)କୁ ରାଜ୍ୟରେ କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏପରିକି ଚଳିତ ବର୍ଷ ଖରିଫଋତୁ ମଧ୍ୟରେ ଏହି ଯୋଜନା ବିଧିବଦ୍ଧ ଭାବେ ରାଜ୍ୟରେ ଲାଗୁହେବା ସହ କୃଷି ଓ କୃଷକର ବିକାଶ ପାଇଁ ରାଜ୍ୟ ସରକାର ସବୁ ପ୍ରକାର ସହଯୋଗ କରିବେ ବୋଲି ନିକଟରେ ଭିସି ଜରିଆରେ ଆୟୋଜିତ ଏକ ସ୍ୱତନ୍ତ୍ର ବୈଠକରେ କେନ୍ଦ୍ର କୃଷିମନ୍ତ୍ରୀ ନରେନ୍ଦ୍ର ସିଂ ତୋମାରଙ୍କୁ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏସ୍.ଜଗନ ମୋହନ ରେଡ୍ଡୀଙ୍କୁ ଆଶ୍ୱାସନା ଦେଇ କହିଛନ୍ତି। ସେହିଭଳି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରୀ କର୍ମଚାରୀଙ୍କୁ ଅଭିନନ୍ଦନ ଜଣାଇ ରେଡ୍ଡୀ କହିଛନ୍ତି, ଫସଲ ବୀମା ଅନ୍ତର୍ଗତ ସମସ୍ତ କୃଷକଙ୍କ ପାଇଁ ସର୍ବଭାରତୀୟ କଭରେଜ୍ ନିମନ୍ତେ ଏକ ନୀତି, ପରିବର୍ତ୍ତନ ହେଉଛି ସମୟର ଆବଶ୍ୟକତା। ସେ ଏହା ମଧ୍ୟ ଘୋଷଣା କରିଛନ୍ତି ଯେ ଫସଲ ବୀମାର ଲାଭ ନେବାକୁ କୌଣସି ଚାଷୀଙ୍କୁ ପଛରେ ନ ରଖିବାକୁ ରାଜ୍ୟ କୃଷକମାନଙ୍କୁ ପ୍ରିମିୟମର ଅଂଶ ବହନ କରିବ। ଏହି ପଦକ୍ଷେପକୁ ପ୍ରଶଂସା କରି କୃଷିମନ୍ତ୍ରୀ ତୋମାର କହିଛନ୍ତି, ଏହି ଯୋଜନା ଲାଗୁ କରିବାର ରାଜ୍ୟ ନିଷ୍ପତ୍ତି ଅତ୍ୟନ୍ତ ପ୍ରଶଂସନୀୟ। ବିଶେଷକରି ରାଜ୍ୟଗୁଡ଼ିକର ଇ ଫସଲ ତଥ୍ୟ ଏବଂ ସର୍ବଭାରତୀୟ କଭରେଜ୍ ପାଇଁ ଏହା ଉଦାହରଣ ହେବ।

# ନେକ୍ସସ୍ ଏସ୍‌ପ୍ଲାନେଡ୍ ମଲ୍‌ର ୪ର୍ଥ ବାର୍ଷିକ ଉତ୍ସବ

ଭୁବନେଶ୍ୱର,୧୩।୭:

ନେକ୍ସସ୍ ଏସପ୍ଲାନେଡ୍ ମଲ୍‌ର ୪ର୍ଥ ବାର୍ଷିକ ଉତ୍ସବ ନିକଟରେ ମହା ଆଡ଼ମ୍ବର ସହକାରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ମଲର ହେଡ୍ ଅଫିସର ଜୟେନ ନାୟକ (ସିଓଓ), ରାଜେଶ ଦେଓ (ସିଏଫ୍ଓ), ନୀଲେଶ ସିଂ (ଭିପି ଇଏସଜି ଏବଂ ବିଜନେସ୍ ଏକ୍ସଲେନ୍ସ) ଏବଂ ଅନୁରାଧା ସିଂ (ଭିପି ଲିଜିଂ) ପ୍ରମୁଖ ଉପସ୍ଥିତ ରହିଥିଲେ। ସେହିଭଳି ମଲର ପରିଚାଳନା ଦଳ ଓ ଅନ୍ୟମାନଙ୍କ ଗହଣରେ କରିବାକୁ ସୁଯୋଗ ପାଇଥିଲୁ ଏମାନଙ୍କ ଉପସ୍ଥିତି

ଅପରପକ୍ଷରେ ଉକ୍ତ କାର୍ଯ୍ୟକ୍ରମକୁ ଆଇକ୍ୟୁ ବିଇସି ପିଲା ଡିଜେର ନୃତ୍ୟ ପ୍ରଦର୍ଶନ ଏବଂ ଭିଗ୍ନାଜ୍ ମ୍ୟୁଜିକାଲ ବ୍ୟାଣ୍ଡ ଫ୍ରଣ୍ଟ ଲାଇନ୍ କର୍ମଚାରୀଙ୍କ ଫେଲିଟିସନ କାର୍ଯ୍ୟକ୍ରମ ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ହୋଇଥିଲା। ଏ ସମ୍ପର୍କରେ କେନ୍ଦ୍ର ନିର୍ଦ୍ଦେଶକ ପାର୍ଥ ପ୍ରତୀମ ନାୟକ ଏବଂ ନେକ୍ସସ୍ ଏସପ୍ଲାନେଡ୍‌ର ସମଗ୍ର ଟିମ୍ ପାଇଁ ଏଚ୍ ଓ ଅଧିକାରୀ ଏହାକୁ କରତାଳି ଦେବା ସହ ପ୍ରଶଂସା ମଧ୍ୟ କରିଥିଲେ ଏବଂ ଏହା ସହିତ କହିଥିଲେ ଆମେ ଦଳକୁ ଅଭିନନ୍ଦନ ଜଣାଉଛୁ ଓ ଆଗାମୀ ଅନେକ ବର୍ଷର ସଫଳତା କାମନ କରୁଛୁ।

# ଏଏମ୍-ଏନ୍‌ଏସ୍ ଇଣ୍ଡିଆ ପକ୍ଷରୁ ଏସିଏଲ୍‌ଏସ୍ ଆମ୍ବୁଲାନ୍ସ ସେବାର ଶୁଭାରମ୍ଭ



ଭୁବନେଶ୍ୱର,୧୩।୭:

ଆର୍ସେଲର ମିତ୍ତଲ-ନିପ୍ପନ ଷ୍ଟିଲ୍ ଇଣ୍ଡିଆ (ଏଏମ୍-ଏନ୍‌ଏସ୍ ଇଣ୍ଡିଆ) ର ପାରାଦୀପ ଫାସିଲିଟିଠାରେ ଏକ ଆଡଭାନ୍ସ କାର୍ଡିଆକ୍ ଲାଇଫ୍ ସପୋର୍ଟ (ଏସିଏଲ୍‌ଏସ୍) ଆମ୍ବୁଲାନ ସେବାର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏହି ଅବସରରେ ଏଏମ୍-ଏନ୍‌ଏସ୍ ଇଣ୍ଡିଆ, ଓଡ଼ିଶା ଆସେଟ୍‌ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଜି.ସୁରେଶା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କମ୍ପାନୀର ବହୁ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ଏହି ଅତ୍ୟାଧୁନିକ ଏସିଏଲ୍‌ଏସ୍ ଆମ୍ବୁଲାନ୍ସ ଡାକ୍ତରଖାନାର କ୍ରିଟିକାଲ୍ କେୟାର ୟୁନିଟ୍ ପରି ଆଶୁ ଚିକିତ୍ସା ଯୋଗାଇଦେବା ପାଇଁ ଅନେକ ଉପକରଣ ଏବଂ ଯନ୍ତ୍ରପାତି ସହ ସୁସଜ୍ଜିତ ରହିଛି। ଏପରିକି ଡାକ୍ତରୀ ଜରୁରିକାଳୀନ ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ଆମ୍ବୁଲାନ୍ସରେ ଆବଶ୍ୟକ ସମସ୍ତ ପ୍ରକାର ଅତ୍ୟାଧୁନିକ ଯନ୍ତ୍ରପାତି ଯଥା କାର୍ଡିଆକ୍ ମନିଟର, ଇନ୍‌ଟୁବେସନ୍ ଉପକରଣ,ଭେଣ୍ଟିଲେଟର ସମେତ ଏକ ଇଣ୍ଟେନ୍‌ସିଭ୍ କେୟାର ୟୁନିଟ୍ ମଧ୍ୟ ଉପଲବ୍ଧ। ଏକ ଦାୟିତ୍ୱବାନ କର୍ପୋରେଟ ସଂସ୍ଥା ଭାବେ କମ୍ପାନୀ ସବୁ ସମୟରେ କର୍ମଚାରୀ ଓ ସେମାନଙ୍କ ପରିବାରବର୍ଗ ଏବଂ ସ୍ଥାନୀୟ ବାସିନ୍ଦାମାନଙ୍କ ସ୍ୱାସ୍ଥ୍ୟ ଓ ସୁରକ୍ଷାକୁ ପ୍ରାଧାନ୍ୟ ଦେଇଥାଏ ବୋଲି ଜି.ସୁରେଶା ମତବ୍ୟକ୍ତ କରିଛନ୍ତି।

# ଗୁଣାତ୍ମକ ସେବା ଯୋଗାଉଛି ପୋଦ୍ଦାର ରିଟ୍ରେଡିଂ ସେଣ୍ଟର



କଟକ,୧୩।୭:

ପୋଦ୍ଦାର ଗ୍ରୁପ୍ କମ୍ପାନୀ ହେଉଛି ଭାରତର ଏକ ଅଗ୍ରଣୀ ଟାୟାର ଟାଇକୁନ୍ ପ୍ରତିଷ୍ଠାନ। ଦୀର୍ଘ ୬୦ ବର୍ଷ ଧରି ଭାରତର ଏକାଧିକ ଗ୍ରାହକଙ୍କୁ ମାଲବାହୀ ଯାନ ସହ ଜଡ଼ିତ ବିଭିନ୍ନ ସେବା ଯୋଗାଇ ଆସୁଛି। ବିଶେଷକରି ଯାନ ସେବ । ପରିଚାଳନା କ୍ଷେତ୍ରରେ ଏହାର ବିସ୍ତୃତ ଅଭିଜ୍ଞତା ରହିଛି। ସେହିଭଳି ପୁରୁଣା ଟାୟାରଗୁଡ଼ିକରେ ଗୁଣାତ୍ମକ ରିଟ୍ରେଡ ସେବା ଯୋଗାଇଦେବା ଲକ୍ଷ୍ୟରେ କମ୍ପାନୀ ସ୍ଥାନୀୟ ନିର୍ଗୁଣ୍ଡି ରେଳ ଷ୍ଟେଶନଠାରେ ଏକ ରିଟ୍ରେଡିଂ ସେଣ୍ଟରର ଶୁଭାରମ୍ଭ ନିକଟରେ ହୋଇଯାଇଛି। ବିଶେଷକରି ଭାରିଯାନର ମାଲିକଙ୍କର ଅତିରିକ୍ତ ଆର୍ଥିକ ବୋଝ ହ୍ରାସ କରିବା ପାଇଁ ସହ ରିଟ୍ରେଡିଂ ଭଳି ଅନେକ କାର୍ଯ୍ୟ ହାତକୁ ନିଆଯାଇଛି। ଏପରିକି ଏକ ଛୋଟ ପଦକ୍ଷେପ ଦ୍ୱାରା ଅନେକ ସମସ୍ୟାର ସମାଧାନ ସାଙ୍ଗକୁ ବାୟୁ ପ୍ରଦୂଷଣକୁ ମଧ୍ୟ କମ୍ କରିବାରେ ଏହା ବେଶ୍ ସହାୟକ ହୋଇଥାଏ ବୋଲି ପୋଦ୍ଦାର ରିଟ୍ରେଡିଂର ପ୍ରମୁଖ ଆନନ୍ଦ ପୋଦ୍ଦାର ମତବ୍ୟକ୍ତ କରିଛନ୍ତି। ଅପରପକ୍ଷରେ ପୋଦ୍ଦାର୍ ରିଟ୍ରେଡିଂରେ ଟାୟାର ମରାମତିଠାରୁ ଆରମ୍ଭ କରି ଫିଟିଂ, ଆଲାଇନ୍‌ମେଣ୍ଟ, ଟାୟାର ଘୂର୍ଣ୍ଣନ ଏବଂ ବିକ୍ରୟ କରିବାକୁ ଚାହୁଁଥିବା ମାଲିକଙ୍କଠାରୁ କେସିଙ୍ଗ କିଣିବା ଭଳି ୩୬୦ ଡିଗ୍ରୀ ସେବା ପ୍ରଦାନ କରିଥାଏ ।

# ହ୍ରାସ ପାଉଛି ଟଙ୍କା ମୂଲ୍ୟ

**ନୂଆଦିଲ୍ଲୀ,୧୩।୭:** କ୍ରମାଗତ ଭାବେ ଆମେରିକୀୟ ଡଲାର ତୁଳନାରେ ଭାରତୀୟ ମୁଦ୍ରାର ବିନିମୟ ମୂଲ୍ୟ ହ୍ରାସ ପାଇଚାଲିଛି। ଫଳରେ ଟଙ୍କାର ମୂଲ୍ୟ ଡଲାର ତୁଳନାରେ ନିମ୍ନଗାମୀ ହୋଇ ରହୁଛି। ବୁଧବାର ବଜାର କାରବାର ଶେଷ ସୁଦ୍ଧା ଟଙ୍କାର ମୂଲ୍ୟ ୧୬ ପଇସା ହ୍ରାସ ଘଟି ୭୯.୭୦ ଟଙ୍କାରେ ରହିଛି।

# ୩୭୨ ପଏଣ୍ଟ ଖସିଲା ସେନ୍‌ସେକ୍ସ

ନୂଆଦିଲ୍ଲୀ,୧୩।୭:

ଅନ୍ତରାଷ୍ଟ୍ରୀୟ ବଜାର ସମସ୍ୟଣ ଓ ଆମେରିକୀୟ ଡଲାର ତୁଳନାରେ ଭାରତୀୟ ଟଙ୍କାର ମୂଲ୍ୟ କ୍ରମାଗତ ହ୍ରାସ ପାଉଛି। ଫଳରେ ଏହାର ପ୍ରଭାବ ଅନେକାଂଶରେ ଭାରତୀୟ ଶେୟାର ବଜାର ଓ ଦଲାଲ ଷ୍ଟ୍ରିଟରେ ଦେଖିବାକୁ ମିଳିଛି। ଏପରିକି ସେନସେକ୍ସ ଓ ନିଫ୍ଟିରେ ବୁଧବାର ପାଖାପାଖି ୧%ର ଊର୍ଦ୍ଧ୍ୱ ଶେୟାର ହ୍ରାସ ଘଟିଛି। ଅପରପକ୍ଷରେ ସେନସେକ୍ସ ୩୭୨.୪୬ ପଏଣ୍ଟ ହ୍ରାସ ଘଟି ୫୩,୫୧୪.୧୫ ପଏଣ୍ଟରେ ବନ୍ଦ ହୋଇଥିବା ବେଳେ ନିଫ୍ଟି ୯୧.୬୫ ପଏଣ୍ଟ ଖସି ୧୫,୯୬୬.୬୫ ପଏଣ୍ଟରେ କାରବାର ବନ୍ଦ କରିଛି।

# ଆଇସିଏସ୍‌ଆଇ ପକ୍ଷରୁ 'କ୍ୟାପିଟାଲ ମାର୍କେଟ ସପ୍ତାହ-୨୦୨୨'

ଭୁବନେଶ୍ୱର,୧୩।୭:

ଇନ୍‌ଷ୍ଟିଚ୍ୟୁଟ ଅଫ୍ କମ୍ପାନୀ ସେକ୍ରେଟାରିଜ ଅଫ୍ ଇଣ୍ଡିଆ (ଆଇସିଏସ୍‌ଆଇ) ପକ୍ଷରୁ ବୁଧବାର ସ୍ଥାନୀୟ ଖାରବେଳନଗରସ୍ଥିତ ଏକ ହୋଟେଲ ପରିସରରେ 'କ୍ୟାପିଟାଲ ମାର୍କେଟ ସପ୍ତାହ-୨୦୨୨' ପରିପ୍ରେକ୍ଷୀରେ ଏକ ଜାତୀୟ ସ୍ତରର କର୍ମଶାଳା '୫ ଟ୍ରିଲିଅନ ଅର୍ଥନୀତି ଅଭିମୁଖେ ଯାତ୍ରା, ଭାରତୀୟ କ୍ୟାପିଟାଲ ମାର୍କେଟ-୭୫' ଶୀର୍ଷକ ଅନୁଷ୍ଠିତ ହୋଇଯାଇଛି। ସେହିଭଳି ସମଗ୍ର ଦେଶରେ ଇନ୍‌ଷ୍ଟିଚ୍ୟୁଟ୍‌ର ଆଞ୍ଚଳିକ ଏବଂ ଚାପ୍ଟର କାର୍ଯ୍ୟାଳୟଗୁଡ଼ିକରେ ମଧ୍ୟ ଉକ୍ତ ସପ୍ତାହର ଆୟୋଜନ କରାଯାଇଛି। ଏହି ଅବସରରେ ସମଗ୍ର ଦେଶରେ ୮ଟି ସ୍ଥାନରେ କ୍ୟାପିଟାଲ ମାର୍କେଟ ସମ୍ପର୍କରେ ବୃହତ୍ କାର୍ଯ୍ୟକ୍ରମମାନ ଆୟୋଜିତ ହେଉଛି। ସପ୍ତାହବ୍ୟାପୀ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମ ୧୬ ଜୁଲାଇ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।




ଆୟକର ବିଭାଗ (ଭୁବନେଶ୍ୱର)ର ବରିଷ୍ଠ ପ୍ରଶାସକ ତଥା ଯୁଗ୍ମ କମିଶନର, ଡ. ଉମାକାନ୍ତ ଧୂପତି ମୁଖ୍ୟ ଅତିଥି ଭାବେ ଯୋଗଦେଇ କର୍ମଶାଳାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଂଶୁମାନ ଦାସ, ଡିଜିଏମ୍, ସେବି, ଭୁବନେଶ୍ୱର କାର୍ଯ୍ୟାଳୟର ଡିଜିଏମ୍ ଅଂଶୁମାନ ଦାସଙ୍କ ସମେତ ସିଏସ୍ ବି.ନରସିଂହନ ଏବଂ ସିଏସ୍ ସନ୍ଦୀପ କୁମାର କେଜରିୱାଲ, ଇନ୍‌ଷ୍ଟିଚ୍ୟୁଟର କେନ୍ଦ୍ରୀୟ କାଉନସିଲ ସଦସ୍ୟ ସିଏସ୍ ଅନିଲ କୁମାର ଦୁବେ, ସିଏସ୍ ଜ୍ୟୋତିର୍ମୟ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଦିବସ ବ୍ୟାପୀ କାର୍ଯ୍ୟକ୍ରମରେ 'ପ୍ରଫେସନାଲ-ଏ କାଟାଲିଷ୍ଟ ଇନ୍ କ୍ୟାପିଟାଲ ମାର୍କେଟସ' ବିଷୟ ଉପରେ ଆଇସିଏସଆଇ କେନ୍ଦ୍ରୀୟ କାଉନସିଲ ସଦସ୍ୟ ଏବଂ ଚେୟାରମ୍ୟାନ, ଫାଇନାନସିଆଲ ସର୍ଭିସେସ୍ କମିଟି ପ୍ରଫେସର (ଡ.) ସାମସନ ମହାରଣା, ପ୍ରଫେସର ଏବଂ ଡିନ୍, ବିର୍ଲା ସ୍କୁଲ ଅଫ୍ କମର୍ସ, ବିର୍ଲା ଗ୍ଲୋବାଲ ୟୁନିଭର୍ସିଟି ପ୍ରମୁଖ ଆଲୋଚନା କରିଥିବାବେଳେ ପ୍ରଫେସର ଡି.ଭି. ରମନା, ପ୍ରଫେସର ଅଫ୍ ଆକାଉଣ୍ଟିଂ, ଏକ୍ସଆଇଏମ୍ ୟୁନିଭର୍ସିଟି, ଭୁବନେଶ୍ୱର 'ଇଏସ୍‌ଜି ରିପୋର୍ଟିଂ-ଇନ୍‌ଭେଷ୍ଟର ଆପ୍ରୋଚ ଆଣ୍ଡ ଏକ୍ସପେକ୍ଟେସନ୍ସ' ବିଷୟ ଉପରେ ନିଜର ମତାମତ ରଖିଥିଲେ ଏବଂ ଜୟଶେ ତାଓରି, ଆସୋସିଏଟ ଭାଇସ ପ୍ରେସିଡେଣ୍ଟ, ଲିଷ୍ଟିଂ ବିଜ୍‌ନେସ ଡେଭଲପମେଣ୍ଟ, ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ 'ଅଲଟରନେଟ ଫଣ୍ଡ ରେଜିଂ ଆଭେନ୍ୟୁଜ ଫର୍ ଏସ୍‌ଏମ୍‌ଇ' ଉପରେ ଉପାଦେୟ ଆଲୋଚନା କରିଥିଲେ।

# ଦ୍ରୌପଦୀଙ୍କ ବିଜୟ ପାଇଁ ପୂଜାର୍ଚ୍ଚନା

ବାରିପଦା ଅଫିସ/ରାଇରଙ୍ଗପୁର, ୧୩।୭(ଡି.ଏନ.ଏ.)

ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ପକ୍ଷରୁ ରାଷ୍ଟ୍ରପତି ପ୍ରାର୍ଥୀ ହୋଇଥିବା ଦ୍ରୌପଦୀ ମୁର୍ମୁଙ୍କ ବିଜୟ ନେଇ ରାଜ୍ୟବାସୀ ଉତ୍କଣ୍ଠାର ସହ ଚାହିଁବସିଛନ୍ତି। ତେବେ ନିର୍ବାଚନରେ ତାଙ୍କ ବିଜୟ ଲାଗି ମୟୂରଭଞ୍ଜ ଜିଲାର ବିଭିନ୍ନ ଅଞ୍ଚଳରେ ଥିବା ଆଦିବାସୀ ସାନ୍ତାଳ ସମ୍ପ୍ରଦାୟର ଲୋକେ ପୂଜାପାଠ ଆରମ୍ଭ କରିଛନ୍ତି।

ଦ୍ରୌପଦୀଙ୍କ ଜନ୍ମମାଟି କୁସୁମୀ ବ୍ଲକ ଉପରବେଡ଼ା ଗ୍ରାମର ମହିଳାପୁରୁଷମାନେ ବୁଧବାର ପାରମ୍ପରିକ ବେଶଭୂଷାରେ ସଜ୍ଜିତ ହୋଇ ଜାହେରାଗାଳସ୍ଥିତ ଜାହାରାୟେ ମାରାଂବୁରୁଙ୍କ ପୀଠରେ ପହଞ୍ଚିଥିଲେ। ବିପୁଳ ସଂଖ୍ୟାରେ ଭୋଟ ପାଇ ଦ୍ରୌପଦୀ ରାଷ୍ଟ୍ରପତି ହୁଅନ୍ତୁ ବୋଲି କାମନା କରି ଠାକୁରଙ୍କୁ ଗୁହାରି ଜଣାଇଥିଲେ। ସେହିପରି ଜିଲାର ବହଳଦା ବ୍ଲକ ବଡ଼ପାଳଶାଠାରେ ବୁଧବାର ସାନ୍ତାଳ ସମାଜର ଲୋକେ ମଧ୍ୟ ପୂଜାର୍ଚ୍ଚନା କରିଥିଲେ। ନାଏକ ବାବାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜାହାରାୟେ ମାରାଂବୁରୁ ଓ ଲିଟେ ଗୋସାଇଁଙ୍କୁ ରୀତିନୀତି ଅନୁଯାୟୀ ପୂଜା କରିଥିଲେ। ମାଦଳ ଓ ଧୁମସାର ତାଳେ ତାଳେ ହାତକୁ ହାତ ଛନ୍ଦି ମହିଳାପୁରୁଷମାନେ ନୃତ୍ୟ ଓ ଗୀତ ଗାଇଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ଏମ୍‌ପି ଲକ୍ଷ୍ମଣ ଟୁଡୁ, ଭାଜପା ନେତା ଈଶାନ ମିଶ୍ର, ବହଳଦା ବ୍ଲକ ଉପାଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ବସା, ବଡ଼ପାଳଶା ସରପଞ୍ଚ ଗୀତାରାଣୀ ହେମ୍ବ୍ରମ, ଓବିସି ମୋର୍ଚ୍ଚା ସଭାପତି ଘାସିରାମ ସାହୁ, ମାଧବ ମହାପାତ୍ର, ସତ୍ୟବାନ ବସା, କୀର୍ତ୍ତି ମହାନ୍ତ, ମାଝୀମାବା ହାଦି ସୋରେନ, ନାଏକ ବାବା ହମରା ହାଁସଦା, କୁଶାଳ ମୁର୍ମୁ, ରାମ ମୁର୍ମୁ, ଭାଜପା ଆଦିବାସୀ ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଖେଲାରାମ ହାଁସଦା, ଗାଁ ମୁଖିଆ ଦୁଃଖିଶ୍ୟାମ ଟୁଡୁ, ବାଗୁନ ସୋରେନ, ସିଦ୍ଧେଶ୍ୱର ମୁର୍ମୁଙ୍କ ସମେତ ଉପରବେଡ଼ା ଓ ବଡ଼ପାଳଶା ଗ୍ରାମର ସାନ୍ତାଳ ସମାଜର ଲୋକେ ଉପସ୍ଥିତ ଥିଲେ। ଏଥିରେ ଆଖପାଖ ଗ୍ରାମର ବହୁ ଜନସାଧାରଣ ଉପସ୍ଥିତ ରହି ଦ୍ରୌପଦୀଙ୍କ ଶୁଭ ମନାସୁଥିବା ଦେଖିବାକୁ ମିଳିଥିଲା।


ବହଳଦା ବ୍ଲକ ବଡ଼ପାଳଶା ଗାଁରେ ସାନ୍ତାଳ ସମ୍ପ୍ରଦାୟର ଲୋକେ ପୂଜାର୍ଚ୍ଚନା କରୁଛନ୍ତି।

# ଶିବସେନା ଭାଙ୍ଗିବା ପଛରେ ପାୱାର

ମୁମ୍ବାଇ, ୧୩।୭

ମହାରାଷ୍ଟ୍ରର ରାଜନୈତିକ ଯୁଦ୍ଧରେ ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କ ନେତୃତ୍ୱାଧୀନ ଶିବସେନା ଗୋଷ୍ଠୀ ସମର୍ଥକ ବୁଧବାର ଏନ୍‌ସିପି ମୁଖ୍ୟ ଶରଦ ପାୱାରଙ୍କୁ ସିଧାସଳଖ ଟାର୍ଗେଟ କରିଛନ୍ତି। ଏହି ଗୋଷ୍ଠୀର ମୁଖପାତ୍ର ଦୀପକ କେଶରକର କହିଛନ୍ତି, ଶିବସେନା ଭାଙ୍ଗିବା ପଛରେ ଶରଦ ପାୱାରଙ୍କ ହାତ ରହିଛି। ନାରାୟଣ ରାଣେ ଏବଂ ରାଜ ଠାକରେଙ୍କ ବିଦ୍ରୋହ ପ୍ରଚ୍ଛଦରେ ପାୱାର ହିଁ ଥିଲେ। ଏବେ ପାୱାର ବାଲାସାହେବ ଠାକରେଙ୍କ ସମ୍ମାନ ବିଷୟରେ ଯାହା କହୁଛନ୍ତି, ସେଥିଲାଗି ମହାରାଷ୍ଟ୍ରର ଲୋକଙ୍କୁ ସେ ଉତ୍ତର ଦେବା ଉଚିତ ଯେ ବାବାଲାସାହେବ ଜୀବିତ ଥିବାବେଳେ ତାଙ୍କୁ କାହିଁକି ପ୍ରତାଡ଼ିତ କରାଯାଇଥିଲା। ଏକ ମରାଠୀ ଚ୍ୟାନେଲରେ ଶରଦ ଶିବସେନା ଏବଂ ଏନ୍‌ସିପି ମିଳିତ ଭାବେ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବା ନେଇ ମତ ଦେଇଥିଲେ। ତାଙ୍କର ଏହି ମତକୁ ନେଇ କେଶରକର ଏଭଳି ପ୍ରତିକ୍ରିୟା ଦେଇଛନ୍ତି।

ଏଥିସହ ନାରାୟଣ ରାଣେ ଓ ଛଗନ ଭୁଜବଳଙ୍କୁ ପୱାର ଶିବସେନାରୁ ବାହାର କରାଇବାରେ ପ୍ରମୁଖ ଭୂମିକା ନିଭାଇଛନ୍ତି। ଏହା ବ୍ୟତୀତ ରାଜ ଠାକରେ ଶିବସେନାରୁ ଦୂରେଇବା ପଛରେ ମଧ୍ୟ ତାଙ୍କର ପ୍ରଚ୍ଛନ୍ନ ସମର୍ଥନ ଥିଲା। ପାୱାର ଶିବସେନାକୁ ଦୁଇ ଥର ଭାଙ୍ଗିଥିବା ଦୀପକ ଅଭିଯୋଗ କରିଛନ୍ତି।

ମହାରାଷ୍ଟ୍ର ରାଜନୀତିରେ ଶରଦ ପାୱାରଙ୍କର ଦବ୍‌ଦବା ରହିଛି।


ଶରଦ ପାୱାର

## ନୂଆ ଅଭିଯୋଗ ଆଣିଲେ ଶିନ୍ଦେ ଗୋଷ୍ଠୀ

ଏକନାଥ ଶିନ୍ଦେଙ୍କ ଦଳ ପକ୍ଷରୁ ପାୱାରଙ୍କୁ ସିଧାସଳଖ ଟାର୍ଗେଟ୍ କରିବା ନେଇ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇପାରେ ବୋଲି ରାଜନୈତିକ ସମୀକ୍ଷକ ମତପୋଷଣ କରିଛନ୍ତି। କିନ୍ତୁ କେଶରକରଙ୍କ ଅଭିଯୋଗକୁ ନେଇ ଏପର୍ଯ୍ୟନ୍ତ ଏନ୍‌ସିପି ପକ୍ଷରୁ କୌଣସି ପ୍ରତିକ୍ରିୟା ଦିଆଯାଇ ନାହିଁ।

ବାଲାସାହେବଙ୍କୁ ମନେ ପକାଇ କେଶରକର କହିଛନ୍ତି, ବାଲାସାହେବ କଂଗ୍ରେସ-ଏନ୍‌ସିପି ସହ ଯିବାକୁ ରାଜି ହୋଇ ନ ଥିଲେ। ବାଲାସାହେବ କହୁଥିଲେ ଯେ ମୁଁ ମୋ ଦଳର ଶେଷ ବ୍ୟକ୍ତି ହେଲେ ବି କଂଗ୍ରେସ ସହିତ ଯିବି ନାହିଁ। ଏକନାଥଙ୍କ ସମର୍ଥକ ଏହି ନେତା କହିଛନ୍ତି ଯେ ସେଥିପାଇଁ ଶିବ ସୈନିକମାନେ କେବେହେଲେ ଶରଦ ପାୱାରଙ୍କ ସହ ରହିବେ ନାହିଁ।

# କଂଗ୍ରେସକୁ ଭାଜପାର ଟାର୍ଗେଟ

**ନୂଆଦିଲ୍ଲୀ, ୧୩।୭:** ପୂର୍ବତନ ଉପରାଷ୍ଟ୍ରପତି ହମିଦ୍ ଅନ୍‌ସାରୀଙ୍କ ବିବାଦୀୟ ଭୂମିକାକୁ ନେଇ ବୁଧବାର ଶାସକ ଭାଜପା କଂଗ୍ରେସକୁ ଟାର୍ଗେଟ କରିଛି। କଂଗ୍ରେସ ନେତୃତ୍ୱାଧୀନ ଉପା ସରକାର ଅମଳରେ ଜଣେ ପାକିସ୍ତାନୀ ଖବରଦାତା ୨୦୦୫ରୁ ୨୦୧୧ ମଧ୍ୟରେ ଭାରତକୁ ୫ଥର ଆସିଥିଲେ। ସେହି ସମୟରେ ସେ ଭାରତର କେତେକ ସମ୍ବେଦନଶୀଳ ତଥ୍ୟ ସଂଗ୍ରହ କରି ନିଜ ଦେଶର ଗୋଇନ୍ଦା ସଂସ୍ଥା ଆଇଏସ୍‌ଆଇକୁ ଦେଇଥିବା ପ୍ରସଙ୍ଗରେ କଂଗ୍ରେସ ଆଭିମୁଖ୍ୟ ସ୍ପଷ୍ଟ କରୁ ବୋଲି ଗୈରିକ ଦଳ ଦାବି କରିଛି। ଭାଜପା ମୁଖପାତ୍ର ଗୌରବ ଭାଟିଆ କହିଛନ୍ତି, ପାକିସ୍ତାନୀ ସାମ୍ବାଦିକ ନୁସ୍‌ରତ ମିର୍ଜା ତତ୍କାଳୀନ ଉପରାଷ୍ଟ୍ରପତି ଅନ୍‌ସାରୀଙ୍କ ନିମନ୍ତ୍ରଣ କ୍ରମେ ଭାରତ ଆସିଥିବା ଓ ତାଙ୍କୁ ଭେଟିଥିବା ବିଷୟ ସ୍ୱୀକାର କରିଛନ୍ତି। କଂଗ୍ରେସ ନେତା ସୋନିଆ ଗାନ୍ଧୀ ଓ ରାହୁଲ ଗାନ୍ଧୀ ତତ୍କାଳୀନ ଉପରାଷ୍ଟ୍ରପତିଙ୍କ ଆଢୁଆଳରେ ରହି ଶାସକ ଦଳ ପକ୍ଷରୁ କରାଯାଇଥିବା ପ୍ରଶ୍ନର ଉତ୍ତର ନ ଦେଲେ ଏହା ହେବ ଉଭୟଙ୍କ ପାପର ସ୍ୱୀକାରୋକ୍ତି। ଅନ୍‌ସାରୀ ଏହାକୁ ଖଣ୍ଡନ କରି କହିଛନ୍ତି, ନୁସ୍‌ରତଙ୍କୁ ସେ ନିମନ୍ତ୍ରଣ କରି ନ ଥିଲେ କି କେବେ ଭେଟି ନ ଥିଲେ। ପ୍ରକାଶ ଯେ, ଭାରତରେ ଆତଙ୍କବାଦ ପ୍ରସଙ୍ଗରେ ଏକ ଆଲୋଚନା ଚକ୍ର ହୋଇଥିଲା, ଯହିଁରେ ଅନ୍‌ସାରୀ ନିଜ ମତ ରଖିଥିଲେ। ଉକ୍ତ ସେମିନାରରେ ପାକିସ୍ତାନ ଖବରଦାତା ଜଣକ ସାମିଲ ହୋଇଥିବା ବିଷୟକୁ ନେଇ ତାଙ୍କର ଏକ ସାକ୍ଷାତକାର ସାମାଜିକ ଗଣମାଧ୍ୟମରେ ବହୁଳ ପ୍ରସାର ଲାଭ କରିଛି।

ପାକିସ୍ତାନୀ ଖବରଦାତାଙ୍କୁ ନେଇ ଅଡୁଆରେ ଅନ୍‌ସାରୀ


ହମିଦ୍ ଅନ୍‌ସାରୀ


ନୁସ୍‌ରତ ମିର୍ଜା

# ଦ୍ରୌପଦୀଙ୍କ ପ୍ରାର୍ଥିତ୍ୱକୁ ଆଦିବାସୀଙ୍କ ପ୍ରତୀକ କରା ନ ଯାଉ: କଂଗ୍ରେସ

## ଏନ୍‌ଡିଏ ରାଷ୍ଟ୍ରପତି ପ୍ରାର୍ଥୀଙ୍କୁ କଂଗ୍ରେସ ଅପମାନିତ କରିଛି: ଭାଜପା

ନୂଆଦିଲ୍ଲୀ, ୧୩।୭

ଏନଡିଏର ରାଷ୍ଟ୍ରପତି ପ୍ରାର୍ଥୀ ଦ୍ରୌପଦ୍ରୀ ମୁର୍ମୁଙ୍କୁ ନେଇ କଂଗ୍ରେସ ଓ ଭାଜପା ମଧ୍ୟରେ ଆରୋପ ପ୍ରତ୍ୟାରୋପ ଆରମ୍ଭ ହୋଇଯାଇଛି। କଂଗ୍ରେସ ମୁଖପାତ୍ର ଅଜୟ କୁମାର କହିଛନ୍ତି ଯେ, ଏନ୍‌ଡିଏର ରାଷ୍ଟ୍ରପତି ପ୍ରାର୍ଥୀ ଦ୍ରୌପଦ୍ରୀ ଭାରତର ଏକ ଭିନ୍ନ ବିଚାରଧାରାର ପ୍ରତିନିଧିତ୍ୱ କରୁଛନ୍ତି। ତାଙ୍କ ପ୍ରାର୍ଥିତ୍ୱକୁ ଆଦିବାସୀଙ୍କ ପ୍ରତୀକ କରାଯିବା ଉଚିତ ନୁହେଁ। ଅଜୟ କୁମାରଙ୍କ ମନ୍ତବ୍ୟ ଉପରେ ଭାଜପା ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଫଳରେ ଜୁଲାଇ ୧୮ ରାଷ୍ଟ୍ରପତି ନିର୍ବାଚନ ପୂର୍ବରୁ ଭାଜପା କଂଗ୍ରେସ ମଧ୍ୟରେ କାଦୁଅ ଫିଙ୍ଗା ଆରମ୍ଭ ହୋଇଛି। ଏଏନ୍‌ଆଇକୁ ସାକ୍ଷାତକାର ଦେଇ କଂଗ୍ରେସ ନେତା ଅଜୟ କୁମାର ଅଭିଯୋଗ କରିଛନ୍ତି ଯେ ଦେଶରେ ଅନୁସୂଚିତ ସମ୍ପ୍ରଦାୟର ଅବସ୍ଥା ଖରାପ ହୋଇଯାଇଛି। କଂଗ୍ରେସ ନେତୃତ୍ୱାଧୀନ ମିଳିତ ବିରୋଧୀ ଦଳ ମୁର୍ମୁଙ୍କ ବିରୋଧରେ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଯଶୱନ୍ତ ସିହ୍ନାଙ୍କୁ ପ୍ରାର୍ଥୀ କରିଛି। ଯଶୱନ୍ତ ସିହ୍ନା ଜଣେ ଭଲ ପ୍ରାର୍ଥୀ ଏବଂ ମୁର୍ମୁ ମଧ୍ୟ ଜଣେ ସମ୍ମାନୀୟ ବ୍ୟକ୍ତିତ୍ୱ। କିନ୍ତୁ ମୁର୍ମୁ ଭାରତର ଏକ ଭିନ୍ନ ବିଚାରଧାରାକୁ ପ୍ରତିନିଧିତ୍ୱ କରୁଛନ୍ତି। ଆମେ ତାଙ୍କୁ ଆଦିବାସୀଙ୍କର ପ୍ରତୀକ କରିବା ଉଚିତ ନୁହେଁ। ଆମ ପାଖରେ ରାଷ୍ଟ୍ରପତି ଭାବେ ରାମ ନାଥ କୋବିନ୍ଦ ଅଛନ୍ତି। ତଥାପି ହାଥ୍‌ରସ ଭଳି ଘଟଣା ଘଟିଥିଲା। ଦେଶରେ ଅନୁସୂଚିତ ସମ୍ପ୍ରଦାୟର ଅବସ୍ଥା ବିଗିଡ଼ି ଯାଇଛି। ରାଷ୍ଟ୍ରପତି ନିର୍ବାଚନକୁ ଜାତିର ଆତ୍ମା ପାଇଁ ସଂଗ୍ରାମ ବୋଲି ବର୍ଣ୍ଣନା କରି କଂଗ୍ରେସ ନେତା କହିଛନ୍ତି ଯେ ସମସ୍ତ ଦଳ ବିରୋଧୀ ପ୍ରାର୍ଥୀ ଯଶୱନ୍ତ ସିହ୍ନାଙ୍କୁ ଭୋଟ ଦେବା ଆବଶ୍ୟକ। ଅପରପକ୍ଷେ ଅଜୟ କୁମାରଙ୍କୁ ଜବାବ ଦେଇ ଭାଜପାର ଜାତୀୟ ମୁଖପାତ୍ର ଶାହାଜାଦ ପୁନାୱାଲା କହିଛନ୍ତି ଯେ କଂଗ୍ରେସ ମୁର୍ମୁଙ୍କୁ ଅପମାନିତ କରିଛି। ନିର୍ବାଚିତ ହେଲେ ଦ୍ରୌପଦୀ ମୁର୍ମୁ ଭାରତର ପ୍ରଥମ ଆଦିବାସୀ ସହ ଦେଶର ଦ୍ୱିତୀୟ ମହିଳା ରାଷ୍ଟ୍ରପତି ହେବେ। ସେ ଝାଡ଼ଖଣ୍ଡର ପ୍ରଥମ ମହିଳା ରାଜ୍ୟପାଳ ଭାବେ ୨୦୧୫ରୁ ୨୦୨୧ ପର୍ଯ୍ୟନ୍ତ କାର୍ଯ୍ୟ କରିଛନ୍ତି। ୨୦୧୩ ରୁ ୨୦୧୫ ପର୍ଯ୍ୟନ୍ତ ଭାଜପାର ଏସ୍‌ଟି ମୋର୍ଚ୍ଚାର ଜାତୀୟ କାର୍ଯ୍ୟନିର୍ବାହୀ ସଦସ୍ୟା ଥିଲେ। ତେବେ କଂଗ୍ରେସ ନେତା ଖୁବ୍ ଶୀଘ୍ର ଏହାର ଜବାବ ପାଇଯିବେ ବୋଲି ପୁନାୱାଲା କହିଛନ୍ତି।


## STATE POLLUTION CONTROL BOARD, ODISHA

**[DEPARTMENT OF FOREST, ENVIRONMENT & CLIMATE CHANGE DEPARTMENT, GOVERNMENT OF ODISHA]**
Paribesh Bhawan, A/118, Nilakantha Nagar, Unit- VIII, Bhubaneswar - 751012, INDIA
EPABX:2653800, Tel: 2562368 / 2561909,E-mail:paribesh1@ospcboard.org,
Website: www.ospcboard.org

**No.12059/ I-ESTT/M/________/2014, Date:11.07.2022**

### NOTICE

It is for information of all concerned that 05 nos. candidates bearing following ID numbers have been shortlisted for the physical verification of original certificates / documents and Viva-voce test to determine their eligibility and suitability for the recruitment to the post of Asst. Law Officer pursuant to Advertisement No. 20645 Dt.23.12.2021. The documents verification shall be held in the office of the SPC Board, Odisha, Paribesh Bhawan, A/118, Nilakantha Nagar, Unit - VIII, Bhubaneswar - 751 012, INDIA, as per the following programme detailed below against each candidates bearing ID numbers.

**PROGRAMME OF DOCUMENT VERIFICATION / VIVA-VOCE TEST FOR THE POST OF ASST. LAW OFFICER.**

| Sl. No. | Date | Reporting time | ID numbers of candidates |
|---|---|---|---|
| 01 | 30.07.2022 | 9.00 A.M | OSPCB0008728.OSPCB0007980,OSPCB0007660 OSPCB0008048, OSPCB0007918 |

The candidates required to bring one set of self-attested photocopies of all the documents along-with all the original documents for verification as mentioned below.

1) Hard copy of the online Application Form. (2) Three recent passport size photographs. (3) All the original educational qualification certificates from HSC or Degree in Law. Five years of experience as practicing lawyer in the Bar is essential. (4) Odia test certificates. (5) Caste certificate claim as ST /SC /SEBC wherever applicable. (6) Permanent Disability Certificate (including percentage of permanent disability i.e.40% more). (7) Sports Persons certificate issued by the Director of Sports, Odisha. (8) Any proof of Identity Aadhar Card, Voter Card, PAN Card & Driving License. (9) Experience certificate etc.

It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy / deficiency found at any state during or after the selection process and is subject to fulfillment of the term and conditions in the advertisement. Mere participation in the document verification doesn't reserve any right for selection. The concerned candidates will personally appear at his / her cost. The SPC Board is not bear TA, DA cost to the candidate.

**Sd./- Member Secretary**



## OFFICE OF THE MUNICIPAL COUNCIL, NAYAGARH

### QUOTATION CALL NOTICE

**No. 2792 Date: 12.07.2022**

No. C-758: Sealed quotations are invited through **Registered Post/Speed Post/by Hand** from the **Stone Sculpture/Handicraft Firms** having updated GST/PAN Card/Licence for **Making of Stone Sculpture & Scrap Sculpture with Creative Design for Nayagarh Municipality** as per detailed specification, terms and conditions in separate schedule, which may be obtained from Office of the Municipal Council, Nayagarh on any working days from **15.07.2022 to 22.07.2022** during official hour on payment of cost of bid document of **Rs.2000.00** in shape of Cash Deposit Receipt of Nayagarh Municipality/Bank Draft/Pay Order, drawn on any Nationalized Bank, in favour of Executive Officer, Nayagarh Municipality, payable at Nayagarh. All quotations are to be received in the Office of the undersigned during office hour upto **5.00 P.M.** on Date;**26.07.2022**. The quotations will be opened by the undersigned or authorised official on date **27.07.2022 at 11.30 A.M.** in the Office of the Executive Officer, Nayagarh Municipality in presence of the quotationers or their authorised representative who wish to remain present at that time. Other terms and conditions can be seen in the DTCN documents.

The authority reserves the right to reject any or all the tenders without assigning any reason thereof.

**Sd./- Executive Officer**
**Nayagarh Municipality**

OIPR-13134/11/0010/2223



## PUBLIC NOTICE

**Delivery of Possession of Land Acquired for Construction of Nayagarh By-pass, NH-57 u/s 3(E) of NH Act. 1956 for Land Owners/Persons interested therein**

No. XXV-02: Kind attention of all landowners/interested persons is invited to the Public Notice published in the following Newspapers informing them regarding.

- Announcement of Award
- Calling upon them to produce documents amount within a period of 60 days; and
- Requesting the landowners to handover the possession of the subject land to the undersigned.

| Sl. No. | Name of Newspaper in which Published | Date of Newspaper |
|---|---|---|
| 1 | Samaj | 08.05.2022 |
| 2 | Dharitri | 08.05.2022 |

The prescribed time of 60 days has expired on 08.07.2022.

Accordingly, all the landowners/interested persons are hereby called upon to hand over the possession of the acquired land to the undersgined immediately, failing which the same shall be taken with the police assistance in accordance with sub-section(2) of section 3E of the NH Act., 1956.

Needless to say, such of the landowners/interested persons, who have still not produce their documents, may produce the same on any working day from the office of the undersigned.

**Sd./- Tahasildar-cum-CALA, Nayagarh**

**OIPR-24052/14/0002/2223**



## STATE POLLUTION CONTROL BOARD, ODISHA

**[DEPARTMENT OF FOREST, ENVIRONMENT & CLIMATE CHANGE DEPARTMENT, GOVERNMENT OF ODISHA]**
Paribesh Bhawan, A/118, Nilakantha Nagar, Unit- VIII, Bhubaneswar - 751012, INDIA
EPABX:2653800, Tel: 2562368 / 2561909,E-mail:paribesh1@ospcboard.org,
Website: www.ospcboard.org

**No.12057/ I-ESTT/M/110/2014, Date:11.07.2022**

### NOTICE

It is for information of all concerned that 65 nos. candidates bearing following ID numbers have been shortlisted for the physical verification of original certificates / documents and Viva-voce test to determine their eligibility and suitability for the recruitment to the post of Assistant Environmental Engineer pursuant to Advertisement No. 20501Dt.20.12.2021. The documents verification shall be held in the office of the SPC Board, Odisha, Paribesh Bhawan, A/118, Nilakantha Nagar, Unit - VIII, Bhubaneswar - 751012, INDIA, as per the following programme detailed below against each candidates bearing ID numbers.

**PROGRAMME OF DOCUMENT VERIFICATION / VIVA-VOCE TEST FOR THE POST OF ASST. ENV. ENGINEER.**

| Sl. No. | Date | Reporting time | ID numbers of candidates |
|---|---|---|---|
| 01 | 18.07.2022 | 9.00 A.M | OSPCB0002424,OSPCB0002126,OSPCB0005581,OSPC-B0001611,OSPCB0004270,OSPCB0001663,OSPCB0005636,OSPCB0002489,OSPCB0005867,OSPCB0004948,OSPCB0002171,OSPCB0004087,OSPCB0000676,OSPCB0004022,OSPCB0002561,OSPCB0001839,OSPC-B0005550,OSPCB0000091,OSPCB0001160, OSPCB0002091 |
| 02 | 19.07.2022 | 9.00 A.M. | OSPCB0000494,OSPCB0002460,OSPCB0003951,OSPC-B0001844,OSPCB0004400,OSPCB0008229,OSPCB0005461,OSPCB0000299,OSPCB0002450,OSPCB0004801,OSPCB0000336,OSPCB0001697,OSPCB0006099,OSPCB0000797,OSPCB0003693,OSPCB0002009,OSPCB0001448,OSPCB0001584,OSPCB0002633,OSPCB0004252,OSPCB0000707,OSPCB0001432,OSPC-B0000405,OSPCB0000561, OSPCB0004234 |
| 03 | 20.07.2022 | 9.00 A.M. | OSPCB0006495,OSPCB0004844,OSPCB0005520,OSPC-B0002424,OSPCB0008169,OSPCB0003809,OSPCB0006556,OSPCB0005825,OSPCB0008180,OSPCB0003992,OSPC-B0001116,OSPCB0005784,OSPCB0003082,OSPCB0006337,OSP-CB0003596,OSPCB0007452, OSPCB0002469, OSPCB0002778, OSPCB0004911, OSPCB0002346 |

The candidates required to bring one set of self-attested photocopies of all the documents along-with all the original documents for verification as mentioned below.

1) Hard copy of the online Application Form. (2) Three recent passport size photographs. (3) All the original educational qualification certificates from HSC or equivalent certificate to BE / B.Tech / AMIE (Section A & B). (4) Odia test certificates. (5) Caste certificate claim as ST /SC /SEBC wherever applicable. (6) Permanent Disability Certificate (including percentage of permanent disability i.e.40% more). (7) Sports Persons certificate issued by the Director of Sports, Odisha. (8) Any proof of Identity Aadhar Card, Voter Card, PAN Card & Driving License & (9) Experience certificate etc.

It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy / deficiency found at any state during or after the selection process and is subject to fulfillment of the term and conditions in the advertisement. Mere participation in the document verification doesn't reserve any right for selection. The concerned candidates will personally appear at his / her cost. The SPC Board is not bear TA, DA cost to the candidate.

**Sd./- Member Secretary**



## STATE POLLUTION CONTROL BOARD, ODISHA

**[DEPARTMENT OF FOREST, ENVIRONMENT & CLIMATE CHANGE DEPARTMENT, GOVERNMENT OF ODISHA]**
Paribesh Bhawan, A/118, Nilakantha Nagar, Unit- VIII, Bhubaneswar - 751012, INDIA
EPABX:2653800, Tel: 2562368 / 2561909,E-mail:paribesh1@ospcboard.org,
Website: www.ospcboard.org

**No.12058/ I-ESTT/M/________/2014, Date:11.07.2022**

### NOTICE

It is for information of all concerned that 110 nos. candidates bearing following ID numbers have been shortlisted for the physical verification of original certificates / documents and Viva-voce test to determine their eligibility and suitability for the recruitment to the post of Asst. Env. Scientist pursuant to Advertisement No. 20499 Dt.20.12.2021. The documents verification shall be held in the office of the SPC Board, Odisha, Paribesh Bhawan, A/118, Nilakantha Nagar, Unit - VIII, Bhubaneswar - 751 012, INDIA, as per the following programme detailed below against each candidates bearing ID numbers.

**PROGRAMME OF DOCUMENT VERIFICATION / VIVA-VOCE TEST FOR THE POST OF ASST. ENV. SCIENTIST**

| Sl. No. | Date | Reporting time | ID numbers of candidates |
|---|---|---|---|
| 01 | 21.07.2022 | 9.00 A.M | OSPCB0002805,OSPCB0003337,OSPCB0004823,OSPCB0003009, OSPCB0006309,OSPCB0002393,OSPCB0005536,OSPCB0005643, OSPCB0007340,OSPCB0000856,OSPCB0002001,OSPCB0007335, OSPCB0006476,OSPCB0006458,OSPCB0005916,OSPCB0000914, OSPCB0002083,OSPCB0002447,OSPCB0002121, OSPCB0003450 |
| 02 | 22.07.2022 | 9.00 A.M. | OSPCB0001072.OSPCB0004717,OSPCB0001877,OSPCB0006360 OSPCB0001122,OSPCB0004760,OSPCB0003234,OSPCB0001437, OSPCB0001986,OSPCB0001277,OSPCB0002319,OSPCB0007510, OSPCB0000396,OSPCB0006700,OSPCB0001406,OSPCB0000219, OSPCB0002162,OSPCB0003924,OSPCB0005348,OSPCB0004474 |
| 03 | 26.07.2022 | 9.00 A.M. | OSPCB0001841,OSPCB0002029,OSPCB0007346,OSPCB0002050, OSPCB0002422,OSPCB0003026,OSPCB0004127,OSPCB0005843, OSPCB0000731,OSPCB0004645,OSPCB0008150,OSPCB0008390, OSPCB0002789,OSPCB0006708,OSPCB0004267,OSPCB0007019, OSPCB0002435,OSPCB0001722, OSPCB0002345, OSPCB0005379 |
| 04 | 27.07.2022 | 9.00 A.M. | OSPCB0008370,OSPCB0001461,OSPCB0002397,OSPCB0001030, OSPCB0001685,OSPCB0006790,OSPCB0000356,OSPCB0005315, OSPCB0006851OSPCB0003956,OSPCB0002694,OSPCB0004777, OSPCB0006732,OSPCB0007345,OSPCB0005540,OSPCB0006286, OSPCB0001656, OSPCB0002855 OSPCB0005609, OSPCB0007636 |
| 05 | 28.07.2022 | 9.00 A.M. | OSPCB0002974,OSPCB0006988,OSPCB0004467,OSPCB0004542, OSPCB0001890,OSPCB0004955OSPCB0005701,OSPCB0000119, OSPCB0000852OSPCB0001431,OSPCB0005746,OSPCB0003802, OSPCB0005681,OSPCB0005878, OSPCB0007164 |
| 06 | 29.07.2022 | 9.00 A.M. | OSPCB0002106,OSPCB0002738,OSPCB0007490,OSPCB0005499, OSPCB0007368,OSPCB0000549,OSPCB0001151,OSPCB0005061, OSPCB0001953,OSPCB0001021,OSPCB0002961,OSPCB0007182 OSPCB0004069, OSPCB0004697, OSPCB0004660 |

The candidates required to bring one set of self-attested photocopies of all the documents along-with all the original documents for verification as mentioned below.

1) Hard copy of the online Application Form. (2) Three recent passport size photographs. (3) All the original educational qualification certificates from HSC or equivalent certificate to M.Tech, M.Phil, Ph.D M.Sc. (4) Odia test certificates. (5) Caste certificate claim as ST /SC /SEBC wherever applicable. (6) Permanent Disability Certificate (including percentage of permanent disability i.e.40% more). (7) Sports Persons certificate issued by the Director of Sports Odisha. (8) Any proof of Identity Aadhar Card, Voter Card, PAN Card & Driving License & (9) Experience certificate etc.

It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy / deficiency found at any state during or after the selection process and is subject to fulfillment of the term and conditions in the advertisement. Mere participation in the document verification doesn't reserve any right for selection. The concerned candidates will personally appear at his / her cost. The SPC Board is not bear TA, DA cost to the candidate.

**Sd./- Member Secretary**

# ଟଙ୍କା ଆଦାୟ କରୁଛନ୍ତି ପରାଜିତ ପ୍ରାର୍ଥୀ

**ଲକ୍ଷ୍ନୌ**



ଉତ୍ତର ପ୍ରଦେଶର ନୀମଚରେ ଏକ ବିବ୍ରତ କଲାଭଳି ଘଟଣା ଘଟିଯାଇଛି। ସରପଞ୍ଚ ନିର୍ବାଚନରେ ହାରିବା ପରେ ଆଶାୟୀ ପ୍ରାର୍ଥୀ ଘର ଘର ବୁଲି ଜୁଲମ କରି ଟଙ୍କା ଜୁଲୁମ କରୁଛନ୍ତି। ଭୋଟ ଦେବା ପାଇଁ ପ୍ରାର୍ଥୀ ରାଜୁ ଡେମା ଭୋଟରମାନଙ୍କୁ ଯେଉଁ ଟଙ୍କା ଦେଇଥିଲେ ଏବେ ସେହି ଟଙ୍କାକୁ ଫେରାଇବା ପାଇଁ ସେ ଲୋକଙ୍କୁ କହୁଛନ୍ତି। ତେବେ କେତେକ ଘରୁ ସେ ଜୋର ଜବରଦସ୍ତ ଟଙ୍କା ଆଣୁଥିବାବେଳେ ଏ ନେଇ ଉକ୍ତ ରାଜୁଙ୍କ ବିରୋଧରେ ଥାନାରେ ମାମଲା ରୁଜୁ ହୋଇଛି। ବର୍ତ୍ତମାନ ସୁଦ୍ଧା ରାଜୁ ଲୋକଙ୍କୁ ଡରାଧମକା କରି ପ୍ରାୟ ୪ ଲକ୍ଷ ଟଙ୍କା ଆଦାୟ କରିସାରିଲେଣି। ମନସା ତହସିଲ ଅନ୍ତର୍ଗତ ଦେବରନ ଗ୍ରାମରେ ରାଜୁ ସରପଞ୍ଚ ପଦ ପାଇଁ ନିର୍ବାଚନରେ ଛିଡ଼ା ହୋଇଥିଲେ। ଆଇପିସି ଧାରା ୩୨୩ (ସାମୂହିକ ଭାବେ କଷ୍ଟ ଦେବା), ୨୯୪ (ଅଶ୍ଳୀଳତା) ଏବଂ ୫୦୬ (ଆପରାଧିକ ଧମକ) ଅନ୍ତର୍ଗତ ରାଜୁଙ୍କ ବିରେଧରେ ଏଫ୍‌ଆଇଆର୍ କରାଯାଇଛି। ଟଙ୍କା ପାଇଁ ରାଜୁ ଏବଂ ତାଙ୍କ ସହଯୋଗୀ ଲୋକଙ୍କୁ ପିଟୁଥିବା ପୋଲିସ କହିଛି। ତେବେ ନିର୍ବାଚନ ସମୟରେ ଭୋଟରଙ୍କୁ ଟଙ୍କା ବାଣ୍ଟିବା ସମ୍ପୂର୍ଣ୍ଣ ଭାବେ ବେଆଇନ୍ ହୋଇଥିବାବେଳେ ଏ ନେଇ ରାଜୁଙ୍କ ବିରୋଧରେ କଠୋର ଦଣ୍ଡ ବିଧାନ କରାଯାଇ ପାରିବ ବୋଲି ପୋଲିସ କହିଛି। ଲୋକଙ୍କୁ ଡରାଧମକା କରି ଟଙ୍କା ମାଗୁଥିବାର ଏକ ଭିଡିଓ ପୋଲିସର ହସ୍ତଗତ ହୋଇଛି। ଘଟଣା ସମ୍ପର୍କରେ ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ କରାଯାଇଛି।

# ହୃତିକ୍‌ଙ୍କ ପ୍ରେମରେ ଚଙ୍କି ପାଣ୍ଡେଙ୍କ ଝିଅ



ଅନନ୍ୟା ପାଣ୍ଡେ

**ମୁମ୍ବାଇ:** ଅନେକ ଝିଅ ହ୍ୟାଣ୍ଡସମ୍ ହଙ୍କ୍ ହ୍ରିତିକ୍ ରୋଶନ୍‌ଙ୍କ ଫ୍ୟାନ୍ସ। ତେବେ ଏ ଝିଅମାନଙ୍କ ସୂଚୀରେ ରହିଛନ୍ତି ବଲିଉଡ୍ ଅଭିନେତ୍ରୀ ଅନନ୍ୟା ପାଣ୍ଡେ। ଏକ ସାକ୍ଷାତ୍‌କାରରେ ସେ ହ୍ରିତିକ୍‌ଙ୍କ ଜଣେ କ୍ରେଜି ଫ୍ୟାନ୍ ବୋଲି କହିଛନ୍ତି। ହ୍ରିତିକ୍‌ଙ୍କ ପ୍ରଥମ ଫିଲ୍ମ 'କହୋ ନା ପ୍ୟାର ହୈ' ଦେଖିବା ପରଠାରୁ ଅନନ୍ୟାଙ୍କ ଦୁର୍ବଳତା ତାଙ୍କ ପ୍ରତି ବଢ଼ିଥିବା ସେ କହିଛନ୍ତି। ଅନେକ ସମୟରେ ପାର୍ଟି ଫଙ୍କଶନ୍‌ରେ ସେ ହ୍ରିତିକଙ୍କୁ ଦେଖିବାର ସୁଯୋଗ ପାଉଥିଲେ ହେଁ ତାଙ୍କ ସହ କଥା ହୋଇ ପାରୁ ନ ଥିବା ସେ କହିଛନ୍ତି। ଅନ୍ୟପଟେ ଅବସାଦରୁ ବାହାରିବା ପାଇଁ ଅନନ୍ୟା ନିଜ ଫ୍ୟାନ୍ସଙ୍କୁ ଟିପ୍ସ ଦେଇଛନ୍ତି। ନିକଟରେ ଅନନ୍ୟା ଓ ଈଶାନ ଖଟ୍ଟରଙ୍କ ବ୍ରେକ୍‌ଅପ୍ ହୋଇଛି। ତେବେ ବ୍ରେକ୍‌ଅପ୍ ପରେ ନିଜକୁ ଖୁସିରେ ରଖିବା ପାଇଁ କ'ଣ କରାଯିବ ସେ କହିଛନ୍ତି। ଭଲପାଇବା ଏକ ଇମୋଶନ୍। ବ୍ରେକ୍‌ଅପ୍ ପରେ କାନ୍ଦ ଓ ଦୁଃଖ ଲାଗିବା ସ୍ୱାଭାବିକ କଥା । ଏ ଭିତରୁ ତୁରନ୍ତ ବାହାରିବା ମଧ୍ୟ ଦରକାର। ଏଥିଲାଗି ନିଜ କାମରେ ଫୋକସ୍ କରିବା ଜରୁରୀ । ସବୁବେଳେ ନିଜ କାମରେ ବ୍ୟସ୍ତ ରହିଲେ ବ୍ରେକ୍‌ଅପ୍ ନେଇ କୌଣସି ଚିନ୍ତା ମୁଣ୍ଡକୁ ଆସିବ ନାହିଁ ବୋଲି ସେ କହିଛନ୍ତି। ତେବେ ଦୀର୍ଘ ତିନି ବର୍ଷ ଧରି ଦୁହେଁ ରିଲେଶନ୍‌ଶିପ୍‌ରେ ଥିବାବେଳେ ବ୍ରେକ୍‌ଅପ୍‌ର କାରଣ ଜଣାପଡ଼ିନାହିଁ। ଆଗାମୀ ଦିନରେ ଅନନ୍ୟାଙ୍କ ଦ୍ୱାରା ଅଭିନୀତ ଫିଲ୍ମ 'ଲିଗର' ରିଲିଜ ହେବ ଯେଉଁଥିରେ ସାଉଥ୍ ଷ୍ଟାର ବିଜୟ ବେଦରୋକୋଣ୍ଡାଙ୍କୁ ମଧ୍ୟ ଦେଖିବାକୁ ମିଳିବ।



## କଙ୍କଡ଼ା ଦେହସାରା ଦାନ୍ତ

ଏକ ବିରଳ ପ୍ରଜାତିର କଙ୍କାଡ଼ାର ଫଟୋ ଏବେ ସୋସିଆଲ ମିଡିଆରେ ଘୂରିବୁଲୁଛି। କଙ୍କଡ଼ାର ଦେହସାରା ମନୁଷ୍ୟ ଦାନ୍ତ ସଦୃଶ ଦାନ୍ତ ରହିଥିବା ଫଟୋରେ ଦେଖାଯାଉଛି। ମାଛଧରାଳିଙ୍କ ଜାଲରେ ଏହି ବିରଳ କଙ୍କଡ଼ା ପଡ଼ିଥିବା ଜଣାପଡ଼ିଛି। ତେବେ ରୁଷିଆର ମାଛଧରାଳି ଜାହାଜରେ କାମ କରୁଥିବା ରୋମାନ ଫେଡୋର୍ଟସୋଭ ଏହି ଫଟୋକୁ ସୋସିଆଲ ମିଡିଆରେ ଶେୟାର କରିଛନ୍ତି।

## ପୋଷା କୁକୁର କାମୁଡ଼ାରେ ମହିଳାଙ୍କ ମୃତ୍ୟୁ

**ଲକ୍ଷ୍ନୌ**

ଉତ୍ତରପ୍ରଦେଶ ରାଜଧାନୀ ଲକ୍ଷ୍ନୌରେ ବୁଧବାର ଏକ ବିଚିତ୍ର ଘଟଣା ଘଟିଯାଇଛି। ପୋଷା କୁକୁର କାମୁଡ଼ାରେ କେଶରବାଘ ଅଞ୍ଚଳରେ ରହୁଥିବା ୮୨ ବର୍ଷୀୟା ସୁଶୀଳା ତ୍ରିପାଠୀଙ୍କ ମୃତ୍ୟୁ ହୋଇଯାଇଛି। ପୁଅ ଅମିତ ଜଣେ ଜିମ୍ ଟ୍ରେନର୍ ଭାବେ କାର୍ଯ୍ୟ କରୁଥିବାବେଳେ ସେ ଘରେ ଏକ ପିଟ୍‌ବୁଲ ଏବଂ ଲାବ୍ରେଡର ପ୍ରଜାତିର କୁକୁର ରଖିଥିଲେ। ମହିଳାଙ୍କୁ ଆକ୍ରମଣ କରିଥିବା କୁକୁରର ନାମ ବ୍ରାଉନୀ ବୋଲି ଜଣାପଡ଼ିଛି। ତାକୁ ତିନି ବର୍ଷ ପୂର୍ବେ ଅମିତ ଘରକୁ ଆଣିଥିଲେ। ବୁଧବାର ସକାଳ ୬ଟା ସମୟରେ ଘର ଭିତରୁ କୁକୁର ଭୁକିବାର ଏବଂ ସୁଶୀଳାଙ୍କ ଚିତ୍କାର ଶବ୍ଦ ପଡ଼ୋଶୀ ଶୁଣିଥିଲେ। କିନ୍ତୁ ସେମାନେ ଯେତେବେଳେ ସେଠାରେ ପହଞ୍ଚିଥିଲେ ଘର ଭିତର ପଟୁ ବନ୍ଦ ଥିବା କହିଛନ୍ତି। ଅମିତ ଘରକୁ ଫେରି ଦେଖିଲା ବେଳକୁ ମା' ସୁଶୀଳା ରକ୍ତ ଜୁଡୁବୁଡୁ ଅବସ୍ଥାରେ ତଳେ ପଡ଼ିଛନ୍ତି। ସେ ତୁରନ୍ତ ସୁଶୀଳାଙ୍କୁ ବଳରାମପୁର ଡାକ୍ତରଖାନାକୁ ନେଇଥିବାବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୁଶୀଳାଙ୍କ ଗଳା ଓ ଶରୀରରେ ୧୨ରୁ ଊର୍ଦ୍ଧ୍ୱ ଗଭୀର ଆଘାତ ହୋଇଥିବା ପୋଷ୍ଟମର୍ଟମ ରିପୋର୍ଟରୁ ଜଣାପଡ଼ିଛି।

# ୨ ହଜାର ବର୍ଷର ମମିକୁ କ୍ୟାନ୍‌ସର



**ୱାର୍ସ:** ୱାର୍ସ ମ୍ୟୁଜିୟମରେ ଥିବା ୨ ହଜାର ବର୍ଷ ପୁରୁଣା ମମିରେ ବୈଜ୍ଞାନିକମାନେ କ୍ୟାନ୍‌ସର ଭୂତାଣୁ ଚିହ୍ନଟ କରିଛନ୍ତି। ସୂଚନାଯୋଗ୍ୟ ମହିଳା ଜଣକ ନାସୋଫାରିନଜିଲ୍ (ନାକ) କ୍ୟାନ୍‌ସରେ ପୀଡ଼ିତ ଥିବା ୱାର୍ସର ମମି ପ୍ରୋଜେକ୍ଟରେ ସାମିଲ ଥିବା ଆନ୍ଥ୍ରୋପୋଲୋଜିଷ୍ଟ ମାରଜେନା ଓଜାରେକ କହିଛନ୍ତି। ମମିର ନାକ ହାଡ଼ରେ କିଛିଟା ଅସ୍ୱାଭାବିକ ପରିବର୍ତ୍ତନ ଦେଖାଯିବା ପରେ ମହିଳା ଜଣକ କ୍ୟାନ୍‌ସରେ ଆକ୍ରାନ୍ତ ଥିବା ଜଣାପଡ଼ିଥିବା ୱାରସର ମେଡିକାଲ ୟୁନିଭର୍ସିଟିରେ ଅଙ୍କଲୋଜି ଡିପାର୍ଟମେଣ୍ଟ ପ୍ରଫେସର ରାଫାଲ ଷ୍ଟେକ୍ ପ୍ରକାଶ କରିଛନ୍ତି। ତେବେ ନାକରେ ଟ୍ୟୁମର ହେବା କାରଣରୁ ମହିଳାଙ୍କ ନାକ ହାଡ଼ରେ ଏ ପ୍ରକାର ପରିବର୍ତ୍ତନ ହୋଇଥିବା କମ୍ପ୍ୟୁଟର ଜରିଆରେ ରେଡ଼ିଓଲୋଜିଷ୍ଟ ଜାଣିବାକୁ ପାଇଥିଲେ। ତେବେ ଏ ନେଇ ଅଧିକ ତଥ୍ୟ ହାସଲ କରିବା ପାଇଁ ବିଶେଷଜ୍ଞମାନେ ଅନ୍ୟ ଆମେରିକା ଓ ବ୍ରିଟେନର ମ୍ୟୁଜିୟମରେ ଥିବା ମମିମାନଙ୍କ ଟିସୁ ସଂଗ୍ରହ କରି ପରୀକ୍ଷା କରାଯିବ । ତେବେ ଆଗାମୀ ଦିନରେ ମମିକୁ ବ୍ୟବହାର କରି କ୍ୟାନ୍‌ସର ହେବାର କାରଣ ବିଷୟରେ ତର୍ଜମା କରାଯିବ ବୋଲି ବୈଜ୍ଞାନିକ କହିଛନ୍ତି। ଏହାପୂର୍ବରୁ କେତେଜଣ ଗର୍ଭବତୀ ମହିଳାଙ୍କ ମମିର ଖୋଜ୍ କରିଥିଲେ ଗବେଷକ।

## ଅନ୍ୟାନ୍ୟ ଖବର

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ବିଏନ୍‌ପିଏମ୍ ଏମ୍‌ଡି

### ବାଲେଶ୍ୱରରେ ସ୍ଥାପନ ହେବ ଟଙ୍କା କାଗଜ ମିଲ୍

**ଭୁବନେଶ୍ୱର,୧୩।୭(ବ୍ୟୁରୋ)**



ଟଙ୍କା କାଗଜ ମିଲ୍ ସ୍ଥାପନ କରିବା ସକାଶେ ଭାରତୀୟ ରିଜର୍ଭ ବ୍ୟାଙ୍କର ଏକ ଟିମ୍ ବାଲେଶ୍ୱର ଜିଲା ଗସ୍ତ କରିବାର ଦିନକ ପରେ ବ୍ୟାଙ୍କ୍ ନୋଟ ପେପର ମିଲ୍(ବିଏନ୍‌ପିଏମ୍) ଇଣ୍ଡିଆ ପ୍ରାଇଭେଟ ଲିମିଟେଡର ପ୍ରତିନିଧି ଦଳ ବୁଧବାର ନବୀନ ନିବାସଠାରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିଛନ୍ତି। ବିଏନ୍‌ପିଏମ୍ ଇଣ୍ଡିଆ ପ୍ରାଇଭେଟ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ଥାଲିକେରାପ୍ପା ଏସ୍ ପ୍ରସ୍ତାବିତ ପ୍ରକଳ୍ପ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ସଂକ୍ଷେପରେ ଅବଗତ କରାଇଥିଲେ। ବିଏନ୍‌ପିଏମ୍ ଇଣ୍ଡିଆ ଲିମିଟେଡ ଏବଂ ଭାରତୀୟ ରିଜର୍ଭ ବ୍ୟାଙ୍କ ନୋଟ ମୁଦ୍ରଣ ପ୍ରାଇଭେଟ ଲିମିଟେଡ ମିଳିତ ଭାବେ ବାଲେଶ୍ୱର ଜିଲା ରେମୁଣା ବ୍ଲକ ଅନ୍ତର୍ଗତ ବାଡ଼ବଡ଼ଗାଁଠାରେ ୨୫୦୦ କୋଟି ଟଙ୍କାର ଏକ ଟଙ୍କା କାଗଜ ମିଲ୍ ସ୍ଥାପନ କରିବାକୁ ଯୋଜନା କରିଛନ୍ତି। ବାଲେଶ୍ୱରର ଏହି ପ୍ରସ୍ତାବିତ ପ୍ରକଳ୍ପ ପାଇଁ ସମସ୍ତ ସହଯୋଗ ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ସାକ୍ଷାତ ସମୟରେ ମୁଖ୍ୟମନ୍ତ୍ରୀଙ୍କ ସଚିବ ଭି.କେ. ପାଣ୍ଡିଆନ ଉପସ୍ଥିତ ଥିଲେ। ଏଠାରେ ସୂଚନାଯୋଗ୍ୟ ଯେ ମଙ୍ଗଳବାର ଭାରତୀୟ ରିଜର୍ଭ ବ୍ୟାଙ୍କର ଏକ ୩ ଜଣିଆ ଟିମ୍ ବାଡ଼ବଡ଼ଗାଁକୁ ଯାଇ ପ୍ରସ୍ତାବିତ ପ୍ରକଳ୍ପ ଅଞ୍ଚଳ ବୁଲି ଦେଖିଥିଲେ।

# ଅବଧି ଜୁଲାଇ ୩୧କୁ ବଢ଼ାଇବାକୁ ସରକାରୀ କର୍ମଚାରୀଙ୍କ ଦାବି

**ଭୁବନେଶ୍ୱର,୧୩।୭(ବ୍ୟୁରୋ)**

### ସମ୍ପତ୍ତି ତାଲିକା ଦାଖଲ

ସରକାରୀ କର୍ମଚାରୀମାନେ ନିଜର ସମ୍ପତ୍ତି ତାଲିକା ପ୍ରତ୍ୟେକ ବର୍ଷ ମାର୍ଚ୍ଚ ୩୧ରେ ସାଧାରଣ ପ୍ରଶାସନ ବିଭାଗ ନିକଟରେ ଦାଖଲ କରିଥାଆନ୍ତି। ୨୦୨୧ ବର୍ଷରେ ରାଜ୍ୟ ସରକାରୀ କର୍ମଚାରୀମାନେ ସେମାନଙ୍କର ସମ୍ପତ୍ତି ତାଲିକା ୨୦୨୨ ମାର୍ଚ୍ଚ ୩୧ ସୁଦ୍ଧା ଅନ୍‌ଲାଇନ୍ ଜରିଆରେ ଦାଖଲ କରିବାକୁ ସରକାର ଧାର୍ଯ୍ୟ କରିଥିଲେ। ପରବର୍ତ୍ତୀ ସମୟରେ ଏହାର ସମୟ ସୀମାକୁ ଜୁନ୍ ୩୦କୁ ବୃଦ୍ଧି କରାଯାଇଥିଲା। ତେବେ କେତେକ କର୍ମଚାରୀ ରାଜ୍ୟ ସଦର ମହକୁମା ତଥା ଜିଲାସ୍ତରରେ କାର୍ଯ୍ୟବ୍ୟସ୍ତତା ଯୋଗୁ ନିଜର ସମ୍ପତ୍ତି ତାଲିକା ସରକାରଙ୍କ ନିକଟରେ ଦାଖଲ କରିପାରି ନାହାନ୍ତି। ଏଥିଯୋଗୁ ସେହି କର୍ମଚାରୀମାନେ ପଦୋନ୍ନତି ତଥା ଅନ୍ୟାନ୍ୟ ସରକାରୀ ସୁବିଧାରୁ ବଞ୍ଚିତ ହୋଇଛନ୍ତି। ଏହାକୁ ଦୃଷ୍ଟିରେ ରଖି ସରକାର ଉକ୍ତ ସମୟ ସୀମାକୁ ଜୁଲାଇ ୩୧ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ କର୍ମଚାରୀମାନେ ଦାବି କରିଛନ୍ତି।

# ଦେବୀଦତ୍ତ ବିଶ୍ୱାଳ ନୂଆ ପିସିସିଏଫ୍

**ଭୁବନେଶ୍ୱର, ୧୩।୭(ବ୍ୟୁରୋ):** ରାଜ୍ୟର ପ୍ରଧାନ ମୁଖ୍ୟ ବନ ସଂରକ୍ଷକ(ପିସିସିଏଫ୍) ତଥା ବନବାହିନୀ ମୁଖ୍ୟ ଭାବେ ଦେବୀଦତ୍ତ ବିଶ୍ୱାଳଙ୍କୁ ନିଯୁକ୍ତି ଦିଆଯାଇଛି। ଏ ନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ୧୯୮୮ ବ୍ୟାଚ୍‌ର ଆଇଏଫ୍‌ଏସ୍ କ୍ୟାଡରର ଦେବୀଦତ୍ତ ଅତିରିକ୍ତ ପିସିସିଏଫ୍ ଥିଲେ। ଶିଶିର ରଥ ପିସିସିଏଫ୍ ପଦବୀରୁ ଅବସର ନେବା ପରେ ଦେବୀଦତ୍ତ ବିଶ୍ୱାଳଙ୍କୁ ପିସିସିଏଫ୍ ଭାରପ୍ରାପ୍ତ ଦାୟିତ୍ୱ ଦିଆଯାଇଥିଲା। ଏବେ ସରକାର ତାଙ୍କୁ ପିସିସିଏଫ୍ ଭାବେ ନୂତନ ଦାୟିତ୍ୱ ଦେଇଛନ୍ତି।



# ବିଜୟ୍ ସହ ବିଶ୍ୱକପ୍ ଅଭିଯାନ ଶେଷ

**ଟେରାସା,୧୩।୭**

ଜାପାନ ବିପକ୍ଷ ମ୍ୟାଚରେ ବିଜୟ ସହିତ ଶେଷ ହୋଇଛି ଭାରତର ମହିଳା ହକି ବିଶ୍ୱକପ୍ ଅଭିଯାନ। ପୂର୍ବରୁ ବିଶ୍ୱକପ୍ କ୍ୱାର୍ଟର ଫାଇନାଲ ଦୌଡରୁ ବାଦ ପଡି ସାରିଥିବା ଭାରତ ୯-୧୨ତମ ସ୍ଥାନ ପାଇଁ ଖେଳାଯାଉଥିବା ମୁକାବିଲାରେ ଜାପାନକୁ ୩-୧ରେ ପରାସ୍ତ କରିଛି। ସ୍ପେନର ଏସ୍ତାଦି ଅଲିମ୍ପିକ ଦେ ଟେରାସା ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚରେ ନବନୀତ କୌର(୩୦ ଓ ୪୫ତମ ମିନିଟ) ଡବଲ ଗୋଲ ସ୍କୋର କରିଥିବାବେଳେ ଓଡ଼ିଶାର ଦୀପଗ୍ରେସ ଏକ୍କା(୩୮) ଅନ୍ୟ ଗୋଲଟି ଦେଇଥିଲେ। ଜାପାନ ପକ୍ଷରୁ ୟୁ ଆସାଇ(୨୯) ଏକମାତ୍ର ଗୋଲଟି ସ୍କୋର କରିଥିଲେ।

### ନବନୀତଙ୍କ ଡବଲ ଗୋଲ୍

ମ୍ୟାଚ ଆରମ୍ଭରୁ ଭାରତ ଆକ୍ରମଣାତ୍ମକ ହକି ଖେଳିଥିଲା। ନେହା ଓ ଗୁରଜିତ ଏକାଧିକ ପେନାଲ୍ଟି ସୁଯୋଗ ସୃଷ୍ଟି କରିଥିଲେ ହେଁ ଭାରତ ଗୋଲ ସ୍କୋର କରିପାରି ନଥିଲା। ନେହାଙ୍କ ପାସ୍‌ରୁ ନବନୀତ ପେନାଲ୍ଟି କର୍ନର ପାଇଥିଲେ ହେଁ ସୁଯୋଗ ହାତଛଡା କରିଥିଲା। ଗୋଲ ପୋଷ୍ଟ ସାମ୍ନାରୁ ମୋଉକା ସୁବୋଉଚି ଚମତ୍କାର ଡିଫେଣ୍ଡ କରିଥିଲେ। ଏହାର କିଛି ମିନିଟ୍ ମଧ୍ୟରେ ନବନୀତ୍ ଜାପାନ ରକ୍ଷଣଭାଗ ଭେଦ କରିଥିଲେ ହେଁ ଗୋଲ କରିବାରେ ବିଫଳ ହୋଇଥିଲେ। ପ୍ରଥମ କ୍ୱାର୍ଟର ଗୋଲ ଶୂନ୍ୟ ଭାବରେ ଶେଷ ହେବା ପରେ ପୁଣି ଥରେ ଆକ୍ରମଣ ତୀବ୍ର କରିଥିଲା ଭାରତ। ତେବେ ଦ୍ୱିତୀୟ କ୍ୱାର୍ଟରର ୨୦ତମ ମିନିଟରେ ଜାପାନକୁ ମିଳିଥିବା ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରିଥିଲେ ୟୁ ଆସାଇ। ୧-୦ରେ ପଛୁଆ ଭାରତ ପକ୍ଷରୁ ଘନ ଘନ ଆକ୍ରମଣ କରାଯିବା ସହିତ ଦ୍ୱିତୀୟ କ୍ୱାର୍ଟରର ଅନ୍ତିମ ମିନିଟରେ ଭାରତ ପକ୍ଷରୁ ନବନୀତ କୌର ଏହି ଗୋଲ ପରିଶୋଧ କରିଥିଲେ। ଚମତ୍କାର ଫିଲ୍ଡ ଗୋଲ ଜରିଆରେ ନବନୀତ ମ୍ୟାଚକୁ ସମାନ୍ତର ସ୍ତରକୁ ଆଣିଥିଲେ।

ତୃତୀୟ କ୍ୱାର୍ଟରରେ ଭାରତ ପକ୍ଷରୁ ଦୁଇଟି ଗୋଲ୍ ସ୍କୋର କରାଯାଇଥିଲା। ୩୮ତମ ମିନିଟରେ ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରିଥିଲେ ଦୀପଗ୍ରେସ୍ ଏକ୍କା। ଟ୍ରେଡ୍‌ମାର୍କ ଡ୍ରାଗ୍ ଫ୍ଲିକ୍ ଜରିଆରେ ଏହାକୁ ଗୋଲରେ ପରିଣତ କରିଥିଲେ ଦୀପଗ୍ରେସ। ତୃତୀୟ କ୍ୱାର୍ଟର ଶେଷ ହେବାକୁ କିଛି ସେକେଣ୍ଡ ବାକି ଥିବା ବେଳେ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ସ୍କୋର କରିଥିଲେ ନବନୀତ। ଗୋଲ ପରିଶୋଧ ପାଇଁ ଜାପାନ ପକ୍ଷରୁ ଉଦ୍ୟମ କରାଯାଇଥିଲେ ହେଁ ଗୋଲ କରିବାରେ ସଫଳ ହୋଇ ନଥିଲେ। ଶେଷ ୫ ମିନିଟ ନିଜ ମଧ୍ୟରେ ବଲ୍ ପାଶ କରିବା ସହିତ ଭାରତ ରକ୍ଷଣାତ୍ମକ ଖେଳ ଖେଳି ମ୍ୟାଚକୁ ଜିତି ନେଇଥିଲା।



ଗୋଲ ଦେବାପରେ ସାଥୀ ଖେଳାଳିଙ୍କ ସହ ଖୁସି ମନାଉଛନ୍ତି ନବନୀତ କୌର।

## ଦ୍ରାସ୍‌ରେ ସମ୍ବର୍ଦ୍ଧିତ ହେବେ ଶହୀଦ ମାନସଙ୍କ ପରିବାର

**ଅନୁଗୋଳ ଅଫିସ,୧୩।୭:** ୧୯୯୯ କାର୍‌ଗିଲ ଯୁଦ୍ଧରେ ଶହୀଦ ହୋଇଥିବା ଲାନସ୍ ନାଏକ ଅନୁଗୋଳ ବ୍ଲକ ପୁରୁଣାଗଡ଼ର ମାନସ ରଞ୍ଜନ ସାହୁଙ୍କ ପରିବାରକୁ କାର୍‌ଗିଲ ବିଜୟ ଦିବସ ଅବସରରେ ଲଦାଖର ଦ୍ରାସ ସେକ୍ଟରରେ ସମ୍ବର୍ଦ୍ଧିତ କରାଯିବ। ଏଥିପାଇଁ ନିମନ୍ତ୍ରଣ ମିଳିଥିବା ଶହୀଦ ମାନସଙ୍କ ପରିବାର ପକ୍ଷରୁ କୁହାଯାଇଛି। କାରଗିଲ ବିଜୟ ଦିବସର ୨୩ତମ ସ୍ମୃତି ଅବସରରେ ଆସନ୍ତା ୨୫ ଓ ୨୬ ତାରିଖରେ ଦ୍ରାସ୍ ସେକ୍ଟରରେ ଦେଶର ସମସ୍ତ କାର୍‌ଗିଲ ଶହୀଦଙ୍କ ପରିବାରର ଏକ ସମାବେଶ ଅନୁଷ୍ଠିତ ହେବ। ଶହୀଦଙ୍କ ପରିବାରର ସଦସ୍ୟମାନେ ଦ୍ରାସସ୍ଥିତ କାର୍‌ଗିଲ ୱାର୍ ମେମୋରିଆଲ ବୁଲି ଦେଖିବା ସହ ସମ୍ବର୍ଦ୍ଧନା ସଭାରେ ଯୋଗ ଦେବେ।



ଶହୀଦ ମାନସ ରଞ୍ଜନ ସାହୁ।

# ରାଜ୍ୟ ସରକାରଙ୍କୁ ଲାଭାଂଶ ଅର୍ଥ ପ୍ରଦାନକଲେ ୩ ନିଗମ

**ଭୁବନେଶ୍ୱର, ୧୩।୭ (ବ୍ୟୁରୋ):** ରାଜ୍ୟ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଅଧୀନ ବିଭିନ୍ନ ନିଗମ ଯଥା ଓଡ଼ିଶା କୃଷି ନିଗମ ଲିଃ, ଓଡ଼ିଶା କାଜୁ ଉନ୍ନୟନ ନିଗମ ଲିଃ ଏବଂ ଓଡ଼ିଶା ବିହନ ନିଗମ ଲିଃ ତଥା ରାଜ୍ୟ ସମବାୟ ବ୍ୟାଙ୍କ ପକ୍ଷରୁ ରାଜ୍ୟ ସରକାରଙ୍କୁ ସେମାନଙ୍କ ଲାଭାଂଶ ପ୍ରଦାନ କରିଛନ୍ତି। ବୁଧବାର ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନବୀନ ନିବାସରୁ ଭିଡିଓ କନ୍‌ଫରେନ୍ସରେ ଯୋଗଦେଇଥିଲେ। ସଚିବାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ସମବାୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଉପସ୍ଥିତ ଥିଲେ। ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଲାଭାଂଶର ଉକ୍ତ ଚେକ୍ ଗ୍ରହଣ କରିଛନ୍ତି। ଓଡ଼ିଶା କୃଷି ଶିଳ୍ପ ନିଗମ ପକ୍ଷରୁ ୨୦୧୮-୧୯ ଆର୍ଥିକ ବର୍ଷ ପାଇଁ ୨ କୋଟି ୫୨ ଲକ୍ଷ ୧୭ ହଜାର ୨୧୮ ଟଙ୍କା ଏବଂ ୨୦୧୯-୨୦୨୦ ଆର୍ଥିକ ବର୍ଷ ପାଇଁ ୩ କୋଟି ୧୦ ଲକ୍ଷ ୩୬ ହଜାର ୫୭୬ କୋଟି ଟଙ୍କା ପ୍ରଦାନ କରାଯାଇଛି। ୧୯୬୨ରୁ ପ୍ରତିଷ୍ଠିତ କୃଷି ଶିଳ୍ପ ନିଗମ ପୁନଃପୌନିକ ଲାଭ ୨୦୨୦-୨୧ ସୁଦ୍ଧା ୯୪.୩୩ କୋଟି ଟଙ୍କା ରହିଛି। ଏହା ଏକ ଋଣମୁକ୍ତ ଲାଭକାରୀ ସରକାରୀ ନିଗମ। ସେହିପରି ଓଡ଼ିଶା କାଜୁ ଉନ୍ନୟନ ନିଗମ ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ଅଂଶଧନ ଲାଭ ବାବଦକୁ ୪୬ ଲକ୍ଷ ୫୧ ହଜାର ୨୦୦ ଟଙ୍କା ପ୍ରଦାନ କରିଛି। ୧୯୭୮ରେ ପ୍ରତିଷ୍ଠିତ ଓଡ଼ିଶା ରାଜ୍ୟ ବିହନ ନିଗମ ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ଅଂଶଧନ ବାବଦକୁ ୨୩ ଲକ୍ଷ ୨୦ ହଜାର ୫୬୭ ଟଙ୍କା ରାଜ୍ୟ ସରକାରଙ୍କୁ ପ୍ରଦାନ କରିଛି। ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ ୨୦୨୦-୨୧ ଆର୍ଥିକ ବର୍ଷ ପାଇଁ ଅଂଶଧନ ଉପରେ ୨.୧୬ ପ୍ରତିଶତ ଲାଭାଂଶ ଘୋଷଣା କରିଛି। ଏହି ବ୍ୟାଙ୍କରେ ରାଜ୍ୟ ସରକାରଙ୍କର ୨୨.୫ ପ୍ରତିଶତ ଅଂଶଧନ ରହିଛି। ରାଜ୍ୟ ସରକାରଙ୍କୁ ବୁଧବାର ୨୦୨୦-୨୧ ବର୍ଷ ପାଇଁ ଲାଭାଂଶ ବାବଦକୁ ୨ କୋଟି ୬୮ ଲକ୍ଷ ୪୯ ହଜାର ୪୨୫ ଟଙ୍କା ପ୍ରଦାନ କରିଛନ୍ତି।

## ସଂକ୍ଷେପରେ

### ଧରାପଡ଼ିଲେ ବାଇକ୍ ଲୁଟେରା
**୨ ବାଇକ୍, ୪ ମୋବାଇଲ ଜବତ**

**ଭୁବନେଶ୍ୱର,୧୩।୭(ବ୍ୟୁରୋ):** ବାଇକ୍ ଚୋରି ଅଭିଯୋଗରେ ନୟାପଲ୍ଲୀ ଥାନା ପୋଲିସ ବୁଧବାର ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ କଟକ ବକ୍ସିବଜାର ଅଞ୍ଚଳର ଏସ୍‌କେ ଆୟୁବ ଓରଫ ରାଜା (୩୦), ଗଞ୍ଜାମର ଲିଟନ ପ୍ରଧାନ ଓରଫ ଲିଟୁ (୨୮)। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏନେଇ ପୋଲିସ ଏକ ମାମଲା (କେସ୍ ନଂ. ୪୧୪/୨୨) ରୁଜୁ କରିଛି। ପୋଲିସ ସେମାନଙ୍କଠାରୁ ୨ଟି ମୋଟରସାଇକେଲ, ବିଭିନ୍ନ କମ୍ପାନୀର ୪ ଦାମୀ ମୋବାଇଲ ଜବତ କରିଛି।

### ଗଙ୍ଗାଧର ପାଇକରାୟଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

**ଭୁବନେଶ୍ୱର, ୧୩।୭(ଡି.ଏନ୍.ଏ.):** ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, କୃଷକ ନେତା ତଥା ପୂର୍ବତନ ବିଧାୟକ ଗଙ୍ଗାଧର ପାଇକରାୟଙ୍କ ୧୦୭ ତମ ଜୟନ୍ତୀ ସମାରୋହ ୟୁନିଟ୍-୩ ସ୍ଥିତ ଗଙ୍ଗାଧର ଭବନରେ କମ୍ୟୁନିଷ୍ଟ ନେତା ସୁର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଜୟନ୍ତୀ କମିଟିର ସମ୍ପାଦକ ପ୍ରଫୁଲ୍ଲ ତ୍ରିପାଠୀ ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟବକ୍ତା ଭାବେ ସତୀଶ ମିଶ୍ର କହିଥିଲେ, ବର୍ତ୍ତମାନ ପରିସ୍ଥିତି ଅତି ଉଦ୍‌ବେଗଜନକ। ଦରଦାମ ବୃଦ୍ଧି, ବେକାରୀ, କୃଷକମାନଙ୍କ ସମସ୍ୟା ବିଶେଷକରି ଆଇନଶୃଙ୍ଖଳା ପରିସ୍ଥିତି ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଦାୟୀ ବୋଲି ସେ କହିଥିଲେ। ପବିତ୍ର ସାହୁ ଚାଷୀ, ଶ୍ରମିକମାନଙ୍କ ବିକାଶ ପାଇଁ ପାଇକରାୟ ଯେଉଁ ସ୍ୱପ୍ନ ଦେଖିଥିଲେ ତାହା ଆଜି ପୂରଣ ହୋଇପାରିନି ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ଶ୍ରୀକାନ୍ତ ମିଶ୍ର, ଡ. ଶରତ ପାଇକରାୟ, ବସନ୍ତ ପାଇକରାୟ, ଚିତ୍ତରଞ୍ଜନ ସ୍ୱାଇଁ, ହୃଷୀକେଶ ମହାନ୍ତି, କୈଳାସ ପୁହାଣ, ପ୍ରମୋଦିନୀ ପାଇକରାୟ ପ୍ରମୁଖ ଭାଷଣ ଦେଇ ତାଙ୍କର ସ୍ୱପ୍ନକୁ ସାକାର କରିବାକୁ ଆହ୍ୱାନ ଦେଇଥିଲେ।

### ଭୁବନେଶ୍ୱର ବାଣିଜ୍ୟ ସେବା ସମବାୟ ସମିତି ବାର୍ଷିକୋତ୍ସବ

**ବାଲିପାଟଣା,୧୩।୭(ଡି.ଏନ୍.ଏ.):** ଭୁବନେଶ୍ୱର ବାଣିଜ୍ୟ ସେବା ସମବାୟ ସମିତିର ସ୍ୱନକ୍ଷତ୍ର ଉତ୍ସବ ନିଜ ସଭାଗୃହରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଆର୍‌ସିଏମ୍ଏସ୍ ସମ୍ପାଦକ ନିରଞ୍ଜନ ନାଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ବିଭିନ୍ନ ସମବାୟ ସମିତିର ସମ୍ପାଦକ ଓ ନିର୍ବାଚିତ ସଭାପତିମାନେ ଯୋଗଦେଇ ସମିତିର ବିଭିନ୍ନ ସମସ୍ୟା ସମ୍ପର୍କରେ କହିଥିଲେ। ରାସାୟନିକ ସାରର କଞ୍ଚାମାଲ ଭାରତରେ ପର୍ଯ୍ୟାପ୍ତ ପରିମାଣରେ ମିଳୁ ନ ଥିବାରୁ ସାର ଦର ବଢୁଛି। ଏହାକୁ ଦୃଷ୍ଟିରେ ରଖି ନାନୋ ସାର, ଜୈବିକ ସାର ବ୍ୟବହାର ପ୍ରତି ଚାଷୀମାନେ ଆଦୃତ ହେବା ପାଇଁ ସଚେତନ କର୍ମଶାଳା, ଗୋଦାମ ଗୃହ ନିର୍ମାଣ ପାଇଁ କ୍ଷେତ୍ର ପ୍ରସ୍ତୁତ କରିବାକୁ ଅତିଥିମାନେ କହିଥିଲେ। ଅତିଥିଭାବେ ଏସଆରସିଏସ ଶଶୀ ରଥ, ଖୋର୍ଦ୍ଧା ଡିଆରସିଏସ ଅଲକା ନନ୍ଦା ଜେନା, ଏସଆରସିଏସ ସ୍ନିଗ୍ଧା ରାଣୀ ଶତପଥୀ, ଡିଆରସିଏସ ରୋଜାଲିନ ସେନାପତି, ଇଫକୋ ମାର୍କେଟିଂ ଅଧିକାରୀ ନିରଞ୍ଜନ ନାଥ, ଧୀରେନ କର ଓ ଆରସିଏମଏସ ପୂର୍ବତନ ସମ୍ପାଦକ ନିରଞ୍ଜନ ବାଘ ପ୍ରମୁଖ ଯୋଗଦେଇଥିଲେ। ଉଲ୍ଲେଖନୀୟ ଅବଦାନ ପାଇଁ ସରାଟ ସମବାୟ ସମିତି ପ୍ରଥମ, ଗାରେଡିପାଞ୍ଚଣ ସେବା ସମବାୟ ଦ୍ୱିତୀୟ ଓ ଜାମୁକୋଳି ସମିତି ତୃତୀୟ ପୁରସ୍କାର ପାଇଥିଲେ।

# ରାଜଧାନୀରେ ୩ଶହମୁହାଁ ଦୈନିକ ସଂକ୍ରମଣ

**ଭୁବନେଶ୍ୱର, ୧୩।୭ (ବ୍ୟୁରୋ)**



ରାଜ୍ୟରେ ପୁଣିଥରେ କରୋନା ସଂକ୍ରମଣ ଉପର ମୁହାଁ ହୋଇଛି। ଖୋର୍ଦ୍ଧା ଜିଲାରୁ ସର୍ବାଧିକ ଆକ୍ରାନ୍ତ ଚିହ୍ନଟ ହେଉଥିବାବେଳେ ଭୁବନେଶ୍ୱରର ସ୍ଥିତି ବିଗିଡ଼ିବାରେ ଲାଗିଛି। ଜିଲାର ଅଧିକାଂଶ ସଂକ୍ରମିତ ଭୁବନେଶ୍ୱରରୁ ବାହାରୁଛନ୍ତି। ଦୈନିକ ସଂକ୍ରମଣ ଏବେ ୩ଶହ ମୁହାଁ ହୋଇଛି। ଗତ ୨୪ ଘଣ୍ଟା ମଧ୍ୟରେ ସହରରୁ ଆଉ ୨୮୬ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ପଟିଆ ଅଞ୍ଚଳରୁ ସର୍ବାଧିକ ୩୪ଜଣ ବାହାରିଥିବା ବେଳେ ନୟାପଲ୍ଲୀରୁ ୨୩, ପାତ୍ରପଡ଼ା ୧୬, ପୁରୁଣା ଭୁବନେଶ୍ୱର ୧୪, ଖଣ୍ଡଗିରି ୧୧, ଚନ୍ଦ୍ରଶେଖରପୁର, ଗାଡ଼କଣ, ଝାରପଡ଼ା, ନୀଳାଦ୍ରିବିହାର ଓ ରସୁଲଗଡ଼ ଅଞ୍ଚଳରୁ ୧୦ଜଣ ଲେଖାଏ, ହଂସପାଳ ଓ ୟୁନିଟ୍-୩ରୁ ୯ ଜଣ ଲେଖାଏ, ବମିଖାଲରୁ ୮, ଲକ୍ଷ୍ମୀସାଗର ଓ ମଞ୍ଚେଶ୍ୱର ଅଞ୍ଚଳରୁ ୬ଜଣ ଲେଖାଏ, ଟଙ୍କପାଣି ରୋଡ଼, ଶୈଳଶ୍ରୀ ବିହାର ଓ ପଳାଶୁଣୀରୁ ୫ ଜଣ ଲେଖାଏ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହାବାଦ୍ ସହରର ଅନ୍ୟାନ୍ୟ ଅଞ୍ଚଳରୁ ମଧ୍ୟ ଏକାଧିକ ସଂକ୍ରମିତ ଅଛନ୍ତି। ତେବେ ସମସ୍ତେ ସ୍ଥାନୀୟ ସଂକ୍ରମିତ ହୋଇଥିବାରୁ ଚିନ୍ତା ବଢ଼ିଛି। ଏପର୍ଯ୍ୟନ୍ତ ସହରରୁ ମୋଟ୍ ୧ଲକ୍ଷ ୫୯ ହଜାର ୫୩୩ଟି ମାମଲା ସାମ୍ନାକୁ ଆସିଛି। ଅପରପକ୍ଷେ ଦିନକ ମଧ୍ୟରେ ୨୦୦ ସଂକ୍ରମିତ ସୁସ୍ଥ ହୋଇଛନ୍ତି। ଫଳରେ ମୋଟ୍ ସୁସ୍ଥ ସଂଖ୍ୟା ୧ଲକ୍ଷ ୫୭ ହଜାର ୩୯୮କୁ ବୃଦ୍ଧି ପାଇଛି। ବର୍ତ୍ତମାନ ସହରେ ୯୨୧ ସକ୍ରିୟ ଆକ୍ରାନ୍ତ ରହିଛନ୍ତି।

### କରୋନା କଟକଣା ନ ମାନିଲେ କାର୍ଯ୍ୟାନୁଷ୍ଠାନ : ଡିସିପି

ରାଜଧାନୀ ଭୁବନେଶ୍ୱରରେ କରୋନା ସଂକ୍ରମଣ ରୋକିବା ପାଇଁ ପ୍ରଶାସନ ପକ୍ଷରୁ କଟକଣା ଲଗାଯାଇଛି। ହେଲେ ଲୋକେ ଏହାକୁ ମାନୁ ନ ଥିବା ନଜରକୁ ଆସିଛି। ତେଣୁ କରୋନା କଟକଣା ଓ ପ୍ରଶାସନ ପକ୍ଷରୁ ଦିଆଯାଇଥିବା ପରାମର୍ଶ ନ ମାନିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଭୁବନେଶ୍ୱର ଡିସିପି ପ୍ରତୀକ ସିଂ କହିଛନ୍ତି। ବୁଧବାର ଗଣମାଧ୍ୟମକୁ ସୂଚନା ଦେଇ ସେ କହିଛନ୍ତି, ପୁଣିଥରେ କୋଭିଡ ସଂକ୍ରମଣ ସବୁଆଡ଼େ ବଢ଼ିବାରେ ଲାଗିଛି। ବିଏମ୍‌ସି ପକ୍ଷରୁ କୋଭିଡ୍ କଟକଣାକୁ ମାନିବାକୁ ଜରୁରୀ ପରାମର୍ଶ ଦିଆଯାଇଛି। ସାମାଜିକଦୂରତା ରକ୍ଷା କରିବା ସହ ମାସ୍କ ପରିଧାନ କରିବାକୁ ଜନସାଧାରଣଙ୍କୁ ନିବେଦନ କରାଯାଇଛି। ପୋଲିସ ପକ୍ଷରୁ ଏନ୍‌ଫୋର୍ସମେଣ୍ଟ ଆରମ୍ଭ ହୋଇଛି। ପୋଲିସ ଟିମ୍ ଜନଗହଳିପୂର୍ଣ୍ଣ ସ୍ଥାନରେ କରୋନା କଟକଣା ମାନିବାକୁ ଘୋଷଣା କରୁଛନ୍ତି। ଆଗକୁ କଟକଣା ଯାଞ୍ଚ ପ୍ରକ୍ରିୟାକୁ ଅଧିକ ଦୃଢ଼ କରାଯିବ। କରୋନା କଟକଣା ନ ମାନିଲେ ଉଲ୍ଲଂଘନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସଂକ୍ରମଣ କମାଇବାକୁ ଚେଷ୍ଟା ଜାରି ରହିବ ବୋଲି ଡିସିପି ସିଂ କହିଛନ୍ତି।




ଆତ୍ମହତ୍ୟା କରିଥିବା ବିଜେବି କଲେଜ ଛାତ୍ରୀ ରୁଚିକା ମହାନ୍ତିଙ୍କୁ ନ୍ୟାୟ ପ୍ରଦାନ ଦାବିରେ ବୁଧବାର ଭୁବନେଶ୍ୱର ଲୋୟର ପିଏମ୍‌ଜିଠାରେ ଛାତ୍ର କଂଗ୍ରେସ ଓ ବିଭିନ୍ନ ସଙ୍ଗଠନ ପକ୍ଷରୁ ବିକ୍ଷୋଭ।

# କଳିଙ୍ଗନଗର କେ-୭ରେ ହେବ ଭେଣ୍ଡିଂ ଜୋନ୍

**ଭୁବନେଶ୍ୱର,୧୩।୭(ବ୍ୟୁରୋ)**

ରାଜଧାନୀ ଭୁବନେଶ୍ୱରରେ ବଜାରକୁ ସୁବ୍ୟବସ୍ଥିତ କରିବା ପାଇଁ ବିଏମ୍‌ସି ପକ୍ଷରୁ ଭେଣ୍ଡିଂ ଜୋନ୍ ନିର୍ମାଣ କରାଯାଉଛି। ଏହାଦ୍ୱାରା ସହର ସୁନ୍ଦର ରହିବା ସହିତ ବ୍ୟବସାୟୀମାନେ ମଧ୍ୟ ବ୍ୟବସ୍ଥିତ ଢଙ୍ଗରେ ବେପାର କରିପାରିବେ। ଏହିପରିପ୍ରେକ୍ଷୀରେ ୱାର୍ଡ ନଂ. ୨୩ ଅନ୍ତର୍ଗତ କଳିଙ୍ଗନଗର କେ-୭ଠାରେ ନୂଆକରି ଭେଣ୍ଡିଂ ଜୋନ୍ ନିର୍ମାଣ କରାଯିବ। ଜିଏ ବିଭାଗ ପକ୍ଷରୁ ଏଥିପାଇଁ ସ୍ଥାନ ଦିଆଯାଇଥିବାବେଳେ ବୁଧବାର ବିଏମ୍‌ସିର ଅଧିକାରୀ ଏହାର ତଦାରଖ କରିଛନ୍ତି। ମୁକ୍ତା (ମୁଖ୍ୟମନ୍ତ୍ରୀ କର୍ମତତ୍ପର ଅଭିଯାନ) ଅନ୍ତର୍ଗତ ହେବାକୁ ଥିବା ଏହି ଭେଣ୍ଡିଂ ଜୋନ୍‌ର ନିର୍ମାଣ ଦାୟିତ୍ୱ ଏକ ସ୍ୱୟଂ ସହାୟକ ଗୋଷ୍ଠୀକୁ ପ୍ରଦାନ କରାଯାଇଛି। ଜୋନ୍‌ରେ ମୋଟ୍ ୫୦ଟି ଦୋକାନ ରହିବ। ଏଥିସହ ବ୍ୟବସାୟୀଙ୍କ ସୁବିଧା ନିମନ୍ତେ ପିଇବା ପାଣି ଏବଂ ଗୋଟିଏ ଶୌଚାଳୟ ୟୁନିଟ୍ ନିର୍ମାଣ ହେବ। ଏଥିରେ ଉଭୟ ମହିଳା ଏବଂ ପୁରୁଷଙ୍କ ପାଇଁ ସୁବିଧା ରହିବ। ଖୁବ୍‌ଶୀଘ୍ର କାମ ଆରମ୍ଭ ହେବ ବୋଲି ସୂଚନା ଦିଆଯାଇଛି।

# ଖୁବ୍‌ଶୀଘ୍ର ବ୍ୟବସାୟୀଙ୍କ ପାଇଁ ନୂଆ ସ୍ୱଚ୍ଛତା ଏସ୍‌ଓପି

**ଭୁବନେଶ୍ୱର, ୧୩।୭ (ବ୍ୟୁରୋ)**

### ଗ୍ରୀନ୍ ଚିଲି ସିଲ୍ କଲା ବିଏମ୍‌ସି



ସହରର ପରିମଳ ତଥା ସ୍ୱଚ୍ଛତାକୁ ନେଇ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)। ଏଥିପାଇଁ ବିଏମ୍‌ସି ପକ୍ଷରୁ ନିୟମିତ ପ୍ରାତଃ ନିରୀକ୍ଷଣ କରାଯିବା ସହ ପଦକ୍ଷେପ ଗ୍ରହଣ କରାଯାଉଛି। ବୁଧବାର ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେ ମାଷ୍ଟରକ୍ୟାଣ୍ଟିନ ଛକସ୍ଥିତ ଫାଷ୍ଟଫୁଡ୍ ଦୋକାନ ଗ୍ରୀନ୍ ଚିଲିର ପରିସର ତଥା ରୋଷଶାଳାକୁ ନିରୀକ୍ଷଣ କରିଥିଲେ। ନିମ୍ନମାନର ସ୍ୱଚ୍ଛତା ନଜରକୁ ଆସିବା ପରେ ତୁରନ୍ତ ସିଲ୍ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଆସନ୍ତା ୭ଦିନ ଲାଗି ଗ୍ରୀନ୍‌ଚିଲିକୁ ସିଲ କରାଯାଇଛି। ଏଥିସହ ଖୁବ୍‌ଶୀଘ୍ର ବ୍ୟବସାୟୀଙ୍କ ପାଇଁ ନୂଆ ଏସ୍‌ଓପି ଜାରି କରାଯିବ ବୋଲି ସୂଚନା ଦିଆଯାଇଛି।

ବିଏମ୍‌ସି ପକ୍ଷରୁ ପୂର୍ବରୁ ଜାରି ହୋଇଥିବା ଏସଓପି ଅନୁଯାୟୀ, ଯେକୌଣସି କ୍ଷୁଦ୍ର କିମ୍ବା ମଧ୍ୟମ ବର୍ଗର ବ୍ୟବସାୟୀ ନିଜ ପରିସର ତଥା ଆଖପାଖର ୫ ମିଟର ବ୍ୟାସାର୍ଦ୍ଧରେ ସ୍ୱଚ୍ଛତାର ଦାୟିତ୍ୱ ନିଜେ ବହନ କରିବେ। ବିଶେଷକରି ଖାଦ୍ୟଦ୍ରବ୍ୟ ବ୍ୟବସାୟୀ ଏହାର ଅନୁପାଳନ ଠିକ ଭାବରେ କରିବା ଉପରେ ବିଏମ୍‌ସି ପକ୍ଷରୁ ସର୍ବଦା ତାଗିଦ କରାଯାଇଛି। ଅନେକ ସମୟରେ ରାସ୍ତାକଡକୁ ମାଡିଆସି ଅଯଥା ଗହଳି, ଟ୍ରାଫିକ୍ ସମସ୍ୟା ଏବଂ ସଂପୃକ୍ତ ସ୍ଥାନର ପରିମଳକୁ ଧ୍ୟାନ ନ ଦେବା ଆଦି ଦ୍ୱାରା ନାଗରିକଙ୍କ ଯାତାୟତ ଓ ସ୍ୱାସ୍ଥ୍ୟ ସମସ୍ୟାର କାରଣ ସାଜୁଛି। ଏହାଦ୍ୱାରା ପର୍ଯ୍ୟଟନ ସ୍ଥଳୀର ମାନ୍ୟତା କ୍ଷୁର୍ଣ୍ଣ ହେବାର ଆଶଙ୍କା ରହିଛି। ତେଣୁ ଏଦିଗରେ ସମସ୍ତ ନାଗରିକ ସହଯୋଗ କରିବାକୁ ନିବେଦନ କରାଯାଇଛି। ଏଥିସହ ଖୁବ୍‌ଶୀଘ୍ର ବିଏମ୍‌ସି ପକ୍ଷରୁ କ୍ଷୁଦ୍ର, ମଧ୍ୟମ ତଥା ବଡ ବ୍ୟବସାୟୀଙ୍କ ପାଇଁ ପୁନଃ ଏକ ଏସ୍‌ଓପି ଜାରି କରାଯିବ। ଦୋକାନ ପରିସରରେ ଡଷ୍ଟବିନ ରଖିବାଠାରୁ ଆରମ୍ଭ କରି ଅଳିଆ ନିଷ୍କାସନ ପର୍ଯ୍ୟନ୍ତ ସମସ୍ତ ବିଷୟ ଉକ୍ତ ଏସ୍‌ଓପିରେ ସୂଚନା ଦିଆଯିବ। ସେହିପରି ଗ୍ରାହକଙ୍କୁ ସଚେତନ କରାଇବା ତଥା ନିୟମ ଉଲ୍ଲଂଘନକାରୀଙ୍କ ପାଇଁ ଜରିମାନା ଆଦି ବିଷୟରେ ଉଲ୍ଲେଖ ରହିବ। ନାଗରିକ, ବ୍ୟବସାୟୀ ଏବଂ ଅନ୍ୟାନ୍ୟ ସଂଗଠନର ସହଯୋଗ ରହିଲେ ସହରର ସ୍ୱଚ୍ଛତା ଏବଂ ଅଧିକରୁ ଅଧିକ ଆଗେଇବ ବୋଲି ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି।

# ଖୁବ୍‌ଶୀଘ୍ର ଆରମ୍ଭ ହେବ ଲକ୍ଷ୍ମୀବିହାର ରାସ୍ତା କାମ



ମେୟର ଭିଏସଏସ ନଗର ଉନ୍ନୟନ ପରିଷଦ କର୍ମକର୍ତ୍ତାଙ୍କ ସହ ଆଲୋଚନା କରୁଛନ୍ତି।

**ଭୁବନେଶ୍ୱର,୧୩।୭ (ବ୍ୟୁରୋ)**

ଦୀର୍ଘଦିନ ଧରି ଲାଗି ରହିଥିବା ଲକ୍ଷ୍ମୀବିହାର ରାସ୍ତା ସମସ୍ୟାର ସମାଧାନ କରାଯିବ। ଖୁବ୍‌ଶୀଘ୍ର ରାସ୍ତା କାମ ଆରମ୍ଭ ହେବ ବୋଲି ମେୟର ସୁଲୋଚନା ଦାସ ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି। ବୁଧବାର ମେୟର ବୀର ସୁରେନ୍ଦ୍ର ସାଏ ନଗର ଉନ୍ନୟନ ପରିଷଦର କର୍ମକର୍ତ୍ତାମାନଙ୍କ ସହ ଭିଏସ୍ଏସ୍ ନଗର ଲକ୍ଷ୍ମୀବିହାର ରାସ୍ତା ବୁଲି ଦେଖିଛନ୍ତି। ପରିଷଦ ସାଧାରଣ ସମ୍ପାଦକ ଦିଲୀପ ଦାଶଶର୍ମା ମେୟରଙ୍କୁ ବିଡିଏ ଓ ଜିଏ ବିଭାଗର ଅନୁମତି ପତ୍ର ଦେଖାଇବା ସହିତ ଜାନୁୟାରୀ ୪ରେ ମହାନଗର ନିଗମ ପକ୍ଷରୁ ରାସ୍ତା ନିର୍ମାଣ ପାଇଁ ଠିକାଦାରଙ୍କୁ ଦିଆଯାଇଥିବା କାର୍ଯ୍ୟାଦେଶର କପି ଦେଖାଇଥିଲେ। ଏହା ଦେଖି ଯଥାଶୀଘ୍ର କାମ ଆରମ୍ଭ ପାଇଁ ବ୍ୟବସ୍ଥା କରିବେ ବୋଲି ମେୟର କହିଥିଲେ। ପରିଦର୍ଶନ ସମୟରେ ପରିଷଦର କୋଷାଧ୍ୟକ୍ଷ ମହେଶ୍ୱର ବିଶ୍ୱାଳ, ଦୁର୍ଗାପୂଜା ସମିତି ସାଧାରଣ ସମ୍ପାଦକ ଶିତଳ ଚନ୍ଦ୍ର ମହାନ୍ତି, ଯୁଗ୍ମ-ସମ୍ପାଦକ ରାମଚନ୍ଦ୍ର ସାମଲ ଓ ଲକ୍ଷ୍ମୀବିହାର ବିକାଶ ପରିଷଦ ସଭାପତି ଅଶୋକ ବଳବନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଭିଏସ୍ଏସ୍ ନଗରରୁ ବାହାରକୁ ବାହାରିବା ପାଇଁ ଭଲ ରାସ୍ତା ନାହିଁ। ସତ୍‌ସଙ୍ଗବିହାର ଦେଇ ଜାତୀୟ ରାଜପଥ ତଳେ ଯାଇଥିବା ଅଣ୍ଡରପାସ୍ ଓ ବାଣୀବିହାର ପାଚେରିକୁ ଲାଗିଥିବା ଲକ୍ଷ୍ମୀବିହାର ରାସ୍ତା ପାଇଁ ଦୀର୍ଘବର୍ଷ ହେବ ଦାବି ହୋଇଆସୁଛି। ୧୯୯୨ରେ ବିଜୁ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଥିବା ସମୟରେ ଏହି ରାସ୍ତା ନିର୍ମାଣ ପାଇଁ ଜିଏ ବିଭାଗ ମହାନଗରକୁ ଜମି ହସ୍ତାନ୍ତର କରିଥିଲା। ମାତ୍ର ବିଭାଗୀୟ ଅଧିକାରୀଙ୍କ ଅବହେଳା ପାଇଁ ଆଜି ପର୍ଯ୍ୟନ୍ତ କାମ ଆରମ୍ଭ ହୋଇ ପାରୁନାହିଁ।

### ନିର୍ଦ୍ୱନ୍ଦ୍ୱରେ ୬ ସମବାୟ ସଭାପତି ନିର୍ବାଚିତ

**ବାରଙ୍ଗ,୧୩।୭ (ଡି.ଏନ୍.ଏ.)**

ମେଣ୍ଢାଶାଳସ୍ଥିତ ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଶାଖା ଅଧୀନ ୬ଟି ସେବା ସମବାୟ ସମିତି ନିର୍ବାଚନ ଶେଷ ହୋଇଛି। ପୂର୍ବରୁ ୫ଟି ସମିତିର ନିର୍ବାଚନ ସରିଥିବାବେଳେ ବୁଧବାର ମେଣ୍ଢାଶାଳ ସେବା ସମବାୟ ସମିତି ପାଇଁ ନିର୍ବାଚନ ହୋଇଥିଲା। ସଭାପତି ପଦ ପାଇଁ ମହେନ୍ଦ୍ର କୁମାର ପ୍ରଧାନ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ଅନ୍ୟ କେହି ପ୍ରାର୍ଥିପତ୍ର ଦାଖଲ ନ କରିବାରୁ ସେ ନିର୍ଦ୍ୱନ୍ଦ୍ୱରେ ସଭାପତିଭାବେ ମନୋନୀତ ହୋଇଥିଲେ। ପୂର୍ବରୁ ଅନୁଷ୍ଠିତ ନିର୍ବାଚନରେ ଅଙ୍ଗାରପଡ଼ା ସମିତିରୁ ଆଲୋକ କୁମାର ପ୍ରଧାନ, ଅରିଶୋଲ ସମିତିରୁ ମଙ୍ଗୁଳି ଚରଣ ସ୍ୱାଇଁ, କଣ୍ଟାବାଡ ସମିତିରୁ ଭାବଗ୍ରାହୀ ସାହୁ, ଶିମୁଳିପାଟଣା ସମିତିରୁ ରବୀନ୍ଦ୍ର ନାଥ ହରିଚନ୍ଦନ ଓ ମଳିପଡ଼ା ସମିତିରୁ ସିର୍ଦ୍ଧାଥ ଶେଖର ଦେଓ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ।

### ସରୋଜ କାନ୍ତ ମିଶ୍ରଙ୍କୁ ଶ୍ରଦ୍ଧାଞ୍ଜଳି

**ଭୁବନେଶ୍ୱର,୧୩।୭(ବ୍ୟୁରୋ)**

ଓଡ଼ିଶା ସରକାରଙ୍କ ପୂର୍ବତନ ଆଇନ ସଚିବ ଏବଂ ଓଡ଼ିଶା ପ୍ରଶାସନିକ ଟ୍ରିବ୍ୟୁନାଲର ଉପାଧ୍ୟକ୍ଷ ସ୍ୱର୍ଗତ ସରୋଜ କାନ୍ତ ମିଶ୍ରଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ମଙ୍ଗଳବାର ଶୈଳଶ୍ରୀବିହାର ନିକଟସ୍ଥ ରାଧାକୃଷ୍ଣ ମନ୍ଦିରରେ ପାଳିତ ହୋଇଯାଇଛି। ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ସ୍ତ୍ରୀ, କନ୍ୟା, ଜାମାତା, ନାତିନାତୁଣୀ ଓ ବନ୍ଧୁମାନେ ଯୋଗ ଦେଇ ତାଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରିଥିଲେ।

# ଯୌତୁକ ପାଇଁ ଗର୍ଭବତୀଙ୍କୁ ପୋଡ଼ି ମାରିଦେଲେ

**ଭୁବନେଶ୍ୱର,୧୩।୭ (ବ୍ୟୁରୋ)**

### ସ୍ୱାମୀ ଗିରଫ

ଯୌତୁକ ପାଇଁ ଜଣେ ଗର୍ଭବତୀଙ୍କୁ ଶାଶୁଘର ଲୋକେ କିରୋସିନ ଢ଼ାଳି ପୋଡ଼ି ମାରିଦେଇଥିବା ନୟାପଲ୍ଲୀ ଥାନାରେ ଅଭିଯୋଗ ହୋଇଛି। ସାଲିଆସାହି ତାରିଣୀନଗରରେ ଏହି ଘଟଣା ଘଟିଛି। ମୃତା ମହିଳା ଜଣକ ହେଲେ ସୋନାଲି ପାତ୍ର। ଅଭିଯୋଗ ଆଧାରରେ ପୋଲିସ ମାମଲା (ନଂ.୪୬୪/୨୨) ରୁଜୁ କରି ସୋନାଲିଙ୍କ ସ୍ୱାମୀ ସନ୍ତୋଷ ପାତ୍ର (୨୧)ଙ୍କୁ ଗିରଫ କରିଛି। ଅଭିଯୁକ୍ତକୁ ବୁଧବାର କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ଅଭିଯୋଗ ଅନୁଯାୟୀ, ସନ୍ତୋଷ ଗତ ମହାଶିବରାତ୍ରିରେ ହିନ୍ଦୁ ରୀତିନୀତିରେ ଅନ୍ତର୍ଯ୍ୟାମୀ ବେହେରାଙ୍କ ଝିଅ ସୋନାଲିଙ୍କୁ ବିବାହ କରିଥିଲେ। ଏହି ସମୟରେ ଝିଅଘର ପକ୍ଷରୁ ପୁଅଘରକୁ ଦାବି ମୁତାବକ ଯୌତୁକ ଦିଆଯାଇଥିଲା। ବିବାହର କିଛିଦିନ ପରେ ଛୋଟ ଛୋଟ କଥାକୁ ନେଇ ଓ ଅଧିକ ଯୌତୁକ ଦାବି କରି ଶାଶୁ ଘର ଲୋକ ସୋନାଲିଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଉଥିଲେ। ଏହା ଭିତରେ ସୋନାଲି ୩ ମାସର ଗର୍ଭବତୀ ଥିଲେ। ମଙ୍ଗଳବାର ସକାଳେ ସୋନାଲି ନିଜ ଦେହରେ କିରୋସିନି ଢାଳି ନିଆଁ ଲଗାଇ ଦେଇଥିବା ଓ ୧୦୮ ଆମ୍ବୁଲାନ୍ସ ଯୋଗେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଉଥିବା କଥା ସନ୍ତୋଷର ବାପା ଫୋନ କରି ଅନ୍ତର୍ଯ୍ୟାମୀଙ୍କୁ ଜଣାଇଥିଲେ। ସେଠାରେ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିଲା। ହେଲ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏନେଇ ଅନ୍ତର୍ଯ୍ୟାମୀ ନୟାପଲ୍ଲୀ ଥାନାରେ ଝିଅର ଶାଶୁଘର ବିରୋଧରେ ଯୌତୁକଜନିତ ହତ୍ୟା ଅଭିଯୋଗ କରିଥିଲେ। ପୋଲିସ ସାଲିଆସାହି ବସ୍ତିରେ ଚଢାଉ କରି ଅଭିଯୁକ୍ତ ସ୍ୱାମୀକୁ ଗିରଫ କରି କୋର୍ଟ ଚାଲାଣ କରିଛି। ପଚରାଉଚରା ସମୟରେ ଅଭିଯୁକ୍ତ ଜଣକ ନିଜ ଦୋଷ ସ୍ୱୀକାର କରିଥିବା ପୋଲିସ କହିଛି। ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ଚନ୍ଦ୍ରଶେଖରପୁର ଥାନାରେ ଗୋଟିଏ ଓ ଶହୀଦନଗର ଥାନାରେ ଗୋଟିଏ ମାମଲା ରହିଛି।

# ବିଲ୍ଡର ମାନୁନାହାନ୍ତି ଆମ୍‌ସାର ଆକ୍ଟ

**ପୁରୁଣା ଭୁବନେଶ୍ୱର, ୧୩।୭ (ଡି.ଏନ୍.ଏ.)**

### ଅଭିଯୋଗ ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ହେଉନି

ଐତିହ୍ୟ ସ୍ଥଳଠାରୁ ୧୦୦ମିଟର ଦୂର ପରିମିତ ଅଞ୍ଚଳରେ କୌଣସି ବେଆଇନ ନିର୍ମାଣ କରାଯାଇପାରିବ ନାହିଁ। ମାତ୍ର ଜବରଦଖଲକାରୀମାନେ ଆମସାର (ଆନ୍‌ସିଏଣ୍ଟ ମନୁମେଣ୍ଟସ ଏଣ୍ଡ ଆର୍କୋଲୋଜିକାଲ ସାଇଟ୍ସ ଆଣ୍ଡ ରିମେନ୍ସ) ଆକ୍ଟ ଉଲ୍ଲଂଘନ କରି ଐତିହ୍ୟ ଶିଶୁପାଳଗଡ଼ ଅଞ୍ଚଳରେ ନିର୍ମାଣ ଓ ବ୍ୟବସାୟ ପ୍ରତିଷ୍ଠାନ କରିଥିବା ଦେଖିବାକୁ ମିଳିଛି। ସେହିପରି ରାଜାରାଣୀ ମନ୍ଦିର ସମ୍ମୁଖ ଟଙ୍କପାଣି ରାସ୍ତା ପାର୍ଶ୍ୱରେ ଜଣେ ବିଲ୍ଡର ନିର୍ମାଣ କାର୍ଯ୍ୟ ଚାଲୁରଖିଛନ୍ତି। ଏନେଇ କୋର୍ଟରେ ମାମଲା ରୁଜୁ ହୋଇଛି। ତେବେ ସମ୍ପୃକ୍ତ ବିଲ୍ଡର କାହା ପରାମର୍ଶରେ ଏଠାରେ ବେଆଇନ ଭାବେ ନିର୍ମାଣ ଜାରି ରଖିଛନ୍ତି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏନେଇ ଅଭିଯୋଗ ସତ୍ତ୍ୱେ ଭାରତୀୟ ପ୍ରତ୍ନତାତ୍ତ୍ୱିକ ବିଭାଗ(ଏଏସ୍ଆଇ) ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ଏକାମ୍ର ଜନଜାଗରଣ ମଞ୍ଚ ଅଧ୍ୟକ୍ଷ ଭୀଷ୍ମ ନାରାୟଣ ନାୟକ କୁହନ୍ତି, ଐତିହ୍ୟ ସ୍ଥଳରେ ଆମସାର ଆକ୍ଟକୁ ଉଲ୍ଲଘଂନ କରୁଥିବା ଜବରଦଖଲକାରୀଙ୍କ ବିରୋଧରେ ମଞ୍ଚ ଆନ୍ଦୋଳନକୁ ଓହ୍ଲାଇବ। ଅନ୍ୟପକ୍ଷରେ ଏନେଇ ଏଏସ୍ଆଇ ସୁପରିଟେଣ୍ଡେଣ୍ଟ ଅରୁଣ ମଲ୍ଲିକ କୁହନ୍ତି, ଆମସାର ଆକ୍ଟ ଉଲ୍ଲଂଘନକାରୀଙ୍କୁ ନୋଟିସ କରିଛୁ। ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ସରକାରୀ ଜାଗାରେ ନିର୍ମାଣ ଅନୁମତି ଦେଉଛନ୍ତି ବିଡିଓ

**କଟକ ସଦର, ୧୩।୭ (ଡି.ଏନ.ଏ.)**

### କଟକ ସଦର ବ୍ଲକ

କଟକ ସଦର ବ୍ଲକ ଅଞ୍ଚଳର ବିଭିନ୍ନ ସ୍ଥାନରେ ଥିବା ରାଜସ୍ୱ ବିଭାଗ ଜାଗାରେ ସ୍ଥାୟୀ ନିର୍ମାଣ ପାଇଁ କେବଳ ଜିଲାପାଳଙ୍କ କ୍ଷମତା ରହିଥିବା ଓଡ଼ିଶା ସରକାରୀ ଜମି ବନ୍ଦୋବସ୍ତ ଆଇନ୍‌ରେ ଉଲ୍ଲେଖ ରହିଛି। ମାତ୍ର ଏବେ ଏହି କ୍ଷମତା କଟକ ସଦର ବିଡିଓ ପାଇଥିବା ଉକ୍ତ ବ୍ଲକ ଅଧୀନ କନ୍ଦରପୁର ପଞ୍ଚାୟତର କାର୍ଯ୍ୟ ନିର୍ବାହୀ ଅଧିକାରୀ ତଥା ଜନସୂଚନା ଅଧିକାରୀ ଦେବରାଜ ଦାଶ ପତ୍ରସଂଖ୍ୟା ୩୩/୨୯।୬।୨୦୨୨ରେ ଜଣାଇଛନ୍ତି। ଏଥିପାଇଁ ଆଉ ତହସିଲଦାରଙ୍କ ଠାରୁ ଆରମ୍ଭ କରି ଜିଲାପାଳଙ୍କ ପର୍ଯ୍ୟନ୍ତ ରାଜସ୍ୱ ଅଧିକାରୀଙ୍କ ଅନୁମତିର ଆବଶ୍ୟକ ପଡିବ ନାହିଁ। ଉକ୍ତ ପଞ୍ଚାୟତର ଏକ କୋଠା ନିର୍ମାଣ ମୌଜା-ସିଦ୍ଧେଶ୍ୱରପୁର, ଖାତା ନଂ.୫୧୮, ପ୍ଲଟ୍ ନଂ.୨୫୧, କିସମ ପତିତରେ ହେଉଛି। ଏଥିପାଇଁ ତହସିଲଦାରଙ୍କ ବଦଳରେ ବିଡିଓ ଅନୁମତି ଦେଇଛନ୍ତି ବୋଲି ଦାଶ ସୂଚନା ଅଧିକାର ଆଇନ ବଳରେ ପ୍ରଦାନ କରିଥିବା ତଥ୍ୟରେ ଉଲ୍ଲେଖ କରିଛନ୍ତି।

ଏ ସମ୍ପର୍କରେ ବିଡିଓ ରାଜୀବ ଲୋଚନ ପରିଡ଼ାଙ୍କୁ ପଚାରିବାରୁ ସରକାରୀ ନିର୍ମାଣ ସରକାରୀ ଜାଗାରେ ହେବନାହିଁ, ତା'ହେଲେ ଅନ୍ୟ କେଉଁଠାରେ ହେବ ବୋଲି କହିଥିଲେ। କାମରେ ବିଳମ୍ବ ହେଉଥିବାରୁ ତହସିଲଦାରଙ୍କୁ ନ ପଚାରି କାମ ଆଗେଇ ନେବାକୁ ଜିଲାପାଳ ମୌଖିକ ଭାବେ ନିର୍ଦ୍ଦେଶ ଦେଇଛନ୍ତି। ଆଗ କାମ ସରୁ, ପରେ ଜିଲାପାଳ ଅନୁମତି ଦେଇଦେବେ ବୋଲି ବିଡିଓ ସୂଚନା ଦେଇଛନ୍ତି। ଗୋଚର, ଜଙ୍ଗଲ କିସମ ଓ ଜଳସମ୍ପଦ ବିଭାଗ ଜାଗାରେ ସ୍ଥାୟୀ ନିର୍ମାଣ ପାଇଁ ଜିଲାପାଳ ଓ ବିଡ଼ିଓଙ୍କ କ୍ଷମତା ସମ୍ପର୍କରେ ପରିଡ଼ା କୌଣସି ଉତ୍ତର ଦେଇନାହାନ୍ତି। ମାତ୍ର ଓଡ଼ିଶା ସରକାରୀ ଜମି ବନ୍ଦୋବସ୍ତ ନିୟମ ୧୯୮୩ର ଧାରା ୧୧ରେ ବିଡ଼ିଓଙ୍କ କ୍ଷମତା ସମ୍ପର୍କରେ ଉଲ୍ଲେଖ ନାହିଁ ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅନୁଶାସନ ସଚିବ ତଥା ଲୋକ ସୂଚନା ଅଧିକାରୀ ପତ୍ରସଂଖ୍ୟା ୩୯୪୦୩/୧୫।୧୨।୨୦୧୬ରେ ରାଜ୍ୟ ମୁଖ୍ୟ ସୂଚନା ଆୟୁକ୍ତଙ୍କ କୋର୍ଟରେ ଦର୍ଶାଇ ସାରିଛନ୍ତି।

# ଗୁରୁଙ୍କ ବିନା ସଫଳତା ନାହିଁ

**ଭୁବନେଶ୍ୱର,୧୩।୭(ବ୍ୟୁରୋ)**



ସ୍ୱତନ୍ତ୍ର ପୁସ୍ତକ ପ୍ରଦର୍ଶନୀ ଓ ଆଲୋଚନାଚକ୍ରରେ ଉପସ୍ଥିତ ଅତିଥି।

### ବ୍ୟାସଦେବ ଓ ଗୌରୀ ଶଙ୍କରଙ୍କ ଜୟନ୍ତୀ

ଗୁରୁଙ୍କର ଶିକ୍ଷାଦାନ ଦ୍ୱାରା ଜ୍ଞାନର ବିକାଶ ହେବା ସହ ତାଙ୍କ ଆଶୀର୍ବାଦରେ ଆମ ସାମଗ୍ରିକ ଜୀବନରେ ଉନ୍ନତି ସାଧନ ହୋଇଥାଏ। ବିନା ଗୁରୁରେ କୌଣସି ସଫଳତା ହାସଲ ହୋଇପାରି ନ ଥାଏ ବୋଲି ଓଡ଼ିଶା ସୂଚନା ସେବା ଅଧିକାରୀ ପଠାଣି ରାଉତ କହିଛନ୍ତି। ବୁଧବାର ପବିତ୍ର ଗୁରୁପୂର୍ଣ୍ଣିମାରେ ମହାପୁରୁଷ ବ୍ୟାସଦେବ ଓ କର୍ମବୀର ଗୌରୀ ଶଙ୍କର ରାୟଙ୍କ ଜୟନ୍ତୀ ଅବସରରେ ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାରରେ ସ୍ୱତନ୍ତ୍ର ପୁସ୍ତକ ପ୍ରଦର୍ଶନୀ ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ପଠାଣି କହିଲେ, ବ୍ୟାସଦେବଙ୍କ ଜୀବନାଦର୍ଶ ଓ ତାଙ୍କ ଦ୍ୱାରା ରଚିତ ବେଦ, ପୁରାଣ ଯୁଗେଯୁଗେ ମାନବ ସମାଜକୁ ଆଧ୍ୟାତ୍ମିକ ଚେତନାରେ ଜାଗ୍ରତ କରିଆସୁଛି। ସେହିପରି କର୍ମବୀର ଗୌରୀ ଶଙ୍କର ବଙ୍ଗୀୟ ହୋଇ ମଧ୍ୟ ଓଡ଼ିଆ ଭାଷାର ସୁରକ୍ଷା ପାଇଁ ସମଗ୍ର ଜୀବନ ସମର୍ପଣ କରିଛନ୍ତି। ଉତ୍କଳଦୀପିକା ଖବର କାଗଜ ପ୍ରକାଶନଠାରୁ ଆରମ୍ଭ କରି ରାଜ୍ୟରେ ପ୍ରେସ୍ ପ୍ରତିଷ୍ଠା କରିବା ଦ୍ୱାରା ଓଡ଼ିଆ ପୁସ୍ତକ ବହୁ ପରିମାଣରେ ପ୍ରକାଶିତ ହେବା ଯୋଗୁ ଓଡ଼ିଆ ଭାଷା ବିକଶିତ ହୋଇପାରିଛି। ନାରୀ ଶିକ୍ଷାର ପ୍ରଚାର ଓ ପ୍ରସାର ସହିତ ସମାଜରେ କୁସଂସ୍କାର ଦୂରୀଭୂତ କରି ବିଧବା ବିବାହ ପ୍ରଚଳନ କରି ସେ ଜଣେ ସଂସ୍କାରକର ଭୂମିକା ନିର୍ବାହ କରିଥିଲେ। ଓଡ଼ିଶାର ସାମଗ୍ରିକ ବିକାଶରେ ତାଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ। ତାଙ୍କର ଜୀବନୀ ଉପରେ ଅଧ୍ୟୟନ ହେବା ଆବଶ୍ୟକ ବୋଲି ସେ କହିଥିଲେ। ଭାରପ୍ରାପ୍ତ ଅଧିକାରୀ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମରେ ଗ୍ରନ୍ଥାଗାରର ସମସ୍ତ ଗ୍ରନ୍ଥାଗାରିକ, କର୍ମଚାରୀ ଓ ପାଠକ ଯୋଗଦେଇଥିଲେ।

## ସଂକ୍ଷେପରେ

### ୨ ନାବାଳକଙ୍କୁ ବଳାତ୍କାର ମାମଲାରେ ଡିମିଟ୍ରିସ୍ ଦୋଷୀ



**ଏଥେନ୍ସ, ୧୩।୭:** ଗ୍ରୀସ୍‌ର ଜଣାଶୁଣା ମଞ୍ଚ ଅଭିନେତା ତଥା ନିର୍ଦ୍ଦେଶକ ଡିମିଟ୍ରିସ୍ ଲିଗ୍‌ନାଡିସ୍‌ଙ୍କୁ ବୁଧବାର ଏଥେନ୍ସର ଏକ କୋର୍ଟ ୪ ବଳାତ୍କାର ମାମଲା ମଧ୍ୟରୁ ୨ଟିରେ ଦୋଷୀ ସାବ୍ୟସ୍ତ କରିଛନ୍ତି। ୫୭ ବର୍ଷୀୟ ଡିମିଟ୍ରିସ୍ ତୃତୀୟ ମାମଲାରେ ପ୍ରମାଣ ଅଭାବରୁ ଖଲାସ ହୋଇଥିବାବେଳେ ଚତୁର୍ଥ କେସ୍‌ର ଅଭିଯୋଗକାରୀ କୋର୍ଟରେ ବୟାନ ଦେବା ପାଇଁ କେବେ ହାଜର ହୋଇ ନ ଥିଲେ। ସେ ଅଦାଲତଙ୍କୁ ନିଜର ଭୁଲ ଠିକଣା ଦେଇଥିଲେ। ଯେଉଁ ୨ ମାମଲାରେ ଡିମିଟ୍ରିସ୍ ଦୋଷୀ ସାବ୍ୟସ୍ତ ହୋଇଛନ୍ତି ତାହା ୨୦୧୦ ଓ ୨୦୧୫ ମସିହାର। ସେତେବେଳେ ଦୁଇ ପୀଡ଼ିତ ନାବାଳକ ଥିଲେ। ଦଣ୍ଡବିଧାନର ତାରିଖ ସ୍ଥିର ହୋଇନାହିଁ। ୨୦୨୧ ଫେବୃୟାରୀରେ ଅଭିଯୋଗ ଆସିବା ପରେ ଡିମିଟ୍ରିସ୍‌ଙ୍କୁ ଜେଲରେ ରଖାଯାଇଥିଲା। ଏହାର କିଛି ଦିନ ପୂର୍ବରୁ ସେ ଗ୍ରୀସ୍‌ର ନ୍ୟାଶନାଲ ଥିଏଟର ଆର୍ଟିଷ୍ଟିକ୍ ଡାଇରେକ୍ଟର ପଦରୁ ଇସ୍ତଫା ଦେଇଥିଲେ।

# ଗାଁ ରାସ୍ତା ମରାମତି ଖର୍ଚ୍ଚ ୩୩୪୭ କୋଟି

**ଯାଜପୁର ଅଫିସ, ୧୩।୭**

- ତଥାପି ସୁଧୁରି ନାହିଁ ରାସ୍ତା ଅବସ୍ଥା
- ଅର୍ଥ ବିନିଯୋଗରେ ଅନିୟମିତତା ଅଭିଯୋଗ

ଓଡ଼ିଶା ଗ୍ରାମ୍ୟ ସଡ଼କ ରକ୍ଷଣାବେକ୍ଷଣ ନୀତି-୨୦୧୭ ଅନୁସାରେ ୪ ପ୍ରକାର ରାସ୍ତା ମରାମତି ହେଉଛି। ଏଥିରେ ସାମୟିକ, ନିୟମିତ, ସ୍ୱତନ୍ତ୍ର ଏବଂ ସ୍ୱତନ୍ତ୍ର ମରାମତି ସେତୁ ଓ ସଂଲଗ୍ନ ରାସ୍ତା ରହିଛି। ଏହି ନୀତି ପ୍ରଣୟନ ହେବା ପରଠାରୁ ଅର୍ଥାତ୍ ୨୦୧୮-୧୯ ରୁ ୨୦୨୧-୨୨ ମଧ୍ୟରେ ରାଜ୍ୟର ରାସ୍ତା ଏବଂ ବ୍ରିଜ ମରାମତି ବାବଦକୁ ୧୬୪୫ କୋଟି ୮୭ ଲକ୍ଷ ୮୫ ହଜାର ଟଙ୍କା, ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା (ପିଏମ୍‌ଜିଏସ୍‌ୱାଇ)ରେ ୧୪୬୯୨.୬୮ କି.ମି.ରାସ୍ତା ମରାମତି ବାବଦକୁ ୧୬୮୩.୨୨ କୋଟି ଟଙ୍କା ଏବଂ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା(ଏମଏମଏସୱାଇ)ରେ ୭୯୨ କି.ମି. ରାସ୍ତାର ମରାମତି ବାବଦକୁ ୧୮ କୋଟି ୩୭ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ଏଭଳି ଭାବେ ସମୁଦାୟ ୩୩୪୭.୪୬ କୋଟି ରାସ୍ତା ମରାମତିରେ ଖର୍ଚ୍ଚ ହୋଇଛି। ଚଳିତ ବିଧାନସଭାରେ ବିଧାୟକ ମୋହନ ଚରଣ ମାଝିଙ୍କ ଏକ ପ୍ରଶ୍ନର ଉତ୍ତରରେ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼େଇ ଦେଇଥିବା ଉତ୍ତରରେ ଏହି ସୂଚନା ମିଳିଛି। କିନ୍ତୁ ଏବେ ବି ଏକାଧିକ ଗାଁ ରାସ୍ତା ମରଣଯନ୍ତା ପାଲଟିଛି। ଏହି ଅର୍ଥର ଉପଯୁକ୍ତ ବିନିଯୋଗ ହୋଇ ନ ଥିବା କାରଣରୁ ରାସ୍ତାର ଅବସ୍ଥା ସୁଧୁରୁନି ବୋଲି ମତପ୍ରକାଶ ପାଇଛି। ଅଧିକ ପିସି କାରବାର ଆଶାରେ ମରାମତି ନାମରେ ବ୍ୟାପକ ଅର୍ଥ ଆତ୍ମସାତ୍ ହେଉଥିବା ଅଭିଯୋଗ ହେଉଛି।



ଯାଜପୁର ଜିଲା ବାରବାଟୀ-ରସୁଲପୁର ଆରଡି ରୋଡ୍‌ରେ ବର୍ଷା ପାଣି ଜମିଛି।

ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ୧୦୩୭୩୧.୦୧ କି.ମି. ରାସ୍ତା ରହିଛି। ନୂତନ ଭାବେ ନିର୍ମାଣ ହେଉଥିବା ରାସ୍ତାଗୁଡିକରେ ଯାତାୟାତ କରୁଥିବା ଯାନବାହନ ସଂଖ୍ୟା, ମୃତ୍ତିକାର ଶକ୍ତିଧାରଣ କ୍ଷମତା, ଭୂତଳ ଜଳସ୍ତର ଓ ନିର୍ମାଣ ସାମଗ୍ରୀ ଆଦିକୁ ବିଚାରକୁ ନେଇ ରାସ୍ତାର ଡିଜାଇନ କରାଯାଇଥାଏ। ଏହାବ୍ୟତୀତ ରାସ୍ତାରେ ଆବଶ୍ୟକ ହେଉଥିବା ରିଟେନିଂ ୱାଲ, କଂକ୍ରିଟ ଡ୍ରେନ, ଗ୍ରାମ୍ୟ କଂକ୍ରିଟ ରାସ୍ତା, ଟେଲିଫୋନ ଓ ଇଲେକ୍ଟ୍ରିକ ପୋଲ ସ୍ଥାନାନ୍ତରଣ ଏବଂ ରାସ୍ତା ଓସାର ପାଇଁ ଆବଶ୍ୟକ ପଡୁଥିବା ଜମି ଅଧିଗ୍ରହଣ ଇତ୍ୟାଦିକୁ ନେଇ ରାସ୍ତାର ସବିଶେଷ ରିପୋର୍ଟ ପ୍ରସ୍ତୁତ ହୋଇଥାଏ। ପ୍ରତିବର୍ଷ ଓଡ଼ିଶା ସରକାରଙ୍କ ତହବିଲରୁ ଏକାଧିକ କୋଟି ଟଙ୍କା ଏଭଳି ଭାବେ ରାସ୍ତା ନିର୍ମାଣ ପାଇଁ ବିନିଯୋଗ ହେଉଛି। କିନ୍ତୁ ଠିକାଦାରି ରାଜନୀତି ଏବଂ ଗ୍ରାମ୍ୟ ନିର୍ମାଣ ବିଭାଗର ପିସି କାରବାର ଯୋଗୁ ରାସ୍ତାଗୁଡ଼ିକର ଅବସ୍ଥା ସୁଧୁରିପାରୁନି। ଯେଉଁ ଅନୁଦାନ ଆବଣ୍ଟିତ ହେଉଛି, ତାହା ରାଜନୈତିକ କର୍ମୀମାନଙ୍କୁ ସନ୍ତୁଷ୍ଟ କରିବାକୁ ଏଫ୍-୨ ମାଧ୍ୟମରେ କାର୍ଯ୍ୟାଦେଶ ହେଉଥିବାରୁ ଜିଲାର ଗ୍ରାମାଞ୍ଚଳକୁ ସଂଯୋଗ କରୁଥିବା ରାସ୍ତାଗୁଡିକ ଖାଲଖମାରେ ଭର୍ତ୍ତି ହୋଇ ରହିଛି। ଏଠାରେ ଯାଜପୁର ଜିଲା ଗ୍ରାମ୍ୟ ନିର୍ମାଣ ଡିଭିଜନ-୧ ଅଧୀନ ରସୁଲପୁର-ବାରବାଟି ରାସ୍ତାକୁ ଉଦାହରଣ ଭାବେ ନିଆଯାଇପାରେ। ଏହି ରାସ୍ତା ଉପରେ ୬ ଗ୍ରାମର ଜନସାଧାରଣ ନିର୍ଭର କରୁଥିବାବେଳେ ଦୀର୍ଘ ବର୍ଷ ହେଲା ମରାମତି କରାଯାଉନାହିଁ। ଫଳରେ ପିଚୁ ଉଠି ରାସ୍ତା ଗମନାଗମନ ଅନୁପଯୋଗୀ ହୋଇ ପଡିଛି। ରାଜ୍ୟ ସରକାର ବିପୁଳ ଅର୍ଥ ଖର୍ଚ୍ଚ କରି ଗ୍ରାମ୍ୟ ରାସ୍ତା ମରାମତି କରୁଥିବା ଡିଣ୍ଡିମ ପିଟୁଥିଲେ ହେଁ ଏଭଳି ଅନେକ ରାସ୍ତା ରହିଛି, ଯାହାର ମରାମତି ହେଉ ନାହିଁ କିମ୍ବା ମିଥ୍ୟା ବିଲ କରାଯାଇ ରାସ୍ତା ମରାମତି ନାମରେ ଆବଣ୍ଟିତ ଅର୍ଥ ହଡ଼ପ ହେଉଥିବା ସନ୍ଦେହ କରାଯାଉଛି।

ରାଜ୍ୟର ୩୦ ଜିଲାରେ ପିଏମ୍‌ଜିଏସ୍‌ୱାଇରେ ୨୦୧୮-୧୯ରେ ୨୯୩୪ କି.ମି. ରାସ୍ତା ମରାମତି ପାଇଁ ୩୬୦ କୋଟି, ୨୦୧୯-୨୦ରେ ୨୮୫୫.୭୦ କି.ମି. ରାସ୍ତା ପାଇଁ ୩୪୦.୨୮ କୋଟି, ୨୦୨୦-୨୧ରେ ୩୭୫୨.୨୦ କି.ମି. ରାସ୍ତା ଲାଗି ୩୧୩.୨୨ କୋଟି, ୨୦୨୧-୨୨ରେ ୫୧୭୦.୮୮ କି.ମି. ରାସ୍ତା ପାଇଁ ୬୬୯.୭୧ କୋଟି ଖର୍ଚ୍ଚ କରାଯାଇଛି। ରାସ୍ତା ଓ ବ୍ରିଜ ମରାମତି ବାବଦକୁ ୨୦୧୮-୧୯ରେ ୪୯୭.୬୮ କୋଟି, ୨୦୧୯-୨୦ରେ ୨୪୦.୪୦ କୋଟି, ୨୦୨୦-୨୧ରେ ୩୨୦.୪୪ କୋଟି ଏବଂ ୨୦୨୧-୨୨ରେ ୫୮୭.୩୪ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ମରାମତି ବାବଦକୁ ୨୦୧୮-୧୯ରେ ୨୮୭.୭୦ ଲକ୍ଷ, ୨୦୧୯-୨୦ରେ ୫୪୮.୯୩ ଲକ୍ଷ, ୨୦୨୦-୨୧ରେ ୬୭୫.୧୫ ଲକ୍ଷ, ୨୦୨୧-୨୨ରେ ୩୨୪.୯୨ ଲକ୍ଷ ଖର୍ଚ୍ଚ ହୋଇଥିବା ରିପୋର୍ଟରେ ଦର୍ଶାଯାଇଛି। ଏହି ସବୁ ମରାମତି ନାମରେ ଠିକାଦାର ଓ ଯନ୍ତ୍ରୀ ମାଲାମାଲ ହେଉଛନ୍ତି ସିନା ଅଧିକାଂଶ ରାସ୍ତା କାମ ହେଉ ନ ଥିବା ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ଏକ ଉଚ୍ଚସ୍ତରୀୟ ତଦନ୍ତର ଆବଶ୍ୟକତା ରହିଛି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

ଦ୍ୱିତୀୟ ଜନ୍ମଦିନ ଶୁଭେଚ୍ଛା



ଓଁକାର ଦଳେଇ (ଗୁଡୁ)
ଗ୍ରାମ- କୁଦିଆରୀ, ଜଟଣୀ, ଖୋର୍ଦ୍ଧା
ଆଜି ତୋର ଦ୍ୱିତୀୟ ଜନ୍ମଦିନରେ ପ୍ରଭୁ ଶ୍ରୀଜଗନ୍ନାଥ ଓ ମା'ମଙ୍ଗଳାଙ୍କ ନିକଟରେ ପ୍ରାର୍ଥନା, ତୋର ଚଳାପଥ କୁସୁମିତ ହେଉ। ଭଗବାନ ତୋତେ ସର୍ବଦା ଭଲରେ ରଖନ୍ତୁ, ଏହା ହିଁ ଆମର ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା।
ଆଶୀର୍ବାଦ ସହ- ବାବା, ମାମା, ଜେ, ଜେମା', ଭାଇ, ଭଉଣୀ, ଅଜା, ଆଈ, ମାମୁ, ମାଉସୀ, ମଉସା ଓ ପରିବାରବର୍ଗ।
ଧ-୯୮୭

୨ୟ ବିବାହ ବାର୍ଷିକୀ ଅଭିନନ୍ଦନ



ଦୁର୍ଗା ପ୍ରସାଦ ମୁଦୁଲି (ବାପି)
ପଙ୍କଜିନୀ ବେହେରା (ଶ୍ରଦ୍ଧା)
ଶୁଭେଚ୍ଛା ସହ- ଜେଜେମା', ବାପା, ମା', ଦାଦା, ଖୁଡ଼ୀ, ଭାଇ, ଭଉଣୀ।
ଧ-୯୯୧

## ଘରକାନ୍ଥ ଭୁଶୁଡ଼ି ବୃଦ୍ଧଙ୍କ ମୃତ୍ୟୁ

**ନନ୍ଦାହାଣ୍ଡି, ୧୩।୭(ଡି.ଏନ.ଏ.):** ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ଧଣ୍ଡରା ଗ୍ରାମରେ ଲଗାଣ ବର୍ଷାରେ ଘରକାନ୍ଥ ଭୁଶୁଡ଼ି ମଙ୍ଗଳବାର ରାତିରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗ୍ରାମର ଗଙ୍ଗା ସୌରା(୬୫)। ୩ ଦିନ ହେଲା ବର୍ଷା ଲାଗିରହିଛି। ସ୍ତ୍ରୀ ସମ୍ପର୍କୀୟଙ୍କ ଦଶାହ କାର୍ଯ୍ୟରେ ଯୋଗଦେବାକୁ ଅନ୍ୟ ଗ୍ରାମକୁ ଯାଇଥିବାବେଳେ ରାତିରେ ଗଙ୍ଗା ଏକାକୀ ନିଜ କଚ୍ଚାଘରେ ଶୋଇଥିଲେ। ଏହି ସମୟରେ ଘରର ମାଟି କାନ୍ଥ ଭୁଶୁଡ଼ି ତାଙ୍କ ଉପରେ ପଡ଼ିଥିଲା। ସକାଳେ ଗ୍ରାମବାସୀ ଦେଖି ତେନ୍ତୁଳିଖୁଣ୍ଟି ଅଗ୍ନିଶମ ବାହିନୀ ଏବଂ ପୋଲିସକୁ ଖବର ଦେଇଥିଲେ। ଗ୍ରାମବାସୀଙ୍କ ସହାୟତାରେ ଅଗ୍ନିଶମ ବାହିନୀ ଗଙ୍ଗାଙ୍କ ମୃତଦେହ ବାହାର କରିଥିଲା। ନନ୍ଦାହାଣ୍ଡି ତହସିଲଦାର ଏ. ସ୍ନେହଲତା, ଏବିଡିଓ ପ୍ରଫୁଲ୍ଲ କୁମାର କହଁରଙ୍କ ଉପସ୍ଥିତିରେ ମୃତଦେହ ବ୍ୟବଚ୍ଛେଦ ପାଇଁ ନବରଙ୍ଗପୁର ପଠାଯାଇଛି। ସରକାରୀ ଯୋଜନା ଅନୁଯାୟୀ ମୃତକଙ୍କ ପରିବାରକୁ ସହାୟତା ଯୋଗାଇ ଦିଆଯିବ ବୋଲି ତହସିଲଦାର କହିଛନ୍ତି।



ବର୍ଷାରେ ନଷ୍ଟ ହୋଇଥିବା ଗଙ୍ଗାଙ୍କ କଚ୍ଚାଘର।

### ଲଘୁଚାପ ସକ୍ରିୟ, ଆହୁରି ବର୍ଷିବ

**ଭୁବନେଶ୍ୱର, ୧୩।୭(ବ୍ୟୁରୋ):** ଦକ୍ଷିଣ ଓଡ଼ିଶା ଉପକୂଳରେ ସୃଷ୍ଟି ହୋଇଥିବା ଲଘୁଚାପ କ୍ଷେତ୍ର ସକ୍ରିୟ ରହିଛି। ତେଣୁ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହେଉଛି। ଆସନ୍ତା ୩ ଦିନ ପର୍ଯ୍ୟନ୍ତ ବିଭିନ୍ନ ଜିଲାକୁ ପ୍ରବଳରୁ ଅତି ପ୍ରବଳ ବର୍ଷା ରହିଛି। ପ୍ରବଳ ବର୍ଷାରେ ପାହାଡ଼ିଆ ଅଞ୍ଚଳରେ ଭୂସ୍ଖଳନ ହେବାର ସମ୍ଭାବନା ଥିବାବେଳେ ତଳିଆ ଅଞ୍ଚଳରେ ପାଣି ଜମିବାର ଆଶଙ୍କା ରହିଥିବା ପାଣିପାଗ କେନ୍ଦ୍ର ସତର୍କ କରାଇଛି। ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ସେସବୁ ଜିଲାକୁ ଅରେଞ୍ଜ ୱାର୍ନିଂ ଜାରି କରିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର। ଗୁରୁବାର ବରଗଡ଼, ନୂଆପଡ଼ା, ବଲାଙ୍ଗୀର, ସୋନପୁର ଓ ବୌଦ୍ଧ, ଶୁକ୍ରବାର ସୁନ୍ଦରଗଡ଼, ଦେବଗଡ଼, କେନ୍ଦୁଝର ଓ ମୟୂରଭଞ୍ଜ, ଶନିବାର ଅନୁଗୋଳ, ଢେଙ୍କାନାଳ, କଟକ, ଯାଜପୁର, ସମ୍ବଲପୁର, ସୁନ୍ଦରଗଡ଼, ଝାରସୁଗୁଡ଼ା ଓ ବରଗଡ଼ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ସେହିପରି ରବିବାର ରାୟଗଡ଼ା, ଗଜପତି, ମୟୂରଭଞ୍ଜ, କେନ୍ଦୁଝର, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, ନୂଆପଡ଼ା, ବଲାଙ୍ଗୀର, ସମ୍ବଲପୁର, ବରଗଡ଼, ଝାରସୁଗୁଡ଼ା ଓ ସମ୍ବଲପୁରରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ତେଣୁ ଏ ସବୁ ଜିଲାକୁ ୟେଲୋ ୱାର୍ନିଂ ଜାରି ହୋଇଛି। ବୁଧବାର ଢେଙ୍କାନାଳରେ ସର୍ବାଧିକ ୪୪.୨ମିମି ବର୍ଷା ରେକର୍ଡ କରାଯାଇଥିବାବେଳେ ଭୁବନେଶ୍ୱର ୨୪.୨, ଖୋର୍ଦ୍ଧା ୨୨, ବାରିପଦା ୨୧, ସମ୍ବଲପୁର ୧୯.୪, ଅନୁଗୋଳ ୧୯.୬, ବୌଦ୍ଧ ୧୭.୪, ନୟାଗଡ଼ ୧୭, ଯାଜପୁର ୧୭, କଟକ ୧୦.୪, ଚାନ୍ଦବାଲି ୭, ପାରାଦୀପ ୭.୮, କେନ୍ଦୁଝର ୪.୧, ଦାରିଙ୍ଗବାଡ଼ି ୬, ଫୁଲବାଣୀ ୬.୬ ମିମି ବର୍ଷା ହୋଇଥିବା ପାଣିପାଗ କେନ୍ଦ୍ର ସୂଚନା ଦେଇଛି। ଏହାଛଡ଼ା ବାଲେଶ୍ୱର, ଗୋପାଳପୁର, ପୁରୀ, ଝାରସୁଗୁଡ଼ା, ସୁନ୍ଦରଗଡ଼, ହୀରାକୁଦ, ଭବାନୀପାଟଣା, ମାଲକାନଗିରି, ସୋନପୁର, ବରଗଡ଼, ଦେବଗଡ଼, ନବରଙ୍ଗପୁର ଏବଂ ଜଗତ୍‌ସିଂହପୁରରେ ମଧ୍ୟ ବର୍ଷା ହୋଇଛି।

## ଗ୍ରାମବାସୀ ଚାନ୍ଦାକରି ତିଆରିକଲେ ବାଉଁଶପୋଲ

**ରାୟଗଡ଼ା ଅଫିସ/ ଟିକିରି, ୧୩।୭(ଡି.ଏନ୍.ଏ.)**

- ଗାଁକୁ ନାହିଁ ରାସ୍ତା
- ବାରମ୍ବାର ଦାବି ପରେ ବି ହୋଇପାରିଲାନି ବ୍ରିଜ୍

ଗାଁକୁ ରାସ୍ତା ନାହିଁ। ପ୍ରତ୍ୟେକ ଦିନ ଲୋକଙ୍କୁ ନାଳ ପାରିହୋଇ ଯାତାୟାତ କରିବାକୁ ପଡୁଛି। ବର୍ଷାଦିନରେ ଏଠାରେ ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଏ। ବ୍ରିଜ୍‌ଟିଏ ନିର୍ମାଣ ପାଇଁ ବାରମ୍ବାର ଦାବି ପରେ ମଧ୍ୟ ହୋଇପାରିଲାନି। ଶେଷରେ ନିଜ ସମସ୍ୟାର ନିଜେ ସମାଧାନ କରିବା ପାଇଁ ଗ୍ରାମବାସୀ ମିଶି ଚାନ୍ଦା ଆଦାୟ କରି ଅସ୍ଥାୟୀ ବାଉଁଶ ପୋଲ ତିଆରି କରିଛନ୍ତି। ଏଭଳି ଚିତ୍ର ରାୟଗଡ଼ା ଜିଲା କାଶୀପୁର ବ୍ଲକ ଡଙ୍ଗାସିଲି ପଞ୍ଚାୟତ ବେଲଗଛତୁଣ୍ଡ ଗ୍ରାମରେ ଦେଖିବାକୁ ମିଳିଛି। ଖୋଦ୍ ରାୟଗଡ଼ା ବିଧାୟକଙ୍କ ଏହା ନିଜ ପଞ୍ଚାୟତ ହୋଇଥିଲେ ମଧ୍ୟ ବ୍ରିଜ୍‌ଟିଏ ନିର୍ମାଣ ହୋଇ ନ ପାରିବା ଦୁର୍ଭାଗ୍ୟଜନକ ବୋଲି ଅଞ୍ଚଳର ବୁଦ୍ଧିଜୀବୀ ମତପ୍ରକାଶ କରିଛନ୍ତି।

ଡଙ୍ଗାସିଲି ପଞ୍ଚାୟତଠାରୁ ମାତ୍ର ୧୦ କି.ମି. ଦୂରରେ ରହିଥିବା ଏହି ଗାଁର ପିଲାମାନେ ବିପଦସଙ୍କୁଳ ଅବସ୍ଥାରେ ପାଣି ମଧ୍ୟଦେଇ ଡଙ୍ଗାସିଲ ପଞ୍ଚାୟତ ସଦର ସ୍ଥିତ ସ୍କୁଲକୁ ଯାଆନ୍ତି। ବର୍ଷାଦିନେ ପିଲାଙ୍କ ପାଠପଢ଼ା ମଧ୍ୟ ବନ୍ଦ ହୋଇଥାଏ। ଆମ୍ବୁଲାନ୍ସ ଆସି ନ ପାରି ରୋଗୀ ଏବଂ ଗର୍ଭବତୀ ଅନେକ ସମୟରେ ସମସ୍ୟା ଭୋଗୁଛନ୍ତି। ସେମାନଙ୍କୁ ପାଣି ଭିତରେ ଭାରରେ ବୋହିନେବାକୁ ପଡୁଛି। ବର୍ଷାଦିନେ ଖାଦ୍ୟ ସାମଗ୍ରୀ ଆଣିବାକୁ ଯାଇ ନ ପାରି ଅନେକ ସମୟରେ ଭୋକ ଏବଂ ଶୋଷରେ ମଧ୍ୟ ରହିବାକୁ ପଡୁଛି। ତେଣୁ ଉକ୍ତ ନାଳ ଉପରେ ଏକ ବ୍ରିଜ୍ ନିର୍ମାଣ ପାଇଁ ବେଲଗଛତୁଣ୍ଡ ଗ୍ରାମବାସୀ ଅନେକ ଥର ସରକାରୀ ଅଧିକାରୀଙ୍କ ଠାରୁ ଆରମ୍ଭ କରି ପୂର୍ବତନ ଜିଲାପାଳଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ଜଣାଇଛନ୍ତି। ହେଲେ ଏ ପର୍ଯ୍ୟନ୍ତ ବ୍ରିଜ୍ ହୋଇପାରିଲାନାହିଁ। ପଞ୍ଚାୟତ ନିର୍ବାଚନ ସମୟରେ ଏହି ସମସ୍ୟା ନେଇ ବେଲଗଛତୁଣ୍ଡ ଗ୍ରାମବାସୀ ଭୋଟ ବର୍ଜନ ମଧ୍ୟ କରିଥିଲେ। ତଥାପି ଏମାନଙ୍କ ଦୁଃଖ ଦୂର କରିବାକୁ କୌଣସି ପଦକ୍ଷେପ ନିଆଯାଇନାହିଁ। ତେବେ ଜିଲାରୁ ପ୍ରତିନିଧିତ୍ୱ କରୁଥିବା ମନ୍ତ୍ରୀ ଏବଂ ବିଧାୟକ କାହା ପାଇଁ ବୋଲି ଗ୍ରାମବାସୀ ପ୍ରଶ୍ନ କରିଛନ୍ତି। ଏ ନେଇ କାଶୀପୁର ବିଡିଓ ଦେବାଶିଷ କରଙ୍କୁ ପଚାରିବାରୁ ସେ କହିଛନ୍ତି, ପଞ୍ଚାୟତ ଅଧିକାରୀଙ୍କୁ ବୁଝି ପଦକ୍ଷେପ ନିଆଯିବ।



ଗ୍ରାମବାସୀ ମିଶି ତିଆରି କରିଥିବା ବାଉଁଶପୋଲ।

## ନାଳ ପାରହୋଇ ଅଙ୍ଗନୱାଡି କେନ୍ଦ୍ର ଯାଉଛନ୍ତି ପିଲା



ଭରା ନାଳ ପାରହୋଇ ପିଲାମାନେ ଅଙ୍ଗନୱାଡି କେନ୍ଦ୍ର ଯାଉଛନ୍ତି।

**ଅଙ୍ଗନୱାଡି କର୍ମୀ ପାଲଟିଛନ୍ତି ସାହାଭରସା**

**ଟେନ୍‌ସା, ୧୩।୭(ଡି.ଏନ୍.ଏ.):** ସୁନ୍ଦରଗଡ଼ ଜିଲା କୋଇଡା ବ୍ଲକ ମାଲଦା ଗ୍ରାମପଞ୍ଚାୟତ ଓରାଘାଟ ଗ୍ରାମରେ ବୁଧବାର ଭରା ନାଳ ପାରହୋଇ ପିଲାମାନେ ଅଙ୍ଗନୱାଡି କେନ୍ଦ୍ର ଯାଉଥିବା ଦେଖିବାକୁ ମିଳିଛି। ଓରାଘାଟ ଗାଁର ଗୋପିସାହିରେ କୌଣସି ଅଙ୍ଗନୱାଡି କେନ୍ଦ୍ର ନାହିଁ। ଏହି ସାହିର ପିଲାମାନେ ଓରାଘାଟ ଗାଁରେ ଥିବା କେନ୍ଦ୍ର ଉପରେ ନିର୍ଭର କରନ୍ତି। ଓରାଘାଟ ଓ ଗୋପିସାହି ମଧ୍ୟରେ ଏକ ନାଳ ପ୍ରବାହିତ। ପ୍ରତିଦିନ ପିଲାମାନେ ଅଙ୍ଗନୱାଡି କର୍ମୀଙ୍କ ସହିତ ଏହି ନାଳ ପାରହୋଇ ପଢ଼ିବାକୁ ଯାଇଥାନ୍ତି। ପୋଲ ନ ଥିବାରୁ ସେମାନଙ୍କୁ ପାଣି ଭିତରେ ଯିବାକୁ ପଡୁଛି। ତେବେ ବର୍ଷା ଦିନରେ ଯିବାଆସିବାରେ ଅସୁବିଧା ହେଉଛି। ନାଳରେ ଅଧିକ ପାଣି ଆସିଲେ ପିଲାମାନେ ଅଙ୍ଗନୱାଡି କେନ୍ଦ୍ର ଯାଇପାରନ୍ତି ନାହିଁ। ବୁଧବାର ପାଣିଭରା ନାଳରେ ଦୟନୀୟ ଅବସ୍ଥାରେ ଅଙ୍ଗନୱାଡି କର୍ମୀ ପାନମଣୀ ମୁଣ୍ଡା ଓ ଅନ୍ୟମାନେ ଛୋଟ ପିଲାମାନଙ୍କୁ ନେଇ ପାରିହେଉଥିବା ଦେଖିବାକୁ ମିଳିଥିଲା। ନାଳରେ ଅଧିକ ପାଣି ପ୍ରବାହିତ ହେଉଥିବାରୁ ଅଙ୍ଗନୱାଡି କର୍ମୀ କାଖେଇ ପିଲାଙ୍କୁ ନାଳ ପାରି କରିଥିଲେ। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଉକ୍ତ ନାଳରେ ଏକ ପୋଲ ତିଆରି କରିବାକୁ ଦାବି ହେଉଛି।

## ମହିଳା ଇନ୍ସପେକ୍ଟରଙ୍କୁ ଛାଡ଼, ଡ୍ରାଇଭର ଜେଲ ଗଲେ

**ସୋନପୁର, ୧୩।୭(ନି.ପ୍ର.)**

**ପୋଲିସଙ୍କ କାର୍ ଧକ୍କାରେ ୩ ମୃତ ଘଟଣା**

ସୁବର୍ଣ୍ଣପୁର ଜିଲା ତରଭା ଥାନା ଏନଏଚ୍ ୫୭ର ଖାରୀ ନିକଟ ବଡବାହାଲି ଛକ ନିକଟରେ ମଙ୍ଗଳବାର ସକାଳେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟିଥିଲା। ସୋନପୁର ପଟୁ ଆସୁଥିବା ଏକ ମାରୁତି ଆର୍ଟିଗା କାର (ଓଡି୧୬ଜେ-୧୩୫୫) ରାସ୍ତାର ବାମ ପାର୍ଶ୍ୱରେ ଛିଡା ହୋଇଥିବା ଏକ ଅଟୋ ରିକ୍ସା (ଓଡି୦୩ଜେ-୩୬୮୨) ଓ ବାଇକ୍‌କୁ ଧକ୍କା ଦେବାକୁ ଘଟଣାସ୍ଥଳରେ ୩ ଜଣଙ୍କର ମୃତ୍ୟୁ ହୋଇଥିଲା। ଅନ୍ୟ ୬ଜଣ ଗୁରୁତର ଆହତ ହୋଇଥିଲେ। ଦୁର୍ଘଟଣା ପରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଦୁର୍ଘଟଣା ଘଟାଇଥିବା କାର ମହିଳା ଇନ୍ସପେକ୍ଟର ସ୍ନିଗ୍ଧାରାଣୀ ସୁନାଙ୍କ ନାଁରେ ରହିଥିବା ବେଳେ ଉକ୍ତ କାରରେ ସେ ନିଜେ ବଲାଙ୍ଗୀର ଅଭିମୁଖେ ଯାତ୍ରା କରୁଥିଲେ। ତେବେ ଦୁର୍ଘଟଣାରେ ଆହତଙ୍କ ଚିକିତ୍ସା ବ୍ୟବସ୍ଥା ନ କରି ଇନ୍ସପେକ୍ଟର ସ୍ନିଗ୍ଧାରାଣୀ ଓ କାର ଡ୍ରାଇଭର ଅଜୟ ଜେଠୀ ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲେ। ପୋଲିସ ଘଟଣାର ୧୨ ଘଣ୍ଟା ପରେ ମହିଳା ଇନ୍ସପେକ୍ଟର ସୁନା ଓ ଡ୍ରାଇଭର ଜେଠୀଙ୍କୁ ବଲାଙ୍ଗୀର ହାତୀଶାଳପଡାସ୍ଥିତ ଜଣେ ସମ୍ପର୍କୀୟ ପୋଲିସ ଅଧିକାରୀଙ୍କ ଘରୁ ଧରିଥିଲା। ରାତିରେ ତରଭା ପୋଲିସ ଡ୍ରାଇଭର ଜେଠୀଙ୍କୁ କୋର୍ଟଚାଲାଣ କରିଥିଲା। ବିଚାରପତି ତାଙ୍କ ଜାମିନ ନାମଞ୍ଜୁର କରିବାରୁ ସେ ଏବେ ସୋନପୁର ସବ୍‌ଜେଲରେ ଅଛନ୍ତି। ତେବେ ଇନ୍ସପେକ୍ଟର ସୁନାଙ୍କୁ ପୋଲିସ ପଚରାଉଚରା କରିବା ପରେ ଦୁର୍ଘଟଣାରେ ତାଙ୍କର କୌଣସି ସମ୍ପୃକ୍ତି ନାହିଁ କହି ରାତିରେ ଛାଡି ଦେଇଛି। ପୋଲିସ ଜାଣିଶୁଣି ମହିଳା ପୋଲିସ ଅଧିକାରୀଙ୍କୁ ଅନୁକମ୍ପା ପ୍ରଦର୍ଶନ କରିଥିବା ଅଭିଯୋଗ ହେଉଛି।

CLASSIFIED DISPLAY
ALL EDITION - B/W (Everyday)
MORE SPACE • SAME PRICE
TARIFF
For Booking Contact: 0674-2580385, 8637280816, 7894447167, 9338226625

FINANCE
Any type of Loan from Bank/ NBFC/ Private finance available immediately, Contact 9078020885

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ବିଏସ୍‌ଏନ୍‌ଏଲ୍(ଓସି) ସିଜିଏମ୍ ଦାୟିତ୍ୱ ନେଲେ ରୁଦ୍ରନାରାୟଣ

**ଭୁବନେଶ୍ୱର, ୧୩।୭:** ଭାରତ ସଞ୍ଚାର ନିଗମ ଲିମିଟେଡ୍ (ବିଏସ୍‌ଏନ୍‌ଏଲ୍)ର ଓଡ଼ିଶା ସର୍କଲ (ଓସି) ମୁଖ୍ୟ ମହାପ୍ରବନ୍ଧକ (ସିଜିଏମ୍) ଭାବେ ବରିଷ୍ଠ ପ୍ରଶାସକ ରୁଦ୍ର ନାରାୟଣ ପଲାଇ ବୁଧବାର ଦାୟିତ୍ୱ ଭାର ଗ୍ରହଣ କରିଛନ୍ତି। ଏହି ପରିପ୍ରେକ୍ଷୀରେ ସେ ଓଡ଼ିଶା ଦୂରସଞ୍ଚାର ପରିମଣ୍ଡଳରେ କାର୍ଯ୍ୟରତ ସମସ୍ତ ଉଦ୍ୟୋଗ ବ୍ୟବସାୟିକ କ୍ଷେତ୍ର ମୁଖ୍ୟ, ଅଧିକାରୀ, କର୍ମଚାରୀ ତଥା ବିଏସ୍‌ଏନ୍‌ଏଲ୍‌ର ଗ୍ରାହକଙ୍କୁ ଆନ୍ତରିକ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।

ରାଷ୍ଟ୍ରାୟାତ୍ତ ସଂସ୍ଥା ବିଏସ୍‌ଏନ୍‌ଏଲ୍ ତା'ର ଗ୍ରାହକଙ୍କୁ ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ଭଳି ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ରାଜ୍ୟର ସମସ୍ତ ଭାଗରେ ଟେଲି ଯୋଗାଯୋଗ ସେବା ନିରବଚ୍ଛିନ୍ନ ଭାବେ ଯୋଗାଇ ଆସୁଛି ଏବଂ ଆଗାମୀ ଦିନରେ ମଧ୍ୟ ଗ୍ରାହକଙ୍କୁ ଆକର୍ଷଣୀୟ ଟାରିଫ୍ ସହ ଅସୀମିତ କଲ୍, ଡାଟା ଏବଂ ଆଧୁନିକତମ ଟେଲିସେବା ପ୍ରଦାନ ଜାରି ରଖିବ। ଭାରତ ସରକାରଙ୍କ ଉପକ୍ରମ ବିଏସ୍‌ଏନ୍‌ଏଲ୍ ରାଜ୍ୟର ଦୁର୍ଗମ ଅଞ୍ଚଳର ଜନସାଧାରଣଙ୍କୁ ଲ୍ୟାଣ୍ଡଲାଇନ, ମୋବାଇଲ୍ ଏବଂ ଏଫ୍‌ଟିଟିଏଚ୍ ସେବା ଉପଲବ୍ଧ କରାଇବାକୁ ସର୍ବାଧିକ ଗୁରୁତ୍ୱ ଦେଇଆସୁଛି ବୋଲି ରୁଦ୍ରନାରାୟଣ କହିଥିଲେ। ବିଏସ୍‌ଏନ୍‌ଏଲ୍‌ର ଆକର୍ଷଣୀୟ ଟାରିଫ୍ ପ୍ଲାନ୍ ଯୋଗୁ ଗ୍ରାହକମାନଙ୍କଠାରୁ ଉତ୍ସାହଜନକ ପ୍ରତିକ୍ରିୟା ମଧ୍ୟ ମିଳୁଛି। ଅପ୍ଟିକାଲ୍ ଫାଇବର ମାଧ୍ୟମରେ ୱାଇ-ଫାଇ, ହାଇ-ସ୍ପିଡ୍ ଇଣ୍ଟରନେଟ୍ ସେବା ସହ ଘରେ ରହି ଅନ୍‌ଲାଇନ ମାଧ୍ୟମରେ କାର୍ଯ୍ୟ କରୁଥିବା ବିଭିନ୍ନ ଶ୍ରେଣୀର ବ୍ୟକ୍ତିବିଶେଷ ଏବଂ ଅନ୍‌ଲାଇନ ମାଧ୍ୟମରେ କ୍ଲାସ୍ ଆଦିରେ ଯୋଡ଼ି ହେବା ପାଇଁ ସବୁବର୍ଗର ଛାତ୍ରୀଛାତ୍ରଙ୍କ ବିଏସ୍‌ଏନ୍‌ଏଲ୍ ପ୍ରଥମ ପସନ୍ଦ ସାଜିଛି। ଓଡ଼ିଶା ସରକାରଙ୍କ ସହଯୋଗରେ ଖୁବ୍‌ଶୀଘ୍ର ଓଡ଼ିଶାର ବିଭିନ୍ନ ଜିଲାରେ ଉନ୍ନତମାନର ଟାୱାର ସ୍ଥାପନ ସହ ୪-ଜି ସେବା ଉପଲବ୍ଧ କରାଇବାକୁ ରୁଦ୍ରନାରାୟଣ ଦୃଢ଼ୋକ୍ତି ପ୍ରକାଶ କରିବା ସହ ଜନସାଧାରଣଙ୍କ ମତାମତକୁ ଅଗ୍ରାଧିକାର ଦେବାକୁ ଆଶାବ୍ୟକ୍ତ କରିଛନ୍ତି।



ରୁଦ୍ର ନାରାୟଣ ପଲାଇ

## ଇ-ବାଇକ୍ ତିଆରି କଲେ ଭଞ୍ଜନଗର ଯୁବକ



ଇ-ବାଇକ୍ ସହ ବିଶାଳ।

**ଭଞ୍ଜନଗର, ୧୩।୭(ଡି.ଏନ୍.ଏ)**

**ଥରେ ଚାର୍ଜ ହେଲେ ଚାଲିବ ୧୪୦ କି.ମି.**

ଗଞ୍ଜାମ ଜିଲା ଭଞ୍ଜନଗର ରେଡ୍‌କ୍ରସ ରୋଡ୍ ବାସିନ୍ଦା କୃଷ୍ଣମୂର୍ତ୍ତି ଚୌଧୁରୀଙ୍କ ପୁତ୍ର ବିଶାଳ ବୁଧବାର ଏକ ନୂଆ ଇ-ବାଇକ୍ ତିଆରି କରିଛନ୍ତି। ତାହା ଥରେ ଚାର୍ଜ ହେଲେ ୭୦ କିଲୋମିଟର ଯାଉଛି। ଏହା ପରେ ଅଟୋମେଟିକ ରିଚାର୍ଜ ହୋଇ ପୁଣି ୭୦ କିଲୋମିଟର ଯାଉଛି। ଥରେ ଚାର୍ଜ ହେଲେ ଏହିଭଳି ସର୍ବମୋଟ ୧୪୦ କିଲୋମିଟର ଯିବ। ଗାଡ଼ିର ଓଜନ ୪୦ କେ.ଜି. ରହିଛି। ଏଥିରେ ୨୦୦ କେ.ଜି. ଓଜନ ବହନ କରିପାରିବା କ୍ଷମତା ରହିଛି। ଗାଡ଼ି ଚାଲୁଥିବା ସମୟରେ ଏହା ଅଟୋମେଟିକ ରିଚାର୍ଜ ହେବ ବୋଲି ବିଶାଳ ପ୍ରକାଶ କରିଛନ୍ତି। ପୂର୍ବରୁ କରୋନା ସମୟରେ ମଧ୍ୟ ବିଶାଳ ଅଟୋମେଟିକ ସାନିଟାଇଜର ଡିସ୍‌ଚାର୍ଜ ଯନ୍ତ୍ର ତିଆରି କରି ଚର୍ଚ୍ଚାକୁ ଆସିଥିଲେ। ବିଶାଳ ଭଞ୍ଜନଗର କବି ସମ୍ରାଟ୍ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଇଲେକ୍‌ଟ୍ରୋନିକ୍ସ ବିଭାଗର ଛାତ୍ର ଥିଲେ। ଏହା ପରେ ସେ ବ୍ରହ୍ମପୁରସ୍ଥିତ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟରେ ଏମ୍‌ସିଏ ପଢ଼ିଥିଲେ। ଗତ ୧ ତାରିଖରୁ ସେ ହାଇଦ୍ରାବାଦସ୍ଥିତ ୱିପ୍ରୋ କମ୍ପାନୀରେ ସିଷ୍ଟମ ଇଞ୍ଜିନିୟର ଭାବେ ଯୋଗ ଦେଇଛନ୍ତି। ବିଶାଳଙ୍କ ଏହି ସଫଳତାରେ ଅଞ୍ଚଳବାସୀ ଖୁସିବ୍ୟକ୍ତ କରିଛନ୍ତି।

ମନେ ପଡ଼ନ୍ତି
ଦଶମ ମାସିକ ଶ୍ରାଦ୍ଧ ଉପଲକ୍ଷେ



ସ୍ୱ ପ୍ରଭାତ ସୁନ୍ଦର ପାଣିଗ୍ରାହୀ
ଆବିର୍ଭାବ- ୧୩।୮।୧୯୪୦
ତିରୋଧାନ- ୨୧।୯।୨୦୨୧
ତୁମେ ଛାଡି ଯାଇଥିବା ତୁମର ପରିବାର, ଜ୍ୟେଷ୍ଠ ପୁତ୍ର- ଜୀତେନ, ଜ୍ୟେଷ୍ଠ ପୁତ୍ରବଧୂ- ଶୁଭଯାନୀ, କନିଷ୍ଠ ପୁତ୍ର- ରୋଷନ, କନିଷ୍ଠ ପୁତ୍ରବଧୂ- ରଶ୍ମିପ୍ରଭା, ଦୁହିତା- ସ୍ମୃତି, ଜାମାତା- ସୀମାଞ୍ଚଳ ଓ ନାତିନାତୁଣୀ- ରୀମା, ସିତୁନ୍, ପପଲି, ପୀୟୂଷ, ନିତୁ ସମସ୍ତ ପରିବାର ସହ ଅଶ୍ରୁପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛୁ। ଶ୍ରୀଜଗନ୍ନାଥଙ୍କ ପାଖରେ ଆମର ବିନୀତ ପ୍ରାର୍ଥନା ତୁମ ଆତ୍ମାର ସଦ୍‌ଗତି ହେଉ।
ଧ-୭୩୫୦୯

# ପଛୁ ଘୁଞ୍ଚୁ ଘୁଞ୍ଚୁ ଯାଉଛି


ପ୍ରିୟଙ୍କା ଚୋପ୍ରା

ଫରହାନ୍ ଅଖ୍‌ତରଙ୍କ ନିର୍ଦ୍ଦେଶିତ 'ଜି ଲେ ଜରା' ରିଲିଜ୍ ଡେଟ୍ ଦିନକୁ ଦିନ ଘୁଞ୍ଚିଚାଲିଛି। ଶୁଣିବାକୁ ମିଳୁଥିଲା ଯେ ଚଳିତ ବର୍ଷ ଫିଲ୍ମଟି ଓଟିଟି ଫର୍ମାଟରେ ରିଲିଜ ହେବ। କିନ୍ତୁ ତାହାକୁ ପରିବର୍ତ୍ତନ କରାଯାଇଛି। ଏହି ଚିତ୍ରଟି ଆସନ୍ତାବର୍ଷ ପରଦା ଉପରକୁ ଆସିବ ବୋଲି ଜଣାପଡିଛି। ଖାସ୍ କଥା ହେଲା, ଏହି ଫିଲ୍ମରୁ ପ୍ରିୟଙ୍କା ଚୋପ୍ରା ପୁଣିଥରେ ବଲିଉଡ୍‌କୁ ବ୍ୟାକ୍ କରୁଛନ୍ତି। ଉକ୍ତ ସିନେମାରେ ତାଙ୍କ ବ୍ୟତୀତ ଆଲିୟା ଭଟ୍ଟ ଏବଂ କ୍ୟାଟ୍ରିନା କୈଫଙ୍କୁ ମଧ୍ୟ ଦେଖିବାକୁ ମିଳିବ। ହଲିଉଡ୍ ଗାୟକ ନିକ୍ ଜୋନାସ୍‌ଙ୍କ ସହ ଘରସଂସାର କରିସାରିବା ପରେ ସେ ଏବେ କେତୋଟି ହଲିଉଡ୍ ପ୍ରୋଜେକ୍ଟ ପାଇଁ ବ୍ୟସ୍ତ। ''ଯାହା ହେଉ ଏହି ଫିଲ୍ମର ରିଲିଜ ଶେଷରେ ଫାଇନାଲ ହୋଇଛି ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଏହା ଆସନ୍ତା ବର୍ଷ ଜୁନ୍ ମଧ୍ୟଭାଗରେ ପରଦା ଉପରକୁ ଆସିବାର ଯୋଜନା ରହିଛି। ପୁଣି ବେଶ୍ କିଛି ବର୍ଷ ଗ୍ୟାପ୍ ପରେ ମୁଁ ବଲିଉଡ୍‌କୁ କମବ୍ୟାକ୍ କରୁଛି। ଏହି ଫିଲ୍ମର ସଫଳତା ନେଇ ମୁଁ ବେଶ୍ ଆଶାବାଦୀ ବୋଲି କହନ୍ତି ପ୍ରିୟଙ୍କା।'' ତେବେ ଏହି ଫିଲ୍ମ ଦ୍ୱାରା ସେ ଦର୍ଶକଙ୍କୁ କେତେ ପ୍ରଭାବିତ କରିପାରୁଛନ୍ତି ତାହା ଦେଖିବାକୁ ବାକି ରହିଲା।


ଜାହ୍ନବୀ

# ଟେନ୍‌ସନ ଅନ୍ତରାଳେ...

ଜାହ୍ନବୀ କପୁରଙ୍କୁ ନେଇ ଏବେ ବଲିଉଡ୍‌ରେ ଚର୍ଚ୍ଚା। ନିକଟରେ ସେ ଏକ ନୂଆ ସିନେମା ସାଇନ୍ କରିଛନ୍ତି। ଏଥିରେ ତାଙ୍କୁ କୁଆଡ଼େ ୩-୪ଟି ଗରମାଗରମ ଶଟ୍ ଦେବାକୁ ପଡ଼ିବ। ଏ ସମ୍ପର୍କରେ ସୂଚନା ପାଇବା ପରେ ତାଙ୍କର ଟେନ୍‌ସନ ବଢ଼ିଯାଇଛି। ଏ ସମ୍ପର୍କରେ ଜାହ୍ନବୀ କହନ୍ତି, 'ମୋର ଏଭଳି ଶଟ୍‌କୁ ନେଇ କାହିଁକି ଏତେ ଆଲୋଚନା ହେଉଛି ତାହା ମୁଁ ଜାଣିପାରୁନାହିଁ। କାହାଣୀ ଅନୁସାରେ ମୋତେ ଶଟ୍ ଦେବାକୁ ପଡିବ। ସବୁଠାରୁ ଖାସ୍ କଥା ହେଲା, କାହାଣୀକୁ ରଙ୍ଗିନ କରିବାକୁ ଅଯଥା ଦୃଶ୍ୟକୁ ମୁଁ ସବୁବେଳେ ବିରୋଧ କରିଥାଏ। ଏହି ଫିଲ୍ମରେ ମୋତେ ଯେଉଁ ଭୂମିକାଟି ମିଳିଛି ତାହା ମୋ କ୍ୟାରିୟରକୁ ନୂଆ ମୋଡ ଦେବ ବୋଲି ଆଶା ରଖିଛି। ଅଯଥା ବୋଲ୍ଡ ଶଟ୍ ଦେବା ସପକ୍ଷରେ ମୁଁ ଆଦୌ ନ ଥାଏ। ପୁଣି କେହି କେହି ଏପରି ଶଟ୍ ଦେବା ପରେ ନିଜକୁ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ସଜାଇ ଥାଆନ୍ତି। ହେଲେ ମୁଁ ସବୁବେଳେ ଅଭିନୟ କରୁଥିବା ଫିଲ୍ମର କାହାଣୀ ଏବଂ ସେଥିରେ ନିଜ ଭୂମିକାକୁ ଅଧିକ ଗୁରୁତ୍ୱ ଦେଇଥାଏ। ଏହି ନୂଆ ସିନେମାରେ ମୋର ବୋଲ୍ଡ ଶଟ୍‌କୁ ଅଯଥା ସଂଯୋଗ କରାଯାଇନାହିଁ। ଏହା ଶତପ୍ରତିଶତ କାହାଣୀ ସହ ଜଡ଼ିତ। ତେବେ ସେପରି ଶଟ୍‌କୁ କିପରି ଦେବି ସେ ନେଇ ମୁଁ ଟେନ୍‌ସନରେ ଅଛି। ଆଶା ରଖିଛି ଏହାକୁ ନେଇ ମୋ ମନରେ ଉଙ୍କିମାରିଥିବା ପ୍ରଶ୍ନଗୁଡିକର ସମାଧାନ ନିର୍ଦ୍ଦେଶକ ସହଜରେ କରିଦେବେ।' ତେବେ ଏହି ଫିଲ୍ମଟି ଜାହ୍ନବୀଙ୍କ ପାଇଁ କେତେ ଶୁଭପ୍ରଦ ସାବ୍ୟସ୍ତ ହେଉଛି ତାହା ଦେଖିବାକୁ ବାକି ରହିଲା।

**ଅପେରା ହାଲ୍‌ଚାଲ୍**

# ପୀରତି ହାଟରେ ପ୍ରୀତି ମାଗଣା

ଏକ ଭିନ୍ନ ଧରଣର ପ୍ରେମ କାହାଣୀ ତଥା ପାରିବାରିକ ତଡକା ଥିବା କାହାଣୀକୁ ନେଇ ରଚିତ ହୋଇଛି ଅପେରା ନାଟକ 'ପୀରତି ହାଟରେ ପ୍ରୀତି ମାଗଣା'। ନାଟ୍ୟକାର ଲକ୍ଷ୍ମୀଧର ସେଠୀଙ୍କ ଏହି ନୂଆ ନାଟକଟିକୁ ନିର୍ଦ୍ଦେଶନା ଦେଇଛନ୍ତି ଆଗଧାଡିର ନିର୍ଦ୍ଦେଶକ କିଶୋର ଖଣ୍ଡୁଆଳ। ଖାସ୍ କଥା


ଟୁନିଆ ମଲ୍ଲିକ

ହେଲା, ଏହି ନାଟକଟିକୁ ୨୦୨୨-୨୩ ଯାତ୍ରା ସିଜନରେ ହିମାଂଶୁ ଶେଖର ଦେଓଙ୍କ ପ୍ରଯୋଜିତ ଧଉଳି ଗଣନାଟ୍ୟ ପରିବେଷଣ କରିବାକୁ ଯାଉଛି। ଯାଜପୁର କଳିଙ୍ଗ ନଗରସ୍ଥିତ ବାରଗାଡିଆଠାରେ ଏହାର ରିହରସାଲ ଚାଲୁ ରହିଛି। ଏହି ପାର୍ଟିର ଦ୍ୱିତୀୟ ନୂଆ ନାଟକ ହେଲା ନୀହାର ରଞ୍ଜନ ମହାନ୍ତିଙ୍କ ରଚିତ ଏବଂ ସୁଶାନ୍ତ ଦାସଙ୍କ ନିର୍ଦ୍ଦେଶିତ 'କହ୍ନେଇ ରାଜା ମୋ ବାଇଦ ବଜା'। ଏହା ବ୍ୟତୀତ ଧଉଳି ଗଣନାଟ୍ୟ ଏଥର ଗତବର୍ଷର ଦୁଇଟି ସୁପରହିଟ୍ ନାଟକ 'କଳଙ୍କ ମୋ ପାଇଁ ଚନ୍ଦନ ଟିକା' (ରଚନା-ଅଜୟ ସ', ନିର୍ଦ୍ଦେଶନା-ତାପସ ସ୍ୱାଇଁ) ଏବଂ ଦୀପକ ଜେନାଙ୍କ ରଚିତ ଏବଂ ଗୁରୁ ମିଶ୍ରଙ୍କ ନିର୍ଦ୍ଦେଶିତ 'କାନ୍ଦିବୁନି କେବେ ରହିଲା ରାଣ' ରିପିଟ୍ କରିବାକୁ ଯାଉଛି। ''ଏଥର ମଧ୍ୟ ଧଉଳି ଦର୍ଶକଙ୍କୁ ଶତ ପ୍ରତିଶତ ମନୋରଞ୍ଜନ ଦେବ ବୋଲି ମୋର ଦୃଢ଼ ବିଶ୍ୱାସ। ଏଥର ହାର୍ଟବିଟ୍ ରେକର୍ଡ ଡ୍ୟାନ୍ସ-ମେଲୋଡି ସାଙ୍ଗକୁ ଦର୍ଶକଙ୍କ ମନକୁ ଛୁଇଁଲା ଭଳି ନାଟକ ଏହି ପାର୍ଟି


ଗୌର ଦାସ

ଭେଟିଦେବାକୁ ଯାଉଛି ବୋଲି ସୂଚନା ଦେଇଛନ୍ତି ଏହାର ମୁଖ୍ୟ ପରିଚାଳକ ବାବୁଲି ମହାନ୍ତି।'' ଏଥର ଏହି ପାର୍ଟିରେ ଲୋକପ୍ରିୟ ନାୟକ ଗୌର ଦାସ, ଜଲିଉଡ୍‌ର ଟ୍ରାଜେଡି କୁଇନ୍ ଟୁନିଆ ମଲ୍ଲିକ, କମେଡିଆନ ସାନ ମଣି, ସତ୍ୟ ଦାସ, ମିଲନ, ରିନା, କିଶୋର ସାହୁ, ପହଲି, ସଞ୍ଜୟ, ଜଗା ପଲେଇ, ଡାଙ୍ଗ ଏବଂ ସୁଇଟି ପ୍ରମୁଖ କଳାକାରଙ୍କୁ ଦେଖିବାକୁ ମିଳିବ।

# ପାଖେଇ ଆସୁଛି ଦିନ

କଥାରେ ଅଛି- 'ଏ ମନ ଖୋଜୁଥାଏ ଯାହା, କାଳେ ପ୍ରାପତ ହୁଏ ତାହା।' ଠିକ୍ ସେମିତି ଯେଉଁ ଭୂମିକାରେ ଅଭିନୟ କରିବାକୁ ସେ ମନ ବଳାଇଥିଲେ ତାହା ପୂରଣ ହୋଇଛି। କଥା କ'ଣ କି, ଏକାଧାରରେ ପ୍ରଯୋଜକ-କମ୍-ଅଭିନେତା ସୂର୍ଯ୍ୟକାନ୍ତ ସାମଲ ଏକ ଭିନ୍ନଧରଣର ଭୂମିକାରେ ଦର୍ଶକଙ୍କ ସାମ୍ନାକୁ ଆସିବେ। ଫିଲ୍ମଟି ହେଲା 'ବାଳୀ-ଦ ସିଭିୟର'। ତେବେ ସେ ଯେଉଁଭଳି ଭୂମିକାଟିଏ ଚାହୁଁଥିଲେ, ତାହା ତାଙ୍କୁ ଅବଶ୍ୟ ମିଳିଯାଇଛି। ଏଥିରେ ଜଣେ ସାଧାରଣ ଯୁବକ ଭୂମିକାରେ ସେ ଅଭିନୟ କରୁଛନ୍ତି। ଏକ ବସ୍ତିବାସିନ୍ଦାଙ୍କ ସୁରକ୍ଷା ପାଇଁ ଯୁବକ ଜଣକ କିପରି ନିଜ ଜୀବନକୁ ବାଜି ଲଗାଇ ଦେଉଛି ତାହା ଏଥିରେ ଦେଖିବାକୁ ମିଳିବ। ଏହି ଫିଲ୍ମରେ ତାଙ୍କ ଅପୋଜିଟ୍‌ରେ ଅଛନ୍ତି ମାମା ସାମଲ। ଏଥିରେ ମାମା ଜଣେ ଜର୍ନାଲିଷ୍ଟ ଭୂମିକାରେ ଅଭିନୟ କରିଛନ୍ତି। ସୂର୍ଯ୍ୟକାନ୍ତ-ମାମା ଯୋଡ଼ି ବ୍ୟତୀତ ଅଶ୍ରୁମୋଚନ ମହାନ୍ତି, ଚୌଧୁରୀ ଜୟ ପ୍ରକାଶ ଦାସ, ସ୍ମିତା ମହାନ୍ତି, ହରିହର ମହାପାତ୍ର, ଚିନ୍ତାମଣି ବିଶ୍ୱାଳ, ବାପି ରୟ ପ୍ରମୁଖ କଳାକାର ଏଥିରେ ଅଭିନୟ କରିଛନ୍ତି। ସୂର୍ଯ୍ୟକାନ୍ତ ସାମଲଙ୍କ ପ୍ରଯୋଜନାରେ ଏହାର ନିର୍ଦ୍ଦେଶନା ଦେଇଛନ୍ତି କେ. ମୁରଲୀକ୍ରିଷ୍ଣା। ଫିଲ୍ମଟି ଚଳିତ ମାସ ୧୫ରେ ପରଦା ଉପରକୁ ଆସିବ ବୋଲି ସୂଚନା ଦେଇଛନ୍ତି ଏହାର ପ୍ରଯୋଜକ-କମ୍-ନାୟକ ସୂର୍ଯ୍ୟକାନ୍ତ।


'ବାଳୀ' ଚଳଚ୍ଚିତ୍ରରେ ସୂର୍ଯ୍ୟକାନ୍ତ-ମାମା

# ପକେଟ୍ ମନି ପାଇଁ..

ବଲିଉଡ୍‌ର ଅନ୍ୟତମ ନାମୀ ନିର୍ଦ୍ଦେଶକ ଡେଭିଡ୍ ଧାୱନଙ୍କ ପୁଅ ବରୁଣ। ସେ ଯେତେବେଳେ ଆମେରିକାର ନଟିଂହାମ ୟୁନିଭର୍ସିଟିରେ ପାଠ ପଢୁଥିଲେ ସେତେବେଳର କିଛି ସ୍ମୃତି ଏବେ ବି ତାଙ୍କ ମନରେ ସତେଜ ହୋଇ ରହିଛି। ସେହି ସମୟରେ ସେ ନିଜେ ଆତ୍ମନିର୍ଭରଶୀଳ ହେବାକୁ ଚେଷ୍ଟା କରିଥିଲେ। ନିଜର ପକେଟ ମନି ପାଇଁ ସେ ପରିବାର ଉପରେ ନିର୍ଭର କରୁ ନ ଥିଲେ। ଏଥିପାଇଁ ସେ କ'ଣ କରୁଥିଲେ ଜାଣନ୍ତି ? ସେତେବେଳେ ସେ ସେଠାରେ ଥିବା ନାଇଟ୍ କ୍ଲବ୍‌ରେ ଲିଫଲେଟ୍ ବାଣ୍ଟୁଥିଲେ। ଏ ସମ୍ପର୍କରେ ବରୁଣ କହନ୍ତି, 'ସେତେବେଳେ ଲିଫଲେଟ୍ ବାଣ୍ଟି ଯେଉଁ ଟଙ୍କା ମିଳୁଥିଲା ସେଥିରେ ମୋ ପକେଟ୍ ମନି ଆଡ୍‌ଜଷ୍ଟ ହୋଇଯାଉଥିଲା।' ବରୁଣଙ୍କର ଆଉ ଏକ ଭଲ ଗୁଣ ରହିଛି। ସେ ଅଭିନୟ କରୁଥିବା ପ୍ରତିଟି ଫିଲ୍ମର ଶୁଟିଂ ପୂର୍ବରୁ ମନ୍ଦିର ଯାଇଥାଆନ୍ତି।


ବରୁଣ

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଗୁରୁବାର, ଜୁଲାଇ ୧୪/୨୦୨୨ Bhubaneswar, Thursday, July 14/ 2022

# ମେହୁଲି-ତୁଷାର ଦେଲେ ଦ୍ୱିତୀୟ ସ୍ୱର୍ଣ୍ଣ

ଚାଙ୍ଗଓନ୍, ୧୩।୭(ପି.ଟି)

ଆଇଏସ୍ଏସ୍ଏଫ୍ ଶୁଟିଂ ବିଶ୍ୱକପରେ ଭାରତୀୟ ଯୋଡି ମେହୁଲି ଘୋଷ ଓ ଶାହୁ ତୁଷାର ମାନେ ଭାରତ ପାଇଁ ଜିତିଛନ୍ତି ଦ୍ୱିତୀୟ ସ୍ୱର୍ଣ୍ଣ ପଦକ। ବୁଧବାର ୧୦ ମିଟର ଏୟାର ରାଇଫଲ ବର୍ଗରେ ମେହୁଲି-ତୁଷାର ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିବା ବେଳେ ୧୦ ମିଟର ଏୟାର ପିସ୍ତଲ ବର୍ଗରେ ପଲକ ଏବଂ ଶିବା ନରୱାଲ ଜିତିଛନ୍ତି ବ୍ରୋଞ୍ଜ।


ପଦକ ସହ ମେହୁଲି ଘୋଷ ଓ ଶାହୁ ତୁଷାର ମାନେ।

**ଆଇଏସ୍ଏସ୍ଏଫ୍ ଶୁଟିଂ ବିଶ୍ୱକପ୍**

ଇନ୍‌ଫର୍ମ ଯୋଡି ମେହୁଲି ଏବଂ ତୁଷାର ହଙ୍ଗେରୀର ଏଷ୍ଟର ମେସଜାରୋସ୍ ଏବଂ ଇଷ୍ଟଭାନ ପେନଙ୍କୁ ୧୭-୧୩ରେ ପରାସ୍ତ କରିଥିଲେ। ଉଭୟ ଭାରତୀୟ ଏବଂ ହଙ୍ଗେରୀ ଯୋଡି ପରସ୍ପରକୁ କଡା ଟକ୍କର ଦେଇଥିଲେ ହେଁ ଇନଫର୍ମ ମେହୁଲି-ତୁଷାର ଯୋଡି ବାଜି ମାରି ନେଇଥିଲେ। ୧୦ ମିଟର ଏୟାର ରାଇଫଲ ବର୍ଗରେ ତୃତୀୟ ସ୍ଥାନ ପ୍ଲେଅଫ୍‌ରେ ଅଂଶଗ୍ରହଣ କରିବେ ଇସ୍ରାଏଲ ଓ ଚେକ୍ ରିପବ୍ଲିକ୍। ସିନିୟର ବର୍ଗରେ ଏହା ତୁଷାରଙ୍କ ପ୍ରଥମ ସ୍ୱର୍ଣ୍ଣ ହୋଇଥିବା ବେଳେ ମେହୁଲିଙ୍କ ଦ୍ୱିତୀୟ। ୨୦୧୯ରେ କାଠମାଣ୍ଡୁରେ ଖେଳା ଯାଇଥିବା ଦକ୍ଷିଣ ଏସୀୟ କ୍ରୀଡାରେ ମେହୁଲି ନିଜର ପ୍ରଥମ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ।

୧୦ ମିଟର ଏୟାର ପିସ୍ତଲ ବର୍ଗରେ ଏକପାଖିଆ ବିଜୟ ସହିତ ବ୍ରୋଞ୍ଜ ପଦକ ଜିତିଛନ୍ତି ପଲକ ଓ ଶିବା ନରୱାଲ। କାଜାଖସ୍ତାନର ଆଇରିନା ଲୋକ୍ଟିଓନୋଭା ଏବଂ ଭାଲେରୀ ରଖିମ୍‌ଝାନଙ୍କୁ ୧୬-୦ରେ ପରାସ୍ତ କରିଥିଲେ ପଲକ-ଶିବା। ବୁଧବାରର ପ୍ରଭାବୀ ପ୍ରଦର୍ଶନ ପରେ ଭାରତ ପଦକ ତାଲିକାରେ ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ଦୁଇଟି ସ୍ୱର୍ଣ୍ଣ ଏବଂ ଗୋଟିଏ ବ୍ରୋଞ୍ଜ ପଦକ ସହିତ ଭାରତ ସର୍ବୋଚ୍ଚ ପଛକୁ ରହିଛି।

# ସିରିଜ ବିଜୟ ଲକ୍ଷ୍ୟରେ ଭାରତ

ଲଣ୍ଡନ, ୧୩।୭ (ପି.ଟି.)

ଭାରତ ଓ ଇଂଲଣ୍ଡ ମଧ୍ୟରେ ଚଳିତ ସିରିଜର ଦ୍ୱିତୀୟ ଦିନିକିଆ କ୍ରିକେଟ ମ୍ୟାଚ ଗୁରୁବାର ଲର୍ଡ୍ସ ଗ୍ରାଉଣ୍ଡରେ ଅନୁଷ୍ଠିତ ହେବ। କେନିଙ୍ଗଟନ ଓଭାଲରେ ଅନୁଷ୍ଠିତ ପ୍ରଥମ ଦିନିକିଆକୁ ଅତି ସହଜରେ ଜିତି ଭାରତ ୧-୦ରେ ଅଗ୍ରଣୀଲାଭ କରିଛି। ତେଣୁ ଆଗାମୀ ମ୍ୟାଚରେ ମଧ୍ୟ ପ୍ରଭାବୀ ପ୍ରଦର୍ଶନ କରି ଭାରତ ୩ ମ୍ୟାଚ ବିଶିଷ୍ଟ ସିରିଜକୁ ଆଗୁଆ ଜିତିନେବା ଲକ୍ଷ୍ୟରେ ରହିଛି। ଟି୨୦ ସିରିଜକୁ ୨-୧ରେ ଜିତିବା ପରେ ଭାରତ ପ୍ରଥମ ଦିନିକିଆରେ ୧୦ ଉଇକେଟରେ ବିଜୟ ହାସଲ କରିଥିଲା। ସମ୍ପ୍ରତି ଫର୍ମରେ ନ ଥିବା ଷ୍ଟାର୍ ବ୍ୟାଟର ବିରାଟ କୋହଲି ଆହତ (ଗ୍ରୋଇନ୍ ଷ୍ଟ୍ରେନ୍) ପାଇଁ ପ୍ରଥମ ଦିନିକିଆ ଖେଳିପାରି ନ ଥିଲେ। ଦ୍ୱିତୀୟ ଦିନିକିଆରେ ମଧ୍ୟ ସେ ଖେଳିବା ନେଇ ସନ୍ଦେହ ରହିଛି।

ଲର୍ଡ୍ସ ପିଚ୍‌ର ପ୍ରକୃତି ଓଭାଲ ଅନୁରୂପ ରହିବ ବୋଲି ରୋହିତ ଶର୍ମାଙ୍କ ଦଳ ଅନୁଭବ କରୁଛି। ବଲ୍ ସୁଇଂ ହେବା ଯୋଗୁ ଭାରତୀୟ ଦ୍ରୁତ ବୋଲରମାନେ ଓଭାଲରେ ଚମତ୍କାରିତା ଦେଖାଇଥିଲେ। ଯଶପ୍ରୀତ୍ ବୁମ୍ରା ଏବେ କ୍ୟାରିୟରର ଶ୍ରେଷ୍ଠ ଫର୍ମରେ ଥିବାବେଳେ ନିର୍ଭରଯୋଗ୍ୟ ମହମ୍ମଦ ଶାମି ମଧ୍ୟ ଉଇକେଟ ନେଇ ପ୍ରତିପକ୍ଷ ଦଳକୁ ବ୍ୟାକ୍‌ଫୁଟ୍‌ରେ ପହଞ୍ଚାଇଥିଲେ। ଆଗାମୀ ମ୍ୟାଚରେ ମଧ୍ୟ ଏ ଦୁଇ ଖେଳାଳି ଶ୍ରେଷ୍ଠ ପ୍ରଦର୍ଶନ କରନ୍ତୁ ବୋଲି ରୋହିତ ଚାହିଁବେ ନିଶ୍ଚିତ। କୋହଲିଙ୍କ ବଦଳରେ ଦଳରେ ସ୍ଥାନ ପାଇଥିବା ଶ୍ରେୟାସ ଆୟାରଙ୍କର ଶର୍ଟ ବଲ୍ ଖେଳିବାରେ ଅସୁବିଧା ରହିଛି। ଏହାକୁ ସୁଧାରି ଆୟାର ବଡ଼ ଇନିଂସ ଖେଳିପାରିବେ ବୋଲି ମ୍ୟାନେଜମେଣ୍ଟ ଆଶା ରଖିଛି। ପ୍ରଥମ ଦିନିକିଆରେ ଅଧିନାୟକ ରୋହିତ ୫୮ ବଲ୍‌ରୁ ଦ୍ରୁତ ୭୬ ରନର ଇନିଂସ ଖେଳି ଇଂଲଣ୍ଡ ବୋଲରଙ୍କୁ ନିରାଶ କରିଥିଲେ। ତେଣୁ ଲର୍ଡ୍ସ ମ୍ୟାଚ ପାଇଁ ଅଧିନାୟକ ଏବଂ ପୂରା ଭାରତୀୟ ଦଳ ଆତ୍ମବିଶ୍ୱାସରେ ରହିଛି। ଜୋସ ବଟଲର, ଜୋ ରୁଟ୍, ବେନ୍ ଷ୍ଟୋକ୍ସ, ଜନି ବେୟାରଷ୍ଟୋ, ଜାସନ ରୟ ଓ ଲିଆମ ଲିଭିଂଷ୍ଟୋନଙ୍କୁ ନେଇ ଗଠିତ ଇଂଲଣ୍ଡର ଦୃଢ଼ ବ୍ୟାଟିଂ ଲାଇନ୍‌ଅପ୍‌କୁ ଭାରତୀୟ ଦ୍ରୁତ ବୋଲରମାନେ ଓଭାଲରେ ସହଜରେ ଧ୍ୱସ୍ତ କରିବାରେ ସକ୍ଷମ ହୋଇଥିଲେ। ଲର୍ଡ୍ସ ଗ୍ରାଉଣ୍ଡ ସାଧାରଣତଃ ବ୍ୟାଟିଂ ଫ୍ରେଣ୍ଡଲୀ ହୋଇଥାଏ। ମାତ୍ର ବୋଲରଙ୍କ ମନୋବଳ ଦୃଢ଼ ଥିବାରୁ ଭାରତ ଆଉ ଏକ ସିରିଜ ବିଜୟ ଲକ୍ଷ୍ୟ ରଖିଛି।


ରୋହିତ ଶର୍ମା

**ଦ୍ୱିତୀୟ ଦିନିକିଆ ଆଜି**

**ଇଂଲଣ୍ଡ ଦଳ:** ଜୋସ ବଟଲର (ଅଧିନାୟକ), ମୋଇନ ଅଲୀ, ଜୋନାଥନ ବେୟାରଷ୍ଟୋ, ହ୍ୟାରୀ ବ୍ରୁକ୍, ବ୍ରେଡନ କାର୍ସ, ସାମ୍ କୁରାନ, ଲିଆମ ଲିଭିଂଷ୍ଟୋନ, କ୍ରେଗ୍ ଓଭର୍ଟନ, ମାଥ୍ୟୁ ପାର୍କିନସନ, ଜୋ ରୁଟ୍, ଜାସନ ରୟ, ଫିଲ୍ ସଲ୍ଟ, ବେନ୍ ଷ୍ଟୋକ୍ସ, ରିସି ଟୋପ୍‌ଲେ, ଡାଭିଡ ୱିଲି।

**ଭାରତୀୟ ଦଳ:** ରୋହିତ ଶର୍ମା (ଅଧିନାୟକ), ଶିଖର ଧାୱନ, ଇଶାନ କିଷନ, ବିରାଟ କୋହଲି, ସୂର୍ଯ୍ୟକୁମାର ଯାଦବ, ଶ୍ରେୟାସ ଆୟାର, ରିଷଭ ପନ୍ତ, ହାର୍ଦ୍ଦିକ ପାଣ୍ଡ୍ୟା, ରବୀନ୍ଦ୍ର ଜାଡେଜା, ଶାର୍ଦ୍ଦୁଳ ଠାକୁର, ଯୁଜବେନ୍ଦ୍ର ଚହଲ, ଅକ୍ଷର ପଟେଲ, ଯଶପ୍ରୀତ୍ ବୁମ୍ରା, ପ୍ରସିଦ୍ଧ କ୍ରିଷ୍ଣା, ମହମ୍ମଦ ଶାମି, ମହମ୍ମଦ ସିରାଜ, ଅର୍ଶଦୀପ ସିଂ।

**ମ୍ୟାଚ ଆରମ୍ଭ: ଅପରାହ୍ନ ୫ଟା ୩୦**

# ଦ୍ୱିତୀୟ ରାଉଣ୍ଡରେ ସାଇନା, ସିନ୍ଧୁ

**ସିଙ୍ଗାପୁର, ୧୩।୭ :** ସିଙ୍ଗାପୁର ଓପନ ସୁପର ୫୦୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ପ୍ରଥମ ରାଉଣ୍ଡରୁ ଭାରତକୁ ଝଟକା ଲାଗିଛି। ସିଡେଡ୍ ଖେଳାଳି କିଡାମ୍ବି ଶ୍ରୀକାନ୍ତ ପ୍ରଥମ ରାଉଣ୍ଡରୁ ବିଦାୟ ନେଇଛନ୍ତି। ତେବେ ଅଲିମ୍ପିକ୍ସ ବ୍ରୋଞ୍ଜ ପଦକ ବିଜୟିନୀ ପିଭି ସିନ୍ଧୁ, ସାଇନା ନେହ୍ୱାଲ, ଏଚ୍ ଏସ୍ ପ୍ରଣୟ ଓ ମିଥୁନ ମଞ୍ଜୁନାଥ ନିଜର ପ୍ରଥମ ରାଉଣ୍ଡ ବାଧା ଅତିକ୍ରମ କରିଛନ୍ତି। ଶ୍ରୀକାନ୍ତ ପ୍ରଥମ ରାଉଣ୍ଡରେ ମଞ୍ଜୁନାଥଙ୍କ ନିକଟରୁ ପରାଜିତ ହୋଇଥିଲେ। ମଞ୍ଜୁନାଥ ୩ ସେଟର କଡା ସଂଘର୍ଷ ପରେ ଶ୍ରୀକାନ୍ତଙ୍କୁ ୨୧-୧୭, ୧୫-୨୧ ଓ ୨୧-୧୮ରେ ପରାସ୍ତ କରିଥିଲେ। ମହିଳା ସିଙ୍ଗିଲ୍ସରେ ସିନ୍ଧୁ ବିଶ୍ୱ ମାନ୍ୟତାର ୩୬ ନମ୍ବରରେ ରହିଥିବା ଲିଆନ୍ନେ ଟାନଙ୍କୁ ୨୧-୧୫ ଓ ୨୧-୧୧ରେ ପରାସ୍ତ କରିଥିଲେ। ଅନ୍ୟତମ ଭାରତୀୟ ଖେଳାଳି ଏଚ୍ ଏସ୍ ପ୍ରଣୟ ଏବଂ ସାଇନା ନେହ୍ୱାଲ ସହଜ ବିଜୟ ହାସଲ କରିଛନ୍ତି। ବିଗତ ସପ୍ତାହରେ ମାଲେସିଆ ମାଷ୍ଟର୍ସ ସେମିରେ ପ୍ରବେଶ କରିଥିବା ପ୍ରଣୟ ପ୍ରଥମ ରାଉଣ୍ଡରେ ଥାଇଲାଣ୍ଡର ସିଥିକୋମଖ ଥାମ୍ମାସିନଙ୍କୁ ୨୧-୧୩ ଓ ୨୧-୧୬ରେ ପରାସ୍ତ କରିଛନ୍ତି। ଟୁର୍ନାମେଣ୍ଟର ତୃତୀୟ ସିଡ୍ ଚୋଉ ଟିଏନ୍ ଚେନ୍‌ଙ୍କ ସହିତ ପ୍ରଣୟଙ୍କ ଦ୍ୱିତୀୟ ରାଉଣ୍ଡ ମୁକାବିଲା ଖେଳାଯିବ। ନିକଟରେ ମାଲେସିଆ ଓପନରେ ଚେନଙ୍କୁ ପରାସ୍ତ କରିଥିଲେ ପ୍ରଣୟ। ସେହିପରି ଭାରତୀୟ ଖେଳାଳି ମାଳବିକା ବନ୍ସୋଡଙ୍କଠାରୁ ଇଣ୍ଡିଆ ଓପନ ପରାଜୟର ପ୍ରତିଶୋଧ ନେଇଛନ୍ତି ସାଇନା ନେହ୍ୱାଲ। ମାଳବିକାଙ୍କୁ ୨୧-୧୮ ଓ ୨୧-୧୪ ସେଟରେ ପରାସ୍ତ କରି ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି ସାଇନା।

# ନମ୍ବରୱାନ୍‌କୁ ଫେରିଲେ ବୁମ୍ରା

ଦୁବାଇ, ୧୩।୭ (ପି.ଟି.)

**ଆଇସିସି ଦିନିକିଆ ର୍‍ୟାଙ୍କିଂ**

ଓଭାଲ ଗ୍ରାଉଣ୍ଡରେ କ୍ୟାରିୟର ଶ୍ରେଷ୍ଠ ପ୍ରଦର୍ଶନ ପରେ ଭାରତୀୟ ଦ୍ରୁତ ବୋଲର ଯଶପ୍ରୀତ୍ ବୁମ୍ରା ଆଇସିସି ଦିନିକିଆ ବୋଲର ର୍‍ୟାଙ୍କିଂର ଶୀର୍ଷସ୍ଥାନକୁ ଫେରିଛନ୍ତି। ବୁମ୍ରା ୧୯ ରନ ବିନିମୟରେ ୬ ଉଇକେଟ ନେଇଥିବାବେଳେ ଭାରତ ଏହି ଦିନିକିଆରେ ୧୦ ଉଇକେଟରେ ବିଜୟ ହାସଲ କରିଥିଲା। ପାଖାପାଖି ୨ ବର୍ଷ ନମ୍ବରୱାନ ରହିବାପରେ ୨୦୨୦ ଫେବୃୟାରୀରେ ବୁମ୍ରା ଶୀର୍ଷସ୍ଥାନ ହରାଇଥିଲେ। ନ୍ୟୁଜିଲାଣ୍ଡର ଟ୍ରେଣ୍ଟ ବୋଲ୍ଟ ଏହି ସ୍ଥାନ ଦଖଲ କରି ନେଇଥିଲେ। ବୁମ୍ରା ମୋଟ ୭୩୦ ଦିନ ନମ୍ବରୱାନରେ ରହିଥିଲେ, ଯାହାକି କୌଣସି ଭାରତୀୟ ବୋଲରଙ୍କ କ୍ଷେତ୍ରରେ ସର୍ବାଧିକ ଏବଂ ର୍‍ୟାଙ୍କିଂ ଇତିହାସରେ ୯ମ ଶ୍ରେଷ୍ଠ। ଅତୀତରେ ଟି୨୦ରେ ମଧ୍ୟ ଶୀର୍ଷସ୍ଥାନରେ ରହି ସାରିଥିବା ବୁମ୍ରା ଏବେ ଟେଷ୍ଟ ର୍‍ୟାଙ୍କିଂର ବୋଲିଂ ତାଲିକାରେ ତୃତୀୟ ସ୍ଥାନରେ ରହିଛନ୍ତି। କପିଳ ଦେବଙ୍କ ପରେ ଦ୍ୱିତୀୟ ଭାରତୀୟ ଦ୍ରୁତ ବୋଲରଭାବେ ବୁମ୍ରା ନମ୍ବର ୱାନ ହେବାର ଗୌରବ ପାଇଛନ୍ତି। ଭାରତୀୟ ସ୍ପିନରଙ୍କ ମଧ୍ୟରେ ମନିନ୍ଦର ସିଂ, ଅନିଲ କୁମ୍ବଲେ ଓ ରବୀନ୍ଦ୍ର ଜାଡେଜା ଶୀର୍ଷରେ ପହଞ୍ଚି ପାରିଛନ୍ତି।


ଯଶପ୍ରୀତ୍ ବୁମ୍ରା

ଇଂଲଣ୍ଡ ବିପକ୍ଷ ପ୍ରଥମ ଦିନିକିଆରେ ୩ଟି ଉଇକେଟ ନେଇଥିବା ମହମ୍ମଦ ଶାମିଙ୍କ ର୍‍ୟାଙ୍କିଂରେ ମଧ୍ୟ ଉନ୍ନତି ଘଟିଛି। ସେ ୩ଟି ସ୍ଥାନ ଉପରକୁ ଉଠି ସାଥି ବୋଲର ଭୁବନେଶ୍ୱର କୁମାରଙ୍କ ସହ ଯୁଗ୍ମଭାବେ ୨୩ତମ ସ୍ଥାନରେ ରହିଛନ୍ତି। ବ୍ୟାଟିଂ ତାଲିକାରେ ଅଧିନାୟକ ରୋହିତ ଶର୍ମା ତୃତୀୟ ସ୍ଥାନରେ ଥିବା ବିରାଟ କୋହଲିଙ୍କ ପଏଣ୍ଟ ପାଖାପାଖି ପହଞ୍ଚି ଯାଇଛନ୍ତି। ଏବେ ଦୁଇ ଖେଳାଳିଙ୍କ ମଧ୍ୟରେ ପଏଣ୍ଟ ବ୍ୟବଧାନ ମାତ୍ର ୧ ରହିଛି। ବାମହାତୀ ଶିଖର ଧାୱନ ଗୋଟିଏ ପାହାଚ ଚଢ଼ି ୧୨ତମ ସ୍ଥାନରେ ପହଞ୍ଚି ଯାଇଛନ୍ତି। ଆଇସିସି ପୁରୁଷ ଟି୨୦ ର୍‍ୟାଙ୍କିଂରେ ଭାରତୀୟ ବ୍ୟାଟର ସୂର୍ଯ୍ୟକୁମାର ଯାଦବ ୪୪ଟି ସ୍ଥାନ ଉପରକୁ ଲମ୍ଫ ମାରିଛନ୍ତି। ଏଥିସହ ସେ କ୍ୟାରିୟର ଶ୍ରେଷ୍ଠ ୫ମ ସ୍ଥାନରେ ପହଞ୍ଚି ଯାଇଛନ୍ତି। ଦ୍ରୁତ ବୋଲର ଭୁବନେଶ୍ୱର କୁମାର ୭ଟି ସ୍ଥାନ ଉପରକୁ ଯାଇ ଏବେ କ୍ୟାରିୟର ଶ୍ରେଷ୍ଠ ୭ମରେ ପହଞ୍ଚିଛନ୍ତି। ଲେଗ୍ ସ୍ପିନର ଯୁଜବେନ୍ଦ୍ର ଚହଲ ୧୯, ହର୍ଶଲ ପଟେଲ ୨୩ ଓ ବୁମ୍ରା ୨୭ତମ ସ୍ଥାନରେ ଅଛନ୍ତି।

## ଡୋପିଂ ଅଭିଯୋଗରେ ଅଲିମ୍ପିକ୍ସ ପଦକ ବିଜେତା ନିଲମ୍ବିତ

**ମୋନାକୋ, ୧୩।୭ (ପି.ଟି) :** ବିଶ୍ୱ ଆଥଲେଟିକ୍ସ ଚାମ୍ପିୟନଶିପ୍ ପୂର୍ବରୁ ଡୋପିଂ ଅଭିଯୋଗରେ ନିଲମ୍ବିତ ହୋଇଛନ୍ତି ଧାବକ ନାଇଜେଲ ଆମୋସ୍। ୨୦୧୨ ଲଣ୍ଡନ ଅଲିମ୍ପିକ୍ସରେ ୮୦୦ ମିଟର ଦୌଡରେ ରୌପ୍ୟ ପଦକ ସହିତ ବୋଷ୍ଟୱାନା ପାଇଁ ସେ ପ୍ରଥମ ପଦକ ଜିତିବାର କୃତିତ୍ୱ ହାସଲ କରିଥିଲେ। ଏକ ଅବୈଧ ପଦାର୍ଥ ସେବନ ପାଇଁ ୨୮ ବର୍ଷୀୟ ଆମୋସଙ୍କୁ ମଙ୍ଗଳବାର ଆଥଲେଟିକ୍ସ ଇଣ୍ଟେଗ୍ରେସନ ୟୁନିଟ୍ ପକ୍ଷରୁ ନିଲମ୍ବନ କରାଯାଇଛି। ଜୁନ୍ ୪ ତାରିଖରେ ନିଆଯାଇଥିବା ନମୁନାରୁ ଜିଡବ୍ଲ୍ୟୁ୧୫୧୬ ନାମକ ଏକ ରାସାୟନିକ ମିଳିଥିଲା। ଏହା ଶରୀରର ପାଚନ ପ୍ରକ୍ରିୟାକୁ ତୀବ୍ର କରିଥାଏ। ଏହା ସହିତ ଚର୍ବି ହ୍ରାସରେ ସହାୟକ ମଧ୍ୟ ହୋଇଥାଏ। ତେବେ ଏହା ଦ୍ୱାରା କ୍ୟାନ୍ସର ହେବାର ସମ୍ଭାବନା ରହୁଥିବାରୁ ଆଣ୍ଟି ଡୋପିଂ ଏଜେନ୍ସିଗୁଡିକ ପକ୍ଷରୁ ଏହା ଉପରେ ବ୍ୟାନ୍ ଲଗାଯାଇଥିଲା। ଆସନ୍ତା ୨୦ ତାରିଖରେ ୮୦୦ ମି. ହିଟ୍‌ରେ ଅଂଶଗ୍ରହଣ କରିଥାନ୍ତେ ଆମୋସ୍। ୟୁଜିନରେ ରହିଥିବା ଆମୋସଙ୍କୁ ନିଲମ୍ବନ କରାଯାଇଥିବା ସ୍ପଷ୍ଟ କରାଯାଇଛି।

# ଫାଓ ଲିଗ୍: ରାଧାରମଣ ବିଜୟୀ

**ଭୁବନେଶ୍ୱର, ୧୩।୭ (କ୍ରୀଡ଼ା ପ୍ରତିନିଧି):** ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ଆନୁକୂଲ୍ୟରେ କଟକ ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଫୁଟବଲ ଲିଗ୍‌ର ବୁଧବାର ଅନୁଷ୍ଠିତ ମ୍ୟାଚରେ ରାଧାରମଣ କ୍ଲବ ୨-୧ ଗୋଲରେ ୟଙ୍ଗ ଉତ୍କଳ କ୍ଲବକୁ ପରାସ୍ତ କରିଛି। ୟଙ୍ଗ ଉତ୍କଳର ରାକେଶ ସାହୁ ୬ଷ୍ଠ ମିନିଟରେ ଗୋଲ ଦେଇ ଦଳକୁ ଅଗ୍ରଣୀ କରାଇଥିଲେ। ମାତ୍ର ରାଧାରମଣ ପକ୍ଷରୁ ଭିକି ସେଠୀ ୪୦+୧ ଏବଂ ବିନୟ କିଷାନ ୪୪ତମ ମିନିଟରେ ଲେଖାଏ ଗୋଲ ଦେଇ ଦଳକୁ ବିଜୟୀ କରାଇଥିଲେ। ଗୁରୁବାର ଓଡ଼ିଶା ପୋଲିସ ଓ ଇଷ୍ଟକୋଷ୍ଟ ରେଲୱେ ମଧ୍ୟରେ ମ୍ୟାଚ ଅପରାହ୍ନ ୩ଟା ୩୦ରେ ଅନୁଷ୍ଠିତ ହେବ।

# ସହଯୋଗ ପ୍ରତିଶ୍ରୁତି ଦେଲେ ଅନୁରାଗ

ନୂଆଦିଲ୍ଲୀ, ୧୩।୭ (ପି.ଟି)

ଭାରତରେ ଆସନ୍ତା ଅକ୍ଟୋବର ମାସରେ ଖେଳାଯିବ ୧୭ ବର୍ଷରୁ କମ୍ ମହିଳା ବିଶ୍ୱକପ୍। କେନ୍ଦ୍ର କ୍ରୀଡା ଓ ଯୁବବ୍ୟାପାର ମନ୍ତ୍ରୀ ଅନୁରାଗ ଠାକୁର ଏହି ଟୁର୍ନାମେଣ୍ଟ ପାଇଁ ସମସ୍ତ ପ୍ରକାର ସହଯୋଗର ପ୍ରତିଶ୍ରୁତି ଦେଇଥିବା ନେଇ ସର୍ବଭାରତୀୟ ଫୁଟବଲ ସଂଘ(ଏଆଇଏଫଏଫ୍) ପକ୍ଷରୁ କୁହାଯାଇଛି। ନିକଟରେ ଫିଫା ଟୁର୍ନାମେଣ୍ଟ ନିର୍ଦ୍ଦେଶକ ଜେମି ୟାଜରା ଭାରତ ଗସ୍ତରେ ଆସି ଠାକୁରଙ୍କୁ ଭେଟିଥିଲେ। ଏହି ଆଲୋଚନା ସମୟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାରର ସହାୟତାର ପ୍ରତିଶ୍ରୁତି ମିଳିଥିବା ନେଇ ଏଆଇଏଫଏଫ ସାଧାରଣ ସମ୍ପାଦକ ସୁନନ୍ଦୋ ଧର ସୂଚନା ଦେଇଛନ୍ତି। ୧୬ ଟି ଟିମ୍ ବିଶିଷ୍ଟ ଏହି ମୁକାବିଲା ଆସନ୍ତା ଅକ୍ଟୋବର ୧୧-୩୦ ମଧ୍ୟରେ ଅନୁଷ୍ଠିତ ହେବ। ଭୁବନେଶ୍ୱର, ମଡଗାଓଁ ଏବଂ ନଭି ମୁମ୍ବାଇରେ ଏହି ମୁକାବିଲା ଖେଳାଯିବ।


ଫିଫା ଅଧିକାରୀଙ୍କ ସହ ଅନୁରାଗ ଠାକୁର (ବାମ)।

ୟାଜରାଙ୍କ ଏହି ଗସ୍ତ ସଫଳ ହୋଇଛି ଓ ଭାରତ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାରର ସୁବିଧା ସୁଯୋଗ ପ୍ରଦାନ କରାଯିବ ବୋଲି ଅନୁରାଗ ପ୍ରତିଶ୍ରୁତି ଦେଇଥିବା ନେଇ ଏଆଇଏଫଏଫ ପକ୍ଷରୁ ଜାରି ପ୍ରେସ୍ ରିଲିଜରେ କୁହାଯାଇଛି। ୟାଜରା ଏହି ଗସ୍ତ ସମୟରେ ଫୁଟବଲ ବିଶ୍ୱକପ୍ ପାଇଁ ହୋଇଥିବା ପ୍ରସ୍ତୁତି କେତେବାଟ ଆଗେଇଛି ତାହାର ଯାଞ୍ଚ କରିବେ। ପୂର୍ବରୁ ଭାରତ ୨୦୧୭ରେ ଫିଫା ୧୭ ବର୍ଷରୁ କମ ପୁରୁଷ ବିଶ୍ୱକପ୍ ସଫଳତାର ସହିତ ଆୟୋଜନ କରି ସାରିଛି।

**୧୭ ବର୍ଷରୁ କମ୍ ମହିଳା ଫୁଟବଲ୍ ବିଶ୍ୱକପ୍**

ଫିଫା ଅଧିକାରୀଙ୍କ ପକ୍ଷରୁ 'ଫୁଟବଲ ଫର ସ୍କୁଲ' କ୍ୟାମ୍ପେନ୍ ସମ୍ପର୍କରେ ଅନୁରାଗଙ୍କୁ ସୂଚନା ଦିଆଯାଇଥିଲା। ଏହି କ୍ୟାମ୍ପେନରେ ଶିକ୍ଷା ଓ କ୍ରୀଡାର ଏକ ମିଶ୍ରଣ ଦେଖିବାକୁ ମିଳିଥାଏ। ଛାତ୍ରଛାତ୍ରୀଙ୍କୁ ଫୁଟବଲ ସହିତ ଜୀବନଧାରଣର ଅନ୍ୟାନ୍ୟ କୌଶଳ ଶିକ୍ଷା ପ୍ରଦାନ କରିବା ଏହି କ୍ୟାମ୍ପେନର ଲକ୍ଷ୍ୟ। ଅନୁରାଗ ମଧ୍ୟ ସମାନ ଭାବରେ ଇ ପାଠଶାଳା ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଆଥଲେଟ ମାନଙ୍କ ପାଇଁ ସାଇ ପକ୍ଷରୁ ଏହି ପ୍ରୋଗ୍ରାମ ଲଞ୍ଚ କରାଯାଇଥିବା ସେ କହିଥିଲେ। ଅମୃତ ମହୋତ୍ସବରେ ଫୁଟବଲକୁ ସାଧାରଣ ଲୋକଙ୍କ ନିକଟରେ ପହଞ୍ଚାଇବାକୁ ଏଆଇଏଫଏଫ ପ୍ରୟାସ କରିବ ବୋଲି କହିଛନ୍ତି ଅନୁରାଗ। ଅଗଷ୍ଟ ୫ରେ ୧୭ ବର୍ଷରୁ କମ୍ ମହିଳା ବିଶ୍ୱକପ ଟିକେଟ୍ ଉନ୍ମୋଚନ କାର୍ଯ୍ୟକ୍ରମରେ ଅନୁରାଗ ଠାକୁର ମୁଖ୍ୟ ଅତିଥି ରହିବେ।







1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

## ସଂକ୍ଷେପରେ

### ବାଇକ୍, ମୋବାଇଲ ଜବତ: ୨ ଲୁଟେରା ଗିରଫ



**ଜଟଣୀ,୧୩।୭(ଡି.ଏନ୍.ଏ.):** ଜଟଣୀ ଥାନା ପୋଲିସ ବୁଧବାର ଦୁଇ ଜଣ ଲୁଟେରାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଜଟଣୀ ବ୍ଲକ ଅଧୀନ କୁଶମାଟି ପଞ୍ଚାୟତ ମଣ୍ଡପସାହିର ରାକେଶ କୁମାର ପରିଡା(୨୩) ଏବଂ ପୌରାଞ୍ଚଳ ଗୋଡ଼ାଧର୍ମସାଗର ମା'ମଙ୍ଗଳା ମନ୍ଦିର ଅଞ୍ଚଳର କାହ୍ନୁଚରଣ ନାୟକ ଓରଫ ରଘୁ (୨୧)। ଏମାନଙ୍କ ନିକଟରୁ ୫ଟି ମୋବାଇଲ ଫୋନ ଓ ଏକ ବାଇକ୍ ଜବତ ହୋଇଛି। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୨୪୮/୨୨)ରୁଜୁକରି ଅଧିକ ତଦନ୍ତ ଚଳାଇଛି। ସୂଚନା ମୁତାବକ, ଏହି ଥାନା ଅଧୀନ କନ୍ତିଆ ଗ୍ରାମର ସ୍ୱାଗତିକା ବେହେରା ଗତ ୨ ତାରିଖରେ କମ୍ପ୍ୟୁଟର କ୍ଲାସ ସାରି ଘରକୁ ଫେରୁଥିଲେ। ଜଟଣୀ ହରିଭାଇନା ଛକ ଓ ଡମଣେଇ ମନ୍ଦିର ମଧବର୍ତ୍ତୀ ଅଞ୍ଚଳରୁ ସ୍ୱାଗତିକାଙ୍କ ଭ୍ୟାନିଟ ବ୍ୟାଗକୁ ଅଭିଯୁକ୍ତମାନେ ଝାମ୍ପିନେଇ ପଳାଇଥିଲେ। ଏନେଇ ଅଭିଯୋଗ ପରେ ପୋଲିସ ସିସିଟିଭି ଫୁଟେଜକୁ ଆଧାରକରି ମାଲଗୋଦାମ ଛକ ନିକଟରୁ ଅଭିଯୁକ୍ତଦ୍ୱୟଙ୍କୁ ଧରିଥିଲା।

### ୧୨ ଫୁଟର ଅଜଗର ଉଦ୍ଧାର

**ବୋଲଗଡ଼,୧୩।୭(ଡି.ଏନ୍.ଏ.):** ବୋଲଗଡ଼ ବ୍ଲକ ଅଧୀନ ଇଚ୍ଛାପୁର ଗ୍ରାମରୁ ସ୍ଥାନୀୟ ବନ ବିଭାଗ କର୍ମଚାରୀ ମଙ୍ଗଳବାର ବିଳମ୍ବିତ ରାତିରେ ଏକ ୧୨ ଫୁଟ ଲମ୍ବର ଅଜଗର ସାପ ଉଦ୍ଧାର କରିଛନ୍ତି। ପରେ ବ୍ରାହ୍ମଣୀଦେବୀ ସଂରକ୍ଷିତ ଜଙ୍ଗଲରେ ସାପଟିକୁ ଛାଡ଼ିଦିଆଯାଇଥିବା ବନ ବିଭାଗ ପକ୍ଷରୁ କୁହାଯାଇଛି। ସୂଚନା ମୁତାବକ, ଗ୍ରାମରେ ଏକ ସାପ ଦେଖି ସ୍ଥାନୀୟ ଲୋକେ ବନ ବିଭାଗକୁ ଜଣାଇଥିଲେ। ଖବରପାଇ ବନପାଳ ପ୍ରଦୀପ୍ତ ପଟ୍ଟନାୟକଙ୍କ ସମେତ ବନକର୍ମଚାରୀ ଅରୂପ କୁମାର ବେହେରା, ମାନସ ବୈରୀଗଞ୍ଜନ ପ୍ରମୁଖ ପହଞ୍ଚି ସାପକୁ ଗ୍ରାମବାସୀଙ୍କ ସହାୟତାରେ ଉଦ୍ଧାର କରିଥିଲେ।

### ସାଇ ମନ୍ଦିରର ବାର୍ଷିକୋତ୍ସବ

**ଜଟଣୀ,୧୩।୭(ଡି.ଏନ୍.ଏ.):** ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ପାଇକରାପୁରସ୍ଥିତ ଶିରିଡି ସାଇ ମନ୍ଦିରର ବାର୍ଷିକ ଉତ୍ସବ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଦୀର୍ଘ ତିନିଦିନ ବ୍ୟାପୀ ଅନୁଷ୍ଠିତ ଏହି ଉତ୍ସବର ପ୍ରଥମ ଦିବସରେ ଅଙ୍କୁରାରୋପଣ, ଦ୍ୱିତୀୟ ଦିବସରେ କଳସ ଯାତ୍ରା ଏବଂ ଶେଷ ଦିବସରେ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ହୋଇଥିଲା। ପ୍ରତିଦିନ ରୀତିନୀତିରେ ପୂଜାର୍ଚ୍ଚନା ସହ ଜଗତ କଲ୍ୟାଣ ପାଇଁ ପ୍ରାର୍ଥନା କରାଯାଇଥଲା। ପ୍ରତିଦିନ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମନ୍ଦିର ପରିଚାଳନା କମିଟି ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସ୍ଥାନୀୟ ବାସିନ୍ଦା ସହଯୋଗ କରିଥିଲେ।

### ବେଳାଭୂମି ସୁରକ୍ଷା ସ୍ଥିତି ଅନୁଧ୍ୟାନ କଲା ଜଳ ସମ୍ପଦ ବିଭାଗ

**ଗୋପ,୧୩।୭(ଡି.ଏନ୍.ଏ.):** ପୁରୀ- କୋଣାର୍କ ବେଳାଭୂମି ରାସ୍ତାର ସୁରକ୍ଷାକୁ ନେଇ ଏବେ ଜଳସମ୍ପଦ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ବୁଧବାର ଚେନ୍ନାଇରୁ ଆସିଥିବା ଏକ ୩ ଜଣିଆ ବୈଜ୍ଞାନିକ ଦଳଙ୍କ ସହିତ ଜଳସମ୍ପଦ ବିଭାଗର ବରିଷ୍ଠ ଯନ୍ତ୍ରୀମାନେ କୋଣାର୍କଠାରେ ପହଞ୍ଚି ଥିଲେ। ବେଳାଭୂମି ରାସ୍ତା ସହିତ ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ଗାଁ, ପୁରାତନ ମା' ରାମଚଣ୍ଡୀ ମନ୍ଦିର ଓ ଇକୋ-ରିଟ୍ରିଟ୍ ଅଞ୍ଚଳ ବୁଲି ସ୍ଥିତି ଅନୁଧ୍ୟାନ କରିଥିବା ଜଣାପଡିଛି। ସୂଚନା ମୁତାବକ, ପ୍ରତ୍ୟେକ ଦିନ ରାଜ୍ୟ ଓ ରାଜ୍ୟ ବାହାରୁ ଶହ ଶହ ପର୍ଯ୍ୟଟକ ବିଶ୍ୱ ପ୍ରସିଦ୍ଧ କୋଣାର୍କ ସୂର୍ଯ୍ୟ ମନ୍ଦିର ବୁଲିବା ପାଇଁ କୋଣାର୍କ ଆସୁଛନ୍ତି। ପର୍ଯ୍ୟଟକ କୋଣାର୍କ ସହ ଚନ୍ଦ୍ରଭାଗାସ୍ଥିତ ସମୁଦ୍ର ବୁଲିବା ପରେ ମା' ରାମଚଣ୍ଡୀଙ୍କୁ ଦର୍ଶନ କରିଥାନ୍ତି। ସମୁଦ୍ର ଏବଂ ମୁହାଣ ଜଳରେ ମା' ରାମଚଣ୍ଡୀ ମନ୍ଦିର, ଇକୋ- ରିଟ୍ରିଟ୍ ସହିତ ନିକଟସ୍ଥ ଖାଲକାଟା ପାଟେଣା, ଟିକନା ଗାଁ ଲୀନ ହେବାକୁ ବସିଲାଣି। ଏଥିସହ ସମୁଦ୍ର ପାଣି ବେଳାଭୂମି ରାସ୍ତା ଖାଇବାକୁ ବସିଲାଣି। ବୁଧବାର ବିଭାଗ ଏହାର ସ୍ଥିତି ଅନୁଧ୍ୟାନ କରିଛି। ଏହାର ସୁରକ୍ଷା ପାଇଁ ପୂର୍ବରୁ ସାଟଲାଇଟ୍ ସର୍ଭେ ସହିତ ଡ୍ରୋନ ସର୍ଭେ କାର୍ଯ୍ୟ ଶେଷ ହୋଇଥିବା ଜଣାପଡିଛି। ଏହି ସର୍ଭେ ସମୟରେ ମୁଖ୍ୟଯନ୍ତ୍ରୀଙ୍କ ସହ ଜଳସମ୍ପଦ ବିଭାଗ ସହକାରୀ ମୁଖ୍ୟଯନ୍ତ୍ରୀ ବିଘ୍ନରାଜ ପୁରୋହିତ, ନିମାପଡ଼ା ଅଧୀକ୍ଷକ ଯନ୍ତ୍ରୀ ଶଶିଭୂଷଣ ମିଶ୍ର, ଗୋପ ଜଳସମ୍ପଦ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ସଂଗ୍ରାମ କେଶରୀ ମହାନ୍ତି, ସହକାରୀ ଯନ୍ତ୍ରୀ ସଞ୍ଜୀବ ନାରାୟଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ତରବରିଆ କାମ, ରାସ୍ତାରେ ପାଣି

**ଖୋର୍ଦ୍ଧା ଅଫିସ,୧୩।୭**

'ବାହାଘର ସମୟରେ ବାଇଗଣ ରୁଆ' ଭଳି ପଦାରେ ପଡ଼ିଛି ଖୋର୍ଦ୍ଧା ପୌର ପ୍ରଶାସନର ଡ୍ରେନ୍ ସଫେଇ କାର୍ଯ୍ୟ। ମୌସୁମୀ ପୂର୍ବରୁ ଡ୍ରେନ ସଫେଇ ପ୍ରତି ଗୁରୁତ୍ୱ ଦିଆଗଲା ନାହିଁ। କିଛିଦିନ ତଳେ ତରବରିଆ ଭାବେ ଟେଣ୍ଡର ପରେ ଠିକା ସଂସ୍ଥା ପକ୍ଷରୁ ଡ୍ରେନ ସଫେଇ ଚାଲିଛି। ଡ୍ରେନ କଡ଼ରେ କୁଢ କୁଢ ମାଟି ଗଦା ହୋଇ ରହିଛି। ତେବେ ଏହାକୁ ଉଠା ନ ଯିବାରୁ ଲଘୁଚାପ ବର୍ଷାରେ ପୁଣି ଡ୍ରେନରେ ପଶୁଥିବା ଦେଖିବାକୁ ମଲୁଛି। ସେହିପରି ଗତ ତିନିଦିନ ଧରି ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁ ସହରର ଏକାଧିକ ଖାଲୁଆ ସ୍ଥାନରେ ପାଣି ଜମିଛି। ଫଳରେ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହେଉଛି। ଜିଲାପାଳଙ୍କ କାର୍ଯ୍ୟାଳୟ, ବ୍ଲକ କାର୍ଯ୍ୟାଳୟ, ପୌର କାର୍ଯ୍ୟାଳୟ, ଭିଜିଲାନ୍ସ ଅଫିସ ସମେତ କେତେକ ଶିକ୍ଷାନୁଷ୍ଠାନରେ ବର୍ଷାଜଳ ଜମିଛି। ନୂଆବସ୍‌ଷ୍ଟାଣ୍ଡ ରୋଡ୍, ନୟାଗଡ଼ ରୋଡ୍ (ଗୋଡ଼ିପୋଖରୀ ଛକ, ଟ୍ରାଫିକ ଛକ, ପୁରୁଣା ବସଷ୍ଟାଣ୍ଡ-ପେଟ୍ରୋଲ ପମ୍ପ ଛକ- ଚଣ୍ଡିଚୁଆ ଛକ ପୂର୍ବରୁ ସନ୍ତୋଷୀ କଲୋନୀ ସମ୍ମୁଖ)ରେ ଡ୍ରେନ ପାଣି ରାସ୍ତାରେ ଭାସୁଛି।

ଡ୍ରେନ୍ ପାଣି ସାଙ୍ଗକୁ ରାସ୍ତା କଡ଼ରେ ଗଦା ଥିବା ଆବର୍ଜନା ମଧ୍ୟ ଏଣେ ତେଣେ ପଡ଼ିଛି। ପଲ୍ଲା ଛକ, ନୂଆବସ୍‌ଷ୍ଟାଣ୍ଡ ରୋଡ୍‌ର ଏକାଧିକ ସ୍ଥାନ, ନୟାଗଡ଼ ରୋଡ୍, ପୁରୁଣା ଦମକଳ ଛକ, ତଳସାହି, ଉପର ସାହି, ଖ୍ରୀଷ୍ଟିଆନ ସାହି, ବରୁଣେଇ ସାହି, ଗୋପିନାଥ ସାହି, ରାଧାବଲ୍ଲଭ ସାହିରେ ବର୍ଷା ପାଣିର ସୁଅ ଛୁଟୁଛି। ପୌର ପ୍ରଶାସନ ନିକଟ ମସଜିଦ୍ ସମ୍ମୁଖ ଓ ଖ୍ରୀଷ୍ଟିଆନ ସାହି ଡ୍ରେନ କାମ ଚାଲିଛି। ରାସ୍ତାରେ ଗୋଡି, ମାଟି, ପଥର ଗଦା ହୋଇରହିଛି।

ସରକାରୀ ବାଳିକା ହାଇସ୍କୁଲ ସମ୍ମୁଖ ଦେଇ ପୁରୁଣା ମେଡିକାଲ ନିକଟକୁ ଯେଉଁ ଡ୍ରେନ୍ ସଂଯୋଗ କରୁଛି, ତା' ଉପରେ ଅସ୍ଥାୟୀ ଦୋକାନ ଗଢି ଉଠିଛି। ସେହିଭଳି ଟ୍ରାଫିକ ଛକ ଠାରୁ ପେଟ୍ରୋଲ ପମ୍ପ ପର୍ଯ୍ୟନ୍ତ ଡ୍ରେନ ପୋତାଯାଇ ଦୋକାନ ଘର କରାଯାଇଛି। ଗୋଡ଼ିପୋଖରୀ ଛକ ଠାରୁ ଆଗକୁ ଡ୍ରେନ ନାହିଁ। ବର୍ଷା ପାଣି ନିଷ୍କାସନ ହେବାର କୌଣସି ବ୍ୟବସ୍ଥା ନାହିଁ। ଏହାକୁ ନେଇ ଜନଅସନ୍ତୋଷ ପ୍ରକାଶ ପାଇଛି। ପୂର୍ବରୁ ପ୍ରଶାସନ ପକ୍ଷରୁ କୌଣସି ବ୍ୟବସ୍ଥା କରା ନ ଯିବାରୁ ଏଭଳି ସମସ୍ୟା ସୃଷ୍ଟି ହୋଇଛି ବୋଲି ସାମାଜିକ କର୍ମୀ ଶୁଭ୍ରରଞ୍ଜନ ଦାସ କହିଛନ୍ତି।



ରାସ୍ତାରେ ଜମି ରହିଥିବା ପାଣି



ଡ୍ରେନ୍‌ରୁ କଢ଼ା ଯାଇଥିବା ମାଟି ଗଦା ହୋଇଛି।

**ପଦାରେ ପଡ଼ିଲା ପୌର ପ୍ରଶାସନର ପ୍ରସ୍ତୁତି**
- ସରକାରୀ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନରେ ପାଣି
- ଡ୍ରେନ୍‌ରେ ପୁଣି ପଶିଲା କଢ଼ାଯାଇଥିବା ମାଟି

**ଏମାନେ ଯାହା କୁହନ୍ତି...**

ଡ୍ରେନ ସଫା ଲାଗି ଠିକାସଂସ୍ଥାକୁ ଦାୟିତ୍ୱ ଦିଆଯାଇଛି। ସହରର ମୁଖ୍ୟ ଡ୍ରେନ ସଫା କରାଯାଇଛି। ଆଗକୁ ଏହାକୁ ତ୍ୱରାନ୍ୱିତ କରାଯିବ। ପୌର ପ୍ରଶାସନ ପକ୍ଷରୁ ଡ୍ରେନେଜ୍ ବ୍ୟବସ୍ଥାରେ ସୁଧାର ଆଣିବା ଲାଗି ଗୁରୁତ୍ୱ ଦିଆଯାଉଛି।
**-ଶୌର୍ଯ୍ୟ ରଞ୍ଜନ ମହାନ୍ତି, ପୌର ଉପାଧ୍ୟକ୍ଷ**

ବର୍ତ୍ତମାନ ସୁଦ୍ଧା ଭାଙ୍ଗିରୁଜି ଯାଇଥିବା ଏକାଧିକ ଡ୍ରେନ ମରାମତି ଏବଂ ପୋତି ହୋଇ ରହିଥିବା ଡ୍ରେନକୁ ସଫା କରାଯାଇନାହିଁ। ଫଳରେ ଏଭଳି ସ୍ଥିତି ରହିଛି। ଆଗକୁ ବର୍ଷା ପାଣିରେ ସହର ଅବସ୍ଥା ଅଧିକ ସଙ୍ଗିନ ହେବ। **- ଶିଶିର ପରିଡ଼ା, ପିସିସି ସଦସ୍ୟ**

ଏହି ସମସ୍ୟା ଆଜିର ନୁହେଁ। ଦୀର୍ଘ ବର୍ଷ ଧରି ଏହି ସମସ୍ୟା ଲାଗି ରହିଛି। କେବଳ ବର୍ଷା ଦିନ ଆସିଲେ ଲୋକଦେଖାଣିଆ ଭାବେ ସଫା କରି ଛାଡ଼ି ଦିଆଯାଉଛି। ଅନ୍ୟ ଦିନ ସମାନ ସମସ୍ୟା। ପରିମଳ ସୁଧାରିବା ଲାଗି ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଉଛି। ତେବେ ସବୁ ସରକାରୀ କାଗଜ କଲମରେ ଚାଲିଛି, କୌଣସି ପରିବର୍ତ୍ତନ ନାହିଁ।
**-ଗୋପାଳକୃଷ୍ଣ ଦାସ, ସାମାଜିକ କର୍ମୀ**

୧୧ନଂ. ୱାର୍ଡରେ ବିଭିନ୍ନ ଡ୍ରେନରୁ ମାଟି ବାହାର କଲେ, କିନ୍ତୁ ଯଥା ସମୟରେ ଉଠାଇଲେ ନାହିଁ। ଫଳରେ ବର୍ଷା ଯୋଗୁ ପୁଣି ଡ୍ରେନରେ ମିଶିଲା। ଅଭିଯୋଗ ପରେ ସମସ୍ୟା ସମାଧାନ କରାଗଲା। **- ଶୋଭନ ଘୋଷ, ସ୍ଥାନୀୟ ବାସିନ୍ଦା**

### ବିଭିନ୍ନ ସ୍ଥାନରେ ଗୁରୁପୂର୍ଣ୍ଣିମା

**ଜଟଣୀ/ବାଣପୁର, ୧୩।୭(ଡି.ଏନ୍.ଏ.)**

ଜଟଣୀର ବିଭିନ୍ନ ସ୍ଥାନରେ ବୁଧବାର ଗୁରୁ ପୂର୍ଣ୍ଣିମା ପାଳିତ ହୋଇଯାଇଛି। ହାଟବଜାରସ୍ଥିତ ଶିରିଡି ସାଇମନ୍ଦିର, ରାମଚନ୍ଦ୍ରପୁର ସାଇବିହାରସ୍ଥିତ ସାଇ ମନ୍ଦିର, ଟ୍ରାଫିକ କଲୋନୀସ୍ଥ ସାଇ ମନ୍ଦିର, ରନିଙ୍ଗରୁମ ନିକଟ ଶିରିଡି ସାଇ, ଜଗନ୍ନାଥ ମନ୍ଦିର, କୁଦିଆରୀସ୍ଥିତ ସାଇ ମନ୍ଦିର, ଗଜପତିନଗର ସାଇ ମନ୍ଦିର, ଟ୍ରାଫିକ କଲୋନୀ, ଲୋକକଲୋନୀର ସାଇ ମନ୍ଦିରରେ ପାଳନ ହୋଇଥିଲା। ସମସ୍ତ ମନ୍ଦିର କମିଟି ପକ୍ଷରୁ ପୂଜା ନିମନ୍ତେ ବ୍ୟାପକ ବ୍ୟବସ୍ଥା କରାଯାଇଥିବା ବେଳେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ସେହିପରି ବାଣପୁରର ବିଭିନ୍ନ ସ୍ଥାନରେ ଗୁରୁପୂର୍ଣ୍ଣିମା ପାଳିତ ହୋଇଥିଲା। ନେହେରୁ ସେବା ସଂଘର ୪ଶହରୁ ଊର୍ଦ୍ଧ୍ୱ ଅନ୍ତେବାସୀ ଗୁରୁ ଶ୍ରେଷ୍ଠ ବ୍ୟାସଦେବ ଏବଂ ସଂଘର ପ୍ରତିଷ୍ଠାତା ସନ୍ଥ ହରିହର ରାମଙ୍କ ଆରାଧନା କରି ପୂଜାର୍ଚ୍ଚନା କରିଥିଲେ। ଗୁରୁ ପୂର୍ଣ୍ଣିମାର ଆଧାତ୍ମିକ ବୈଶିଷ୍ଟ୍ୟ ଏବଂ ଜୀବନରେ ଏହାର ଆବଶ୍ୟକତା ସମ୍ପର୍କରେ ସଂସ୍ଥାର ସମ୍ପାଦିକା ସରୋଜୀନୀ ଦାଶ, କୋଷାଧ୍ୟକ୍ଷ ଓମ୍ ପ୍ରକାଶ ଅଗ୍ରୱାଲ, ପ୍ରଦୀପ ଦାସ ବର୍ଣ୍ଣନା କରିଥିଲେ। ବିବେକାନନ୍ଦ କେନ୍ଦ୍ର କନ୍ୟାକୁମାରୀ ବାଣପୁର-ବାଲୁଗାଁ ଶାଖା ପକ୍ଷରୁ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଗୁରୁପୂର୍ଣିମା ପାଳିତ ହୋଇଥିଲା। ମୁଖ୍ୟ ଅତିଥିଭାବେ କୈଳାସ ଚନ୍ଦ୍ର ମହାରଣା, ନଗର ସଞ୍ଚାଳକ ସତ୍ୟ ନାରାୟଣ ଷଡଙ୍ଗୀ ଯୋଗଦେଇଥିଲେ। ସୁଗନ୍ଧ ଭାଇ ଶାନ୍ତି ମନ୍ତ୍ର ପାଠ ଓ ତରଣୀ ସେନ ଧନ୍ୟବାଦ ଦେଇଥିଲେ।



**ନିରାକାରପୁର:** କଳସ ଯାତ୍ରା ପୂର୍ବରୁ ରାମେଶ୍ୱରସ୍ଥିତ ମନ୍ଦାକିନୀ ନଦୀ କୂଳରେ ପୂଜାର୍ଚ୍ଚନା କରାଯାଉଛି।

### ଗୁରୁପୂର୍ଣ୍ଣିମା ଉତ୍ସବ

**ନିରାକାରପୁର,୧୩।୭(ଡି.ଏନ୍.ଏ.)**

ନିରାକାରପୁରସ୍ଥିତ ସାଇ ମନ୍ଦିରରେ ଗୁରୁପୂର୍ଣ୍ଣିମା ଉତ୍ସବ ଉପଲକ୍ଷେ ସାଇ ପରିବାର ପକ୍ଷରୁ ଏହି ଉତ୍ସବ ସୋମବାର ଠାରୁ ପାଳିତ ହୋଇଥିବା ବେଳେ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଶତାଧିକ ମାନସିକଧାରୀ ରାମେଶ୍ୱର ଠାରେ ଥିବା ମନ୍ଦାକିନୀ ନଦୀରୁ ଜଳ ଉଠାଇ ଯଜ୍ଞମଣ୍ଡପରେ କଳସ ସ୍ଥାପନ କରିଥିଲେ। ପ୍ରତ୍ୟେକ ଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ସୁନ୍ଦରକାଣ୍ଡପାଠ ଗାନ କରାଯାଇଥିଲା। ଦ୍ୱିତୀୟ ଦିନ ସନ୍ଧ୍ୟାରେ ସାଇବାବା ବିମାନରେ ବସି ନଗର ପରିକ୍ରମା କରିଥିଲେ। ବୁଧବାର ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ହୋଇଥିଲା। ଏହି ଉପଲକ୍ଷେ ଜଟଣୀ ରେଙ୍ଗଳ ଗ୍ରାମର ଗଡ଼ମଣ୍ଡଳଙ୍କ ଦ୍ୱାରା ରଙ୍ଗବେରଙ୍ଗ ମୁରୁଜରେ ନିର୍ମିତ ସାଇବାବାଙ୍କ ପ୍ରତିଛବି ଦେଖିବାକୁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଉକ୍ତ ପୀଠରେ ଭଜନ ପରିବେଷଣ ହୋଇଥିଲା।

### ଯୋରକୁ ଓଲଟିଲା ବାଲି ବୋଝେଇ ହାଇୱା



**ଖୋର୍ଦ୍ଧା ଅଫିସ,୧୩।୭**

ଖୋର୍ଦ୍ଧା-ନୟାଗଡ଼ ୫୭ ନମ୍ବର ଜାତୀୟ ରାଜପଥର ପେଟ୍ରୋଲ ପମ୍ପ ପୂର୍ବରୁ ମୁକୁନ୍ଦପ୍ରସାଦ ଯୋରକୁ ଏକ ବାଲି ବୋଝେଇ ହାଇୱା ଓଲଟି ପଡ଼ିଥିଲା। ଫଳରେ ଯୋର ଦେଇ ଯାଇଥିବା ପାଇପ୍ ଫାଟିଯିବାରୁ ବୁଧବାର ସକାଳ ୭ଟା ପର୍ଯ୍ୟନ୍ତ ପାଣି ରାସ୍ତା ଉପରେ ଚାଲିଥିଲା। ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଖବରପାଇ ବିଭାଗୀୟ କର୍ମଚାରୀ ପହଞ୍ଚି ମରାମତି କରିବା ପରେ ପାଣି ବନ୍ଦ ହୋଇଥିଲା। ଅନ୍ୟପଟେ ଅଘଟଣ ପରେ ଘଟଣାସ୍ଥଳରୁ ହାଇୱା ଚାଳକ ଫେରାର ହୋଇଯାଇଥିଲେ। ସୂଚନା ମୁତାବକ, ମଙ୍ଗଳବାର ରାତି ପ୍ରାୟ ୧ଟା ରେ ଏକ ବାଲି ବୋଝେଇ ହାଇୱା ଖୋର୍ଦ୍ଧାରୁ ଭୁବନେଶ୍ୱର ଅଭିମୁଖେ ଯାଉଥିଲା। ଯୋର ନିକଟରେ ଡ୍ରାଇଭର ନିୟନ୍ତ୍ରଣ ହରାଇବାରୁ ଗାଡ଼ିଟି ତଳକୁ ଓଲଟି ପଡିଥିଲା।

# 'ସତ୍‌ମାର୍ଗରେ ରହି ଲୋକଙ୍କ ସେବା କର'

**ପୁରୀ ଅଫିସ, ୧୩।୭**

ଗୋବର୍ଦ୍ଧନ ମଠରେ ବୁଧବାର ଗୁରୁପୂର୍ଣ୍ଣିମା ଉତ୍ସବ ପାଳିତ ହୋଇଛି। ଗୋବର୍ଦ୍ଧନ ମଠର ମଠାଧୀଶ ଜଗଦଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ମହାରାଜଙ୍କ ସାନିଧ୍ୟରେ ଗୁରୁପୂର୍ଣ୍ଣିମା ମହୋତ୍ସବ ପାଳନ କରାଯାଇଥିଲା। ପ୍ରାତଃରେ ଶଙ୍କରାଚାର୍ଯ୍ୟଙ୍କ ବ୍ୟକ୍ତିଗତ ସଚିବ ସ୍ୱାମୀ ନିର୍ବିକଳ୍ପାନନ୍ଦ ସରସ୍ୱତୀ ଅର୍ଦ୍ଧନାରୀଶ୍ୱର ଭଗବାନଙ୍କ ଅଭିଷେକ କରିଥିଲେ। ପରେ ଭଗବାନ ନାରାୟଣଙ୍କ ପାଦୁକା ପୂଜନ ଓ ପାରମ୍ପରିକ ଗୁରୁପୂଜନ ପୀଠ ପୁରୋହିତ ବିଶ୍ୱମ୍ଭର ଦାସ, ଆଦିତ୍ୟ ମିଶ୍ର, ଗୋବିନ୍ଦ ମିଶ୍ର, ଭଗବାନ ମହାପାତ୍ର ଏବଂ ଦିବାକର ମହାପାତ୍ରଙ୍କ ଦ୍ୱାରା ସମ୍ପାଦନ ହୋଇଥିଲା। ପରେ ପୀଠର ଅନ୍ତେବାସୀ, ଭକ୍ତମାନେ ଶଙ୍କରାଚାର୍ଯ୍ୟଙ୍କ ଦର୍ଶନ ଓ ପାଦୁକା ପୂଜାର୍ଚ୍ଚନା କରିଥିଲେ। ଏହି ଅବସରରେ କେତେଜଣ ଭକ୍ତଙ୍କୁ ଶଙ୍କରାଚାର୍ଯ୍ୟ ଦୀକ୍ଷା ପ୍ରଦାନ କରିଥିଲେ। ଅପରାହ୍ନରେ ପୀଠ ପରିଷଦସ୍ଥିତ ଭାଗବତ ସମ୍ମିଳନୀ କକ୍ଷରେ ଆଦିତ୍ୟବାହିନୀ, ଆନନ୍ଦବାହିନୀ, ହିନ୍ଦୁରାଷ୍ଟ୍ର ସଂଘ, ସନାତନ ସନ୍ଥ ସମିତି ଏବଂ ରାମରାଜ୍ୟ ପରିଷଦର କର୍ମକର୍ତ୍ତାଙ୍କୁ ଗୁରୁଦେବ ଦର୍ଶନ ଓ ଆଶୀର୍ବଚନ ପ୍ରଦାନ କରିଥିଲେ। ସେହିପରି ଏକ ଧର୍ମସଭା ଆୟୋଜିତ ହୋଇଥିଲା। ସର୍ବଦା ସତ୍‌ମାର୍ଗରେ ରହି ଲୋକଙ୍କ ସେବା କରିବାକୁ ଜଗଦ୍‌ଗୁରୁ ପରାମର୍ଶ ଦେଇଥିଲେ। ତେବେ ଗଜପତି ମହାରାଜା କୌଣସି କାର୍ଯ୍ୟବଶତଃ ଏହି କାର୍ଯ୍ୟକ୍ରମରେ ଯୋଗଦେଇପାରି ନ ଥିଲେ ମଧ୍ୟ ତାଙ୍କ ପ୍ରତିନିଧି ଭାବେ ଜଣଙ୍କୁ ପଠାଇଥିଲେ। ସେହିପରି ଗଜପତି ମହାରାଜା ଏକ ଲିଖିତ ବିବୃତି ଶଙ୍କରାଚାର୍ଯ୍ୟଙ୍କ ଉଦ୍ଦେଶ୍ୟରେ ପ୍ରେରଣ କରି ଜଗଦ୍‌ଗୁରୁଙ୍କଠାରୁ ଆଶୀର୍ବାଦ କାମ୍ୟ କରିଥିଲେ। ଏହି ଉତ୍ସବ ଉପରାନ୍ତ ଶ୍ରାବଣ କୃଷ୍ଣ ପ୍ରତିପଦାଠାରୁ ଭାଦ୍ରବ ଶୁକ୍ଳ ପୂର୍ଣ୍ଣିମା ପର୍ଯ୍ୟନ୍ତ ଶଙ୍କରାଚାର୍ଯ୍ୟ ଚତୁର୍ମାସ୍ୟା ବ୍ରତ ପାଳନ କରିବେ। ଏହି ବ୍ରତ ପାଳନ ସମୟରେ ଦଣ୍ଡିସ୍ୱାମୀ ସନ୍ନ୍ୟାସୀ, ବ୍ରହ୍ମଚାରୀ, ବିଦ୍ୱାନମାନଙ୍କୁ ଶଙ୍କରାଚାର୍ଯ୍ୟ ପ୍ରବଚନ ଦେବା ସହ ଭଗବାନ୍ ସାଙ୍ଖ୍ୟ, ଉପନିଷଦ, ଭାଗବତ ଆଦି ପଢାଇବେ। କାର୍ଯ୍ୟକ୍ରମକୁ ହୃଷିକେଶ ବ୍ରହ୍ମଚାରୀ, ପ୍ରଫୁଲ୍ଲ ବ୍ରହ୍ମଚାରୀ, ଗୋବିନ୍ଦ ମହାନ୍ତି, ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ, ଗଣେଶ୍ୱର ମହାସୁଆର, ତନ୍ମୟ ଚାର୍ଟାଜୀ, ସଂଗ୍ରାମ କେଶରୀ କାନୁନ୍‌ଗୋ, ପୀତବାସ ନାୟକ ପ୍ରମୁଖ ପରିଚାଳନା କରିଥିଲେ।

### ଅବକାରୀ ଚଢ଼ାଉ: ୪ ଗିରଫ

**ପୁରୀ ଅଫିସ,୧୩।୭**

ପୁରୀ ସଦର ଥାନା ଅଧୀନ ବୀରହରେ କୃଷ୍ଣପୁର, ଖଣ୍ଡିଆବନ୍ଧ ବାରବାଟୀ ଏବଂ ସମୁଦ୍ରକୂଳ ଥାନା ଅଧୀନ ଗୋପାଳପୁର ଭୋଇସାହିଠାରେ ଅବକାରୀ ବିଭାଗ ବୁଧବାର ଚଢ଼ାଉ କରି ୩ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଟୁନି ଭୋଇ, ମଞ୍ଜୁ ଭୋଇ ଏବଂ ରୀନା ଭୋଇ। ଏନେଇ ଅବକାରୀ ସ୍କ୍ୱାଡ୍ ୩ଟି ମାମଲା(ନଂ-୨୧, ୨୨ ଓ ୨୩ /୨୨-୨୩) ରୁଜୁ କରିଛି। ଟୁନିଙ୍କଠାରୁ ୨୫ଲିଟର ରନ୍ଧା ମଦ ଜବତ ହୋଇଛି।

### କରୋନା କଟକଣା ନ ମାନିଲେ କାର୍ଯ୍ୟାନୁଷ୍ଠାନ

**ଭୁବନେଶ୍ୱର,୧୩।୭ (ବ୍ୟୁରୋ)**

ରାଜଧାନୀ ଭୁବନେଶ୍ୱରରେ କରୋନା ସଂକ୍ରମଣ ରୋକିବା ପାଇଁ ପ୍ରଶାସନ ପକ୍ଷରୁ କଟକଣା ଲଗାଯାଇଛି। ହେଲେ ଲୋକେ ଏହାକୁ ମାନୁ ନ ଥିବା ନଜରକୁ ଆସିଛି। ତେଣୁ କରୋନା କଟକଣା ଓ ପ୍ରଶାସନ ପକ୍ଷରୁ ଦିଆଯାଇଥିବା ପରାମର୍ଶ ନ ମାନିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଭୁବନେଶ୍ୱର ଡିସିପି ପ୍ରତୀକ ସିଂ କହିଛନ୍ତି। ବୁଧବାର ଗଣମାଧ୍ୟମକୁ ସୂଚନା ଦେଇ ସେ କହିଛନ୍ତି, କୋଭିଡ୍ ସଂକ୍ରମଣ ବଢ଼ିବାରେ ଲାଗିଛି। ବିଏମ୍‌ସି ପକ୍ଷରୁ କୋଭିଡ୍ କଟକଣାକୁ ମାନିବାକୁ ଜରୁରୀ ପରାମର୍ଶ ଦିଆଯାଇଛି। ସାମାଜିକଦୂରତା ରକ୍ଷା କରିବା ସହ ମାସ୍କ ପରିଧାନ କରିବାକୁ ଜନସାଧାରଣଙ୍କୁ ନିବେଦନ କରାଯାଇଛି। ପୋଲିସ ପକ୍ଷରୁ ଏନ୍‌ଫୋର୍ସମେଣ୍ଟ ଆରମ୍ଭ ହୋଇଛି। ଆଗକୁ କଟକଣା ଯାଞ୍ଚ ପ୍ରକ୍ରିୟାକୁ ଦୃଢ଼ କରାଯିବ। କଟକଣା ନ ମାନିଲେ ଉଲ୍ଲଂଘନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ରାସ୍ତା ଶୋଚନୀୟ, ଯାତାୟାତ ବାଧାପ୍ରାପ୍ତ

**ନିରାକାରପୁର,୧୩।୭(ଡି.ଏନ୍.ଏ.)**

ସରକାର ଗ୍ରାମାଞ୍ଚଳରେ ଗମନାଗମନ ସୁବିଧା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଏବେବି ବହୁ ଅଞ୍ଚଳରେ ରାସ୍ତା ଭଲ ନ ଥିବାରୁ ଲୋକେ ଯାତାୟାତ କରିବାରେ ହଇରାଣ ହେଉଛନ୍ତି । ଏଭଳି ଦୃଶ୍ୟ ଖୋର୍ଦ୍ଧା ଉପକଣ୍ଠ ନିରାକାରପୁର ଅଞ୍ଚଳରେ ଦେଖିବାକୁ ମିଳିଛି। ନିରାକାରପୁର ରେଲୱେ ଗେଟ୍ ଠାରୁ ସ୍କୁଲ ପର୍ଯ୍ୟନ୍ତ ରାସ୍ତା ଶୋଚନୀୟ ହୋଇପଡ଼ିଛି। ସୂଚନାଥାଉ କି, ୨୦୦୩ ମସିହାରେ ଭାରତର ପୂର୍ବତନ ରାଷ୍ଟ୍ରପତି ସ୍ୱର୍ଗତ ଏ.ପି.ଜେ. ଅବ୍ଦୁଲ କଲାମ କ୍ଷେତ୍ରବାସୀ ଏକାଡେମୀ ସ୍କୁଲ ପରିସରରେ ହୋଇଥିବା ବାତ୍ୟା ଆଶ୍ରୟସ୍ଥଳୀର ଉଦ୍‌ଘାଟନ କରିବା ପାଇଁ ଆସିଥିଲେ। ଉକ୍ତ ସମୟରେ ଯୁଦ୍ଧକାଳୀନ ଭିତ୍ତିରେ ରେଲୱେ ଗେଟ୍ ଠାରୁ ସ୍କୁଲ ପର୍ଯ୍ୟନ୍ତ ପିଚୁ କରାଯାଇଥିଲା। ପରେ ରକ୍ଷଣାବେକ୍ଷଣ ଅଭାବରୁ ଏହି ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ସାମାନ୍ୟ ବର୍ଷାରେ ପାଣି ନିଷ୍କାସନ ହୋଇ ନ ପାରି ଜମି ରହୁଛି। ଫଳରେ ଲୋକେ ଓ ସ୍କୁଲ ପିଲାମାନେ ଯାତାୟାତ କରିବାରେ ହଇରାଣ ହେଉଛନ୍ତି। ସ୍ଥାନୀୟ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀଙ୍କ ମହଲରେ ଦାବି ହେଉଛି।



ନିରାକାରପୁର ରେଲ୍‌ୱେ ଗେଟ୍‌ଠାରୁ କ୍ଷେତ୍ରବାସୀ ସ୍କୁଲ ପର୍ଯ୍ୟନ୍ତ ରାସ୍ତାରେ ପାଣି ଜମିରହିଛି।

# ସୁଧୁରୁନି ଟ୍ରାଫିକ ସମସ୍ୟା, ଲୋକେ ହଇରାଣ

**ଖୋର୍ଦ୍ଧା ଅଫିସ,୧୩।୭**

ଖୋର୍ଦ୍ଧା ସହରରେ ଟ୍ରାଫିକ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ନୂଆ ବସଷ୍ଟାଣ୍ଡଠାରୁ ଟ୍ରାଫିକ ଛକ, ପଲ୍ଲା ଛକ, ଖୋର୍ଦ୍ଧା- ନୟାଗଡ ରାସ୍ତା ମୁକୁନ୍ଦପ୍ରସାଦ ଠାରୁ ମେଡିକାଲ ଛକ ପର୍ଯ୍ୟନ୍ତ ରାସ୍ତାରେ ଟ୍ରାଫିକ ସମସ୍ୟା ମୁଣ୍ଡବ୍ୟଥା ବଢାଇଲାଣି। ସକାଳ ୮ରୁ ରାତି ୮ଟା ପର୍ଯ୍ୟନ୍ତ ଟ୍ରାଫିକ ସମସ୍ୟା ଲାଗି ରହୁଛି। ଫଳରେ ଲୋକେ ହଇରାଣ ହେଉଛନ୍ତି। ମୁକୁନ୍ଦପ୍ରସାଦଠାରୁ ମାରୱାଡ଼ି ପଟି, ଟ୍ରାଫିକ ଛକ, ପୁରୁଣା ବସଷ୍ଟାଣ୍ଡ ଛକ, ପେଟ୍ରୋଲ ପମ୍ପ ଛକରେ ଟ୍ରାଫିକ ଛକରେ ପ୍ରବଳ ଜାମ୍ ହେଉଛି। ପେଟ୍ରୋଲ ପମ୍ପ ଠାରୁ ମାରୱାଡି ପଟି ରାସ୍ତା ସଙ୍କୁଚିତ ହୋଇପଡ଼ିଛି। ଅନ୍ୟପଟେ ରାସ୍ତାର ଉଭୟ ପାର୍ଶ୍ୱରେ ବାଇକ ପାର୍କିଂ ଓ ଦୋକାନ ବଜାର ଯୋଗୁ ରାସ୍ତା ସଂକୀର୍ଣ୍ଣ ହୋଇଛି। ପୁରୁଣା ବସ୍‌ଷ୍ଟାଣ୍ଡରେ ପାର୍କିଂ ବ୍ୟବସ୍ଥା ନ ଥିବାରୁ ଯାତ୍ରୀ ଉଠାଇବା ଲାଗି ବସ୍‌ଗୁଡିକ ରାସ୍ତା ଉପରେ ଠିଆ ହୋଇ ରହୁଛି। ସହରର ଏହା ଏକ ମୁଖ୍ୟ ରାସ୍ତା ହୋଇଥିବାରୁ ସବୁ ସମୟରେ ଭିଡ଼ ହେଉଛି। ଅନେକ ସମୟରେ ଏଠାରେ ଆମ୍ବୁଲାନ୍ସ ଫସି ରହୁଥିବା ଦେଖିବାକୁ ମିଳିଛି। ସନ୍ଧ୍ୟା ସମୟରେ ଟ୍ରାଫିକ ସମସ୍ୟା ଦ୍ୱିଗୁଣିତ ହେଉଛି। ଏହି ରାସ୍ତା ପାର୍ଶ୍ୱରେ ମେଡିକାଲ, ବନ ବିଭାଗ କାର୍ଯ୍ୟାଳୟ, ଘରୋଇ ଶିକ୍ଷାନୁଷ୍ଠାନ, ଶପିଙ୍ଗ ମଲ, ଔଷଧ ଦୋକାନ, ପେଟ୍ରୋଲ ପମ୍ପ, ସିଡିଏମ୍‌ଓଙ୍କ କାର୍ଯ୍ୟାଳୟ, ମୁଖ୍ୟ ଡାକଘର ରହିଛି। ରାସ୍ତାକୁ ମାଡ଼ି ହୋଇଥିବା କ୍ୟାବିନ ହଟାଇବା ଲାଗି ବାରମ୍ବାର ଦାବି ସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଉନାହିଁ। ରାଜନୈତିକ ଇଚ୍ଛାଶକ୍ତି ଏବଂ ଜିଲା ପ୍ରଶାସନର ଆନ୍ତରିକତା ଅଭାବରୁ ଖୋର୍ଦ୍ଧା ସହରକୁ କେବିନ ମୁକ୍ତ ଅଭିଯାନ ସରକାରୀ କାଗଜକଲମରେ ସୀମିତ ରହିଛି।

ସେହିପରି ଟ୍ରାଫିକ ଛକ ନିକଟରେ ସବ୍‌ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟ, ଟାଉନ ଥାନା, ଉପଜିଲାପାଳଙ୍କ କାର୍ଯ୍ୟାଳୟ ଏବଂ ତହସିଲଦାରଙ୍କ କାର୍ଯ୍ୟାଳୟ ସମେତ ସମବାୟ ବ୍ୟାଙ୍କ ନିକଟରେ ପୌର ପରିଷଦର କାର୍ଯ୍ୟାଳୟ ରହିଛି। ଟ୍ରାଫିକ ଛକଠାରୁ ସମବାୟ ଛକ ଏବଂ ସମବାୟ ଛକଠାରୁ ପୁରୁଣା ମେଡିକାଲ ରାସ୍ତାର ଉଭୟ ପାର୍ଶ୍ୱରେ ଉଠାଦୋକାନୀ, ପରିବା ଓ ଗ୍ରୋସେରି ଦୋକାନ ପ୍ରଭୃତି ରହିଛି। ଫଳରେ ସବୁ ସମୟରେ ଗ୍ରାହକଙ୍କ ଭିଡ ରହୁଛି। କୋର୍ଟ ଛକ ହାବେଳି ପଡ଼ିଆ ଏବଂ ନୂଆବସଷ୍ଟାଣ୍ଡରେ ରାସ୍ତା ଉପରେ ବାଇକ ପାର୍କିଂ ହେଉଛି। ଫଳରେ ଯାତାୟତରେ ବାଧା ସୃଷ୍ଟି ହେଉଛି। ବ୍ୟାଙ୍କ ଛକଠାରୁ ନୂଆବସଷ୍ଟାଣ୍ଡ ମଧ୍ୟରେ ଗୋଟିଏ ପାର୍ଶ୍ୱରେ ବହୁତଳ ସପିଂ ମଲ, ଘରୋଇ ବ୍ୟାଙ୍କ, ବିଭିନ୍ନ ଦୋକାନ ରହିଛି। ଫଳରେ ଜନଗହଳି ରହୁଛି। ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଜାତୀୟ ରାଜପଥ କାମ ଚାଲୁଛି। ଫଳରେ ରାସ୍ତା ସଙ୍କୁଚିତ ରହିଛି। ଏଠାରେ ଅନେକ ସମୟରେ ଦୁର୍ଘଟଣା ଘଟୁଛି। ଏସ୍‌ପି ସିଦ୍ଧାର୍ଥ କଟରିଆ କହନ୍ତି, ସହରରେ ଟ୍ରାଫିକ ସମସ୍ୟା ସୁଧାର ଆଣିବା ଲାଗି ଚେଷ୍ଟା ଜାରି ରହିଛି। ସବୁ ଛକ ସ୍ଥାନରେ ଟ୍ରାଫିକ କନଷ୍ଟେବଲ, ହୋମଗାର୍ଡଙ୍କୁ ମୁତୟନ କରାଯାଇଛି। ରାସ୍ତାରେ ବାଇକ ପାର୍କିଂ ନ କରିବା ସହ ଟ୍ରାଫିକ ନିୟମ ମାନିବାକୁ ପରାମର୍ଶ ଦେଇଛନ୍ତି।




ଖୋର୍ଦ୍ଧା ପରୁଣା ବସ୍‌ଷ୍ଟାଣ୍ଡ ନିକଟରେ ଟ୍ରାଫିକ୍ ଜାମ୍।

## ବିଶ୍ୱଭ୍ରାତୃତ୍ୱ ଦିବାଘ୍ନା ପରିଷଦ ନୂତନ କର୍ମକର୍ତ୍ତା ମନୋନୀତ

ମାହାଙ୍ଗା,(ସ୍ୱ.ପ୍ର.): ବିଶ୍ୱଭ୍ରାତୃତ୍ୱ ଦିବାଘ୍ନା ପରିଷଦ କ୍ଷିତଜ୍ୟୋତି ଆଶ୍ରମ ସ୍ୱର୍ଣ୍ଣକ୍ଷେତ୍ର ପୂର୍ବତନ ସଭାପତି ସୁରେଶ କୁମାର ଜେନାଙ୍କ ପୌରୋହିତ୍ୟରେ ମାହାଙ୍ଗାର ନୂତନ କର୍ମକର୍ତ୍ତା ମନୋନୀତ ହୋଇଛନ୍ତି। ଏଥିରେ ନୂତନ ସଭାପତି ଭାବେ ରବି ନାରାୟଣ ମିର୍ଦ୍ଧା, ଉପସଭାପତି ବିଜୟ କୁମାର ଜେନା, ସମ୍ପାଦକ ନିମାଇଁ ଚରଣ ଦାସ, ଯୁଗ୍ମ ସମ୍ପାଦକ କ୍ଷୀରୋଦ ଚନ୍ଦ୍ର ପୃଷ୍ଟି ପ୍ରମୁଖଙ୍କ ସଦସ୍ୟ ମନୋନୀତ ହୋଇଛନ୍ତି। ଏହି ଅବସରରେ ମନୋନୀତ କର୍ମକର୍ତ୍ତାଙ୍କୁ କେଶବ ଦାସ ବୃନ୍ଦାବନ ଶପଥ ପାଠ କରାଇଥିଲେ। ଏହାକୁ ଅରବିନ୍ଦ ଭାଇ, ଚନ୍ଦ୍ରଶେଖର ରାଉତ, ସାଙ୍ଗଠନିକ ମୁଖ୍ୟ କୈଳାସ ଚନ୍ଦ୍ର ମହାନ୍ତି, ବିପିନି ବିହାରୀ ଜେନା, ନନ୍ଦ କିଶୋର ଜେନା, ବିଷ୍ଣୁ ଚରଣ ଜେନାଙ୍କ ସମେତ କର୍ମକର୍ତ୍ତା ପରିଚାଳନା କରିଥିଲେ।

### ସଂକ୍ଷେପରେ

## ସ୍କୁଲ ସ୍ଥିତି ଅନୁଧ୍ୟାନ କଲେ ମେୟର

**କଟକ ଅଫିସ,୧୩।୭:** କଟକ ମହାନଗର ନିଗମ(ସିଏମ୍‌ସି) ମେୟର ସୁବାସ ସିଂ ବୁଧବାର ଶିଶୁଭବନ ପରିସରରେ ଥିବା ରମାଦେବୀ ଶିଶୁ ବିହାର ସ୍କୁଲ ପରିଦର୍ଶନ କରିଥିଲେ। ସେଠାକାର ସ୍ଥିତି ଦେଖିବା ପରେ ଅସନ୍ତୋଷ ପ୍ରକାଶ କରିଥିଲେ। ସ୍କୁଲ ପ୍ରବେଶ ପଥରେ ନାଳପାଣି ଜମି ରହିଛି। ଫଳରେ ହୁଇଲ ଚେୟାରରେ ଦିବ୍ୟାଙ୍ଗ ପିଲାମାନେ ଯାତାୟାତ କରିବା ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ଏଠାରେ ଥିବା ସମସ୍ୟାର ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ମେୟର ନିର୍ଦ୍ଦେଶ ଦେଇଥିଲେ। ଏହି ପରିଦର୍ଶନ ସମୟରେ ସ୍ଥାନୀୟ କର୍ପୋରେଟର ଆରତୀ ସାହୁ, ସ୍କୁଲର ଶିକ୍ଷୟିତ୍ରୀ ପ୍ରତିମା ଆଚାର୍ଯ୍ୟ, ବିଚିତ୍ର ମିଶ୍ର, ତୃପ୍ତିମୟୀ ମହାନ୍ତି, ବିଜୟଲକ୍ଷ୍ମୀ ନାୟକ, ବିଶ୍ୱନାଥ ମିଶ୍ର ଓ ରମେଶ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

## ୨୪ରେ ରେଭେନ୍‌ଶା କଲିଜିଏଟ୍ ସ୍କୁଲ ଛାତ୍ର ସଂସଦ ବୈଠକ

**କଟକ ଅଫିସ, ୧୩।୭:** ରେଭେନ୍‌ଶା କଲିଜିଏଟ୍ ସ୍କୁଲ ଛାତ୍ର ସଂସଦ ବୈଠକ ଓ କର୍ମକର୍ତ୍ତା ନିର୍ବାଚନ ଆସନ୍ତା ୨୪ତାରିଖ ଅପରାହ୍ନରେ ସ୍କୁଲ ପରିସର ନେତାଜୀ ଅଡିଟୋରିୟମ୍‌ରେ ଅନୁଷ୍ଠିତ ହେବ। ଏଥିରେ କାର୍ଯ୍ୟକାରୀ ପରିଷଦ ଲାଗି କର୍ମକର୍ତ୍ତା ନିର୍ବାଚନ କରାଯିବ ବୋଲି ପ୍ରଫେସର ଉମାଶଙ୍କର ମିଶ୍ର ଜଣାଇଛନ୍ତି।

## ଗାଡ଼ି ଧକ୍କାରେ ଜଣେ ମୃତ

**ମାହାଙ୍ଗା,୧୩।୭(ସ୍ୱ.ପ୍ର.):** ମାହାଙ୍ଗା ଥାନା ଅନ୍ତର୍ଗତ ସାଲେପୁର-ଛତିଆ ପୂର୍ତ୍ତ ବିଭାଗ ରାସ୍ତାର ବିରୂପା ନଦୀ ପୋଲ କଲ୍ୟାଣପୁର ପାର୍ଶ୍ୱରେ ଗାଡି ଧକ୍କାରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଆହତ ହୋଇଛନ୍ତି। ମଙ୍ଗଳବାର ରାତିରେ ଏକ ବାଇକ୍ ଯୋଗେ କୁହୁଣ୍ଡା ପଞ୍ଚାୟତ ୭ ନଂ. ୱାର୍ଡ (କୋଠପଦା) ଗ୍ରାମର ଅଶ୍ୱନୀ କୁମାର ଦାସ(୪୨) ଏବଂ ସନ୍ତୋଷ କୁମାର ରାଉତ(୨୭) କୁଆଁପାଳରୁ ଘରକୁ ଫେରୁଥିଲେ। ବିରୂପା ନଦୀ ପୋଲ କଲ୍ୟାଣପୁର ପାର୍ଶ୍ୱରେ ଏକ ଗାଡି ଧକ୍କା ଦେବା ଫଳରେ ଦୁଇଜଣ ତଳେ ପଡିଯାଇଥିଲେ। ଖବରପାଇ କୁଆଁପାଳ ଦମକଳ ବାହିନୀ ପହଞ୍ଚି ସେମାନଙ୍କୁ ଉଦ୍ଧାର କରିବା ସହ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ସେଠାରେ ଅଶ୍ୱନୀଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ ମେଡିକାଲକୁ ପଠାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅଶ୍ୱନୀଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ବାଙ୍କୀ କଲେଜ ଶିକ୍ଷା ବିଭାଗ ପକ୍ଷରୁ ଆଲୋଚନାଚକ୍ର

**ବାଙ୍କୀ,୧୩।୭(ସ୍ୱ.ପ୍ର.):** ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ସ୍ନାତକୋତ୍ତର ଶିକ୍ଷା ବିଭାଗ ଆନୁକୂଲ୍ୟରେ ଆଲୋଚନାଚକ୍ର ବୁଧବାର ଅନୁଷ୍ଠିତ ହୋଇଥିଲା। କଲେଜ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ସଭାପତିତ୍ୱ କରି ଶିକ୍ଷା ବିଭାଗ ଆନୁକୂଲ୍ୟରେ ବିଭିନ୍ନ କାର୍ଯ୍ୟକ୍ରମ ଓ ନୂତନ ଶିକ୍ଷାନୀତି ଉପରେ ଆଲୋକପାତ କରିଥିଲେ। ମୁଖ୍ୟଅତିଥି ଭାବେ ଅଧ୍ୟକ୍ଷ କ୍ୟାପଟେନ୍ ଭବାନୀ ପ୍ରସାଦ ହୋତା ଯୋଗଦେଇ ଶିକ୍ଷା ବିଭାଗ ଛାତ୍ରୀଛାତ୍ରଙ୍କ ପାରଦର୍ଶିତାକୁ ନେଇ କଲେଜ ଗର୍ବିତ ବୋଲି କହିଥିଲେ। ପାଠଚକ୍ର ସମ୍ପାଦିକା ରଶ୍ମିତା ରାଉତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଭାଗୀୟ ମୁଖ୍ୟ ଅଧ୍ୟାପିକା ଜ୍ୟୋତିର୍ମୟୀ ପାଢ଼ୀ, ଅଧ୍ୟାପିକା ଶିବାନୀ ଦେବଦର୍ଶିନୀ ପ୍ରଧାନ, ଏଲିଜା ମହାପାତ୍ର, ଅଧ୍ୟାପକ ସୁକାନ୍ତ ମହାପାତ୍ର ଯୋଗ ଦେଇଥିଲେ। ଅନିଶା ପ୍ରିୟଦର୍ଶିନୀ ବେହେରା ଓ ବର୍ଷା ପାଇକରାୟ ଆଲୋଚନାଚକ୍ର ପରିଚାଳନା କରିଥିଲେ।

## ସିଂହନାଥ ଦେବ ବିଦ୍ୟାପୀଠ କର୍ମଚାରୀଙ୍କ ପରଲୋକ

**ବାଙ୍କୀ,୧୩।୭(ସ୍ୱ.ପ୍ର.):** ବାଙ୍କୀ ଉପଖଣ୍ଡ ଡମପଡ଼ା ବ୍ଲକ ଗୋପାଳପୁରସ୍ଥିତ ଶ୍ରୀସିଂହନାଥ ଦେବ ବିଦ୍ୟାପୀଠ କର୍ମଚାରୀ ନାରାୟଣ ଦେବତା(୫୭)ଙ୍କ ହୃଦ୍‌ଘାତରେ ପରଲୋକ ଘଟିଛି। ସେ ସାଇକେଲରେ ନିଜ ଗୋପାଳପୁରସ୍ଥ ବାସଭବନରୁ ସ୍କୁଲକୁ ଆସୁଥିବା ବେଳେ ସ୍କୁଲ ଗେଟ୍ ପାଖରେ ତଳେ ପଡି ଯାଇଥିଲେ। ତାଙ୍କୁ ଡାକ୍ତରଖାନା ନେବାରେ ଡାକ୍ତର ତାଙ୍କର ହୃଦ୍‌ଘାତରେ ମୃତ୍ୟୁ ଘଟିଥିବା କହିଥିଲେ। ଗ୍ରାମ୍ୟ ଶ୍ମଶାନରେ ମୃତଦେହ ସଂସ୍କାର ହୋଇଥିଲା। ପୁତ୍ର ସନ୍ତୋଷ ମୁଖାଗ୍ନି ଦେଇଥିଲେ। ତାଙ୍କ ମୃତ୍ୟୁରେ ପ୍ରଧାନଶିକ୍ଷକ ଚନ୍ଦ୍ରଶେଖର ମହାପାତ୍ରଙ୍କ ସଭାପତିତ୍ୱରେ ଶୋକସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍କୁଲର ଶିକ୍ଷୟିତ୍ରୀଶିକ୍ଷକ, କର୍ମଚାରୀ ଓ ପରିଚାଳନା କମିଟିର ସଭ୍ୟମାନେ ଯୋଗ ଦେଇଥିଲେ।

# ଚୋରା ରନ୍ଧାମଦ ପ୍ରସ୍ତୁତି ରୋକିବାକୁ ନିର୍ଦ୍ଦେଶ

**କଟକ ଅଫିସ, ୧୩।୭**


ସମୀକ୍ଷା ବୈଠକରେ ଅବକାରୀ କମିଶନର ଆଶିଷ ସିଂଙ୍କ ସହ ଅନ୍ୟମାନେ।

ଅବକାରୀ ବିଭାଗ ପକ୍ଷରୁ ୨୦୨୨-୨୩ ଆର୍ଥିକ ବର୍ଷର ତ୍ରୈମାସିକ ସମୀକ୍ଷା ବୈଠକ ଭର୍ଚୁଆଲ ମାଧ୍ୟମରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଆସନ୍ତା ଦିନରେ ନିଶାଦ୍ରବ୍ୟର ବେଆଇନ କାରବାର ରୋକିବା ପାଇଁ ପଦକ୍ଷେପ ନେବା ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିରେ ଅବକାରୀ କମିଶନର ଆଶିଷ କୁମାର ସିଂ ଅଧ୍ୟକ୍ଷତା କରି ରାଜ୍ୟରେ ଚୋରା ରନ୍ଧା ମଦର ବେଆଇନ ପ୍ରସ୍ତୁତି ରୋକିବା, ବିତରଣ ଓ ବିକ୍ରି ବିରୋଧରେ ଲଗାତର ଚଢାଉ କରିବାକୁ ଅବକାରୀ ଅଧୀକ୍ଷକମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକ ମଧ୍ୟରେ ଓଡ଼ିଶା ଅବକାରୀ ଆଇନ-୨୦୦୮ରେ ୧୩,୦୬୭ ମାମଲା ରୁଜୁ ହୋଇଥିବାବେଳେ ୧୦,୭୪୪ ଜଣ ଗିରଫ ହୋଇଛନ୍ତି। ସେହିପରି ୩୫୪୯୩୨.୯ ଲିଟର ଚୋରା ରନ୍ଧାମଦ, ୩୪୧୬୮୩୫ ଲିଟର ପୋଚ, ୭୦୫୨.୩ ଲିଟର ମହୁଲି ଭାଟି ମଦ, ୨୯୫୬ ଲିଟର ଆସ୍କା ଫର୍ଟି, ୯୫୨୬.୩୭ ବୋତଲ

### ଅବକାରୀ କମିଶନରଙ୍କ ସମୀକ୍ଷା ବୈଠକ

ବିଅର, ୫୪୬୯.୧ କିଲୋ ଭାଙ୍ଗ, ୧୩୯୭୪ କୁଇଣ୍ଟାଲ ମହୁଲ ଫୁଲ ଓ ୫୪୨ଟି ଗାଡ଼ି ଜବତ କରାଯାଇଛି। ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସ ମଧ୍ୟରେ ଏନ୍‌ଡିପିଏସ୍ ଆକ୍ଟରେ ୪୫୪ ମାମଲା ରୁଜୁ କରାଯାଇ ୫୨୨ ଜଣଙ୍କୁ ଗିରଫ କରାଯାଇଛି। ଏଥିସହ ୧୦୦୧୭.୫୪ କେଜି ଗଞ୍ଜେଇ, ୩୫୪୦.୧ ଗ୍ରାମ୍ ବ୍ରାଉନ୍‌ସୁଗାର ଓ ୨୭୯ ଲିଟର କଫସିରପ୍ ଜବତ କରାଯାଇଛି। ଚଳିତବର୍ଷ ୩୫୪୦ ଗ୍ରାମ୍ ଓ ଗତବର୍ଷ ୧୫୫୭.୫ ଗ୍ରାମ ହେରୋଇନ୍ ଜବତ ହୋଇଥିଲା। ଅନ୍ୟପକ୍ଷରେ ଅବକାରୀ ବିଭାଗ ପକ୍ଷରୁ ଓକାକ୍ ସହାୟତା ସହ ପୋଲିସ ବିଭାଗ ସହିତ ସମନ୍ୱୟ ରକ୍ଷା କରି ଗତ ୧୦ ବର୍ଷର ଅବକାରୀ ମାମଲାଗୁଡ଼ିକର ଡାଟା ଡିଜିଟାଇଜେଶନ କରାଯାଉଛି। ଏଥିରେ ରାଜ୍ୟବ୍ୟାପୀ ସମସ୍ତ ଅଭିଯୁକ୍ତଙ୍କ ରେକର୍ଡ ରଖାଯିବ। ଉକ୍ତ ବୈଠକରେ ଡେପୁଟି ଅବକାରୀ କମିଶନର ରାମଚନ୍ଦ୍ର ପାଲଟା, ରାମଚନ୍ଦ୍ର ମିଶ୍ର, ଦିବ୍ୟଶଙ୍କର ମହନ୍ତ, ରଜତ କୁମାର ପ୍ରହରାଜ ଓ ଉମ୍ବରୁଧର ଖଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ସରକାରୀ ଜାଗାରେ ନିର୍ମାଣ ଅନୁମତି ଦେଉଛନ୍ତି ବିଡିଓ

**କଟକ ସଦର, ୧୩।୭(ଡି.ଏନ.ଏ.)**

### କଟକ ସଦର ବ୍ଲକ

କଟକ ସଦର ବ୍ଲକ ଅଞ୍ଚଳର ବିଭିନ୍ନ ସ୍ଥାନରେ ଥିବା ରାଜସ୍ୱ ବିଭାଗ ଜାଗାରେ ସ୍ଥାୟୀ ନିର୍ମାଣ ପାଇଁ କେବଳ ଜିଲାପାଳଙ୍କ କ୍ଷମତା ରହିଥିବା ଓଡ଼ିଶା ସରକାରୀ ଜମି ବନ୍ଦୋବସ୍ତ ଆଇନ୍‌ରେ ଉଲ୍ଲେଖ ରହିଛି। ମାତ୍ର ଏବେ ଏହି କ୍ଷମତା କଟକ ସଦର ବିଡିଓ ପାଇଥିବା ଉକ୍ତ ବ୍ଲକ ଅଧୀନ କନ୍ଦରପୁର ପଞ୍ଚାୟତର କାର୍ଯ୍ୟ ନିର୍ବାହୀ ଅଧିକାରୀ ତଥା ଜନସୂଚନା ଅଧିକାରୀ ଦେବରାଜ ଦାଶ ପତ୍ରସଂଖ୍ୟା ୩୩/୨୯।୬।୨୦୨୨ରେ ଜଣାଇଛନ୍ତି। ଏଥିପାଇଁ ଆଉ ତହସିଲଦାରଙ୍କ ଠାରୁ ଆରମ୍ଭ କରି ଜିଲାପାଳଙ୍କ ପର୍ଯ୍ୟନ୍ତ ରାଜସ୍ୱ ଅଧିକାରୀଙ୍କ ଅନୁମତିର ଆବଶ୍ୟକ ପଡିବ ନାହିଁ। ଉକ୍ତ ପଞ୍ଚାୟତର ଏକ କୋଠା ନିର୍ମାଣ ମୌଜା-ସିଦ୍ଧେଶ୍ୱରପୁର, ଖାତା ନଂ.୫୧୮, ପ୍ଲଟ୍ ନଂ.୨୫୧, କିସମ ପତିତରେ ହେଉଛି। ଏଥିପାଇଁ ତହସିଲଦାରଙ୍କ ବଦଳରେ ବିଡିଓ ଅନୁମତି ଦେଇଛନ୍ତି ବୋଲି ଦାଶ ସୂଚନା ଅଧିକାର ଆଇନ ବଳରେ ପ୍ରଦାନ କରିଥିବା ତଥ୍ୟରେ ଉଲ୍ଲେଖ କରିଛନ୍ତି। ଏ ସମ୍ପର୍କରେ ବିଡିଓ ରାଜୀବ ଲୋଚନ ପରିଡ଼ାଙ୍କୁ ପଚାରିବାରୁ ସରକାରୀ ନିର୍ମାଣ ସରକାରୀ ଜାଗାରେ ହେବନାହିଁ, ତା'ହେଲେ ଅନ୍ୟ କେଉଁଠାରେ ହେବ ବୋଲି କହିଥିଲେ। କାମରେ ବିଳମ୍ବ ହେଉଥିବାରୁ ତହସିଲଦାରଙ୍କୁ ନ ପଚାରି କାମ ଆଗେଇ ନେବାକୁ ଜିଲାପାଳ ମୌଖିକ ଭାବେ ନିର୍ଦ୍ଦେଶ ଦେଇଛନ୍ତି। ଆଗ କାମ ସରୁ, ପରେ ଜିଲାପାଳ ଅନୁମତି ଦେଇଦେବେ ବୋଲି ବିଡିଓ ସୂଚନା ଦେଇଛନ୍ତି। ଗୋଚର, ଜଙ୍ଗଲ କିସମ ଓ ଜଳସମ୍ପଦ ବିଭାଗ ଜାଗାରେ ସ୍ଥାୟୀ ନିର୍ମାଣ ପାଇଁ ଜିଲାପାଳ ଓ ବିଡ଼ିଓଙ୍କ କ୍ଷମତା ସମ୍ପର୍କରେ ପରିଡ଼ା କୌଣସି ଉତ୍ତର ଦେଇନାହାନ୍ତି। ମାତ୍ର ଓଡ଼ିଶା ସରକାରୀ ଜମି ବନ୍ଦୋବସ୍ତ ନିୟମ ୧୯୮୩ର ଧାରା୧୧ରେ ବିଡିଓଙ୍କ କ୍ଷମତା ସମ୍ପର୍କରେ ଉଲ୍ଲେଖ ନାହିଁ ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅନୁଶାସନ ସଚିବ ତଥା ଲୋକ ସୂଚନା ଅଧିକାରୀ ପତ୍ରସଂଖ୍ୟା ୩୯୪୦୩/୧୫।୧୨।୨୦୧୬ରେ ରାଜ୍ୟ ମୁଖ୍ୟ ସୂଚନା ଆୟୁକ୍ତଙ୍କ କୋର୍ଟରେ ଦର୍ଶାଇ ସାରିଛନ୍ତି।

# ଚାଷୀଙ୍କୁ ଜମି ହସ୍ତାନ୍ତର ଦାବିରେ ବିକ୍ଷୋଭ



ସିଦ୍ଧେଶ୍ୱର ଆଞ୍ଚଳିକ ସୁରକ୍ଷା କମିଟି ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ।

**କଟକ ଅଫିସ, ୧୩।୭**

ନରାଜ, ମୁଣ୍ଡଳି, ରାମଦାସପୁର ଅଞ୍ଚଳର ଚାଷୀଙ୍କ ଜମିକୁ ସେମାନଙ୍କୁ ହସ୍ତାନ୍ତର କରିବା ଦାବିରେ ସିଦ୍ଧେଶ୍ୱର ଆଞ୍ଚଳିକ ସୁରକ୍ଷା କମିଟି ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବୁଧବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହାପରେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ପ୍ରିୟଦର୍ଶିନୀ ଜେନାଙ୍କୁ ଏ ସଂକ୍ରାନ୍ତରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସ୍ମାରକପତ୍ରରେ ଉଲ୍ଲେଖ ରହିଛି, ୨୦୦୬ରେ ଟାଟା ବିଦ୍ୟୁତ୍ ପ୍ରକଳ୍ପ ଉଦ୍ଦେଶ୍ୟରେ ରାଜ୍ୟ ସରକାର ଲୋକଙ୍କ ଚାଷ ଜମି ଅଧିଗ୍ରହଣ କରିଥିଲେ। ହେଲେ ଉକ୍ତ କମ୍ପାନୀ ପ୍ରକଳ୍ପ କରିବାରେ ବିଫଳ ହୋଇଥିଲା। ବର୍ତ୍ତମାନ ସରକାର ଉକ୍ତ ଜଳସେଚିତ ଚାଷ ଜମିକୁ ଅନ୍ୟ ଏକ କମ୍ପାନୀକୁ ହସ୍ତାନ୍ତର ପାଇଁ ମସୁଧା ଚଳାଇଛନ୍ତି। ଏହି ଜନବିରୋଧୀ, ଚାଷୀ ବିରୋଧୀ ନୀତିକୁ ପ୍ରତ୍ୟାହାର କରି ଚାଷୀଙ୍କୁ ସେମାନଙ୍କ ଚାଷ ଜମି ଫେରାଇ ଦେବାକୁ କମିଟି ପକ୍ଷରୁ ଦାବି କରାଯାଇଛି। କମିଟି ସଭାପତି ଅର୍ଜୁନ ରାଉଳ, ସମ୍ପାଦକ ସରୋଜ ସାହୁ, ସାମ୍ବାଦିକ ସତ୍ୟ ରାୟ, ବସ୍ତିନେତା ଖଗେଶ୍ୱର ସେଠୀ, ସାମାଜିକ କର୍ମୀ ଲକ୍ଷ୍ମୀ ମହାନ୍ତି, ଆଇନଜୀବୀ କ୍ଷୀରୋଦ ରାଉତ, ଶ୍ରମିକ ନେତା ରାଜକିଶୋର ମଲ୍ଲିକ ପ୍ରମୁଖ ବିକ୍ଷୋଭରେ ସାମିଲ ହୋଇଥିଲେ।

## ୪ ସଭାପତି ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ

### ସମବାୟ ସମିତି ନିର୍ବାଚନ

**କଣ୍ଠାପଡା/କଟକ ସଦର, ୧୩।୭(ଡି.ଏନ୍.ଏ.)**

କଣ୍ଠାପଡା ବ୍ଲକ ଅଧୀନରେ ଥିବା ୭ଟି ସେବା ସମବାୟ ସମିତି ମଧ୍ୟରୁ ବୁଧବାର ତିନୋଟି ସମିତିର ନିର୍ବାଚନ ସରିଯାଇଛି। ଏଥିରେ ତିନୋଟି ସମିତିର ସଭାପତି ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଗୋବିନ୍ଦପୁର ସେବା ସମବାୟ ସମିତିର ସଭାପତି ଭାବେ କଳ୍ପତରୁ ସ୍ୱାଇଁ, କଣ୍ଠାପଡା ସେବା ସମବାୟ ସମିତିର ସଭାପତି ଭାବେ ଦ୍ୱାରିକାନାଥ ଦାଶ ଓ ଅଡଶପୁର ସେବା ସମବାୟ ସମିତି ସଭାପତି ଭାବେ ଆର୍ତ୍ତତ୍ରାଣ ମହାପାତ୍ର ନିର୍ବାଚିତ ହୋଇଛନ୍ତି। ସମୀର ମଲ୍ଲିକ, ପ୍ରଭାସ ପରିଡା ଓ ହେମନ୍ତ ଦାଶ ଉକ୍ତ ତିନୋଟି ସମିତିରେ ନିର୍ବାଚନ ଅଧିକାରୀଭାବେ ଦାୟିତ୍ୱ ତୁଲାଇଥିଲେ। ସେହିପରି ୪୨ ମୌଜା ଅନ୍ତର୍ଗତ କୁଳସରିଚୁଆଁ-କଳପଡ଼ା ପଞ୍ଚାୟତର ମହିମା ଗୋସାଇଁ କୁକ୍କୁଟ ଉନ୍ନୟନ ସମବାୟ ସମିତି ସଭାପତି ଭାବେ ସମବାୟବିତ୍ ବିଜୟ କୁମାର ରାଉତରାୟ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଏଥିସହ ଉପସଭାପତି ଭାବେ ମନୋରମା ମହାପାତ୍ର ମଧ୍ୟ ନିର୍ବାଚିତ ହୋଇଛନ୍ତି। ଜୟନ୍ତ କୁମାର ନାୟକ ନିର୍ବାଚନ କାର୍ଯ୍ୟ ପରିଚାଳନା କରିଥିଲେ।

# ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ଯୋଜନାରେ କୃଷକ ତାଲିମ

**ବାଙ୍କୀ,୧୩।୭(ସ୍ୱ.ପ୍ର.)**

ବାଙ୍କୀ ଉପଖଣ୍ଡ ଡମପଡ଼ା ବ୍ଲକ ଅନ୍ତର୍ଗତ ଘାସିପୁଟସ୍ଥିତ ନିୟନ୍ତ୍ରିତ ବଜାର କମିଟି ପରିସରରେ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ଯୋଜନାରେ କୃଷକ ତାଲିମ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସଭାରେ ମୁଖ୍ୟଅତିଥି ଭାବେ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଯୋଗ ଦେଇ କୃଷକମାନେ କିପରି ସୁବିଧାରେ କୃଷି ଯନ୍ତ୍ରପାତି ପାଇବା ସହ ସେମାନଙ୍କ ଫସଲର ଉତ୍ପାଦନ ଅଧିକ ହୋଇପାରିବ ସେ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ଡମପଡ଼ା ବ୍ଲକ ଅଧ୍ୟକ୍ଷ ପ୍ରଣବ କିଶୋର ପଟେଲ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଦସ୍ୟ ଆଶିଷ କୁମାର ସାହୁ, ଜିଲାପରିଷଦ ସଦସ୍ୟା ମିନତି ମହାପାତ୍ର, କୁସୁପଙ୍ଗି ସରପଞ୍ଚ ନରେଶ ବେଉରା, ଉପାଧ୍ୟକ୍ଷ ପ୍ରତିନିଧି ପପୁ ବେଉରା ଯୋଗ ଦେଇଥିଲେ। ସେମାନେ ଜମିର ମୃତ୍ତିକା ସ୍ୱାସ୍ଥ୍ୟ ପରୀକ୍ଷା କଲେ ଅଧିକ ଫସଲ କିଭଳି ଉତ୍ପାଦନ ହୋଇପାରିବ ସେ ବିଷୟରେ ଚାଷୀମାନଙ୍କୁ ବୁଝାଇଥିଲେ। ଏଥିରେ ଡମପଡ଼ା ବ୍ଲକ ସହକାରୀ କୃଷି ଅଧିକାରୀ ବି.ପି. ରୋଜାଲିନ୍ ଅତିଥି ପରିଚୟ ଦେବା ସହ ସ୍ୱାଗତ ଭାଷଣ ଦେଇଥିଲେ। ଆତ୍ମାର ସଭାପତି ସଞ୍ଜୟ ମହାରଣା ସଭାରେ ସଭାପତିତ୍ୱ କରିଥିବା ବେଳେ ଜିଲା କୃଷି ଅଧିକାରୀ ସୁବ୍ରତ ପାଢ଼ୀ ଚାଷୀମାନଙ୍କୁ ଚାଷକାର୍ଯ୍ୟରେ ନିଜକୁ ନିୟୋଜିତ ରଖି କିପରି ଲାଭବାନ୍ ହୋଇପାରିବେ, ସେ ବିଷୟରେ ବିସ୍ତୃତ ଭାବେ ବୁଝାଇଥିଲେ। ବିଧାୟକ ତ୍ରିପାଠୀ କୃଷି ରଥକୁ ଉଦ୍‌ଘାଟନ କରିଥିଲେ। ଏହି ରଥ ଡମପଡ଼ା ବ୍ଲକର ୧୭ଟି ପଞ୍ଚାୟତ ପରିକ୍ରମା କରିବା ସହ ଚାଷୀମାନଙ୍କୁ ସଚେତନ କରାଇବା ପାଇଁ ପରାମର୍ଶ ଦେଇଥିଲେ। ବିଧାୟକ ତ୍ରିପାଠୀ ୫ଟି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କୁ ୧୦ହଜାର ଟଙ୍କା ଲେଖାଏ ଚେକ୍ ପ୍ରଦାନ କରିଥିଲେ।


ତାଲିମ କାର୍ଯ୍ୟକ୍ରମରେ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ଓ ଅନ୍ୟମାନେ।

# ୨ ଦିନରେ ୧୯ କରୋନା ପଜିଟିଭ୍ ଚିହ୍ନଟ

**ସାଲେପୁର,୧୩।୭(ଡି.ଏନ୍.ଏ.)**

୨ଦିନ ମଧ୍ୟରେ ସାଲେପୁରରେ ୧୯ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏଥିମଧ୍ୟରୁ ପୁରୀ ରଥଯାତ୍ରାରୁ ଫେରିଥିବା ୩ ଜଣ ପୁରୁଷ ଥିବା ଜଣାଯାଇଛି। ଏ ନେଇ ରଥଯାତ୍ରା ପରେ କରୋନା ସଂକ୍ରମଣ ସଂଖ୍ୟା ବୃଦ୍ଧି ପାଇବାର ଆଶଙ୍କା ସୃଷ୍ଟି ହୋଇଛି। ଏବେ ଦିନକୁଦିନ ସାଲେପୁର ଅଞ୍ଚଳରେ କରୋନା ସଂକ୍ରମଣ ସଂଖ୍ୟା ବୃଦ୍ଧି ପାଉଥିବାରୁ ଲୋକମାନଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି। ମଙ୍ଗଳବାର ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କରୋନା ପରୀକ୍ଷା କରାଯାଇଥିବାବେଳେ ରାମେଶ୍ୱରର ପୁରୀ ଫେରନ୍ତା ୩ ଜଣ, ଚନ୍ଦ୍ରାଦେଇପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଜଣେ ୧୨ବର୍ଷର ଝିଅ, ବିଶ୍ୱନାଥପୁରର ୧୮ ବର୍ଷୀୟା ଯୁବତୀ, ପିକୋଳର ୫୦ ବର୍ଷୀୟା ମହିଳା, ପୀରବଜାରର ୪୨ ବର୍ଷର ପୁରୁଷ, ସାଲେପୁରର ୧୮ବର୍ଷର ଯୁବକ, ନାନ୍ଦୋଳର ୧୮ ବର୍ଷୀୟା ଯୁବତୀ, ଲୁଣାହାରର ୩୭ ବର୍ଷୀୟା ମହିଳା, ଶିଶୁଆର ୨୦ବର୍ଷର ଯୁବକ, ପାଗା ଲକ୍ଷ୍ମୀନାରାୟଣପୁରର ୨୪ବର୍ଷର ଯୁବକ ଚିହ୍ନଟ ହୋଇଛନ୍ତି। ସେହିପରି ବୁଧବାର ମହାଜନପୁରର ୨ଜଣ, ମୁତାରିଫାର ଜଣେ, ରାମେଶ୍ୱରର ୨ଜଣ, ଶିଶୁଆର ଜଣେ, କାଜିହାଟର ଜଣେ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବା ସ୍ୱାସ୍ଥ୍ୟକେନ୍ଦ୍ର ସୂତ୍ରରୁ ପ୍ରକାଶ।

# ଶିଶୁ କବିତା ପୁସ୍ତକ କିଚିରି ମିଚିରି ଚଢ଼େଇ ଲୋକାର୍ପିତ

**ବାଙ୍କୀ,୧୩।୭(ସ୍ୱ.ପ୍ର.)**

ବାଙ୍କୀ ପ୍ରେସ୍‌କ୍ଲବ ତଥା ବିଦ୍ୟାରତ୍ନ ଭବନଠାରେ ମାସିକ ସାହିତ୍ୟ ଆସର ପକ୍ଷରୁ ବରିଷ୍ଠ କବି ସୁରେଶ୍ୱର ବେହେରାଙ୍କ ଶିଶୁ କବିତା ପୁସ୍ତକ କିଚିରି ମିଚିରି ଚଢ଼େଇ ଉନ୍ମୋଚନ ହୋଇଯାଇଛି। ଉତ୍ସବରେ ଅନୁଷ୍ଠାନର ସଭାପତି ଇଂ. ସତ୍ୟବ୍ରତ ରଥ ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ଅତିଥି ଭାବେ ଉପଜିଲାପାଳ ରଞ୍ଜନ କୁମାର ଜେନା, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଶ୍ରମ କମିଶନର ବ୍ରଜବନ୍ଧୁ ପାଲ, ସମ୍ମାନିତ ଅତିଥି ଭାବେ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷ କ୍ୟାପଟେନ୍ ଭବାନୀ ପ୍ରସାଦ ହୋତା, କବି କୌଶିକ ନାୟକ ଓ ଅଧ୍ୟାପକ ଡ. ଚିତ୍ରସେନ ରାଉତ ଯୋଗଦେଇଥିଲେ। ସେମାନେ ଶିଶୁ ସାହିତ୍ୟର ବିଭିନ୍ନ ଦିଗ ଏବଂ ଶିଶୁମାନଙ୍କୁ ସରଳ, ବୋଧଗମ୍ୟ ଓ ଉପଦେଶମୂଳକ ଲେଖା ଉକ୍ତ ପୁସ୍ତକରେ ପ୍ରକାଶ ପାଇଥିବାରୁ କବିଙ୍କୁ ପ୍ରଶଂସା କରିଥିଲେ। ସମ୍ପାଦକ ଜ୍ଞାନେନ୍ଦ୍ର ମୋହନ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ କବି ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର, ଦେବେନ୍ଦ୍ରନାଥ ବେହେରା, କମଳାକାନ୍ତ ପ୍ରହରାଜ, ବିଦ୍ୟୁତ୍‌ଲତା ଭୂୟାଁ, ସୁବାସ ଚନ୍ଦ୍ର ପ୍ରହରାଜ, ଭଗବାନ ସାମଲ, ସରୋଜିନୀ ସାହୁ, ଡ. ଜୟନ୍ତୀବାଳା ଜେନା ପ୍ରମୁଖ ଯୋଗ ଦେଇଥିଲେ। କବି ସୁରେଶ ଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ।


ଶିଶୁ କବିତା ପୁସ୍ତକକୁ ଅତିଥିମାନେ ଲୋକାର୍ପଣ କରୁଛନ୍ତି।

# 'ଓଡ଼ିଆ ଜାତି ପାଇଁ ଗୌରୀଶଙ୍କରଙ୍କ ଅବଦାନ ଅତୁଳନୀୟ'

**କଟକ ଅଫିସ, ୧୩।୭**



ଉତ୍ସବରେ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ ଓ ଦେବ ପ୍ରସାଦ ଚାଟାର୍ଜୀଙ୍କୁ ଗୌରୀଶଙ୍କର ସମ୍ମାନ ପ୍ରଦାନ କରାଯାଉଛି ।

କର୍ମବୀର ଗୌରୀଶଙ୍କର ରାୟଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ ବୁଧବାର କଟକ ଶ୍ରୀରାମଚନ୍ଦ୍ର ଭବନରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବ କର୍ମବୀର ଗୌରୀଶଙ୍କର ରାୟ ସ୍ମୃତି ସଂସଦ, ଓଡ଼ିଶା ସାହିତ୍ୟ ଏକାଡେମୀ, କଟକ ମହାନଗର ନିଗମ, କାୟସ୍ଥ ସଭା ଓ ଉତ୍କଳ ସାହିତ୍ୟ ସମାଜର ମିଳିତ ସହଯୋଗରେ ଅନୁଷ୍ଠିତ ହୋଇଥିଲା। ଖଣ୍ଡପଡ଼ା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ସିଏମ୍‌ସି ମେୟର ସୁବାସ ସିଂ ଯୋଗଦେଇ କହିଥିଲେ, ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ଜାତି ପାଇଁ କର୍ମବୀର ଗୌରୀଶଙ୍କରଙ୍କ ଅବଦାନ ଅତୁଳନୀୟ। ଓଡ଼ିଆ ଜାତିର ଉତ୍ଥାନ ପାଇଁ ବିଭିନ୍ନ କ୍ଷେତ୍ରରେ ତାଙ୍କର ମହନୀୟ କାର୍ଯ୍ୟାବଳୀ ଉତ୍ତରପିଢ଼ି ଲାଗି ଏକାନ୍ତ ଅନୁସରଣୀୟ। ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ କାର୍ଯ୍ୟ କଲେ ଓଡ଼ିଶା ଭାରତବର୍ଷରେ ଏକ ଶ୍ରେଷ୍ଠ ରାଜ୍ୟ ଭାବେ ପରିଣତ ହେବ ବୋଲି ସେ କହିଥିଲେ। ଏହି ଅବସରରେ ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ ଓ ଦେବ ପ୍ରସାଦ ଚାଟାର୍ଜୀଙ୍କୁ ଗୌରୀଶଙ୍କର

### କର୍ମବୀର ଗୌରୀଶଙ୍କର ରାୟଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ

ସମ୍ମାନ ପ୍ରଦାନ କରାଯାଇଥିଲା। ସ୍ମୃତି ସଂସଦ ସଭାପତି ଉଦୟ ଶଙ୍କର ରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଡ. ବିଜୟାନନ୍ଦ ସିଂ ବିଶିଷ୍ଟ ଅତିଥି, ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ମନୋଜ ପଟ୍ଟନାୟକ ସମ୍ମାନିତ ଅତିଥି, ଅଧ୍ୟାପକ ବିରଞ୍ଚି କୁମାର ସାହୁ ମୁଖ୍ୟବକ୍ତା, ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦ ସମ୍ମାନିତ ବକ୍ତା ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ସ୍ମୃତି ସଂସଦର ସାଧାରଣ ସମ୍ପାଦକ ଇନ୍ଦ୍ରଜିତ୍ ଘୋଷଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉତ୍ସବରେ ଆଦିତ୍ୟ ପ୍ରତାପ ଧଳ ସ୍ୱାଗତ ଭାଷଣ ଓ ରଶ୍ମିରଞ୍ଜନ ଶତପଥୀ ଧନ୍ୟବାଦ ଦେଇଥିଲେ।

ସେହିପରି ଚୌଧୁରୀବଜାର ଗୌରୀଶଙ୍କର ପାର୍କସ୍ଥିତ କର୍ମବୀର ଗୌରୀଶଙ୍କର ରାୟଙ୍କ ପ୍ରତିମୂର୍ତ୍ତି ନିକଟରେ ଜୟନ୍ତୀ ଉତ୍ସବ ପାଳିତ ହୋଇଥିଲେ। ଏଥିରେ ସିଏମ୍‌ସି ମେୟର ସୁବାସ ସିଂ ଯୋଗଦେଇଥିଲେ। ଜିଲାପାଳ ଭବାନୀ ଶଙ୍କର ଚୟନୀ ଯୋଗଦେଇ କହିଥିଲେ, ଗୌରୀଶଙ୍କର ନିଜ ଲେଖନୀ ମୁନରେ ଓଡ଼ିଆମାନଙ୍କ ମଧ୍ୟରେ ଜାତୀୟତାଭାବ ସୃଷ୍ଟି କରିଥିଲେ। କେନ୍ଦ୍ର ସାହିତ୍ୟ ଏକାଡେମୀର ଓଡ଼ିଆ ଆବାହକ ଡ. ବିଜୟାନନ୍ଦ ସିଂ ଯୋଗଦେଇ ଓଡ଼ିଆ ଭାଷା-ସାହିତ୍ୟ ସୁରକ୍ଷା ପ୍ରତି ଗୌରୀଶଙ୍କରଙ୍କ ଅବଦାନ ଉଲ୍ଲେଖଯୋଗ୍ୟ ଥିଲା ବୋଲି କହିଥିଲେ। ଏଥିରେ ସିଏମ୍‌ସି ଉପଆୟୁକ୍ତ ଅଜୟ କୁମାର ମହାନ୍ତି, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲଲାଟେନ୍ଦୁ ମହାପାତ୍ର, କର୍ପୋରେଟର ଅରୁନ୍ଧତୀ କର, ସେକ୍ ଆଲାମ୍ ଓ ଚନ୍ଦନ ଜେନା ଉପସ୍ଥିତ ଥିଲେ।

**ବଡ଼ଛତା ମଠରେ ଗୁରୁପୂର୍ଣ୍ଣିମା**

**ପୁରୀ ଅଫିସ:** ଗୁରୁ ପୂର୍ଣ୍ଣିମା ଅବସରରେ ବୁଧବାର ଶ୍ରୀମନ୍ଦିର ସିଂହଦ୍ୱାର ନିକଟ ବଡ଼ଛତା ମଠରେ ଗୁରୁପୂର୍ଣ୍ଣିମା ପାଳିତ ହୋଇଛି। ମଠାଧୀଶ ବଳଦେବ ଦାଶଜୀ ମହାରାଜଙ୍କ ଦ୍ୱାରା ଦେବଦେବୀଙ୍କ ନୀତିକାନ୍ତି ସମ୍ପନ୍ନ କରାଯାଇଥିଲା। ପରେ ମହନ୍ତ ଗାଦିସୀନ ହୋଇଥିଲେ। ଭକ୍ତମାନେ ଗୁରୁପୂଜନ କରିଥିଲେ। ଏହି ଅବସରରେ ଜଗନ୍ନାଥ ଦାସଜୀ, ସୂର୍ଯ୍ୟ ନାରାୟଣ ଦାସ, ମଦନମୋହନ ଦାସ ଜୀ ଏବଂ ଅଭିରାମ ଦାସ ଜୀ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ମହିଳାଙ୍କ ବେକରୁ ସୁନାଚେନ୍ ଛିଣ୍ଡାଇ ନେଲେ ୨ ଲୁଟେରା

**ନିମାପଡ଼ା,୧୩।୭(ଡି.ଏନ୍.ଏ):** ଜଣେ ମହିଳାଙ୍କ ବେକରୁ ସୁନାଚେନ୍ ୨ ଲୁଟେରା ଲୁଟ୍ କରିଥିବା ବୁଧବାର ନିମାପଡ଼ା ଥାନାରେ ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ମାମଲା (କେସ୍ ନଂ. ୨୩୬/୨୨) ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ପୁରୀ ଜିଲା ନିମାପଡ଼ା ଥାନା ଅନ୍ତର୍ଗତ ଶ୍ୟାମସୁନ୍ଦରପୁର ଗ୍ରାମର ଉପେନ୍ଦ୍ର ସାହୁ ତାଙ୍କ ସ୍ତ୍ରୀ ତପସ୍ୱିନୀ ସାହୁ ଓ ଶିଶୁ ପୁତ୍ରଙ୍କ ସହ କୌଣସି କାମରେ ନିକଟସ୍ଥ ବାମଦେଈପୁର ଗ୍ରାମକୁ ଏକ ବାଇକ୍ ଯୋଗେ ଯାଇଥିଲେ। ତେବେ ୨ ଜଣ ଲୁଟେରା ସେମାନଙ୍କୁ ପିଛା କରି ପାଟପୁର ମୁସଲମାନ ବସ୍ତି ବ୍ରିଜ୍ ନିକଟରେ ଅଟକାଇ ବିଭିନ୍ନ ଧମକଚମକ ଦେଇଥିଲେ। ସେମାନଙ୍କୁ ଭୟଭୀତ କରିବା ସହ ତପସ୍ୱିନୀଙ୍କ ବେକରୁ ମଙ୍ଗଳସୂତ୍ର ଛିଣ୍ଡାଇ ନେଇ କେନାଲ ବନ୍ଧ ରାସ୍ତା ଡେଲ୍‌ଟା ଛକ ଆଡ଼େ ପଳାଇଥିଲେ। ଅଭିଯୋଗ ପରେ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ଏପର୍ଯ୍ୟନ୍ତ ଲୁଟେରାଙ୍କ ସନ୍ଧାନ ପୋଲିସ ପାଇପାରି ନାହିଁ। ତେବେ ଜନବସତି ଅଞ୍ଚଳରେ ଏପରି ଘଟଣା ଅଞ୍ଚଳବାସୀଙ୍କୁ ଭୟଭୀତ କରିଛି।

### ଚୋରା ମୋବାଇଲ କିଣିଥିବା ୩ ବ୍ୟକ୍ତିଙ୍କୁ ଉଠାଇନେଲା ପୋଲିସ

**କଣାସ,୧୩।୭(ସ୍ୱ.ପ୍ର.):** ଚୋରା ମୋବାଇଲ କିଣିଥିବା ୩ ଜଣ ବ୍ୟକ୍ତିଙ୍କୁ ଖାରବେଳନଗର ପୋଲିସ ସୋମବାର ସନ୍ଧ୍ୟାରେ ଉଠାଇନେଇଛି। ପୂର୍ବରୁ ପୋଲିସ ମୋବାଇଲ ଚୋରି କରୁଥିବା ଦଳର ଜଣେ ବ୍ୟକ୍ତିଙ୍କୁ ଧରି ପଚରାଉଚରା ଚଳାଇଥିଲା। ସେହି ବ୍ୟକ୍ତି କଣାସ ଥାନା ଅଞ୍ଚଳ ଜଙ୍କିଆ ବଜାରରେ ଚୋରା ମୋବାଇଲ ବିକ୍ରି କରିଥିବା କହିଥିଲା। ଏହାପରେ ଖାରବେଳନଗର ପୋଲିସ କଣାସ ଥାନା ପୋଲିସ ସହାୟତାରେ ଉକ୍ତ ମୋବାଇଲ ଦୋକାନୀଙ୍କୁ କେଉଁମାନଙ୍କୁ ଚୋରା ମୋବାଇଲ ବିକ୍ରି କରିଥିବା ପଚାରିବାରୁ ସେ ୩ ଜଣଙ୍କ ନାମ ପ୍ରକାଶ କରିଥିଲେ। ଏ ସମ୍ପର୍କରେ କଣାସ ଥାନା ଅଧିକାରୀ ସୁଜିତ୍ ଦାସଙ୍କୁ ପଚାରିବାରେ ସେ କୁହନ୍ତି, ଏ ଘଟଣାରେ ଖାରବେଳନଗର ପୋଲିସ ତାଙ୍କୁ ସହାୟତା ମାଗିଥିଲା। ତେବେ ଖାରବେଳନଗର ପୋଲିସ ୩ ଜଣଙ୍କୁ ଉଠାଇ ନେଇଛି। ଏହାପରେ ପୋଲିସ ସେମାନଙ୍କର କ'ଣ କଲେ ତାଙ୍କ ପାଖେ ଖବର ନ ଥିବା ଥାନା ଅଧିକାରୀ ଦାସ କହିଛନ୍ତି।

### ଅବକାରୀ ଚଢ଼ାଉ: ୪ ଗିରଫ

**ପୁରୀ ଅଫିସ,୧୩।୭:** ପୁରୀ ସଦର ଥାନା ଅଧୀନ ବୀରହରେକୃଷ୍ଣପୁର, ଖଣ୍ଡିଆବନ୍ଧ ବାରବାଟୀ ଏବଂ ସମୁଦ୍ରକୂଳ ଥାନା ଅଧୀନ ଗୋପାଳପୁର ଭୋଇସାହିଠାରେ ଅବକାରୀ ବିଭାଗ ବୁଧବାର ଚଢାଉ କରି ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଟୁନି ଭୋଇ, ମଞ୍ଜୁ ଭୋଇ ଏବଂ ରୀନା ଭୋଇ। ଏନେଇ ଅବକାରୀ ସ୍କ୍ୱାଡ୍ ୩ଟି ପୃଥକ୍ ମାମଲା(କେସ୍ ନଂ-୨୧/୨୨-୨୩, ୨୨/୨୨-୨୩ ଏବଂ ୨୩/୨୨-୨୩) ରୁଜୁ କରିଛି। ଅବକାରୀ ପୋଲିସ ଟୁନିଙ୍କଠାରୁ ୨୫ ଲିଟର ରନ୍ଧାମଦ, ମଞ୍ଜୁଙ୍କଠାରୁ ୧୫ ଲିଟର ଏବଂ ରୀନାଙ୍କଠାରୁ ୧୮ ଲିଟର ଦେଶୀମଦ ଜବତ କରିଛି। ଅବକାରୀ ଅଧୀକ୍ଷକ ଜଗଦୀଶ ଚନ୍ଦ୍ର ସାମଲଙ୍କ ନିର୍ଦ୍ଦେଶକ୍ରମେ ପୁରୀ ଜିଲା ମୋବାଇଲ ଅବକାରୀ ସ୍କ୍ୱାଡ୍ ନିରୀକ୍ଷକ ସଞ୍ଜୟ ପଣ୍ଡାଙ୍କ ନେତୃତ୍ୱରେ ଏହି ଚଢାଉ କରାଯାଇଥିଲା। ସେହିପରି କୁମ୍ଭାରପଡା ଥାନା ଅଧୀନ ନରେନ୍ଦ୍ର କୋଣ ଆଇଟିଆଇ ଛକରେ ଅବକାରୀ ବିଭାଗ ଚଢାଉ କରି ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ତାଙ୍କଠାରୁ ୧୪ ଲିଟର ଦେଶୀମଦ ଜବତ ହୋଇଛି। ସେ ହେଲେ ଟିକିନା ଭୋଇ। ଏନେଇ ଏକ ମାମଲା (କେସ୍ ନଂ. ୭୨/୨୨-୨୩) ରୁଜୁ ହୋଇଛି। ଜିଲା ଅବକାରୀ ସ୍କ୍ୱାଡ୍ ସହକାରୀ ଉପନିରୀକ୍ଷକ ମାନସ ମିଶ୍ରଙ୍କ ନେତୃତ୍ୱରେ ଏହି ଚଢାଉ ହୋଇଥିଲା।

### ୨ ବାଇକ୍ ଧକ୍କା, ୩ ଗୁରୁତର

**ନିମାପଡ଼ା,୧୩।୭(ଡି.ଏନ୍.ଏ):** ପୁରୀ ଜିଲା ଅନ୍ତର୍ଗତ ନିମାପଡ଼ା ନୂଆ ବସ୍‌ଷ୍ଟାଣ୍ଡ ୟାମାହା ଶୋ'ରୁମ୍ ନିକଟରେ ବୁଧବାର ରାତିରେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ୩ ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ନିମାପଡ଼ା ଥାନା ଅନ୍ତର୍ଗତ ଶଗଡା ଗ୍ରାମର ରାଜ ନାରାୟଣ ସାହୁ (୨୮), ବରୁଣିଚକ ଗ୍ରାମର ଅରୁଣ ପ୍ରଧାନ (୨୩) ଓ ଡେଣୁଆଁ ଗ୍ରାମର ରାକେଶ ସେଠୀ (୩୨)। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ନିମାପଡ଼ା ମେଡିକାଲରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ସେମାନଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ସୂଚନା ମୁତାବକ, ରାଜ ନାରାୟଣ ଏବଂ ଅରୁଣ ଗୋଟିଏ ବାଇକ୍‌ରେ ଶ୍ରୀମୁଖରୁ ନିମାପଡ଼ା ଅଭିମୁଖେ ଆସୁଥିଲେ। ବିପରୀତ ଦିଗରୁ ରାକେଶଙ୍କ ବାଇକ୍ ସହ ସେମାନଙ୍କ ବାଇକ୍ ମୁହାଁମୁହିଁ ଧକ୍କା ହୋଇଥିଲା। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

# ଏସ୍‌ସିଏସ୍‌ରେ ମାତିଛନ୍ତି ନକଲି ପ୍ରମାଣପତ୍ର ଦଲାଲ

- ୧୧ ଛାତ୍ରୀଛାତ୍ରଙ୍କ ଆଡମିଶନ୍ ଅବୈଧ କହିଲା ଉଚ୍ଚଶିକ୍ଷା ବିଭାଗ
- ଜାଲ୍ ଭିନ୍ନକ୍ଷମ ପ୍ରମାଣପତ୍ର ଦେଇ ନାମ ଲେଖାଇଥିଲେ
- କଲେଜ କର୍ମଚାରୀଙ୍କ ସମ୍ପୃକ୍ତି ଅଭିଯୋଗ, କାର୍ଯ୍ୟାନୁଷ୍ଠାନ ଦାବି

**ପୁରୀ ଅଫିସ,୧୩।୭**

ସାମନ୍ତ ଚନ୍ଦ୍ରଶେଖର (ଏସ୍‌ସିଏସ୍) ମହାବିଦ୍ୟାଳୟରେ ଜାଲ୍ ପ୍ରମାଣପତ୍ର ସହାୟତାରେ ଆଡମିଶନ୍ କରାଯାଉଥିବା ଘଟଣା ସାମ୍ନାକୁ ଆସିଛି। ଏ ନେଇ ଉଚ୍ଚଶିକ୍ଷା ବିଭାଗର ଡେପୁଟି ଡାଇରେକ୍ଟର ରାଜେଶ କୁମାର ସାହୁ ଭୁବନେଶ୍ୱରସ୍ଥିତ ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେଶନ୍ ସେଣ୍ଟରର ଜେନେରାଲ ମ୍ୟାନେଜରଙ୍କୁ ଚିଠି ଲେଖି ଅବଗତ କରିଛନ୍ତି। ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟରେ ୧୧ଜଣ ଛାତ୍ରୀଛାତ୍ରଙ୍କର ଜାଲ୍ ଭିନ୍ନକ୍ଷମ ପ୍ରମାଣପତ୍ର ମାଧ୍ୟମରେ ଆଡମିଶନ୍ କରାଯାଇଛି। ଉଚ୍ଚସ୍ତରୀୟ ଯାଞ୍ଚ ବେଳେ କଲେଜ କର୍ତ୍ତୃପକ୍ଷଙ୍କ ଏଭଳି ପକ୍ଷପାତିତା ଓ ଦୁର୍ନୀତିଗ୍ରସ୍ତ କାର୍ଯ୍ୟ ଧରାପଡ଼ିଛି। ତେବେ ସମ୍ପୃକ୍ତ ଛାତ୍ରୀଛାତ୍ରଙ୍କ ଆଡ୍‌ମିଶନ୍‌କୁ ନାକଚ କରାଯାଇଥିବା ଉଚ୍ଚଶିକ୍ଷା ବିଭାଗ ସ୍ପଷ୍ଟ କରିଛି। ଏଣୁ ମହାବିଦ୍ୟାଳୟରେ ଆଡ୍‌ମିଶନ୍ ନେଇଥିବା ଛାତ୍ରୀଛାତ୍ରଙ୍କ ତାଲିକାକୁ ସାମ୍ସ ପୋର୍ଟାଲରେ ଅପ୍‌ଡେଟ୍ କରିବା ପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଓସିଏସିକୁ ନିର୍ଦ୍ଦେଶ ଦିଆଯାଇଛି। ସେହିଭଳି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ୧୧ ଜଣ ଛାତ୍ରୀଛାତ୍ରଙ୍କ ତାଲିକା ଜାରି ହୋଇଛି। ଏଥିରେ ନାମ ସହ ରୋଲ ନମ୍ବର ଓ ବାର୍‌କୋଡ୍ ଉଲ୍ଲେଖ ରହିଛି। ସମ୍ପୃକ୍ତ ତାଲିକାରେ ପ୍ରିୟଙ୍କା ପ୍ରିୟଦର୍ଶିନୀ, ନିବେଦିତା ପାଣିଗ୍ରାହୀ, ସତ୍ୟଜିତ ବରାଳ, ବିଶ୍ୱଜିତ ଦାଶ, ପପୁ ମହାନ୍ତି, ପ୍ରସାଦ ସାହୁ, ମନୁ ପଲେଇ, ରିତନ ଦାସ, ମୋନାଲିସା ସାହୁ, ସନ୍ଧ୍ୟାରାଣୀ ମହାନ୍ତି ଏବଂ ଅନୀଲ କୁମାର ମହାରଣାଙ୍କ ନାମ ରହିଛି। ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟରେ ଜାଲ ଭିନ୍ନକ୍ଷମ ପ୍ରମାଣପତ୍ର ଦେଇ ଆଡ୍‌ମିଶନ୍ ଘଟଣା ନୂଆ ନୁହେଁ। ଉଭୟ କଲେଜ କର୍ମଚାରୀ ଓ ପତିଆରା ରଖିଥିବା ଛାତ୍ରନେତାମାନେ ପିଲାଙ୍କଠାରୁ ହଜାର ହଜାର ଟଙ୍କା ନେଇ


Government of Odisha
Higher Education Department
No.: 24218 /HE, Dated: 13 /07/2022
HE-PTC-MISC-0001-2022
From
Dr. Rajesh Kumar Sahoo, O.E.S
Deputy Director
To
The General Manager
OCAC, Bhubaneswar
Sub: Cancellation of admission of students owing to fake PwD Certificates
Madam/Sir,
In inviting a reference to the subject cited above, I am directed to inform you that, admission of 11 (Eleven) Nos. of students of S.C.S. (A) College, Puri has been cancelled due to submission of fake PwD certificates during the time of admission. It is requested to update the same in SAMS portal as per the list mentioned below.

| Sl No. | Name of Student | College Roll No. | Barcode |
| --- | --- | --- | --- |
| 1 | Priyanka Priyadarshini Barik | BS20-610 | 200213400 |
| 2 | Nibedita Panigrahi | BA21-541 | 210554110 |
| 3 | Satyajit Baral | BSc(B)21-102 | 210554188 |
| 4 | Biswajit Dash | BA20-346 | 200455452 |
| 5 | Papu Mohanty | BA20-349 | 200457284 |
| 6 | Prasad Sahoo | BA20-350 | 200457106 |
| 7 | Manu Palai | BA20-352 | 200457396 |
| 8 | Ritan Das | BA20-370 | 200517092 |
| 9 | Monalisha Sahoo | BA20-372 | 200517100 |
| 10 | Sandhya Rani Mohanty | BA20-338 | 200455684 |
| 11 | Anil Kumar Moharana | BA20-279 | 200117460 |

Assistant Director Dr. Ashok Kumar

ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଜାରି ଛାତ୍ରୀଛାତ୍ରଙ୍କ ତାଲିକା।

ଏଭଳି ଆଡମିଶନ୍ କରାଇଥାଆନ୍ତି। ଏନେଇ ପୂର୍ବରୁ ଅନେକ ଥର ଅଭିଯୋଗ ମଧ୍ୟ ହୋଇଛି। ତେବେ ଜାଲ୍ ପ୍ରମାଣପତ୍ର ଦେଇ ଆଡମିଶନ୍ ସମ୍ପର୍କରେ କଲେଜର ଅଧ୍ୟକ୍ଷ ସୁଜାତା ମିଶ୍ର କହିଛନ୍ତି, ଆଡ୍‌ମିଶନ୍ ବେଳେ ସାର୍ଟିଫିକେଟ୍ ଅସଲି କିମ୍ବା ନକଲି ତାହା ଜାଣିବା ସବୁବେଳେ ସମ୍ଭବପର ନୁହେଁ। ଭିନ୍ନକ୍ଷମ ସାର୍ଟିଫିକେଟ୍ ଆଧାରରେ ଆଡ୍‌ମିଶନ୍ କରିଥିବା ଛାତ୍ରୀଛାତ୍ରଙ୍କ ସାର୍ଟିଫିକେଟ୍‌ର ସତ୍ୟତା ଯାଞ୍ଚ ପାଇଁ ଉଚ୍ଚଶିକ୍ଷା ବିଭାଗ ସାନି ଚିଠି କରିଥିଲେ। ଚିଠି ପରେ ସବୁ ସାର୍ଟିଫିକେଟ୍ ସିଡିଏମ୍‌ଓଙ୍କୁ ହସ୍ତାନ୍ତର କରାଯାଇଥିଲା। ଯେଉଁମାନେ ନକଲି ସାର୍ଟିଫିକେଟ୍ ଦାଖଲ କରିଥିଲେ ସେମାନଙ୍କୁ ସିଡିଏମ୍‌ଓ ଅଫିସ ପକ୍ଷରୁ ଚିହ୍ନଟ କରାଯାଇଥିଲା। ପରେ ଆଡ୍‌ମିଶନ୍ ଖାରଜ ଲାଗି ଉଚ୍ଚଶିକ୍ଷା ବିଭାଗ ଚିଠି କରିଛନ୍ତି। ତେବେ ସାର୍ଟିଫିକେଟ୍ ଯାଞ୍ଚ ନିମନ୍ତେ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶ ପରେ ଯଦି ସିଡିଏମ୍‌ଓଙ୍କ ହସ୍ତକ୍ଷେପ ଲୋଡ଼ାଗଲା ତେବେ ଆଡ୍‌ମିଶନ୍ ସମୟରେ ଏଭଳି କରାଗଲା ନାହିଁ କାହିଁକି। ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟ ଭଳି ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନରେ ନକଲି ସାର୍ଟିଫିକେଟ୍ ଦେଇ ଛାତ୍ରୀଛାତ୍ର କିପରି ଆଡମିଶନ୍ କରିପାରିଲେ ବୋଲି ବୁଦ୍ଧିଜୀବୀମାନେ ପ୍ରଶ୍ନ କରିଛନ୍ତି। ପୂର୍ବତନ ଛାତ୍ରନେତା ଭଗବାନ ପଢ଼ିହାରୀ କହିଛନ୍ତି, ଅନେକ ଦଲାଲ ୨୫ରୁ ୩୦ ହଜାର ଟଙ୍କା ନେଇ କର୍ମଚାରୀମାନଙ୍କୁ ହାତବାରିସି କରି ମିଛ ପ୍ରମାଣପତ୍ର ଦେଇ ଆଡମିଶନ୍ କରାଉଛନ୍ତି। ଯାହାଫଳରେ ଯୋଗ୍ୟ ଛାତ୍ରୀଛାତ୍ର ବଞ୍ଚିତ ହେଉଛନ୍ତି। ପୂର୍ବତନ ଛାତ୍ର ସଂଘ ଦ୍ୱାରା ବିଗତ ଦିନରେ ସୂଚନା ଅଧିକାର ଆଇନ ବଳରେ ଯାଞ୍ଚ କରାଯାଇ ୬୨ଜଣ ନକଲି ପ୍ରମାଣପତ୍ରଧାରୀଙ୍କୁ ଧରାଯାଇଥିଲା।

## ଗୁଣଧର ଦାସ ମହାପାତ୍ର ପୁରୀ ଅର୍ବାନ ବ୍ୟାଙ୍କ ସଭାପତି



**ପୁରୀ ଅଫିସ,୧୩।୭**

ପୁରୀ ଅର୍ବାନ କୋ-ଅପରେଟିଭ୍ ପରିଚାଳନା ପରିଷଦର ସଭାପତି ନିର୍ବାଚନରେ ବିଜେଡି ସମର୍ଥିତ ପ୍ରାର୍ଥୀ ଗୁଣଧର ଦାସମହାପାତ୍ର ବିଜୟ ଲାଭ କରିଛନ୍ତି। ତାଙ୍କ ବିରୋଧରେ ରବି ନାରାୟଣ ଦାଶ ପ୍ରାର୍ଥୀ ହୋଇ ୬ଖଣ୍ଡ ଭୋଟ ପାଇଥିବା ବେଳେ ଗୁଣଧରଙ୍କୁ ୮ଖଣ୍ଡ ଭୋଟ ମିଳିଛି। ଗୋଟିଏ ଭୋଟ ନାକଚ ହୋଇଥିବା ସୂଚନା ରହିଛି। ବିଜୟ ପରେ ଗୁଣଧର ନିଜ ସମର୍ଥକ ତଥା ପରିଚାଳନା ସଦସ୍ୟମାନଙ୍କ ସହ ମିଶି ପୁରୀ ଜିଲା ବିଜୁ ଜନତା ଦଳ ସଭାପତି ମହେଶ୍ୱର ମହାନ୍ତିଙ୍କୁ ଭେଟି କୃତଜ୍ଞତା ଜଣାଇଛନ୍ତି। ଉଲ୍ଲେଖଯୋଗ୍ୟ, ପୂର୍ବରୁ ବ୍ୟାଙ୍କ ପରିଚାଳନା ସଦସ୍ୟ ପଦ ପାଇଁ ନିର୍ବାଚନ ହୋଇଥିଲା। ଏଥିରେ ୮ ଜଣ ବିଜେଡି ସମର୍ଥିତ ଓ ୭ଜଣ ଭାଜପା ସମର୍ଥିତ ପ୍ରାର୍ଥୀ ଜିତିଥିଲେ। ତେବେ ସଭାପତି ନିର୍ବାଚନ ପୂର୍ବରୁ ଘୋଡ଼ାବେପାର ହେବା ଆଶଙ୍କା କରାଯାଉଥିଲା। ମାତ୍ର ସେଭଳି କିଛି ଦେଖିବାକୁ ମିଳିନାହିଁ। ଭାଜପା ସମର୍ଥିତ ଜଣେ ସଦସ୍ୟଙ୍କ ପ୍ରାର୍ଥିପତ୍ର ନାକଚ ହୋଇଥିବା କୁହାଯାଉଛି।

## 'ସତ୍‌ମାର୍ଗରେ ରହି ଲୋକଙ୍କ ସେବା କର'


ଗୁରୁପୂର୍ଣ୍ଣିମା ଅବସରରେ ଗୋବର୍ଦ୍ଧନ ପୀଠରେ ଶିଷ୍ୟମାନେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ ଆଶୀର୍ବାଦ ନେଉଛନ୍ତି।

**ଗୋବର୍ଦ୍ଧନ ପୀଠରେ ଗୁରୁପୂର୍ଣ୍ଣିମା ପାଳିତ**

**ପୁରୀ ଅଫିସ, ୧୩।୭**

ଗୋବର୍ଦ୍ଧନ ପୀଠରେ ବୁଧବାର ଗୁରୁପୂର୍ଣ୍ଣିମା ଉତ୍ସବ ପାଳିତ ହୋଇଛି। ଗୋବର୍ଦ୍ଧନ ପୀଠର ମଠାଧୀଶ ଜଗଦଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ମହାରାଜଙ୍କ ସାନିଧ୍ୟରେ ଗୁରୁପୂର୍ଣ୍ଣିମା ମହୋତ୍ସବ ପାଳନ କରାଯାଇଥିଲା। ପ୍ରାତଃରେ ଶଙ୍କରାଚାର୍ଯ୍ୟଙ୍କ ବ୍ୟକ୍ତିଗତ ସଚିବ ସ୍ୱାମୀ ନିର୍ବିକଳ୍ପାନନ୍ଦ ସରସ୍ୱତୀ ଅର୍ଦ୍ଧନାରୀଶ୍ୱର ଭଗବାନଙ୍କ ଅଭିଷେକ କରିଥିଲେ। ପରେ ଭଗବାନ ନାରାୟଣଙ୍କ ପାଦୁକା ପୂଜନ ଓ ପାରମ୍ପରିକ ଗୁରୁପୂଜନ ପୀଠ ପୁରୋହିତ ବିଶ୍ୱମ୍ଭର ଦାସ, ଆଦିତ୍ୟ ମିଶ୍ର, ଗୋବିନ୍ଦ ମିଶ୍ର, ଭଗବାନ ମହାପାତ୍ର ଏବଂ ଦିବାକର ମହାପାତ୍ରଙ୍କ ଦ୍ୱାରା ସମ୍ପାଦନ ହୋଇଥିଲା। ପରେ ପୀଠର ଅନ୍ତେବାସୀ, ଭକ୍ତମାନେ ଶଙ୍କରାଚାର୍ଯ୍ୟଙ୍କ ଦର୍ଶନ ଓ ପାଦୁକା ପୂଜାର୍ଚ୍ଚନା କରିଥିଲେ। ଏହି ଅବସରରେ କେତେଜଣ ଭକ୍ତଙ୍କୁ ଶଙ୍କରାଚାର୍ଯ୍ୟ ଦୀକ୍ଷା ପ୍ରଦାନ କରିଥିଲେ। ଅପରାହ୍ନରେ ପୀଠ ପରିଷଦସ୍ଥିତ ଭାଗବତ ସମ୍ମିଳନୀ କକ୍ଷରେ ଆଦିତ୍ୟବାହିନୀ, ଆନନ୍ଦବାହିନୀ, ହିନ୍ଦୁରାଷ୍ଟ୍ର ସଂଘ, ସନାତନ ସନ୍ଥ ସମିତି ଏବଂ ରାମରାଜ୍ୟ ପରିଷଦର କର୍ମକର୍ତ୍ତାଙ୍କୁ ଗୁରୁଦେବ ଦର୍ଶନ ଓ ଆର୍ଶୀବଚନ ପ୍ରଦାନ କରିଥିଲେ। ସେହିପରି ଏକ ଧର୍ମସଭା ଆୟୋଜିତ ହୋଇଥିଲା। ସର୍ବଦା ସତ୍‌ମାର୍ଗରେ ରହି ଲୋକଙ୍କ ସେବା କରିବାକୁ ଜଗଦ୍‌ଗୁରୁ ପରାମର୍ଶ ଦେଇଥିଲେ। ତେବେ ଗଜପତି ମହାରାଜା କୌଣସି କାର୍ଯ୍ୟବଶତଃ ଏହି କାର୍ଯ୍ୟକ୍ରମରେ ଯୋଗଦେଇପାରି ନ ଥିଲେ ମଧ୍ୟ ତାଙ୍କ ପ୍ରତିନିଧି ଭାବେ ଜଣଙ୍କୁ ପଠାଇଥିଲେ। ସେହିପରି ଗଜପତି ମହାରାଜା ଏକ ଲିଖିତ ବିବୃତି ଶଙ୍କରାଚାର୍ଯ୍ୟଙ୍କ ଉଦ୍ଦେଶ୍ୟରେ ପ୍ରେରଣ କରି ଜଗଦ୍‌ଗୁରୁଙ୍କଠାରୁ ଆଶୀର୍ବାଦ କାମ୍ୟ କରିଥିଲେ। ଏହି ଉତ୍ସବ ଉପରାନ୍ତ ଶ୍ରାବଣ କୃଷ୍ଣ ପ୍ରତିପଦାଠାରୁ ଭାଦ୍ରବ ଶୁକ୍ଳ ପୂର୍ଣ୍ଣିମା ପର୍ଯ୍ୟନ୍ତ ଶଙ୍କରାଚାର୍ଯ୍ୟ ଚତୁର୍ମାସ୍ୟା ବ୍ରତ ପାଳନ କରିବେ। ଏହି ବ୍ରତ ପାଳନ ସମୟରେ ଦଣ୍ଡିସ୍ୱାମୀ ସନ୍ନ୍ୟାସୀ, ବ୍ରହ୍ମଚାରୀ, ବିଦ୍ୱାନମାନଙ୍କୁ ଶଙ୍କରାଚାର୍ଯ୍ୟ ପ୍ରବଚନ ଦେବା ସହ ଭଗବାନ୍ ସାଙ୍ଖ୍ୟ, ଉପନିଷଦ, ଭାଗବତ ଆଦି ପଢାଇବେ। ଗୁରୁ ପୂର୍ଣ୍ଣିମା ମହୋତ୍ସବରେ କ୍ରିୟା ଯୋଗ ଆଶ୍ରମର ସନ୍ଥଙ୍କ ସମେତ ଭାରତର ୧୫ଟି ରାଜ୍ୟରୁ ପ୍ରତିନିଧିମାନେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ହୃଷିକେଶ ବ୍ରହ୍ମଚାରୀ, ପ୍ରଫୁଲ୍ଲ ବ୍ରହ୍ମଚାରୀ, ଗୋବିନ୍ଦ ମହାନ୍ତି, ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ, ଗଣେଶ୍ୱର ମହାସୁଆର, ତନ୍ମୟ ଚାଟାର୍ଜୀ, ସଂଗ୍ରାମ କେଶରୀ କାନୁନ୍‌ଗୋ, ପୀତବାସ ନାୟକ, ଅମୀୟ ମହାପାତ୍ର, ଦେବାଶିଷ ମିଶ୍ର, ଅଜୟ ଗୋଛିକାର ଏବଂ ମାଗୁଣି ସାହୁ ପ୍ରମୁଖ ପରିଚାଳନା କରିଥିଲେ।

## ବେଳାଭୂମି ସୁରକ୍ଷା ସ୍ଥିତି ଅନୁଧ୍ୟାନ କଲେ ଜଳ ସମ୍ପଦ ଅଧିକାରୀ

**ଗୋପ,୧୩।୭(ଡି.ଏନ୍.ଏ.)**

ପୁରୀ- କୋଣାର୍କ ବେଳାଭୂମି ରାସ୍ତାର ସୁରକ୍ଷାକୁ ନେଇ ଏବେ ଜଳସମ୍ପଦ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ବୁଧବାର ଚେନ୍ନାଇରୁ ଆସିଥିବା ଏକ ୩ ଜଣିଆ ବୈଜ୍ଞାନିକ ଦଳଙ୍କ ସହିତ ଜଳସମ୍ପଦ ବିଭାଗର ବରିଷ୍ଠ ଯନ୍ତ୍ରୀମାନେ କୋଣାର୍କଠାରେ ପହଞ୍ଚି ଥିଲେ। ବେଳାଭୂମି ରାସ୍ତା ସହିତ ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ଗାଁ, ପୁରାତନ ମା' ରାମଚଣ୍ଡୀ ମନ୍ଦିର ଓ ଇକୋ-ରିଟ୍ରିଟ୍ ଅଞ୍ଚଳ ବୁଲି ସ୍ଥିତି ଅନୁଧ୍ୟାନ କରିଥିବା ଜଣାପଡିଛି। ସୂଚନା ମୁତାବକ, ପ୍ରତ୍ୟେକ ଦିନ ରାଜ୍ୟ ଓ ରାଜ୍ୟ ବାହାରୁ ଶହ ଶହ ପର୍ଯ୍ୟଟକ ବିଶ୍ୱ ପ୍ରସିଦ୍ଧ କୋଣାର୍କ ସୂର୍ଯ୍ୟ ମନ୍ଦିର ବୁଲିବା ପାଇଁ କୋଣାର୍କ ଆସୁଛନ୍ତି। ପର୍ଯ୍ୟଟକ କୋଣାର୍କ ସହ ଚନ୍ଦ୍ରଭାଗାସ୍ଥିତ ସମୁଦ୍ର ବୁଲିବା ପରେ ମା' ରାମଚଣ୍ଡୀଙ୍କୁ ଦର୍ଶନ କରିଥାନ୍ତି। ପରେ ପୁରୀ- କୋଣାର୍କ ବେଳାଭୂମି ମାର୍ଗରେ ଥିବା ଇକୋ- ରିଟ୍ରିଟ୍‌ରେ ରାତ୍ରି ଯାପନ କରିବା ସହ ରାମଚଣ୍ଡୀ ମୁହାଣ ଓ ସମୁଦ୍ରର ମଜା ନେଇଥାଆନ୍ତି। କିନ୍ତୁ କିଛିଦିନ ଧରି ରାମଚଣ୍ଡୀ ମୁହାଣ ତା'ର ଗତିପଥ ବଦଳାଇଛି। ଫଳରେ ସମୁଦ୍ର ଏବଂ ମୁହାଣ ଜଳରେ ମା' ରାମଚଣ୍ଡୀ ମନ୍ଦିର, ଇକୋ- ରିଟ୍ରିଟ୍ ସହିତ ନିକଟସ୍ଥ ଖାଲକାଟା ପାଟେଣା, ଟିକନା ଗାଁ ଲୀନ ହେବାକୁ ବସିଲାଣି। ଏଥିସହ ସମୁଦ୍ର ପାଣି ବେଳାଭୂମି ରାସ୍ତା ଖାଇବାକୁ ବସିଲାଣି। ଫଳରେ ରାମଚଣ୍ଡୀ ମୁହାଣ ଦାୟିତ୍ୱ ଜଳସମ୍ପଦ ବିଭାଗ ହାତରେ ଥିବାରୁ ବିଭାଗ ପକ୍ଷରୁ ରାଜ୍ୟ ସରକାରଙ୍କୁ ଅବଗତ କରାଯାଇଥିଲା। ତେବେ ବୁଧବାର ବିଭାଗ ଏହାର ସ୍ଥିତି ଅନୁଧ୍ୟାନ କରିଛି। ଏହାର ସୁରକ୍ଷା ପାଇଁ ପୂର୍ବରୁ ସାଟଲାଇଟ୍ ସର୍ଭେ ସହିତ ଡ୍ରୋନ ସର୍ଭେ କାର୍ଯ୍ୟ ଶେଷ ହୋଇଥିବା ଜଣାପଡିଛି। ଏହି ସର୍ଭେ ସମୟରେ ମୁଖ୍ୟଯନ୍ତ୍ରୀଙ୍କ ସହ ଜଳସମ୍ପଦ ବିଭାଗ ସହକାରୀ ମୁଖ୍ୟଯନ୍ତ୍ରୀ ବିଘ୍ନରାଜ ପୁରୋହିତ, ନିମାପଡ଼ା ଅଧୀକ୍ଷକ ଯନ୍ତ୍ରୀ ଶଶିଭୂଷଣ ମିଶ୍ର, ଗୋପ ଜଳସମ୍ପଦ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ସଂଗ୍ରାମ କେଶରୀ ମହାନ୍ତି, ସହକାରୀ ଯନ୍ତ୍ରୀ ସଞ୍ଜୀବ ନାରାୟଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଗୁରୁ ଗୋରେଖନାଥ ପୀଠରେ ଗୁରୁପୂର୍ଣ୍ଣିମା ଉତ୍ସବ

**ଅସ୍ତରଙ୍ଗ,୧୩।୭(ଡି.ଏନ୍.ଏ)**

ଅସ୍ତରଙ୍ଗ ବ୍ଲକ ପ୍ରାଚୀ ନଦୀ ତଟ ନିକଟ ଗୁରୁ ଗୋରେଖନାଥ ପୀଠରେ ବୁଧବାର ଗୁରୁପୂର୍ଣ୍ଣିମା ଉତ୍ସବ ପାଳିତ ହୋଇଯାଇଛି। ପ୍ରାଚୀ ସଂସ୍କୃତି ସୁରକ୍ଷା ପରିଷଦ ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ବ୍ୟାସ ଦେବଙ୍କ ଗାଦି ପୂଜନ, ଗୁରୁ ଗାଦି ପୂଜନ ସହ ଶ୍ରୀଗୀତଗୋବିନ୍ଦ ଗାୟନ କରାଯାଇଥିଲା। ପରିଷଦ ଆବାହକ ପଣ୍ଡିତ ତ୍ରିଲୋଚନ ମିଶ୍ର, ସଭାପତି ପ୍ରଦୀପ୍ତ ସାହୁ, ସଂଯୋଜକ ରାକେଶ ବେହେରା, ଉପଦେଷ୍ଟା ସନ୍ତୋଷ ମିତ୍ର, ପରିଚାଳକ ତପନ ମିଶ୍ର ପ୍ରମୁଖ ଗୁରୁ ପୂଜନ ସହ ଗୁରୁପୂର୍ଣ୍ଣିମା ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ପ୍ରାଚୀନଦୀ ସୁରକ୍ଷା ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ଉପଯୁକ୍ତ ପଦକ୍ଷେପ ନେବାକୁ ଦୃଢ଼ ଦାବି ଜଣାଇଛନ୍ତି। ସେହିପରି ବାଲିଦୋକାନ ନିକଟସ୍ଥ ଦର୍ଶନି ବନ୍ତଠାରେ ଥିବା ଶ୍ରୀଜଗନ୍ନାଥ କଳ୍କୀ ଯୋଗାଶ୍ରମ ବାନାବାବା ମଠରେ ଗୁରୁପୂର୍ଣ୍ଣିମା ଉତ୍ସବ ଆଶ୍ରମ ଶ୍ରଦ୍ଧାଳୁଙ୍କ ଦ୍ୱାରା ପାଳିତ ହୋଇଯାଇଛି। ସେଠାରେ ଭକ୍ତମାନେ ଗୁରୁପୂଜନ ସହ ଭଜନ ପରିବେଷଣ କରିଥିଲେ।

## 'ମହାପ୍ରଭୁଙ୍କ ସେବା ସମସ୍ତଙ୍କ ଭାଗ୍ୟରେ ଜୁଟେ ନାହିଁ'

**ପୁରୀ ଅଫିସ,୧୩।୭**

ରଥଯାତ୍ରା ପାଇଁ ପୁରୀ ଏବଂ ଅନ୍ୟ ଜିଲାରୁ ଅଧିକାରୀମାନେ ଆସିଥିଲେ। ରଥଯାତ୍ରା ପରେ ଫେରିବାବେଳେ ସେମାନଙ୍କୁ ସ୍ଥାନୀୟ ସଦ୍‌ଭାବନା ସଭାଗୃହରେ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। କାର୍ଯ୍ୟକ୍ରମରେ ପୁରୀ ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ ସାହୁ ଅଧ୍ୟକ୍ଷତା କରି କହିଥିଲେ, ମହାପ୍ରଭୁଙ୍କ ସେବା କରିବା ସମସ୍ତଙ୍କ ଭାଗ୍ୟରେ ଜୁଟେ ନାହିଁ। ଯେଉଁମାନେ ଏହି ରଥଯାତ୍ରା ଦାୟିତ୍ୱରେ ଆସିଥିଲେ, ସେମାନେ ନିଶ୍ଚିତ ନିଜକୁ ସୌଭାଗ୍ୟବାନ ବୋଲି ମନେ କରିବା ଉଚିତ୍। ବିଏମ୍‌ସି ଅତିରିକ୍ତ କମିଶନର ବିନୟ ଦାଶ, ପୁରୀ ଅତିରିକ୍ତ ଜିଲାପାଳ (ରାଜସ୍ୱ) ଦିଲୀପ ମହାପାତ୍ର, କୈଳାସ ଚନ୍ଦ୍ର ନାୟକ, ପୌର ନିର୍ବାହୀ ଅଧିକାରୀ ସରୋଜ ସ୍ୱାଇଁ, ସିଡିଏମ୍‌ଓ ସୁଜାତା ମିଶ୍ର, ଡେପୁଟି କଲେକ୍ଟର ସୁମନ୍ତ କର ପ୍ରମୁଖ ରଥଯାତ୍ରାଠାରୁ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିଥିବାରୁ ସେମାନଙ୍କୁ ଧନ୍ୟବାଦ ଦିଆଯାଇଥିଲା। ପରେ ସମସ୍ତ ଅଧିକାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରଥଯାତ୍ରା ଶୃଙ୍ଖଳିତ ଭାବେ ସମ୍ପନ୍ନ ହୋଇଥିବାରୁ ଜିଲାପାଳ ସମର୍ଥ ବର୍ମା ଏବଂ ଏସ୍‌ପି କନୱର ବିଶାଳ ସିଂ ସମସ୍ତଙ୍କୁ ଧନ୍ୟବାଦ ଦେଇଛନ୍ତି। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ ସେଠୀ ମଧ୍ୟ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ଅପମାନଜନକ ଫଟୋ ଭାଇରାଲ ଅଭିଯୋଗ: ଜଣେ ଗିରଫ

**ପୁରୀ ଅଫିସ, ୧୩।୭**

ସୋସିଆଲ ମିଡିଆରେ ଅପମାନଜନକ ଫଟୋ ଭାଇରାଲ କରିବା ଅଭିଯୋଗରେ ବଳିଆପଣ୍ଡା ଥାନା ପୋଲିସ ଜଣଙ୍କୁ ଗିରଫ କରି କରି ବୁଧବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ବଳିଆପଣ୍ଡା ଥାନା ଅନ୍ତର୍ଗତ ଗୌଡ଼ବାଡ଼ ସାହି ଅଞ୍ଚଳର ମନୋଜ କୁମାର ମହାନ୍ତି। ଏ ନେଇ ପୋଲିସ ଏକ ମାମଲା (ନଂ. ୮୫/୨୨) ରୁଜୁ କରିଛି। ବଳିଆପଣ୍ଡା ବସ୍ତି ଅଞ୍ଚଳର ଜଣେ ମହିଳାଙ୍କ ଅଭିଯୋଗ ଅନୁଯାୟୀ, ମନୋଜ ତାଙ୍କର ଓ ତାଙ୍କ ସ୍ୱାମୀଙ୍କ ସମେତ ଅନ୍ୟ କେତେଜଣ ମହିଳାଙ୍କ ଅପମାନଜନକ ଫଟୋ ସୋସିଆଲ ମିଡିଆରେ ଭାଇରାଲ କରିଥିଲେ। ଏନେଇ ତାଙ୍କ ସ୍ୱାମୀ ବାରଣ କରିବାରୁ ମନୋଜ ତାଙ୍କୁ ଗାଳି ଦେଇଥିଲେ।

## ୧୪ ଚୋରି ମୋବାଇଲ ଜବତ, ୮ ଗିରଫ

**ପୁରୀ ଅଫିସ ୧୩।୭**

ତାଳବଣିଆ ଥାନା ପୋଲିସ ଏକ ମୋବାଇଲ ଚୋର ଗ୍ୟାଙ୍ଗର ୮ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ପୁରୀ ସମୁଦ୍ରକୂଳ ଥାନା ଅନ୍ତର୍ଗତ ହରଚଣ୍ଡୀ ବସ୍ତି ବାଲି ଉପର ଧୋବାଖାଲ ଅଞ୍ଚଳର ଗଣେଶ ରାଉତ, ଧୋବାଖାଲ ଅଞ୍ଚଳର ସଞ୍ଜୟ ସାମନ୍ତରାୟ, ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ଅଞ୍ଚଳର ସଂଗ୍ରାମ ଦାସ, ସିଟି ରୋଡ୍ ଆରଟିଓ ଅଫିସ ଅଞ୍ଚଳର ରଜତ କୁମାର ଦାସ, ଧୋବାଖାଲ ଅଞ୍ଚଳର ଦିଲୀପ ସାମନ୍ତରାୟ, ତାଳବଣିଆ ଥାନା ଅନ୍ତର୍ଗତ ପିକେଆର୍‌ଆଇଟି କଲୋନୀ ଅଞ୍ଚଳର ରାଜା ସାସମଲ, ପିଣ୍ଟୁ ଥାପା ଏବଂ ସିଦ୍ଧମହାବୀର ଦାଦାବାଡ଼ି ଅଞ୍ଚଳର ରଞ୍ଜନ ବେହେରା। ଏମାନଙ୍କ ନିକଟରୁ ୧୪ଟି ମୋବାଇଲ ଫୋନ୍ ଓ ୧ଟି ଟାବଲେଟ ଜବତ ହୋଇଛି। ଏ ନେଇ ପୋଲିସ ଏକ କେସ୍ (ନଂ. ୯୪/୨୨) ରୁଜୁ କରିଛି। ପୋଲିସ ସୂଚନାନୁଯାୟୀ, ତାଳବଣିଆ ଥାନା ପୋଲିସ ପକ୍ଷରୁ ବୁଧବାର ସକାଳେ ପାଟ୍ରୋଲିଂ ଚାଲିଥିଲା। କେତେଜଣ ବ୍ୟକ୍ତି ରଥଯାତ୍ରା ସମୟରେ ଭକ୍ତଙ୍କଠାରୁ ଚୋରି କରିଥିବା କିଛି ମୋବାଇଲ ଫୋନ୍ ଧରି ପିକେଆରଆଇଟି ନିକଟରେ ଏକାଠି ହୋଇଥିବା ପୋଲିସ ସୂଚନା ପାଇ ସେଠାରେ ଚଢାଉ କରିଥିଲା। ୮ଜଣଙ୍କୁ ଧରି ଥାନାକୁ ଆଣି ପଚରାଉଚରା କରିବା ପରେ ଗିରଫ କରି କୋର୍ଟ ଚାଲାଣ କରିଥିଲା।

# ପେଟ ପାଇଁ ହଜିଯାଉଛି ଶୈଶବ

- ଶ୍ରୀମନ୍ଦିର ସାମ୍ନାରେ ଭିକ୍ଷା ବୃତ୍ତି କରୁଛନ୍ତି ଶିଶୁ
- କାଗଜକଲମରେ ସୀମିତ ସରକାରୀ ପଦକ୍ଷେପ

**ପୁରୀ ଅଫିସ,୧୩।୭**



ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଅଧୀନରେ ଚାକଚକ୍ୟ ଓ ଶ୍ରଦ୍ଧାଳୁଙ୍କ ପାଇଁ ମୌଳିକ ସୁବିଧା ଭଳି ବ୍ୟବସ୍ଥା ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ଭକ୍ତମାନେ ପୁରୀ ଆସିଲେ କିଭଳି ଭଲ ଅନୁଭୂତି ନେଇ ଫେରିବେ, ତାହା ଉପରେ ପ୍ରାଥମିକତା ରହିଛି। ମାତ୍ର ଏହି ଚାକଚକ୍ୟ ଭିତରେ ବଡ଼ଦାଣ୍ଡରେ ଭିକ୍ଷାବୃତ୍ତି କରୁଥିବା କୋମଳମତି ଶିଶୁଙ୍କ ପ୍ରତି ପ୍ରଶାସନର ନଜର ପଡୁନାହିଁ। ଚିରାଫଟା କପଡ଼ା ପିନ୍ଧା ପିଲାମାନେ ଗିନା ଦେଖାଇ ଲୋକଙ୍କୁ ଟଙ୍କା ମାଗୁଛନ୍ତି। ଲୋକେ ଟଙ୍କାଏ କି ଦୁଇଟଙ୍କା ଦେଇ ଚାଲିଯାଉଛନ୍ତି। ଏହି ଦୃଶ୍ୟ ନିତିଦିନିଆ ହୋଇଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ସେମାନଙ୍କ ମୌଳିକ ଅଧିକାର ସୁନିଶ୍ଚିତ କରିବାକୁ ପଦକ୍ଷେପ ନିଆଯାଉନାହିଁ। ବୁଧବାର ଶ୍ରୀମନ୍ଦିର ସିଂହଦ୍ୱାର ଜୋତାଷ୍ଟାଣ୍ଡ ସମ୍ମୁଖରେ ଦୁଇଜଣ ଛୋଟଛୁଆ ଥାଳି ଧରି ବସିରହିଥିଲେ। ଉଭୟଙ୍କ ବୟସ ୫ରୁ ଅଧିକ ହେବ ନାହିଁ। ଦୁହେଁ ଲୋକଙ୍କୁ ଥାଳି ଦେଖାଇ ହାତ ପାତି ପଇସା ମାଗୁଥିଲେ। ନିଜ ନାମ ଠିକ୍ ଭାବେ ଉଚ୍ଚାରଣ କରିପାରୁ ନ ଥିବା ଏହି କୋମଳମତି ଶିଶୁ ଦୁହିଁଙ୍କୁ ପେଟର ଭୋକ ଭିକ୍ଷାବୃତ୍ତି ଲାଗି ବାଧ କରିଥିଲା। ଉଭୟଙ୍କ ଘର ପୁରୀ ସହରରେ ବୋଲି କହିଥିଲେ। ଏହି ପ୍ରସଙ୍ଗରେ ସୂଚନା ଅଧିକାର କର୍ମୀ ଜୟନ୍ତ ଦାଶ କହିଛନ୍ତି, ଶିଶୁ ଅଧିକାର ଓ ଶିଶୁ ସୁରକ୍ଷା ଭଳି ଏକ ସମ୍ବେଦନଶୀଳ ପ୍ରସଙ୍ଗକୁ ଜିଲା ପ୍ରଶାସନ ଆଦୌ ଗୁରୁତ୍ୱର ସହ ନେଉନାହିଁ। ଯେଉଁ ପିଲା ପରିବାର ସହ କିମ୍ବା ପରିବାର ନ ଥାଇ ଭିକ୍ଷାବୃତ୍ତି କରୁଛନ୍ତି, ସେମାନଙ୍କୁ ସ୍ୱତନ୍ତ୍ର ଭାବେ କାଉନସେଲିଂ କରାଯିବା ଦରକାର। ପରିବାର ଲୋକଙ୍କ ସହ ଥିବା ପିଲା ଯଦି ଭିକ୍ଷା ବୃତ୍ତିରେ ସଂଶ୍ଲିଷ୍ଟ ତେବେ ସେ ମଧ୍ୟ ଶିଶୁ କଲ୍ୟାଣ କମିଟି ନିକଟରେ ଉପସ୍ଥାପିତ ହେବା ଦରକାର। ମାତ୍ର ଶିଶୁ ସୁରକ୍ଷା ବିଭାଗ ସେ ଦିଗରେ ଧ୍ୟାନ ଦେଉନାହିଁ। କେବଳ ରାସ୍ତାରୁ ଉଠାଇ ଆଣି ଆଶ୍ରୟସ୍ଥଳରେ ରଖିଦେଲେ ଶିଶୁର ମୌଳିକ ଅଧିକାର ସୁରକ୍ଷିତ ହୁଏ ନାହିଁ। ପ୍ରଶାସନ ଚାହିଁଲେ, ଏଭଳି ଶିଶୁମାନେ ପଢ଼ିବାର ସୁଯୋଗ, ସରକାରୀ ଯୋଜନାର ସୁଫଳ ସମେତ ସୁଷମ ଖାଦ୍ୟ ଓ କପଡ଼ା ପାଇପାରନ୍ତେ। ସେହିଭଳି ରେଳ ଷ୍ଟେଶନଠାରୁ ବସଷ୍ଟାଣ୍ଡ ପର୍ଯ୍ୟନ୍ତ ସବୁଠି ଶିଶୁମାନେ ଭିକ୍ଷା ମାଗୁଛନ୍ତି। ପୋଲିସ ମଧ୍ୟ ଏ ଦିଗରେ କାର୍ଯ୍ୟାନୁଷ୍ଠାନ ନେଇପାରନ୍ତା। ମାତ୍ର ପୋଲିସ କିମ୍ବା ଶିଶୁ ସୁରକ୍ଷା ଟିମ୍ କେହି ବିଶେଷ ଆଗ୍ରହ ଦେଖାଉନାହାନ୍ତି। ସେହିଭଳି ଚାଇଲ୍ଡ ଲାଇନ କେବଳ ଅଭିଯୋଗ ଅପେକ୍ଷାରେ ବସି ରହୁଛି। ୧୦୯୮କୁ ଯୋଗାଯୋଗ ନ କରାଯିବା ପର୍ଯ୍ୟନ୍ତ ସ୍ୱତଃପ୍ରବୃତ୍ତ ଭାବେ କାହାକୁ ଉଦ୍ଧାର କରିବା ଦେଖିବାକୁ ମିଳୁନାହିଁ। ନିୟମ ମୁତାବକ ଚାଇଲ୍ଡ ଲାଇନ ଟିମ୍ ଜିଲାର ବିଭିନ୍ନ ସ୍ଥାନ ବୁଲି ଶିଶୁ ଶ୍ରମିକ ଓ ଭିକ୍ଷାବୃତ୍ତି କରୁଥିବା ଶିଶୁଙ୍କୁ ଚିହ୍ନଟ ଏବଂ ଉଦ୍ଧାର କରିବା କଥା। ମାତ୍ର ନିୟମ କେବଳ କାଗଜକଲମରେ ସୀମିତ ବୋଲି ଦାଶ ଅଭିଯୋଗ କରିଛନ୍ତି। ସାମାଜିକ କର୍ମୀ ଅଜୁ ମିଶ୍ର କହିଛନ୍ତି, ଶିଶୁମାନେ ଭିକ୍ଷାବୃତ୍ତି କରିବା ଆମ ବ୍ୟବସ୍ଥାର ଏକ ଦୟନୀୟ ସ୍ଥିତି। ଅଭିଭାବକମାନେ ଭିକ୍ଷାବୃତ୍ତି କରାଉଛନ୍ତି ବୋଲି ଆଳ ଦେଇ ଖସିଯିବା ଆଦୌ ଗ୍ରହଣୀୟ ନୁହେଁ। ସମ୍ପୃକ୍ତ ପିଲାମାନଙ୍କର କିଭଳି ସାମଗ୍ରିକ ବିକାଶ ହେବ ସେନେଇ ସରକାର ଯତ୍ନବାନ ହେବା ଦରକାର। ଅନ୍ୟପକ୍ଷରେ ଏ ନେଇ ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ କହିଛନ୍ତି, ଜିଲାରେ କେହି ନାବାଳିକା କିମ୍ବା ନାବାଳକ ଭିକ୍ଷାବୃତ୍ତି କରୁନାହାନ୍ତି। ଯେଉଁ କେତେଜଣ ଶିଶୁ ଭିକ୍ଷାବୃତ୍ତିରେ ସଂଶ୍ଲିଷ୍ଟ, ତାଙ୍କ ମାତାପିତାମାନେ ସାଙ୍ଗରେ ରହୁଛନ୍ତି। ସମ୍ପୃକ୍ତ ପରିବାରକୁ ଉଦ୍ଧାର କରାଯାଇ ନୀଳାଦ୍ରି ନିଳୟକୁ ନିଆଯାଉଛି।